# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୩/୨୦୨୫ (୧୪ ପୃଷ୍ଠା) Bhubaneswar, Tuesday, June 3/2025 Page 14 ₹ 7.00

୫୧ଶ ଭାଗ ୧୮୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 188 ମୂଲ୍ୟ ₹୭/-




ମହାବଳ ବାଘ କ୍ରିଷ୍ଣା ଓ ଧଳା ବାଘୁଣୀ ରୂପାର ମିଳନରୁ ଜାତ ୭ ମାସର ଧଳା ବାଘ ଛୁଆର ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। **(ରିପୋର୍ଟ: ପୃଷ୍ଠା-୩)**

# ହଂସ ଦାରୁକା ଓଡ଼ିଶା ଟପ୍ପର



ହଂସ ଦାରୁକା

**ପ୍ରକାଶ ପାଇଲା ଜେଇଇ ଆଡଭାନ୍ସଡ ରେଜଲ୍ଟ**



ରଜତ ଗୁପ୍ତା

## ସର୍ବଭାରତୀୟ ସ୍ତରରେ ରଜତ ଗୁପ୍ତା ଟପ୍ପର

ଭୁବନେଶ୍ୱର,୨।୬(ସୁଚିସ୍ମିତା ସାହୁ)

ଆଇଆଇଟି କାନପୁର ଦ୍ୱାରା ପରିଚାଳିତ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ ଆଡ୍‌ଭାନ୍ସଡ୍) ୨୦୨୫ ଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ଆଇଆଇଟି ଦିଲ୍ଲୀ ଜୋନ୍‌ର ରଜତ ଗୁପ୍ତା ସର୍ବଭାରତୀୟ ଟପ୍ପର ହୋଇଛନ୍ତି। ସେ ୩୬୦ରୁ ୩୩୨ ମାର୍କ ରଖିଛନ୍ତି। ସେହିପରି ଛାତ୍ରୀଙ୍କ ମଧ୍ୟରେ ଆଇଆଇଟି ଖଡଗପୁର ଜୋନ୍‌ର ଦେବଦତ୍ତା ମାଝୀ ୩୬୦ ମାର୍କରୁ ୩୧୨ ମାର୍କ ରଖି ଶ୍ରେଷ୍ଠ ତାଲିକାରେ ରହିଛନ୍ତି। ଅନ୍ୟପକ୍ଷରେ ଓଡିଶାର ହଂସ ଦାରୁକା ଓ ନବନିତ ପ୍ରିୟଦର୍ଶୀ ୧୦୦ ର୍‍ୟାଙ୍କରେ ସ୍ଥାନ ପାଇଛନ୍ତି। ତେବେ ହଂସ ୩୬୦ ମାର୍କରୁ ୩୦୦ ନମ୍ବର ରଖି ସର୍ବଭାରତୀୟସ୍ତରରେ ୩୯ତମ ସ୍ଥାନରେ ରହିବା ସହ ଓଡ଼ିଶା ଜୋନ୍‌ରେ ଟପ୍ପର ହୋଇଛନ୍ତି। ସେ ଆଇଆଇଟି ବମ୍ବେରେ କମ୍ପ୍ୟୁଟର ସାଇନ୍ସରେ ପଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ନବନିତ ସର୍ବଭାରତୀୟସ୍ତରରେ ୯୭ତମ ତାଲିକାରେ ରହିଛନ୍ତି। ସର୍ବଭାରତୀୟ ତାଲିକାରେ ସକ୍ଷମ ☞ ପୃଷ୍ଠା-୪

# ଖୋଲିବନି ନୂଆ ମଦ ଦୋକାନ

## ଖୁବ୍‌ଶୀଘ୍ର ନୂଆ ଅବକାରୀ ନୀତି: ମନ୍ତ୍ରୀ ହରିଚନ୍ଦନ

ଚଳିତ ମାସ ତୃତୀୟ ସପ୍ତାହ ସୁଦ୍ଧା ଓଡ଼ିଶାରେ ନୂଆ ଅବକାରୀ ନୀତି ପ୍ରଚଳନ କରାଯିବ। ତେବେ ରାଜ୍ୟରେ ଆଉ ନୂଆ ମଦ ଦୋକାନ (ଅଫ୍ ଶପ୍) ଖୋଲିବାକୁ ଦିଆଯିବ ନାହିଁ। ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବୁଧବାର ଏନେଇ ସ୍ପଷ୍ଟ କରିଛନ୍ତି। ରାଜ୍ୟରେ ଏକ ଦୃଢ଼ ଅବକାରୀ ନୀତି ପ୍ରଚଳନ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

ଭୁବନେଶ୍ୱର,୨।୬(ରବିନାରାୟଣ ଜେନା)

ରାଜ୍ୟରେ ଆଉ ନୂଆ ମଦ (ଅଫ୍ ଶପ୍) ଦୋକାନ ଖୋଲିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଗଣମାଧ୍ୟମକୁ ସୋମବାର ସୂଚନା ଦେଇ ସେ କହିଛନ୍ତି, ଏବେ ସରକାରଙ୍କ ପାଖରେ ଯେଉଁ ଅବକାରୀ ନୀତି ଅଛି, ତାହାକୁ ବିଭିନ୍ନ ପର୍ଯ୍ୟାୟରେ ତର୍ଜମା କରାଯାଉଛି। ଏହାବାଦ୍ ତିନୋଟି ଦଳ ୪ଟି ରାଜ୍ୟ ଗସ୍ତ କରିଛନ୍ତି। ସେମାନେ ସେଠାକାର ନୀତି ସମ୍ପର୍କରେ ଅବଗତ ହେବେ। କିଛି ନୂତନ ତଥ୍ୟ ମିଳିଲେ, ତାହାକୁ ନୂଆ ଅବକାରୀ ନୀତିରେ ସଂଯୋଗ କରାଯିବ। ଓଡ଼ିଶାରେ ନୂତନ ଅବକାରୀ ନୀତି ଚଳିତ ମାସ ତୃତୀୟ ସପ୍ତାହ ସୁଦ୍ଧା ଆସିବ ବୋଲି ହରିଚନ୍ଦନ କହିଛନ୍ତି। ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପର ପ୍ରୀତି**

# ଏନ୍‌ଇଇଟି-ପିଜି ସ୍ଥଗିତ

ନୂଆଦିଲ୍ଲୀ,୨।୬

ଚଳିତ ବର୍ଷର ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା-ସ୍ନାତକୋତ୍ତର (ଏନ୍‌ଇଇଟି-ପିଜି)କୁ ସ୍ଥଗିତ ରଖାଯାଇଥିବା ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ବୋର୍ଡ ଅଫ୍ ଏକ୍ଜାମିନେଶନ୍ସ ଇନ୍ ମେଡିକାଲ ସାଇନ୍ସ (ଏନ୍‌ବିଇଏମ୍‌ଏସ୍) ସୋମବାର ଘୋଷଣା କରିଛି। ୨ଟି ଶିଫ୍ଟ ବଦଳରେ ଗୋଟିଏ ଶିଫ୍ଟରେ ଏନ୍‌ଇଇଟି-ପିଜି ପରୀକ୍ଷା କରାଇବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏନ୍‌ବିଇଏମ୍‌ଏସ୍ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ପରୀକ୍ଷା ଗୋଟିଏ ଶିଫ୍ଟରେ ହେବ। ଏଥିପାଇଁ ଅଧିକ ପରୀକ୍ଷା କେନ୍ଦ୍ର ବ୍ୟବସ୍ଥା କରିବାକୁ ଥିବାରୁ ଏନ୍‌ଇଇଟି-ପିଜି ପାଇଁ ସାନି ତାରିଖ ଖୁବ୍ ଶୀଘ୍ର ☞ ପୃଷ୍ଠା-୪


www.jupiter.ac.in

JUPITER +2 Science Higher Secondary School BHUBANESWAR

Tested & Trusted since 2002

Celebrating Success year after year...



TOPPER +2 SCIENCE STREAM 2024
Mr. Soumyajit Rout
BIITs, PILANI



TOPPER +2 SCIENCE STREAM 2023
Ms. Aparna Pradhan
St. Stephen's College, New Delhi

Highlights of +2 Sc. Results 2024

5 Ranks Including the No1 Rank among the Best 10 | 97% FIRST CLASS | 100% PASS | 78 Students secured more than 500 marks

Highlights of +2 Sc. Results 2025

3 Ranks among the Best 10 | 98% FIRST CLASS | 100% PASS | 87 Students secured more than 500 marks

ADMISSION OPEN 9439489157 / 9439489158

JUPITER PUBLIC SCHOOL BHUBANESWAR

Awarded as No.1 NUMBER ONE SCHOOL IN INTEGRATED TEACHING & COACHING By Times School Ranking Survey Odisha THE TIMES OF INDIA

CBSE- I to XII ( Science & Commerce )

HIGHLIGHTS OF RESULTS 2025 | 23 STUDENTS Qualified for JEE MAIN in 1st attempt | 92% FIRST CLASS



Bishal Ku. Sahu, Phulbani
10th Class - 68%
12th Class - 93.5%

FOUNDATION COURSE for JEE, NEET, NDA from Class VIII

95 other students achieved similar remarkable growth, testament to Jupiter's excellence

ADMISSION OPEN 6371853130 / 6371853132

JUPITER DEGREE COLLEGE Affiliated to UTKAL UNIVERSITY 8093052844 / 845

+3 SCIENCE & +3 COMMERCE with Coaching for IIT-JAM, CUET, CPET, Civil Service, & Banking exams etc...

Day Cum Residential Separate AC Hostel Facility Available For Boys and Girls

SPECIAL DISCOUNTS AVAILABLE FOR Girl Students or Wards of Teachers

Gangapada, Near Old Toll Plaza, Adjacent to NH-16, Bhubaneswar



DSPL-

ଓଡ଼ିଶା ଶାସନ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

କଥାଦେଇ କଥା ରଖିଲେ ମୋହନ ସରକାର

ଅଗ୍ରଗତି ପଥେ ଓଡ଼ିଶା

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ଲୋକାର୍ପଣ ଓ ଶିଳାନ୍ୟାସ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- ୪୮୫ କିଲୋମିଟର ଦୈର୍ଘ୍ୟରେ ଦିଶା-୨ ପ୍ରକଳ୍ପ ଲୋକାର୍ପଣ
- ୧୦୦୭ କିଲୋମିଟର ଦୈର୍ଘ୍ୟରେ ଦିଶା-୩ ପ୍ରକଳ୍ପ ପାଇଁ ଶିଳାନ୍ୟାସ
- ୧୧ଟି ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷା କେନ୍ଦ୍ରର ଲୋକାର୍ପଣ
- ୨୧ଟି ସ୍ଥାନରେ ସ୍ୱୟଂକ୍ରିୟ ପରୀକ୍ଷଣ କେନ୍ଦ୍ରର ଶିଳାନ୍ୟାସ
- କଟକରେ ସ୍ୱୟଂକ୍ରିୟ ପରୀକ୍ଷଣ କେନ୍ଦ୍ରର ଉଦଘାଟନ
- ଯାଜପୁରରେ ପଞ୍ଜିକୃତ ଯାନ ସ୍କ୍ରାପିଂ କେନ୍ଦ୍ରର ଲୋକାର୍ପଣ
- ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ଅଧିନରେ ୮ଟି ନୂତନ ମାର୍ଗରେ ବସ୍ ସେବା ଆରମ୍ଭ

- ଅଟଳ ବସଷ୍ଟାଣ୍ଡ ର ଲୋକାର୍ପଣ : ଭଦ୍ରକ ଜିଲ୍ଲା - ବାସୁଦେବପୁର ଓ ଧାମରା, ବାଲେଶ୍ୱର ଜିଲ୍ଲା- ବସ୍ତା
- ସମନ୍ୱିତ ପରିବହନ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ
- ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ରର ଶୁଭାରମ୍ଭ
- ଶୂନ ଦୁର୍ଘଟଣା ଦିବସ, ଏହାର ଲୋଗୋ ଓ ମାସ୍କଟର ଲୋକାର୍ପଣ
- ଭଦ୍ରକ ଜିଲ୍ଲାର ଚାନ୍ଦବାଲି ସ୍ଥିତ 'କ୍ରିଉ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ 'ଏବଂ ଜଗତସିଂହପୁର ଜିଲ୍ଲାର ପାରାଦୀପ ସ୍ଥିତ 'ଓଡ଼ିଶା ମାରିଟାଇମ୍ ଏକାଡେମୀ' ରେ ସିମୁଲେଟର ଦ୍ୱାରା ପ୍ରଶିକ୍ଷଣ ବ୍ୟବସ୍ଥାର ଶୁଭ ଉଦଘାଟନ











OIPR-

ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

## ସଂକ୍ଷେପରେ

### ଆଜିଠୁ ରାମମନ୍ଦିର ଦ୍ୱିତୀୟ ପ୍ରାଣପ୍ରତିଷ୍ଠା ଉତ୍ସବ ରୀତିନୀତି

ଲକ୍ଷ୍ନୌ,୨।୬

ଅଯୋଧ୍ୟା ରାମମନ୍ଦିରର ଦ୍ୱିତୀୟ ପ୍ରାଣପ୍ରତିଷ୍ଠା ଉତ୍ସବ ଆସନ୍ତା ୫ ତାରିଖରେ ହେବାକୁ ଥିବାବେଳେ ମଙ୍ଗଳବାରଠାରୁ ରୀତିନୀତି ଆରମ୍ଭ ହେବ। ଏହା ପୂର୍ବରୁ ମନ୍ଦିର ଶିଖରକୁ ସ୍ୱର୍ଣ୍ଣଖଚିତ କରାଯାଇଛି। ସୁନାର ଉଜ୍ଜ୍ୱଳ ରଙ୍ଗରେ ଏହା ବହୁ ଦୂରରୁ ଝଟକୁଥିବା ଦେଖିବାକୁ ମିଳିଛି। ଗତବର୍ଷ ମନ୍ଦିର ନିର୍ମାଣର ପ୍ରଥମ ପର୍ଯ୍ୟାୟ ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୪ ଜାନୁଆରୀ ୨୨ରେ ଏହାର ପ୍ରାଣପ୍ରତିଷ୍ଠା କରିଥିଲେ। ତେବେ ମନ୍ଦିରର ଅନ୍ୟାନ୍ୟ ଭାଗର କାର୍ଯ୍ୟ ଜାରି ରହିଥିଲା। ନବନିର୍ମିତ ରାମଦରବାରରେ ୫ ତାରିଖରେ ଦ୍ୱିତୀୟ ପ୍ରାଣପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି।

### କାରୋଲ ନଓରୋକି ପୋଲାଣ୍ଡ ରାଷ୍ଟ୍ରପତି ନିର୍ବାଚିତ

ୱାର୍ସା,୨।୬

କଞ୍ଜରଭେଟିଭ୍ ନେତା କାରୋଲ ନଓରୋକି ପୋଲାଣ୍ଡ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ସୋମବାର ଚୂଡ଼ାନ୍ତ ଗଣତି ଅନୁଯାୟୀ ନଓରୋକି ୫୦.୮୯ ପ୍ରତିଶତ ଭୋଟ ପାଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ୱାର୍ସା ମେୟର ରାଫାଲ ଟ୍ରଜାସ୍କୋଓସ୍କି



୪୯.୧୧ ପ୍ରତିଶତ ଭୋଟ ପାଇଛନ୍ତି। ତେବେ ରବିବାର ସନ୍ଧ୍ୟାରେ ପ୍ରକାଶ ପାଇଥିବା ଏକ୍ଜିଟ୍ ପୋଲ୍ ଅନୁଯାୟୀ, ଟ୍ରଜାସ୍କୋଓସ୍କି ବିଜୟୀ ହେବେ ବୋଲି ପୂର୍ବାନୁମାନ କରାଯାଇଥିଲା। ଚୂଡ଼ାନ୍ତ ଫଳାଫଳ ପୂର୍ବାନୁମାନକୁ ବଦଳାଇ ଦେଇଛି। ନୂଆ ନେତାଙ୍କ ନେତୃତ୍ୱରେ ପୋଲାଣ୍ଡ ଅଧିକ ଜାତୀୟତାବାଦୀ ମାର୍ଗ ଅନୁସରଣ କରିବା ଆଶା କରାଯାଉଛି। କାରୋଲଙ୍କ ପ୍ରତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ ରହିଛି।

# ପିଓକେରେ ବଢୁଛି ଉତ୍ତେଜନା

## ଚାଇନା-ପାକ୍ ଜାତୀୟ ରାଜପଥ ୩ ଦିନ ହେଲା ଅବରୋଧ

ନୂଆଦିଲ୍ଲୀ,୨।୬




ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ନେତୃତ୍ୱାଧୀନ ସରକାରଙ୍କ ବାଣିଜ୍ୟ ନୀତିକୁ ବିରୋଧ କରି ପାକ୍ ଅଧିକୃତ କଶ୍ମୀର (ପିଓକେ) ଅନ୍ତର୍ଗତ ଗିଲ୍‌ଗିଟ୍-ବାଲ୍ଟିସ୍ତାନର ଅନେକ ହଜାର ଉତ୍ତେଜିତ ବାସିନ୍ଦା ରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ଚାଇନା ଓ ପାକିସ୍ତାନକୁ ସଂଯୋଗ କରୁଥିବା ସିପିଇସି (ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର)ର ମୁଖ୍ୟ ଭାଗ କୋରାକୋରମ ରାଜପଥକୁ ୩ ଦିନ ହେଲା ଅବରୋଧ କରିଛନ୍ତି। ଫଳରେ ଏହି ପ୍ରମୁଖ ରାସ୍ତା ଦେଇ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଶାସକ ଦଳ ପିଏମ୍ଏଲ୍(ଏନ୍) ସମେତ ଅନ୍ୟ ରାଜନୈତିକ ଦଳଗୁଡ଼ିକର ସମର୍ଥନରେ ଗିଲ୍‌ଗିଟ୍-ବାଲ୍ଟିସ୍ତାନର ଆମଦାନୀ ଓ ରପ୍ତାନିକାରୀମାନେ ସରକାରଙ୍କ ବାଣିଜ୍ୟ ନୀତିକୁ ବିରୋଧ କରିଆସୁଛନ୍ତି। ଏଭଳି ନୀତି ଶୋଷଣକାରୀ ଏବଂ ଅର୍ଥନୀତିର ହତ୍ୟାକାରୀ ବୋଲି ସେମାନେ ଅଭିହିତ କରିଛନ୍ତି। ସରକାର ଆତଙ୍କବାଦୀଙ୍କୁ କ୍ଷତିପୂରଣ ଦେଉଥିବାବେଳେ ବ୍ୟବସାୟୀମାନଙ୍କୁ ସହାୟତା କରିବାରେ ବିଫଳ ହୋଇଥିବା ଶେହବାଜଙ୍କ ଦଳର ଜଣେ ନେତା କହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବିକ୍ଷୋଭକାରୀମାନେ ରାସ୍ତାରୁ ହଟିବେ ନାହିଁ ବୋଲି କହିଛନ୍ତି।

ବିକ୍ଷୋଭକାରୀଙ୍କ ସହ ହୁଞ୍ଜା, ଗିଲ୍‌ଗିଟ୍ ଓ ଅନ୍ୟ ସହରରୁ ବ୍ୟବସାୟୀ, ବୁଦ୍ଧିଜୀବୀ, ସିଭିଲ ସୋସାଇଟି ସଦସ୍ୟମାନେ ସାମିଲ ହୋଇଛନ୍ତି। ଇସ୍‌ଲାମାବାଦ ପାକ୍ ଅଧିକୃତ କଶ୍ମୀରକୁ ଅବହେଳା କରୁଥିବାରୁ ଏହାର ଫଳ ସ୍ୱରୂପ ସେଠାରେ ନିୟମିତ ବ୍ୟବଧାନରେ ଆନ୍ଦୋଳନ ମୁଣ୍ଡ ଟେକୁଛି। ମାସେ ପୂର୍ବରୁ ଏକ ପ୍ରସ୍ତାବିତ ବିଲ୍‌କୁ ନେଇ ଗିଲ୍‌ଗିଟ୍-ବାଲ୍ଟିସ୍ତାନରେ ଜୋର୍‌ଦାର ବିକ୍ଷୋଭ ହୋଇଥିଲା। ଉକ୍ତ ବିଲ୍ କାର୍ଯ୍ୟକାରୀ ହେଲେ ସେମାନଙ୍କ ଜମି ଓ ଉକ୍ତ ଅଞ୍ଚଳରୁ ଖଣିଜକୁ ସରକାର ନେଇଯିବା ସହ ଦୀର୍ଘଦିନ ବିଦ୍ୟୁତ୍ ସରବରାହ ବନ୍ଦ ରହିବ ବୋଲି ସେମାନେ ଅଭିଯୋଗ କରିଥିଲେ। ଅତ୍ୟାବଶ୍ୟକ ସାମଗ୍ରୀ ଅଭାବ ଏବଂ ଦରଦାମ୍ ବୃଦ୍ଧି ଲାଗିରହିଥିବାବେଳେ ୨୦୨୩ ଅକ୍ଟୋବରରେ ଭାରତର କାର୍‌ଗିଲକୁ ସଡ଼କ ପଥ ଖୋଲାଯିବା ଦାବିରେ ସ୍ଥାନୀୟ ଲୋକେ ବିକ୍ଷୋଭ କରିଥିଲେ।

## ୱାକ୍ଫ ସମ୍ପତ୍ତି ପଞ୍ଜୀକରଣ ପାଇଁ ୬ରେ ପୋର୍ଟାଲ ଶୁଭାରମ୍ଭ

ନୂଆଦିଲ୍ଲୀ,୨।୬

ୱାକ୍ଫ ସଂଶୋଧନ ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରି ଅନେକ ପିଟିଶନ ଦାଏର ହୋଇଥିବାବେଳେ ଏହାର ରାୟ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। ଇତିମଧ୍ୟରେ କେନ୍ଦ୍ର ସରକାର ୱାକ୍ଫ ସମ୍ପତ୍ତିର ପରିଚାଳନା ଓ ସ୍ୱଚ୍ଛତା ବୃଦ୍ଧି ଲକ୍ଷ୍ୟରେ ୬ ତାରିଖରୁ ଉମିଦ୍ (ୟୁନିଫାଏଡ୍ ୱାକ୍ଫ ମ୍ୟାନେଜମେଣ୍ଟ, ଏମ୍ପାୱାରମେଣ୍ଟ, ଏଫିସିଏନ୍ସି ଆଣ୍ଡ୍ ଡେଭେଲପ୍‌ମେଣ୍ଟ ଆକ୍ଟ) ପୋର୍ଟାଲ ଲଞ୍ଚ୍ କରିବାକୁ ଯାଉଛନ୍ତି। ଏହି ପୋର୍ଟାଲ ଜରିଆରେ ୱାକ୍ଫ ସମ୍ପତ୍ତି ପଞ୍ଜୀକରଣ ହେବ। ଯଦି କୌଣସି ସମ୍ପତ୍ତି ପଞ୍ଜୀକୃତ ନ ହୁଏ, ତେବେ ତାହାକୁ ବିବାଦୀୟ ବିବେଚନା କରାଯିବ ଓ ମାମଲା ୱାକ୍ଫ ଟ୍ରିବ୍ୟୁନାଲକୁ ଯିବ। ପ୍ରଯୁକ୍ତିଗତ କିମ୍ବା ଅନ୍ୟ କୌଣସି କାରଣରୁ ୬ ମାସ ମଧ୍ୟରେ ୱାକ୍ଫ ସମ୍ପତ୍ତି ପଞ୍ଜୀକୃତ ହୋଇପାରି ନ ଥିଲେ, ଏଥିପାଇଁ ଆଉ ମାସେ କିମ୍ବା ୨ ମାସ ସମୟ ଦିଆଯିବ।

ସାରା ଦେଶର ୱାକ୍ଫ ସମ୍ପତ୍ତି ଉମିଦ୍ ପୋର୍ଟାଲ ଜରିଆରେ ପଞ୍ଜୀକୃତ ହେବ ଏବଂ ସମ୍ପତ୍ତି ଚିହ୍ନଟ ପାଇଁ ନିର୍ବାଚନ କମିଶନଙ୍କ ତଥ୍ୟକୁ ବ୍ୟବହାର କରାଯିବ। ପ୍ରତ୍ୟେକ ସମ୍ପତ୍ତିକୁ ଜିଓ-ଟ୍ୟାଗ୍ କରାଯିବ। ସମ୍ପତ୍ତିର ସବିଶେଷ ବିବରଣୀ ୱେବ୍‌ସାଇଟ୍‌ରେ ଘୋଷଣା କରାଯିବ। ରାଜ୍ୟ ୱାକ୍ଫ ବୋର୍ଡ ଜରିଆରେ ସମ୍ପତ୍ତି ପଞ୍ଜୀକୃତ ହେବାକୁ ଥିବାବେଳେ ବୋର୍ଡ ଏଥିପାଇଁ ବୈଷୟିକ ସହାୟତା ପ୍ରଦାନ କରିବ। ମହିଳାଙ୍କ ନାମରେ ପଞ୍ଜୀକୃତ ସମ୍ପତ୍ତିକୁ ୱାକ୍ଫ ଘୋଷଣା କରାଯିବ ନାହିଁ।

## କଶ୍ମୀରୀ ପଣ୍ଡିତଙ୍କ ପ୍ରତ୍ୟାବର୍ତ୍ତନ, ଥଇଥାନ ପାଇଁ ମେହବୁବାଙ୍କ ଦାବି

ଶ୍ରୀନଗର,୨।୬


ମେହବୁବା ମୁଫ୍ତି

ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍ତି ସୋମବାର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ଭେଟି ବିସ୍ଥାପିତ କଶ୍ମୀରୀ ପଣ୍ଡିତମାନଙ୍କୁ ମର୍ଯ୍ୟାଦାର ସହ ଫେରାଇଆଣିବା ଏବଂ ଥଇଥାନ ପାଇଁ ଦାବି କରିଛନ୍ତି। ସିହ୍ନା ୨୦୨୦ରେ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ ନିଯୁକ୍ତ ହେବା ପରେ ମେହବୁବା ତାଙ୍କୁ ପ୍ରଥମ ଥର ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ସେ ସୀମାପାର ମୋର୍ଟାର ଶେଲ୍ ମାଡ଼ରେ ୧୮ ସାଧାରଣ ନାଗରିକଙ୍କ ମୃତ୍ୟୁ ସମେତ ଜମ୍ମୁ-କଶ୍ମୀରର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। କଶ୍ମୀରୀ ପଣ୍ଡିତଙ୍କ ପ୍ରତ୍ୟାବର୍ତ୍ତନ ଓ ପୁନର୍ବାସ ପାଇଁ ଏକ ଲିଖିତ ପ୍ରସ୍ତାବ ସେ ଉପରାଜ୍ୟପାଳଙ୍କୁ ଦେବା ସହ ଏହାର ନକଲ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ପାଖକୁ ପଠାଇଛନ୍ତି।

୧୯୯୦ରେ ଉଗ୍ରବାଦ ବଢ଼ିବାରୁ ଉପତ୍ୟକା ଛାଡ଼ି ପଳାଇଥିବା କଶ୍ମୀରୀ ପଣ୍ଡିତମାନେ ଏବେ ଜମ୍ମୁ, ଦିଲ୍ଲୀ ଓ ଦେଶର ଅନ୍ୟାନ୍ୟ ସ୍ଥାନରେ ରହୁଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ୨୦୨୦ ରିପୋର୍ଟ ଅନୁଯାୟୀ ବିସ୍ଥାପିତ କଶ୍ମୀରୀ ପଣ୍ଡିତ ପରିବାର ସଂଖ୍ୟା ୬୪,୯୫୧କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୪୩,୬୧୮ ପରିବାର ଜମ୍ମୁରେ, ୧୯,୩୩୮ ପରିବାର ଦିଲ୍ଲୀରେ ଏବଂ ୧,୯୯୫ ପରିବାର ଅନ୍ୟ ରାଜ୍ୟରେ ବସବାସ କରୁଛନ୍ତି।

## ଭାରତର ୫ ବିଲିୟନ ଡଲାର ରପ୍ତାନି ପ୍ରଭାବିତ ହୋଇପାରେ

### ଇସ୍ପାତ, ଆଲୁମିନିୟମ୍ ଉପରେ ଆମେରିକାର ଟାରିଫ୍ ବୃଦ୍ଧି ପ୍ରସ୍ତାବ

କୋଲକାତା,୨।୬

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ପାତ ଓ ଆଲୁମିନିୟମ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ପାଇଁ ପ୍ରସ୍ତାବ ରଖିଥିବାରୁ ଏହାର ଭାରତର ଇଞ୍ଜିନିୟରିଂ ସାମଗ୍ରୀ ରପ୍ତାନିକୁ ଗୁରୁତର ପ୍ରଭାବିତ କରିପାରେ। ଇଞ୍ଜିନିୟରିଂ ଏକ୍ସପୋର୍ଟ ପ୍ରମୋଶନ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ଇଇପିସି) ପକ୍ଷରୁ ଏଭଳି ଆକଳନ କରାଯାଇଛି। ଆମେରିକାକୁ ଭାରତ ରପ୍ତାନି କରୁଥିବା ମୋଟ ଇଞ୍ଜିନିୟରିଂ ସାମଗ୍ରୀ ମଧ୍ୟରୁ ଇସ୍ପାତ ଓ ଆଲୁମିନିୟମ ପ୍ରସ୍ତୁତ ସାମଗ୍ରୀ ପରିମାଣ ପ୍ରାୟ ଏକ-ଚତୁର୍ଥାଂଶ। ବର୍ତ୍ତମାନ ଭାରତ ଆମେରିକାକୁ ବାର୍ଷିକ ପ୍ରାୟ ୫ ବିଲିୟନ ଡଲାର ମୂଲ୍ୟର ଇସ୍ପାତ ଓ ଆଲୁମିନିୟମ ରପ୍ତାନି କରୁଛି। ଗତ ମାର୍ଚ୍ଚ ୧୮ରେ ଆମେରିକା ଇସ୍ପାତ ଆମଦାନୀ ଉପରେ ୨୫ ପ୍ରତିଶତ ଟାରିଫ୍ ଲଗାଇଥିଲା, ଯାହା ଭାରତୀୟ ରପ୍ତାନିକାରୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଆମେରିକାକୁ ସିଧାସଳଖ ଭାରତର ଇସ୍ପାତ ରପ୍ତାନି ସୀମିତ ହୋଇଥିଲେ ମଧ୍ୟ ଟାରିଫ୍ ବୈଶ୍ୱିକ ପ୍ରତିଦ୍ୱନ୍ଦ୍ୱିତାକୁ ଜୋର୍‌ଦାର କରିବା ସହ ବାଣିଜ୍ୟ ପ୍ରବାହ ବାଧାପ୍ରାପ୍ତ ହୋଇଛି। ୫୦% ଟାରିଫ୍ ଲାଗୁ ହେଲେ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀଗୁଡ଼ିକ ଅଧିକ ମହଙ୍ଗା ହେବ ଏବଂ ରପ୍ତାନି ହ୍ରାସ ପାଇବ ବୋଲି ଇଇପିସି ଇଣ୍ଡିଆର ଅଧ୍ୟକ୍ଷ ପଙ୍କଜ ଚଡ଼ା କହିଛନ୍ତି। ବ୍ରିଟେନ୍ ଆମେରିକା ସହ ବାଣିଜ୍ୟ ଚୁକ୍ତିନାମା ବଳରେ ଇସ୍ପାତ ଓ ଆଲୁମିନିୟମ୍ ଉପରୁ ୨୫ ପ୍ରତିଶତ ଟାରିଫ୍ ଛାଡ଼ ପାଇଥିବାବେଳେ ଭାରତ ମଧ୍ୟ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା (ବିଟିଏ) ବୁଝାମଣାବେଳେ ଅନୁରୂପ ଛାଡ଼ ପାଇଁ ପ୍ରସ୍ତାବ ଦେବାକୁ ଚଡ଼ା କହିଛନ୍ତି।

## ଶାଗୁଣା ଧକ୍କାରୁ ବିମାନର ଜରୁରୀ ଅବତରଣ

ରାଞ୍ଚି, ୨।୬

ସୋମବାର ପାଟନାରୁ ରାଞ୍ଚି ଆସୁଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ଶାଗୁଣା ଧକ୍କା ହୋଇଯିବାରୁ ବିମାନଟିକୁ ରାଞ୍ଚିର ବିର୍ସାମୁଣ୍ଡା ଏୟାରପୋର୍ଟରେ ଏମର୍ଜେନ୍ସି ଲାଣ୍ଡିଂ କରିବାକୁ ପଡ଼ିଛି। ଉକ୍ତ ବିମାନରେ ୧୭୫ ଜଣ ଯାତ୍ରୀ ରହିଥିଲେ। ତେବେ ବିମାନର ସମସ୍ତ ଯାତ୍ରୀ ଏବଂ କ୍ରିଉ ସଦସ୍ୟ ସୁରକ୍ଷିତ ରହିଛନ୍ତି ବୋଲି ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ବିମାନଟି ୩ ହଜାରରୁ ୪ ହଜାର ଫୁଟ ଉଚ୍ଚତାରେ ଥିବା ବେଳେ ଏକ ଶାଗୁଣା ବିମାନ ସହ ଧକ୍କା ହୋଇଯାଇଥିଲା।

## ଗେମିଂ ଆପ୍‌ରେ ୫ ଲକ୍ଷ ହରାଇ ଦମ୍ପତିଙ୍କ ଆତ୍ମହତ୍ୟା

କୋଟା, ୨।୬ (ପି.ଟି.)


ଦୀପକଙ୍କ ସହ ସ୍ତ୍ରୀ କ୍ରୀଷ୍ଣା।

ଏକ ଅନ୍‌ଲାଇନ ଗେମିଂ ଆପ୍‌ରେ ୫ ଲକ୍ଷ ଟଙ୍କା ହରାଇବା ପରେ ରାଜସ୍ଥାନର କୋଟା ଜିଲାରେ ଏକ ଦମ୍ପତି ହତାଶ ହୋଇ ରବିବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଛନ୍ତି। କୋଟାର ଖେଡ଼ା ରାମପୁର ଗ୍ରାମସ୍ଥିତ ନିଜ ଘରେ ଦୀପକ ରାଠୋଡ଼ ଓରଫ୍ ଭିକି (୩୦) ଏବଂ ତାଙ୍କ ସ୍ତ୍ରୀ ରାଜେଶ ରାଠୋଡ଼ ଓରଫ କ୍ରୀଷ୍ଣା (୨୭) ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ପୋଲିସର ସୂଚନା ଅନୁଯାୟୀ, ଏହି ଦମ୍ପତି ରବିବାର ରାତିରେ ସ୍ଥାନୀୟ ବଜାରରୁ ନାଇଲନ ଦଉଡ଼ି କିଣିଥିଲେ। ରାତ୍ରି ଭୋଜନ ପରେ ସେମାନେ ରଶିରେ ଝୁଲି ଆତ୍ମହତ୍ୟା କରିଥିଲେ। ସୋମବାର ସକାଳେ ଦୀପକଙ୍କ ପରିବାର ଲୋକେ ତାଙ୍କ ରୁମ୍‌ର କବାଟ ବାଡ଼େଇବାରୁ ତାଙ୍କ ୫ ବର୍ଷର ଝିଅ କବାଟ ଖୋଲିଥିଲେ। ଏହାପରେ ପରିବାର ଲୋକେ ଉଭୟ ଦୀପକ ଓ ତାଙ୍କ ସ୍ତ୍ରୀଙ୍କୁ ରଶିରେ ଝୁଲୁଥିବାର ଦେଖି ପୋଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରୁ କୌଣସି ସୁଇସାଇଡ୍ ନୋଟ୍ ହସ୍ତଗତ ହୋଇ ନ ଥିବା ପୋଲିସ କହିଛି। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଦୀପକ ପ୍ରାୟତଃ ତାଙ୍କ ମୋବାଇଲ ଫୋନ୍‌ରେ ଅନ୍‌ଲାଇନ ଗେମ ଖେଳି ଟଙ୍କା ଲଗାଉଥିଲେ। ସେ ନିକଟରେ ଏକ ଅନ୍‌ଲାଇନ ଗେମିଂ ଆପ୍‌ରେ ୫ ଲକ୍ଷ ଟଙ୍କା ହରାଇଥିଲେ। ତେଣୁ ଗତ କିଛିଦିନ ହେବ ସେ ସର୍ବଦା ଉଦାସ ରହୁଥିଲେ। ଦିନକ ତଳେ ଦୀପକ ନିଜ ଦେଢ଼ଶାଶୁଙ୍କ ସହ କଥା ହୋଇ ଅନ୍‌ଲାଇନ୍ ଗେମିଂ ଆପ୍‌ରେ ଟଙ୍କା ହରାଇଥିବାରୁ ଏବେ ତାଙ୍କ ଉପରେ ୪ରୁ ୫ ଲକ୍ଷ ଟଙ୍କାର ଋଣ ରହିଥିବା କହିଥିଲେ। ତେଣୁ ଆତ୍ମହତ୍ୟା ବ୍ୟତୀତ ତାଙ୍କ ନିକଟରେ ଅନ୍ୟ କୌଣସି ଉପାୟ ନାହିଁ ବୋଲି ଦୀପକ କହିଥିଲେ। ଦୀପକ ଏବଂ କ୍ରୀଷ୍ଣାଙ୍କ ବିବାହ ୬ ବର୍ଷ ତଳେ ହୋଇଥିବା ପରିବାର ଲୋକେ କହିଛନ୍ତି। ବ୍ୟବଚ୍ଛେଦ ପରେ ଉଭୟଙ୍କ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି କୋଟା ଡିଏସ୍‌ପି କହିଛନ୍ତି।

## ଭୂସ୍ଖଳନରେ ୩ ଯବାନ ମୃତ

### ୬ ନିଖୋଜ

ଗ୍ୟାଙ୍ଗ୍‌ଟକ, ୨।୬ (ପି.ଟି.)

ସିକିମର ଛତେନଠାରେ ଚାଲିଥିବା ଏକ ମିଲିଟାରି କ୍ୟାମ୍ପରେ ଭୂସ୍ଖଳନ ଘଟିବାରୁ ଭାରତୀୟ ସେନାର ୩ ଯବାନଙ୍କର ମୃତ୍ୟୁ ଘଟିଥିବାବେଳେ ୬ ଜଣ ଯବାନ ନିଖୋଜ ରହିଛନ୍ତି। ରାଜ୍ୟରେ ଗତ କିଛିଦିନ ଧରି ଲଗାଣ ବର୍ଷା ଲାଗି ରହିଥିବାରୁ ଏହାର ପ୍ରଭାବରେ ମଙ୍ଗନ ଜିଲାର ଛତେନର ବିଭିନ୍ନ ଅଞ୍ଚଳରେ ରବିବାର ରାତିରେ ଭୂସ୍ଖଳନ ଘଟିଥିଲା। ଏହି ଭୂସ୍ଖଳନରେ ଭାରତୀୟ ସେନାର ହାବିଲଦାର ଲଖ୍‌ବିନ୍ଦର ସିଂ, ଲାନ୍ସ ନାୟକ ମୁନିସ ଠାକୁର ଏବଂ ପୋର୍ଟର ଅଭିଷେକ ଲାଖଣ୍ଡାଙ୍କର ମୃତ୍ୟୁ ହୋଇଛି। ତେବେ ସାମାନ୍ୟ ଆହତ ଅବସ୍ଥାରେ ୪ ଜଣ ଅନ୍ୟ ଯବାନଙ୍କୁ ଉଦ୍ଧାର କରାଯାଇଛି। ଏବେ ମଧ୍ୟ ୬ ଜଣ ଯବାନ ନିଖୋଜ ରହିଛନ୍ତି। ରେସ୍କ୍ୟୁ ଟିମ୍ ପକ୍ଷରୁ ସେମାନଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରହିଛି। ଅନ୍ୟପକ୍ଷରେ, ସିକିମର ଲାଚୁଙ୍ଗ ସହରରେ ଲଗାଣ ବର୍ଷା ଏବଂ ଭୂସ୍ଖଳନ ମଧ୍ୟରେ ଫସି ରହିଥିବା ୧,୬୭୮ ଜଣ ପର୍ଯ୍ୟଟକଙ୍କୁ ସୋମବାର ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ନେଇ ରାଜ୍ୟ ଡିଜିପି ଅକ୍ଷୟ ସଚ୍‌ଦେବା ସୂଚନା ଦେଇଛନ୍ତି। ସେହିପରି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଗତ କିଛି ଦିନ ମଧ୍ୟରେ ଲଗାଣ ବର୍ଷା ଏବଂ ଏହାଦ୍ୱାରା ସୃଷ୍ଟି ହୋଇଥିବା ବନ୍ୟା ଏବଂ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ବଢ଼ି ୩୪ରେ ପହଞ୍ଚିଛି।


ସିକିମର ଛତେନଠାରେ ଭୂସ୍ଖଳନ ପରେ ରେସ୍କ୍ୟୁ ଟିମ୍ ପକ୍ଷରୁ ଫସି ରହିଥିବା ଯବାନଙ୍କୁ ଉଦ୍ଧାର କରାଯାଉଛି।

## ନିଃସର୍ତ୍ତ ଯୁଦ୍ଧବିରତି ପ୍ରସ୍ତାବକୁ ମସ୍କୋର ପ୍ରତ୍ୟାଖ୍ୟାନ

### ରୁଷିଆ-ୟୁକ୍ରେନ୍ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା

ଇସ୍ତାନବୁଲ,୨।୬

ରୁଷିଆ-ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ପାଇଁ ସୋମବାର ତୁର୍କୀର ଇସ୍ତାନବୁଲରେ ୨ ଦେଶର ପ୍ରତିନିଧିଙ୍କ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଉଚ୍ଚସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଛି। ତେବେ ନିଃସର୍ତ୍ତ ଯୁଦ୍ଧବିରତି ପ୍ରସ୍ତାବକୁ ରୁଷିଆ ପ୍ରତ୍ୟାଖ୍ୟାନ କରିଥିବା ୟୁକ୍ରେନ୍ କହିଛି। ବିନା ସର୍ତ୍ତରେ ଯୁଦ୍ଧ ବନ୍ଦ କରିବା ପ୍ରସ୍ତାବକୁ ମସ୍କୋ ବାରମ୍ବାର ଅଗ୍ରାହ୍ୟ କରିଆସୁଥିବା ସର୍ଗି କିସଲିଟ୍‌ସ୍ୟା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରୁସ୍ତେମ୍ ଉମେରୋଭ ୟୁକ୍ରେନ୍ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହଯୋଗୀ ଭ୍ଲାଡିମିର ମେଡିନ୍‌ସ୍କି କ୍ରେମ୍‌ଲିନ୍ ଟିମ୍‌ର ନେତୃତ୍ୱ ନେଇଥିଲେ। ତୁର୍କୀ ବହିର୍ବ୍ୟାପାର ମନ୍ତ୍ରୀ ହକାନ ଫିଦାନଙ୍କ ଅଧ୍ୟକ୍ଷତାରେ ଇସ୍ତାନବୁଲ୍‌ର ସିରାଗାନ୍ ପ୍ୟାଲେସ୍‌ରେ ଘଣ୍ଟାଏ ଧରି ବୈଠକ ଚାଲିଥିଲା।

ଆଲୋଚନାର ଦିନକ ପୂର୍ବରୁ ଉଭୟ ପକ୍ଷ ରବିବାର ପରସ୍ପରକୁ ଆକ୍ରମଣ କରିଥିଲେ। ୟୁକ୍ରେନୀୟ ସେନା ସାଇବେରିଆର ପୂର୍ବାଞ୍ଚଳରେ ଥିବା ରୁଷିଆର ୫ ଏୟାରବେସ୍‌କୁ ଟାର୍ଗେଟ କରି ଡ୍ରୋନ୍ ମାଡ଼ କରିବାରୁ ରୁଷିଆର ୪୦ରୁ ଊର୍ଦ୍ଧ୍ୱ ଏୟାରକ୍ରାଫ୍ଟ ଧ୍ୱଂସ ହୋଇଯାଇଛି। ସେହିପରି ରୁଷିଆର ୨ଟି ବ୍ରିଜ୍‌କୁ ମଧ୍ୟ ୟୁକ୍ରେନ୍ ଉଡ଼ାଇଦେବାରୁ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୬୯ ଜଣ ଆହତ ହୋଇଥିଲେ। ଅନ୍ୟପକ୍ଷେ ରୁଷୀୟ ସୈନ୍ୟଙ୍କ ଆକ୍ରମଣରେ ୟୁକ୍ରେନୀୟ ସେନାର ୧୨ ସୈନ୍ୟ ନିହତ ହୋଇଥିଲେ।

## ବିନୀତା ଛେତ୍ରୀ ରନର୍‌ଅପ୍

### ବ୍ରିଟେନ୍ସ ଗଟ୍ ଟ୍ୟାଲେଣ୍ଟ-୨୦୨୫

ଲଣ୍ଡନ

ବ୍ରିଟେନ୍‌ର ଲୋକପ୍ରିୟ ରିୟଲିଟି ଶୋ' 'ବ୍ରିଟେନ୍ସ ଗଟ୍ ଟ୍ୟାଲେଣ୍ଟ'ର ଚଳିତ ସିଜନରେ ଭାରତର ୯ ବର୍ଷୀୟା ବିନୀତା ଛେତ୍ରୀ ଦ୍ୱିତୀୟ ରନର ଅପ୍ ହୋଇଛନ୍ତି। ଏହି ମଞ୍ଚରେ ବିନୀତା ନିଜ ନୃତ୍ୟ ଦ୍ୱାରା ଦର୍ଶକ ଏବଂ ବିଚାରକମଣ୍ଡଳୀଙ୍କୁ ମନ୍ତ୍ରମୁଗ୍ଧ କରି ଅନ୍ତର୍ଜାତୀୟ ସ୍ତରରେ ଭାରତର ନାମକୁ ଗୌରବାନ୍ୱିତ କରିଛନ୍ତି। ଏହି ସଫଳତା ଯୋଗୁ ଦେଶବ୍ୟାପୀ ଏବେ ତାଙ୍କୁ ଅଭିନନ୍ଦନର ସୁଅ ଛୁଟୁଛି। ବିନୀତା ଆସାମର ହୋଇଥିବା ବେଳେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ତାଙ୍କର ଏକ ଭିଡିଓ ପୋଷ୍ଟ କରି କହିଛନ୍ତି, ଆସାମର ବୋକାଜାନ ସହରସ୍ଥିତ ବ୍ରଏଲର ଫାର୍ମ ମାଲିକ ଅମର ଛେତ୍ରୀଙ୍କର ଝିଅ ବିନୀତା ବ୍ରହ୍ମପୁତ୍ରଠାରୁ ବ୍ରିଟେନ୍ ପର୍ଯ୍ୟନ୍ତ ସମସ୍ତଙ୍କର ହୃଦୟ ଜିତିଛନ୍ତି। ତାଙ୍କୁ ଅନେକ ଅନେକ ଅଭିନନ୍ଦନ। 'ବ୍ରିଟେନ୍ସ ଗଟ୍ ଟ୍ୟାଲେଣ୍ଟ' ଇତିହାସର ପ୍ରଥମ ଭାରତୀୟ ପ୍ରତିଯୋଗୀ ଭାବେ ବିନୀତା ଏହାର ଫାଇନାଲରେ ପ୍ରବେଶ କରିଥିଲେ। ବ୍ରିଟିଶ୍ ମ୍ୟାଜିସିଆନ୍ ହ୍ୟାରି ମୋଲ୍ଡିଂ 'ବ୍ରିଟେନ୍ସ ଗଟ୍ ଟ୍ୟାଲେଣ୍ଟ ୨୦୨୫'ର ଟାଇଟଲ ହାସଲ କରିଥିବା ବେଳେ ଏଲ୍‌ଇଡି ଡ୍ୟାନ୍ସ ଗ୍ରୁପ୍ 'ଦି ବ୍ଲାକ୍‌ଆଉଟ୍ସ' ଏହି ପ୍ରତିଯୋଗିତାରେ ପ୍ରଥମ ରନର୍ ଅପ୍ ହୋଇଥିଲା। ଗ୍ରାଣ୍ଡ ଫିନାଲେରେ ଦ୍ୱିତୀୟ ରନର ଅପ୍ ହେବାପରେ ଶୋ'ର ହୋଷ୍ଟ ବିନୀତାଙ୍କୁ ତାଙ୍କ ଯାତ୍ରା ବିଷୟରେ ପଚାରିଥିଲେ। ଉତ୍ତରରେ ବିନୀତା କହିଥିଲେ, ସେ ନିଜ ପାଇଁ ଗର୍ବିତ। ଏହା ତାଙ୍କ ଜୀବନର ସବୁଠାରୁ ବିଶେଷ ମୁହୂର୍ତ୍ତ। ବିନୀତାଙ୍କ ଏହି ଉକ୍ତି ଶୁଣିବା ପରେ ଦର୍ଶକମାନେ କରତାଳିରେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।



## 'ଠଗ୍ ଲାଇଫ୍' ରିଲିଜ୍ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ କମଲ ହାସନ୍

ବେଙ୍ଗାଲୁରୁ, ୨।୬ (ପି.ଟି.)



ଅଭିନେତା କମଲ ହାସନଙ୍କ ଆଗାମୀ ଫିଲ୍ମ 'ଠଗ୍ ଲାଇଫ୍' ଆସନ୍ତା ଜୁନ୍ ୫ରେ ରିଲିଜ୍ ହେବାକୁ ଯାଉଛି। କର୍ଣ୍ଣାଟକରେ ଏହି ଫିଲ୍ମକୁ ସୁରୁଖୁରୁରେ ମୁକ୍ତିଲାଭ କରିବାକୁ ଦିଆଯାଉ ଦାବିରେ କମଲ ସୋମବାର କର୍ଣ୍ଣାଟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଏକ ଆବେଦନ ଦାଖଲ କରିଛନ୍ତି। 'ଠଗ୍ ଲାଇଫ୍'ର ରିଲିଜ୍‌ରେ କୌଣସି ବାଧା ସୃଷ୍ଟି ନ କରିବାକୁ ହାଇକୋର୍ଟ କର୍ଣ୍ଣାଟକ ସରକାର, ରାଜ୍ୟ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଏହି ଆବେଦନରେ କମଲ ଅନୁରୋଧ କରିଛନ୍ତି। ତେବେ କମଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ କର୍ଣ୍ଣାଟକ ଫିଲ୍ମ ଚ୍ୟାମ୍ବର ଅଫ୍ କମର୍ସ (କେଏଫ୍‌ସିସି) ସଭାପତି ଏମ୍ ନରସିଂହାଲୁ କହିଛନ୍ତି, କମଲଙ୍କ ନିକଟରେ କୋର୍ଟକୁ ଯିବାର ଅଧିକାର ରହିଛି। ତେବେ ତାଙ୍କ ଫିଲ୍ମ 'ଠଗ୍ ଲାଇଫ୍'କୁ କର୍ଣ୍ଣାଟକର କୌଣସି ସିନେମା ହଲ୍‌ରେ ରିଲିଜ୍ କରାଯିବ ନାହିଁ। ପ୍ରକାଶ ଯେ, କମଲ କିଛିଦିନ ତଳେ ତାମିଲ ଭାଷାରୁ କନ୍ନଡ଼ ଭାଷା ଜନ୍ମିତ ହୋଇଥିବା ନେଇ ଏକ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହି ମନ୍ତବ୍ୟ ପାଇଁ କମଲ କ୍ଷମା ନ ମାଗିବା ପର୍ଯ୍ୟନ୍ତ କର୍ଣ୍ଣାଟକରେ 'ଠଗ୍ ଲାଇଫ୍'କୁ ରିଲିଜ୍ ହେବାକୁ ଦିଆଯିବ ନାହିଁ ବୋଲି କେଏଫ୍‌ସିସି ପୂର୍ବରୁ ଘୋଷଣା କରିଥିଲା।

**୧୬ ମାଓବାଦୀଙ୍କ ଆତ୍ମସମର୍ପଣ**

ମାଲକାନଗିରି,(ଦୁର୍ଯ୍ୟୋଧନ ପାତ୍ର): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକମା ଜିଲା ପୋଲିସ ନିକଟରେ ଦୁଇ ଦୁର୍ଦ୍ଦାନ୍ତ ଓ ୨୫ ଲକ୍ଷ ପୁରସ୍କାର ଘୋଷିତ ୬ ମାଓବାଦୀଙ୍କ ସହ ୧୬ ଜଣ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ମହିଳା ଓ ପୁରୁଷ ମାଓବାଦୀଙ୍କ ଉପରେ ୮ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର, ଜଣଙ୍କ ଉପରେ ୩ ଲକ୍ଷ ଓ ୩ ଜଣଙ୍କ ଉପରେ ୨ ଲକ୍ଷ ଲେଖାଏ ପୁରସ୍କାର ଘୋଷଣା କରାଯାଇଛି। ଏମାନଙ୍କ ମଧ୍ୟରୁ ୮ ଲକ୍ଷ ପୁରସ୍କାର ଘୋଷିତ ରିତା ଓରଫ ଡଡି ସୁକ୍କୀ ଓ ରାହୁଲ ପୁନେମ ରହିଛନ୍ତି। ସେହିପରି ୩ ଲକ୍ଷ ପୁରସ୍କାର ଘୋଷିତ ଲେକାମ ଲଖମା, ୨ ଲକ୍ଷ ସୋଡି ତୁଲା, ତେଲାମ କେଶା, ୨ ଲକ୍ଷ ପୁରସ୍କାର ଘୋଷିତ ତୁଡି ହୁରାଙ୍କ ସହ ଅନ୍ୟ ୧୦ଜଣ ସୋମବାର ଆତ୍ମସମର୍ପଣ କରିଛନ୍ତି।




# ଗ୍ରାହକଙ୍କ ପାଇଁ ଏବେ କ୍ଷୀର ଦର ବଢ଼ାଇବନି ଓମ୍‌ଫେଡ୍

ଭୁବନେଶ୍ୱର, ୨।୬(ବନ୍ଦନା ସେଠୀ)

- ବଜାରକୁ ଛାଡ଼ିଲା ୩ ନୂଆ ଉତ୍ପାଦ
- ୯୦ଦିନ ପର୍ଯ୍ୟନ୍ତ ତାଜା ରହିବ କ୍ଷୀର

ଗ୍ରାହକଙ୍କ ପାଇଁ ଏବେ କ୍ଷୀର ଦର ବଢାଇବନି ଓମ୍‌ଫେଡ୍। ସୋମବାର ଏସମ୍ପର୍କରେ ସୂଚନା ଦେଇଛନ୍ତି ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ। ସେ କହିଛନ୍ତି, ଜୁନ ୧ରୁ ଓମ୍‌ଫେଡ୍ ଦୁଗ୍ଧଚାଷୀଙ୍କୁ ଲିଟର ପିଛା ୩ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟର ୨.୫୦ ଲକ୍ଷ ଚାଷୀ ଉପକୃତ ହେବେ। ଏହି କ୍ରମରେ ଓମ୍‌ଫେଡ୍ ଚାଷୀଙ୍କୁ ଲିଟରେ ପିଛା ୩ଟଙ୍କା ଅଧିକ ଦାମ୍ ଦେବା ଆରମ୍ଭ କରିଛି। ରାଜ୍ୟ ସରକାର ୨ଟଙ୍କା ଏବଂ ଓମ୍‌ଫେଡ୍ ପକ୍ଷରୁ ଆଉ ୨ଟଙ୍କା ପ୍ରଦାନ କରାଯିବ। ସେଥିରୁ ଦୁଗ୍ଧ ଚାଷୀ ୩ଟଙ୍କା ପାଇବେ ଏବଂ ସୋସାଇଟି ଓ ମିଲ୍କ ଫେଡେରେଶନକୁ ୧ଟଙ୍କା ମିଳିବ। ତେବେ ଗ୍ରାହକଙ୍କ ପାଇଁ ଏବେ କ୍ଷୀର ଦର ବଢିବ ନାହିଁ। ଏନେଇ ଓମ୍‌ଫେଡ୍ କମିଟି ବସିବା ସହ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। ଗ୍ରାହକଙ୍କ ଲାଗି କ୍ଷୀର ଦର ବଢିବ କି ନାହିଁ ସେନେଇ କମିଟି ବିଚାର କରିବା ପରେ ଓମ୍‌ଫେଡ୍ ପକ୍ଷରୁ ବିଧିବଦ୍ଧ ସୂଚନା ଜାରି କରାଯିବ। ୧୫ରୁ ୨୦ ଦିନ ମଧ୍ୟରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ରାଜ୍ୟସ୍ତରୀୟ ବିଶ୍ୱ ଦୁଗ୍ଧ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଓମ୍‌ଫେଡର ୩ଟି ନୂଆ ପ୍ରଡକ୍ଟର ଶୁଭାରମ୍ଭ କରିଛନ୍ତି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଓମ୍‌ଫେଡ୍ ୧ କେ.ଜିର ସାଧା ଦହି ବାଲ୍‌ଟି ବଜାରକୁ ଛାଡିଛି। ସେହିପର ୧୭୫ ମି.ଲି. ଓ ୩୫୦ ମି.ଲି. ବିଞ୍ଝାରପୁରୀ ଦେଶୀ ଗାଈ ଘିଅ ପ୍ୟାକ ଏବଂ ଦୁଗ୍ଧ ମଧ ବଜାରରେ ଉପଲବ୍ଧ ହୋଇଛି। କାଚ ବୋତଲରେ ୫୦୦ ମି.ଲି. ପ୍ୟାକ୍ ବଜାରକୁ ଆସିଛି। ଏହି ଦୁଗ୍ଧ ଦୀର୍ଘ ୯୦ଦିନ ପର୍ଯ୍ୟନ୍ତ ତାଜା ରହିପାରିବ। ଆଗାମୀ ଦିନରେ ଓମ୍‌ଫେଡ ଆହୁରି ନୂଆ ଉତ୍ପାଦ ବଜାରକୁ ଆଣିବାକୁ ଯାଉଥିବା ନିର୍ଦ୍ଦେଶକ କୁଲାଙ୍ଗେ କହିଛନ୍ତି।

# ସରକାରଙ୍କ ଖର୍ଚ୍ଚ ୧% ବଢ଼ିଛି

## ସାମାଜିକ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ

ଭୁବନେଶ୍ୱର,୨।୬(ରବିନାରାୟଣ ଜେନା)

ରାଜ୍ୟରେ ବଜେଟ ଅର୍ଥ ଖର୍ଚ୍ଚ ଆଶାଜନକ ନ ହେବା ନେଇ ଭାଜପା ସରକାରକୁ ବିରୋଧୀମାନେ ସମାଲୋଚନା କରି ଆସୁଥିଲେ ହେଁ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଭାଜପା ସରକାର ଗତ ଆର୍ଥିକବର୍ଷର ଦୁଇମାସ ପରେ (ଜୁନ୍ ୧୨) ଦାୟିତ୍ୱ ଗ୍ରହଣ କରିଥିଲେ ହେଁ ପୂର୍ବବର୍ଷ ତୁଳନାରେ ୨୬ହଜାର କୋଟି ଟଙ୍କା ଅଧିକ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛି। ୨୦୨୩-୨୪ ଆର୍ଥିକବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକବର୍ଷରେ ବଜେଟ ଅର୍ଥ ପ୍ରାୟ ୧% ଅଧିକ ଖର୍ଚ୍ଚ ହୋଇଛି। କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ମହିଳା ଓ ଶିଶୁ କଲ୍ୟାଣ, ବିଜ୍ଞାନ ଓ କାରିଗରି ଭଳି ବିଭିନ୍ନ ସାମାଜିକ କ୍ଷେତ୍ରରେ ସରକାର ଆଖିଦୃଶିଆ ଅର୍ଥ ଖର୍ଚ୍ଚ କରିଛନ୍ତି ବୋଲି ଅର୍ଥ ବିଭାଗରୁ ତଥ୍ୟରୁ ଜଣାଯାଇଛି।

ତଥ୍ୟ ଅନୁଯାୟୀ, ୨୦୨୩-୨୪ ଆର୍ଥିକବର୍ଷରେ ପୂର୍ବ ସରକାର ତାଙ୍କ ବଜେଟରେ ୨,୫୭,୧୮୦.୭୯ କୋଟି ଟଙ୍କା ବ୍ୟୟ ଅଟକଳ କରିଥିବାବେଳେ ସେଥିମଧ୍ୟରୁ ୨ଲକ୍ଷ ୭ହଜାର ୬୯୭.୩୫ କୋଟି ଟଙ୍କା ଖର୍ଚ୍ଚ କରିଥିଲେ, ଯାହା କି ପୂର୍ବ ସରକାରଙ୍କ ସର୍ବାଧିକ ଖର୍ଚ୍ଚ ହାର ୮୦.୭୬% ରହିଥିଲା। ମାତ୍ର ଭାଜପା ସରକାର ଗତ ୨୦୨୪-୨୫ରେ ୨ଲକ୍ଷ ୮୫ହଜାର ୨୫୧.୨୧ କୋଟି ଟଙ୍କାର ବ୍ୟୟ ଅଟକଳ କରି ସେଥିରୁ ୨ଲକ୍ଷ ୩୩ହଜାର ୭୬.୧୪ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସରକାର ଗତ ଆର୍ଥିକବର୍ଷରେ ମାତ୍ର ୧୦ମାସ ମଧ୍ୟରେ ପ୍ରାୟ ୧% ଅର୍ଥ ଅଧିକ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛନ୍ତି। ଏହା କେବଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାରମ୍ବାର ସମୀକ୍ଷା ବୈଠକ ଯୋଗୁ ସଫଳ ହୋଇପାରିଛି ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ତେବେ ପୂର୍ବ ସରକାର ସମୟରେ ଅର୍ଥ ବିଭାଗ ଲାଗି ୬୧ ହଜାର ୨୧କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବାବେଳେ ସେଥିରୁ ୪୬ ହଜାର ୬୩୧.୬୪ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଥିଲା, ଯାହାକି ଖର୍ଚ୍ଚ ହାର ୭୬.୪୨% ଥିଲା। ମାତ୍ର ଭାଜପା ସରକାର ଗତବର୍ଷ ବଜେଟ ପରିମାଣ ୬୨ ହଜାର ୨୩୧ କୋଟିଟଙ୍କାକୁ ବୃଦ୍ଧିକରିଥିଲେ ଏବଂ ସେଥିରୁ ୫୪ ହଜାର ୯୫୨ କୋଟି ଖର୍ଚ୍ଚ କରିବାରେ ସକ୍ଷମ ହୋଇଥିଲେ। ଅର୍ଥ ବିଭାଗର ଖର୍ଚ୍ଚ ହାର ୮୮.୩%କୁ ବଢ଼ିଥିଲା। ଗତ ଆର୍ଥିକବର୍ଷ(୨୦୨୩-୨୪) ତୁଳନାରେ ୨୦୨୪-୨୫ରେ ପ୍ରାୟ ୧୨% ଅର୍ଥ ଅଧିକ ଖର୍ଚ୍ଚ ହୋଇଛି।

ସେହିପରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପୂର୍ବବର୍ଷ ୫୦୮୬ କୋଟି ଟଙ୍କା ମଧ୍ୟରୁ ୪୨୯୬ କୋଟିଟଙ୍କା ଖର୍ଚ୍ଚକରିଥିଲା, ବିଭାଗର ଖର୍ଚ୍ଚ ହାର ୮୪.୪୮ % ରହିଥିଲା। ମାତ୍ର ଗତ ଆର୍ଥିକବର୍ଷ ବଜେଟ ପରିମାଣ ୮ହଜାର ୧୦୯ କୋଟି ଟଙ୍କା ମଧ୍ୟରୁ ୭ ହଜାର ୪୮୬ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି, ଯାହାକି ୯୨.୩୨%। ସେହିପରି ଏମ୍‌ଏସ୍‌ଏମ୍‌ଇ ବିଭାଗ ୨୦୨୩-୨୪ରେ ୬୩.୩୩% ଅର୍ଥ ଖର୍ଚ୍ଚ କରିଥିବାବେଳେ ୨୦୨୪-୨୫ରେ ଏହା ୬୮.୩%କୁ ବୃଦ୍ଧି ପାଇଛି। ଉଚ୍ଚଶିକ୍ଷା ବିଭାଗରେ ୨% ଅର୍ଥ ଅଧିକ ଖର୍ଚ୍ଚ ହୋଇଥିବାବେଳେ ମହିଳା ଓ ଶିଶୁ କଲ୍ୟାଣ ବିଭାଗରେ ୩%ରୁ ଊର୍ଦ୍ଧ୍ୱ ଅର୍ଥ ଖର୍ଚ୍ଚ ହୋଇଛି। ସାଧାରଣ ଉଦ୍ୟୋଗ ବିଭାଗରେ ୯% ଅଧିକ ଅର୍ଥ ଖର୍ଚ୍ଚ ହୋଇଥିବାବେଳେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗରେ ୧୫% ଅଧିକ, ପର୍ଯ୍ୟଟନରେ ୬%, ବିଜ୍ଞାନ ଓ କାରିଗରିରେ ୩%, କୃଷିରେ ୩%, ବାଣିଜ୍ୟରେ ସର୍ବାଧିକ ୩୦% ଅର୍ଥ ଅଧିକ ଖର୍ଚ୍ଚ ହୋଇଥିବା ବିଭାଗୀୟ ତଥ୍ୟରୁ ଜଣାଯାଇଛି। ପୂର୍ବବର୍ଷ ୬୩.୫୩% ଅର୍ଥ ଖର୍ଚ୍ଚ ହୋଇଥିବାବେଳେ ଗତବର୍ଷ ୯୩.୨୧% ଅର୍ଥ ଖର୍ଚ୍ଚ ହୋଇଛି। ତେବେ ପଞ୍ଚାୟତିରାଜ, ନଗର ଉନ୍ନୟନ, ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ଅବକାରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଭଳି କେତେକ ବିଭାଗ ବଜେଟ ଅର୍ଥ ଖର୍ଚ୍ଚ କରି ପାରି ନ ଥିବା ତଥ୍ୟରୁ ଜଣାପଡ଼ିଛି।

# ଖୁବ୍‌ଶୀଘ୍ର ଭଦ୍ରକରେ ମେଡିକାଲ କଲେଜର ଶିଳାନ୍ୟାସ: ମୁଖ୍ୟମନ୍ତ୍ରୀ



ଭଦ୍ରକ ବ୍ଲକ ରମ୍ଭିଳା ପଞ୍ଚାୟତର ବଳିଆପଦା ପଡ଼ିଆରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

ଭଦ୍ରକ,୨।୬ (ସନାତନ ରାଉତ/ରବିନାରାୟଣ ଖିଲାର)

- ୨୭୪ କୋଟିର ୧୩ ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର
- ଜିଲାର ବରପୁତ୍ରଙ୍କୁ ମନେପକାଇଲେ

ଭଦ୍ରକର ଦୀର୍ଘଦିନର ଦାବି ସରକାରୀ ମେଡିକାଲ କଲେଜର ଶିଳାନ୍ୟାସ ଖୁବ୍‌ଶୀଘ୍ର ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ଭଦ୍ରକ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ସଦର ବ୍ଲକର ରମ୍ଭିଳା ପଞ୍ଚାୟତ ବଳିଆପଦା ପଡ଼ିଆରେ ଅନୁଷ୍ଠିତ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ ସଭାରେ ଯୋଗଦେଇ ଏହା କହିବା ସହ ଜିଲାରେ ସରକାରୀ ବିଶ୍ୱବିଦ୍ୟାଳୟ ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବା ନେଇ ଜିଲାବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଅପରାହ୍ଣ ୪ଟା ୩୦ରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ରିମୋଟ୍ ଟିପି ଜିଲାର ୨୭୪ କୋଟି ୪୭ ଲକ୍ଷ ମୂଲ୍ୟର ୧୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଭାଷଣ ଆରମ୍ଭରୁ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ସମେତ ଜିଲାର ବରପୁତ୍ରମାନଙ୍କୁ ମନେପକାଇଥିଲେ। ଏହି ଅବସରରେ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବାବଦରେ ଆଲୋକପାତ କରିଥିଲେ। ଆବାସ ଯୋଜନାରୁ ବାଦ୍ ପଡ଼ିଥିବା ଲୋକଙ୍କୁ ପ୍ରଧାନମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ଯୋଗାଇ ଦିଆଯିବ। ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ପ୍ରତି ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ସରକାର ପ୍ରତିଷ୍ଠା କରିବେ। ପୂର୍ବ ସରକାରରେ ଶିକ୍ଷାର ଉନ୍ନତି ନାମରେ କେବଳ ରଙ୍ଗ ମାରିବା ଓ ନିଜର ବାଜା ବଜାଇବାରେ ୨୪ ବର୍ଷ ଚାଲିଗଲା। ଆୟୁଷ୍ମାନ୍ ଯୋଜନା ପୂର୍ବ ସରକାର ଲାଗୁ କରି ନ ଥିବାବେଳେ ରାଜ୍ୟରେ ଭାଜପା ସରକାର ଆସିବା ପରେ ଲୋକଙ୍କୁ ଏହି ଯୋଜନାର ସୁବିଧା ମିଳିଛି। ଦେଶରେ ୨୯ ହଜାର ହସ୍ପିଟାଲରେ ଲୋକେ ଚିକିତ୍ସା ସୁବିଧା ନେଇପାରିବେ। ଭାଜପା ସରକାର ଆସିବାର ୬ ମାସ ମଧ୍ୟରେ ଚାଷୀମାନଙ୍କୁ ଧାନକିଣାରେ ୮ଶହ ଟଙ୍କା ଇନ୍‌ପୁଟ୍ ସହାୟତା ପ୍ରଦାନ କରାଯାଇଛି। ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ସଶକ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ଭଦ୍ରକ ଜିଲାରେ ଶିଳ୍ପର ବିକାଶ ପାଇଁ ଆଇଓସିଏଲ୍ ପକ୍ଷରୁ ୪୩୭୭ କୋଟି ଟଙ୍କା ବିନିଯୋଗରେ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପାଇଁ ଅନୁମୋଦନ କରାଯାଇଛି। ଏମ୍‌ସିପିଏଲ୍ ପକ୍ଷରୁ ୨୨୨୪ କୋଟି ଟଙ୍କା ବ୍ୟୟବରାଦରେ ପଲିଷ୍ଟର ଉତ୍ପାଦନ କମ୍ପାନୀ ପ୍ରତିଷ୍ଠା କରାଯିବ। ଏହି ପ୍ରକଳ୍ପରେ ବହୁ ଯୁବତୀ ଯୁବକ ନିଯୁକ୍ତି ସୁଯୋଗ ପାଇପାରିବେ। ଭଦ୍ରକ ଜିଲାକୁ ଅଗ୍ରଣୀ ଓ ବିକଶିତ ଜିଲା ଭାବେ ଗଢ଼ି ତୋଳିବା ପାଇଁ ଭାଜପା ସରକାର ଉଦ୍ୟମ ଜାରି ରଖିଛନ୍ତି। ନିର୍ବାଚନ ବେଳେ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ବରେଣ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଥିଲେ, ଭଦ୍ରକର ସମସ୍ତ ଐତିହ୍ୟ ସ୍ଥଳୀକୁ ସରକାରଙ୍କ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଇଛି। ଆରଡ଼ି ଆଖଣ୍ଡଳମଣି ପୀଠ, ଭଦ୍ରକାଳୀ ପୀଠ ସମେତ ଶହୀଦ ପୀଠ ଇରମ, ଲୁଣିଆ, ଗୋହିରାଟିକିରିର ବିକାଶ ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟବାସୀଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ସରକାର ସବୁବେଳେ ଉଦ୍ୟମ ଜାରି ରଖିଛନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ବାସୁଦେବପୁର ବିଧାୟକ ଅଶୋକ ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ ଭଦ୍ରକ ଗସ୍ତକୁ ସ୍ୱାଗତ ଜଣାଇବା ସହ ବକ୍ତବ୍ୟ ରଖିଥିଲେ। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ ଏବଂ ଜିଲାପାଳ ଦିଲୀପ ରାଉତରାଏ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ସରୋଜ ଦତ୍ତ, ଉପଜିଲାପାଳ ସରୋଜ ଚକ୍ରବର୍ତ୍ତୀ ଓ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ସହଯୋଗ କରିଥିଲେ। ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକଙ୍କ ନେତୃତ୍ୱରେ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ସମ୍ମିତ ମାଝୀ, ଗୋଇନ୍ଦା ବିଭାଗ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କ ସମେତ ୨ଜଣ ଡିଏସ୍‌ପି, ୨୦ରୁ ଊର୍ଦ୍ଧ୍ୱ ଇନ୍ସପେକ୍ଟର ନିୟୋଜିତ ଥିଲେ। ୨୦ ପ୍ଲାଟୁନ ଫୋର୍ସ ସହ ସାଦା ପୋଷାକରେ ପୋଲିସ ସଭାସ୍ଥଳରେ ମୁତୟନ ରହିଥିଲେ। ଅପରାହ୍ଣ ୪ଟା ୨୦ରେ ମୁଖ୍ୟମନ୍ତ୍ରୀଙ୍କ ହେଲିକେପ୍ଟର ଜଗଦଳପୁର ୟୁଜିଏମ୍‌ଇ ସ୍କୁଲ ପଡ଼ିଆରେ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିଥିଲା। ସେଠାରୁ ସଡ଼କ ପଥରେ ମୁଖ୍ୟମନ୍ତ୍ରୀ ସଭାସ୍ଥଳକୁ ଯାଇଥିଲେ। ସନ୍ଧ୍ୟା ୬ଟାରେ ସଭା ସରିବା ପରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ।

# ୨ ହାଉସ୍ ସର୍ଜନଙ୍କୁ ୨୫ ହଜାର ଲେଖାଏ ଜରିମାନା

## ଏମ୍‌କେସିଜିରେ ୪ର୍ଥ ବର୍ଷ ଛାତ୍ରଙ୍କୁ ରାଗିଂ

ବ୍ରହ୍ମପୁର,୨।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ ଓ କଲେଜରେ ପୁଣି ରାଗିଂ ହୋଇଥିବା ଅଭିଯୋଗ ହୋଇଛି। ୨ ଜଣ ହାଉସ ସର୍ଜନ ଚତୁର୍ଥ ବର୍ଷରେ ଅଧ୍ୟୟନରତ ଜଣେ ଛାତ୍ରଙ୍କୁ ମାନସିକ ନିର୍ଯାତନା ଦେଉଥିବା ଗତ ୧୨ ତାରିଖରେ ଆଣ୍ଟି ରାଗିଂ ସେଲରୁ ଅଭିଯୋଗ ଆସିଥିଲା। ଏଥିପାଇଁ ସୋମବାର ଏମ୍‌କେସିଜି କର୍ତ୍ତୃପକ୍ଷଙ୍କ ତରଫରୁ ଆଣ୍ଟି ରାଗିଂ କମିଟି ବୈଠକ ଡକାଯାଇଥିଲା।

ବରିଷ୍ଠ ଛାତ୍ରଙ୍କୁ କନିଷ୍ଠ ଛାତ୍ରମାନେ ସମ୍ମାନ ଦେଉ ନ ଥିବାରୁ ଏହି ରାଗିଂ ହୋଇଥିବା ଜଣାପଡ଼ିଛି। ଏଭଳି ଘଟଣା କନିଷ୍ଠ ଡାକ୍ତର ଓ ଡାକ୍ତରୀ ଛାତ୍ରମାନଙ୍କ କ୍ଷେତ୍ରରେ ଆଦୌ ଶୋଭନୀୟ ନୁହେଁ ବୋଲି ବୈଠକରେ କୁହାଯାଇଥିଲା। ରାଗିଂରେ ସମ୍ପୃକ୍ତ ୨ ହାଉସ ସର୍ଜନଙ୍କୁ ୨୫ ହଜାର ଲେଖାଏ ଜରିମାନା ଦେବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମେଡିକାଲ କଲେଜ ପ୍ରିନ୍ସିପାଲ ତଥା ଡିନ ପ୍ରଫେସର ଡା. ସୁଚିତ୍ରା ଦାଶ ସୂଚନା ଦେଇଛନ୍ତି। ଅନ୍ୟପଟେ ଏଭଳି ଘଟଣାକୁ ନେଇ ଉଭୟ ଅଭିଯୋଗକାରୀ ଛାତ୍ର ଓ ୨ ହାଉସ ସର୍ଜନଙ୍କ ମଧ୍ୟରେ ଆପୋସ ବୁଝାମଣା ପତ୍ର ଥାନାରେ ମେ ୧୬ ତାରିଖରେ ଦିଆଯାଇଛି। ଏହାକୁ ନେଇ ପୋଲିସ ପକ୍ଷରୁ ଏକ ଜେନେରାଲ ଡାଏରୀ କରାଯାଇଛି ବୋଲି ଥାନାଧିକାରୀ ସୁଚିତ୍ରା ପରିଡା ସୂଚନା ଦେଇଛନ୍ତି। ବୈଠକରେ ଡିନ ପ୍ରଫେସର ଦାଶଙ୍କ ସମେତ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ସମସ୍ତ ବିଭାଗୀୟ ମୁଖ୍ୟଙ୍କ ସମେତ କମିଟିର ବହୁ ସଦସ୍ୟ ଓ ବୈଦ୍ୟନାଥପୁର ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ନନ୍ଦନକାନନରେ ୭ ମାସର ଧଳା ବାଘଛୁଆ ମୃତ

ତ୍ରିଶୂଳିଆ,୨।୬(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଗତ ରବିବାର ସନ୍ଧ୍ୟାରେ ୭ ମାସର ଧଳା ବାଘଛୁଆର ମୃତ୍ୟୁ ଘଟିଛି। ଗତ ମାର୍ଚ୍ଚରେ ବାଘ ଛୁଆଟିର ଗୋଡ଼ରେ ଆଘାତ ଲାଗିଥିବାରୁ ତାକୁ ୨୧ ନଂ. ଖୁଆଡ଼ରୁ ଅଲଗା ରଖି ଚିକିତ୍ସା କରାଯାଉଥିଲା। ତେବେ ସେ ସୁସ୍ଥ ହେବାରୁ ପ୍ରଦର୍ଶନ ପାଇଁ ମେ ୩୧ରେ ଖୁଆଡ଼କୁ ଆଣିଥିଲେ। ହେଲେ ରବିବାର ସନ୍ଧ୍ୟାରେ ବାଘ ଛୁଆର ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ନନ୍ଦନକାନନର ଜଣେ ଅଧିକାରୀ କହିଛନ୍ତି। ୨ ନଭେମ୍ବର ୨୦୨୪ରେ ମହାବଳ ବାଘ କ୍ରିଷ୍ଣା ଓ ଧଳା ବାଘୁଣୀ ରୂପାର ମିଳନରୁ ଗୋଟେ ଧଳା ଓ ୨ଟି ସାଧାରଣ ବାଘଛୁଆ ଜନ୍ମ ହେବା ପରେ ମା'ର ଲାଳନପାଳନରେ ଥିଲେ। ଧଳା ବାଘ ଛୁଆର ମୃତ୍ୟୁ ପରେ ନନ୍ଦନକାନନରେ ବାଘସଂଖ୍ୟା ୨୭ରେ ପହଞ୍ଚିଛି। ସେଥିମଧ୍ୟରୁ ୧୮ ସାଧାରଣ, ୫ ଧଳା ବାଘ ଓ ୪ ମେଲାନୋଷ୍ଟିକ୍ (କଳା ଲୋମଶଯୁକ୍ତ) ବାଘ ରହିଛନ୍ତି।

# ଓଡ଼ିଶା ସୀମାନ୍ତରୁ ୨.୫ ଟନ୍ ବିସ୍ଫୋରକ ଜବତ ଚର୍ଚ୍ଚା

## ଓଡ଼ିଶା-ଝାଡ଼ଖଣ୍ଡ ପୋଲିସ ପକ୍ଷରୁ ମିଳିତ ଅପରେଶନ ଜାରି



ଜବତ ହୋଇଥିବା ବିସ୍ଫୋରକ।

ବଣାଇଁ,୨।୬(ପ୍ରଦୀପ ତ୍ରିପାଠୀ)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ତିରିଲିପୋଷ ଅଞ୍ଚଳରୁ ସୋମବାର ପୁଣି ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଛି। ମାଟି ତଳେ ପୋତି ହୋଇ ରହିଥିବା ବିସ୍ଫୋରକକୁ ସର୍ଚ୍ଚ ଅପରେଶନ ବେଳେ ଠାବ କରି ଜବତ କରାଯାଇଥିବା ସୂଚନା ମିଳିଛି। ଜବତ ବିସ୍ଫୋରକର ଓଜନ ୨.୫ ଟନ୍ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କିନ୍ତୁ ଜବତ ବିସ୍ଫୋରକର ପରିମାଣ କେତେ ହେବ ସେ ନେଇ ପୋଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଅପରେଶନରେ ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶା ପୋଲିସଙ୍କ ସହିତ ଅର୍ଦ୍ଧସାମରିକ ବାହିନୀ ମୁତୟନ ଥିଲେ। କୋବ୍ରା ବାଟାଲିୟନ, ସିଆର୍‌ପିଏଫ୍ ଯବାନମାନେ ଏବେ ବି ସରଣ୍ଡା ଜଙ୍ଗଲରେ ସର୍ଚ୍ଚଅପରେଶନ ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ, ଗତ ୨୭ ତାରିଖ ସ୍ପଷ୍ଟ ଦିବାଲୋକରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର କ୍ୱାରିକୁ ଆସିଥିବା ୨ ଶହ ପେଟି ବିସ୍ଫୋରକକୁ ମାଓବାଦୀ ଲୁଟି ନେବା ପରେ ଉଭୟ ରାଜ୍ୟ ପାଇଁ ବିପଦ ସୃଷ୍ଟି ହୋଇଛି। ତେବେ ଏହାର ଗୁରୁତ୍ୱକୁ ଉପଲବ୍ଧି କରି ପୋଲିସ ଅପରେଶନ ଜାରି ରଖିଛି। ଝାଡ଼ଖଣ୍ଡ ସିଆର୍‌ପିଏଫ୍‌ର ଯବାନ, କୋବ୍ରା ବାଟାଲିୟନ ଓ ଉଭୟ ରାଜ୍ୟ ପୋଲିସ ମିଳିତ ଭାବେ ଚଳାଇଥିବା ଅପରେଶନରେ ଗୋଇନ୍ଦା ବିଭାଗ ତଥ୍ୟକୁ ଆଧାର କରି କେତେଜଣ ମିଲିସିଆ (ମାଓବାଦୀ ସହଯୋଗୀ)ଙ୍କୁ ଠାବ କରି ପଚରାଉଚୁରା କରିଥିଲେ। ତାଙ୍କ ତଥ୍ୟ ଆଧାରରେ ସୋମବାର ଚଢ଼ାଉ ଜାରି ରଖିଥିଲେ। ଉଲ୍ଲେଖଯୋଗ୍ୟ, ଗତ ୩୦ ତାରିଖରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ତିରିଲିପୋଷ ଗ୍ରାମ ସରଣ୍ଡା ନିକଟରେ ଥିବା ମାଓବାଦୀ କ୍ୟାମ୍ପ ଉପରେ ସୁରକ୍ଷା କର୍ମୀମାନେ ଚଢ଼ାଉ କରି କିଛି ପରିମାଣର ବିସ୍ଫୋରକ ଜବତ କରିଥିଲେ।



**ଯୌନ ନିର୍ଯାତନା ମାମଲା: ଦୋଷୀଙ୍କୁ ୩୦ ବର୍ଷ ଜେଲ**

ଚେନ୍ନାଇ,୨।୬: ତାମିଲନାଡୁ ରାଜଧାନୀ ଚେନ୍ନାଇସ୍ଥିତ ଆନ୍ନା ୟୁନିଭର୍ସିଟି ଯୌନ ନିର୍ଯାତନା ମାମଲାରେ ଦୋଷୀ ଜ୍ଞାନସେକରନଙ୍କୁ ସୋମବାର ସହରର ସ୍ୱତନ୍ତ୍ର ମହିଳା ଅଦାଲତ ସର୍ବନିମ୍ନ ୩୦ ବର୍ଷ ପାଇଁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ସ୍ୱତନ୍ତ୍ର କୋର୍ଟ ତାଙ୍କୁ ୯୦ ହଜାର ଟଙ୍କାର ଜରିମାନା ଦଣ୍ଡ ମଧ୍ୟ ଶୁଣାଇଛନ୍ତି। ଗତ ୨୮ ତାରିଖରେ ଏହି ମାମଲାରେ ସମସ୍ତ ପ୍ରମାଣକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବିଚାରପତି ରାଜଲକ୍ଷ୍ମୀ ଜ୍ଞାନସେକରନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ପ୍ରକାଶ ଯେ, ଗତ ବର୍ଷ ଡିସେମ୍ବରରେ ଆନ୍ନା ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀ ୟୁନିଭର୍ସିଟି ପରିସରରେ ତାଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ନେଇ ଅଭିଯୋଗ କରିଥିଲେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ବିଏମ୍‌ସିର ବିଭିନ୍ନ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ, ସ୍ଥାନ: ଇସ୍କନ ମନ୍ଦିର, ସମୟ: ସକାଳ ୯ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କଳିଙ୍ଗ ଯୁଦ୍ଧ କର୍ମଶାଳା, ସ୍ଥାନ: ପାନ୍ଥ ନିବାସ, ସମୟ: ପୂର୍ବାହ୍ନ ୧୦ଟା।
- ଅବନୀ ବରାଳ ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ତିଗିରିଆ ପଞ୍ଚାୟତ ସମିତି ସ୍ୱତନ୍ତ୍ର ଅଧିବେଶନ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ତିଗିରିଆ, ସମୟ: ସକାଳ ୮ଟା।

## ପୁରୀ
- ଦି ବେଲ ପକ୍ଷରୁ ବୟସର ଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ଚନ୍ଦ୍ରଶେଖର ପାଠାଗାର, ବୋର୍ଡିଂ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ହରଚଣ୍ଡି ସାହି ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ପିଙ୍କ ଦ୍ୱାରା ନୂତନ ଶ୍ରେଣୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ମଧୁବନ ସରସ୍ୱତୀ ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ସୁପର ପ୍ରିମିୟମ ବସ ସର୍ଭିସର ଶୁଭାରମ୍ଭ, ସ୍ଥାନ: ମାଳତିପାଟପୁର ବସ୍‌ଷ୍ଟାଣ୍ଡ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କଣିଆରୀ, ସିମୁଳିଆ, ସମୟ: ଦିବସ ବ୍ୟାପୀ।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପଞ୍ଚଦଶ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶାନ୍ତି କମିଟି ବୈଠକ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୩୦।

## ଭଦ୍ରକ
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: କାଦବରାଙ୍ଗ, ବନ୍ତ, ସମୟ: ସକାଳ ୮ଟା।
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: ଅସୁରାଳି, ଧାମନଗର, ସମୟ: ସକାଳ ୮ଟା।
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: ଏଡ଼ତାଳ, ବାସୁଦେବପୁର, ସମୟ: ସକାଳ ୮ଟା।
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: ମଧୁପୁର, ଗୋବିନ୍ଦପୁର, ତିହିଡ଼ି, ସମୟ: ଅପରାହ୍ନ ୪ଟା।
- ବିଦ୍ୟାର୍ଥୀ ପୁରସ୍କାର ବିତରଣ ଉତ୍ସବ ଓ ଜନଜାଗରଣ କାର୍ଯ୍ୟକ୍ରମ, ସ୍ଥାନ: ବାଗୁରାଇ ଆଦିବାସୀ କଲୋନୀ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଓଡ଼ିଶା ପ୍ରାନ୍ତ ଆନୁକୂଲ୍ୟରେ ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର, ସ୍ଥାନ: ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାରିପଦା,ସମୟ:ସକାଳ ୯ଟା।
- ଜିଲାସ୍ତରୀୟ ନାରଦ ଜୟନ୍ତୀ ସମାରୋହ,ସ୍ଥାନ:ଷ୍ଟାଡିୟମ ସମ୍ମିଳନୀ କକ୍ଷ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ରାଲି, ସ୍ଥାନ: ଲାଞ୍ଜିପଲ୍ଲୀ, ସମୟ: ସକାଳ ୬ଟା।
- ମୋହନ ନାୟକ ଜୟନ୍ତୀ ପାଳନ, ସ୍ଥାନ: ଦିବ୍ୟ ଜୀବନ ସଂଘ, ସମୟ: ସକାଳ ୮ଟା ୩୦।

## କନ୍ଧମାଳ
- କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ୍ ସିଆଙ୍ଗବାଲି ପଞ୍ଚାୟତ, ସମୟ: ସକାଳ ୯ ଟା।

## କେନ୍ଦ୍ରାପଡ଼ା
- ଗ୍ରାମ ରଜୋତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ସାନମଙ୍ଗ, ଆଳି, ସମୟ: ସକାଳ ୯ଟା।

## ଯାଜପୁର
- ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଦକ୍ଷତା ବିକାଶ ତାଲିମର ୬ଷ୍ଠ ଦିବସ। ସ୍ଥାନ: ରଗଡ଼ି ଉପକାରାଗାର ପରିସର। ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ନୟାଗଡ଼ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନୟାଗଡ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଶୀତଳଷଷ୍ଠୀ ଯାତ୍ରା ଅବସରରେ ମୋ ଗାଁ ମହୋତ୍ସବର ଉଦ୍‌ଯାପନ ଉତ୍ସବ, ସ୍ଥାନ: ନୟାଗଡ଼ ବ୍ଲକ ପ୍ରତାପପ୍ରସାଦ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ପବିତ୍ର ରାମକଥା ଉଦ୍‌ଯାପିତ, ସ୍ଥାନ: ଗୀତ ଭବନ, ମୁନିଗୁଡା, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର
- ନିଶାଦ୍ରବ୍ୟ, ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।

## ମାଲକାନଗିରି
- ନିଶା ନିବାରଣ ସଚେତନତା ରଥ ଉଦ୍‌ଘାଟନ, ସ୍ଥାନ: ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଖଇରପୁଟ ବ୍ଲକ ଜାମୁଗୁଡା ଗାଁରେ ମା' ମାଉଲୀ ଡଙ୍ଗର ଦେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ, ସ୍ଥାନ:ଜାମୁଗୁଡା ଖେଳ ପଡିଆ, ସମୟ:ପୂର୍ବାହ୍ନ ୧୧ ଟା।
- ଜିଲା କୃଷି ବିଜ୍ଞାନକେନ୍ଦ୍ର ପକ୍ଷରୁ କୃଷକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଏମ୍‌ଭି ୧୮, ସମୟ:ପୂର୍ବାହ୍ନ ୧୦.୩୦ ମିନିଟ୍। ପଦ୍ମଗିରି ପଞ୍ଚାୟତ ବୋଇଲାପାଲ୍ଲୀ, ସମୟ:୧୧.୩୦।
- ଓଡିଶୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ମାଲକାନଗିରି ହାଇଟେକ୍ କଲୋନୀ, ସମୟ: ସକାଳ ୯ଟା।

## ସମ୍ବଲପୁର
- ସାଓଲିନ କୁଙ୍ଗ ଫୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ମୁଖ୍ୟମନ୍ତ୍ରୀ କପ ଆନ୍ତଃଜିଲା ଜୋନାଲ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ପଶ୍ଚିମାଞ୍ଚଳ ଏକାତା ମଞ୍ଚ ପକ୍ଷରୁ ଶୋକସଭା କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୪ଟା।
- ସାମାଜିକ କର୍ମୀ ସବ୍ୟସାଚୀ ମିଶ୍ରଙ୍କ ପରଲୋକରେ ଶୋକସଭା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଆଦିବାସୀ ସଂଘ ପକ୍ଷରୁ ନବ ଅଭିଷିକ୍ତ ଲୋଇସିଂହା ଜମିଦାରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଆଦିବାସୀ ଭବନ, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା।
- ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ଡିଏଫ୍‌ଓ କନଫରେନ୍ସ ହଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା
- ରାଧାକୃଷ୍ଣ ମନ୍ଦିରରେ ଭାଗବତ ପାରାୟଣ, ସ୍ଥାନ: ଉଦିତନଗର, ସମୟ: ସକାଳ ୭ଟା।
- ଡ୍ରେନେଜ ଅବ୍ୟବସ୍ଥା ନେଇ ଆର୍‌ଏମ୍‌ସି କମିଶନରଙ୍କୁ ଦାବିପତ୍ର, ସ୍ଥାନ: ଆରଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼
- ପୁଷ୍ଟିଶସ୍ୟ ଖାଦ୍ୟ ମେଳା, ସ୍ଥାନ: ସାଗରପାଲି, ଟାଙ୍ଗରପାଲି ବ୍ଲକ, ସମୟ: ସକାଳ ୯ଟା।
- ତ୍ରିଦିବସୀୟ କଳିକା କେନ୍ଦ୍ର ସେବିକାଙ୍କ ତାଲିମ କାର୍ଯ୍ୟକ୍ରମର ଉଦ୍‌ଘାଟନ, ସ୍ଥାନ: ଆଞ୍ଚଳିକ ସାଧନ କେନ୍ଦ୍ର, ମହୁଲପାଲି, ସମୟ: ପୂର୍ବାହ୍ନ ୧୦ଟା।
- ମଲ୍ଟିଆକ୍ଟର ପ୍ଲାଟଫର୍ମ ଉପରେ କର୍ମଶାଳା, ସ୍ଥାନ: ସାଗରପାଲି, ଟାଙ୍ଗରପାଲି ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଖବରଦାତା ସମ୍ମିଳନୀ, ସ୍ଥାନ: ସମତା ଭବନ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା ୩୦।

## ଦେବଗଡ଼
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେବଗଡ଼ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ, ସ୍ଥାନ: ବଡ ବଗିଚା, ପ୍ରଧାନପାଟ ରୋଡ୍, ସମୟ: ପୂର୍ବାହ୍ନ ୧୦ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଅରେଡା ପଞ୍ଚାୟତ ମୋହରା ଗାଁ, ସମୟ: ସକାଳ ୯ଟା ୧୦।
- ନାମଯଜ୍ଞ ଉପଲକ୍ଷେ ଧର୍ମସଭା, ସ୍ଥାନ: ଖଡିଆଳ ବ୍ଲକ ଅରେଡା ପଞ୍ଚାୟତ ମୋହରା ଗାଁ, ସମୟ: ଅପରାହ୍ନ ୪ଟା।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ ଗୌଡ ସାଂସ୍କୃତିକ ସମାଜ ଭବନ, ସମୟ: ଅପରାହ୍ନ ୫ଟା।

# ଫ୍ରାନ୍ସ ରାଷ୍ଟ୍ରପତିଙ୍କ ମହମ ପ୍ରତିମୂର୍ତ୍ତି ଚୋରି

ପ୍ୟାରିସ୍,୨।୬



ପ୍ୟାରିସ୍ ମ୍ୟୁଜିୟମ୍‌ରୁ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁଙ୍କ ମହମ ପ୍ରତିମୂର୍ତ୍ତି ସୋମବାର ଚୋରି ହୋଇଯାଇଛି। ଗ୍ରୀନ୍‌ପିସ୍ ପରିବେଶ କର୍ମୀମାନେ ତାଙ୍କ ପ୍ରତିମୂର୍ତ୍ତି ଚୋରି କରିଥିବା ଅଭିଯୋଗ ହୋଇଛି। ଗ୍ରେଭିନ୍ ମ୍ୟୁଜିୟମରେ ମାକରଁଙ୍କ ମହମ ପ୍ରତିମୂର୍ତ୍ତି ୨୦୧୮ରେ ଉନ୍ମୋଚିତ ହୋଇଥିଲା। କେନ୍ଦ୍ରୀୟ ପ୍ୟାରିସ୍‌ରେ ଥିବା ଏହି ମ୍ୟୁଜିୟମରେ ୨ ମହିଳା ଓ ଜଣେ ପୁରୁଷ ନିଜକୁ ପର୍ଯ୍ୟଟକ ପରିଚୟ ଦେଇ ପ୍ରବେଶ କରିଥିବାବେଳେ ଜରୁରୀ ପ୍ରସ୍ଥାନ ପଥରେ ପଳାୟନ କରିଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ରଏଟର ଖବର ଅନୁଯାୟୀ, ଗ୍ରୀନ୍‌ପିସ୍ ଆକ୍ଟିଭିଷ୍ଟମାନେ ବିନା ଅନୁମତିରେ ଉକ୍ତ ପ୍ରତିମୂର୍ତ୍ତିକୁ ନେଇଯାଇ ପ୍ୟାରିସ୍ସ୍ଥିତି ରୁଷିଆ ଦୂତାବାସ ସମ୍ମୁଖରେ ସ୍ଥାପନ କରିଛନ୍ତି। ୟୁକ୍ରେନ୍ ବିରୋଧରେ ରୁଷିଆ ଯୁଦ୍ଧ ଚଳାଇଥିବା ସତ୍ତ୍ୱେ ଫ୍ରାନ୍ସ ଏହା ସହ ବାଣିଜ୍ୟିକ ସମ୍ପର୍କ ଜାରି ରଖିଥିବାରୁ ପ୍ରତିବାଦରେ ଆକ୍ଟିଭିଷ୍ଟମାନେ ମାକରଁଙ୍କ ପ୍ରତିମୂର୍ତ୍ତିକୁ ରୁଷିଆ ଦୂତାବାସ ସମ୍ମୁଖରେ ସ୍ଥାପନ କରିଥିବା କୁହାଯାଉଛି।

# 'ଏକତା ଓ ବିବିଧତା ଭାରତର ଜାତୀୟ ଭାଷା'

ମାଡ୍ରିଡ୍,୨।୬

ବହୁଦଳୀୟ ସଂସଦୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇ ସ୍ପେନ୍ ଯାଇଥିବା ଡିଏମ୍‌କେ ଏମ୍‌ପି କାନିମୋଝି କରୁଣାନିଧି ସେଠାରେ ପ୍ରବାସୀ ଭାରତୀୟଙ୍କୁ ଉଦ୍‌ବୋଧନ ଦେଲାବେଳେ ଭାରତର ଜାତୀୟ ଭାଷା କ'ଣ ବୋଲି ତାଙ୍କୁ ପ୍ରଶ୍ନ କରାଯାଇଥିଲା। ଉତ୍ତରରେ କାନିମୋଝି କହିଥିଲେ, ଏକତା ଏବଂ ବିବିଧତା ହେଉଛି ଭାରତର ଜାତୀୟ ଭାଷା। ତାଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳୀ ସାରା ବିଶ୍ୱକୁ ଏଭଳି ଏକ ବାର୍ତ୍ତା ଦେଇଛନ୍ତି, ଯାହା ଆଜିର ଦିନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି, ୨୦୨୦ରେ ପ୍ରସ୍ତାବିତ ତ୍ରିଭାଷୀ ସୂତ୍ରକୁ ଡିଏମ୍‌କେ ଜୋର୍‌ଦାର ବିରୋଧ କରୁଥିବାବେଳେ ଉକ୍ତ ଦଳର ଏମ୍‌ପି କାନିମୋଝିଙ୍କୁ ଅପରେଶନ ସିନ୍ଦୂର ଏବଂ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରବର୍ତ୍ତୀ ଭାରତର କୂଟନୈତିକ ଆଭିମୁଖ୍ୟକୁ ବିଭିନ୍ନ ଦେଶରେ ପ୍ରଚାର କରିବା ପାଇଁ ସଂସଦୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ଦିଆଯାଇଛି।



କାନିମୋଝି କରୁଣାନିଧି

# ଅଧିକ ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମ ଯୋଗାଇବ ରୁଷିଆ



ନୂଆଦିଲ୍ଲୀ,୨।୬

ଆସନ୍ତା ବର୍ଷ ସୁଦ୍ଧା ଭାରତକୁ ଏସ୍-୪୦୦ ଏୟାର ଡିଫେନ୍ସ ମିଶାଇଲ ସିଷ୍ଟମର ଅବଶିଷ୍ଟ ୟୁନିଟ୍‌ଗୁଡ଼ିକୁ ହସ୍ତାନ୍ତର କରାଯିବ ବୋଲି ସୋମବାର ଭାରତରେ ରୁଷିଆ ମିଶନର ଉପମୁଖ୍ୟ ରୋମନ ବାବୁଶ୍କିନ୍ କହିଛନ୍ତି। ୨୦୧୮ରେ ଭାରତ ରୁଷିଆ ସହ ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମର ୫ଟି ସ୍କ୍ୱାଡ୍ରନ ପାଇଁ ୫.୪୩ ବିଲିୟନ ଆମେରିକୀୟ ଡଲାରର ବୁଝାମଣା କରିଥିଲା। ୩ଟି ସ୍କ୍ୱାଡ୍ରନ୍ ପୂର୍ବରୁ ଭାରତକୁ ହସ୍ତାନ୍ତର କରାଯାଇ ସାରିଥିବା ବେଳେ ୨୦୨୬ ସୁଦ୍ଧା ଅବଶିଷ୍ଟ ୨ଟି ସ୍କ୍ୱାଡ୍ରନ୍ ଭାରତକୁ ହସ୍ତାନ୍ତର କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଗତ ମାସରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନାପୂର୍ଣ୍ଣ ସ୍ଥିତି ବେଳେ ଏସ୍-୪୦୦ ଏୟାର ଡିଫେନ୍ସ ସିଷ୍ଟମ ଦକ୍ଷତାର ସହ ଅତ୍ୟନ୍ତ ପ୍ରଭାବଶାଳୀ ଭାବେ କାମ କରିଥିବା ସେ କହିଛନ୍ତି। ସେହିପରି ଆଗାମୀ ଦିନରେ ଭାରତ ଏବଂ ରୁଷିଆ ମଧ୍ୟରେ ବାୟୁ ପ୍ରତିରକ୍ଷା ଏବଂ ଡ୍ରୋନ୍ ପ୍ରତିରୋଧୀ ପ୍ରଣାଳୀରେ ଦ୍ୱିପାକ୍ଷିକ ସହଯୋଗ ବିସ୍ତାର ହେବା ନେଇ ସେ ସଙ୍କେତ ଦେଇଛନ୍ତି।

# ୨୦୪୭ ସୁଦ୍ଧା ଭାରତର ଅର୍ଥନୀତି ୩୦ ଟ୍ରିଲିୟନ ଡଲାର ହେବ: ଅମିତାଭ କାନ୍ତ

ନୂଆଦିଲ୍ଲୀ,୨।୬(ପି.ଟି.)

ଭାରତର ଅର୍ଥନୀତି ଏବେ ୪ ଟ୍ରିଲିୟନ ଡଲାରରେ ପହଞ୍ଚିଥିବାବେଳେ ୨୦୪୭ ସୁଦ୍ଧା ଏହା ୩୦ ଟ୍ରିଲିୟନ ଡଲାର ନିକଟବର୍ତ୍ତୀ ହେବ ବୋଲି ଆଶା କରାଯାଉଥିବା ଜି୨୦ ଶେର୍ପା ଅମିତାଭ କାନ୍ତ ସୋମବାର କହିଛନ୍ତି। ନୂଆଦିଲ୍ଲୀରେ ଅନ୍ତର୍ଜାତୀୟ ବିମାନ ପରିବହନ ସଂଘ (ଆଇଏଟିଏ) ସମ୍ମିଳନୀ ଅବସରରେ କାନ୍ତ କହିଛନ୍ତି, ଭାରତର ଯୁବ ଜନସଂଖ୍ୟାରୁ ଫାଇଦା ମିଳିବାକୁ ଯାଉଛି। ପାଶ୍ଚାତ୍ୟ ଦେଶଗୁଡ଼ିକର ଅଧିକାଂଶ ଲୋକ ବୟସ୍କ ହୋଇସାରିଥିବାବେଳେ ଜାପାନ ଏବଂ ଚାଇନା ଅଧିକ ବୟସ୍କ ହୋଇଯାଇଛି। ଭାରତୀୟଙ୍କ ହାରାହାରି ବୟସ ୨୮ ବର୍ଷ ରହିଛି। ଏପରିକି ଆମେ ୧୦୦ରେ ପହଞ୍ଚିବା ବେଳେ ହାରାହାରି ବୟସ ୩୫ ହୋଇଥିବ ବୋଲି କାନ୍ତ କହିଛନ୍ତି। ୪ ଟ୍ରିଲିୟନ ଡଲାର ଅର୍ଥନୀତି ସହ ଭାରତ ବିଶ୍ୱର ଚତୁର୍ଥ ଅର୍ଥନୀତି ହେବାକୁ ଯାଉଛି।

# ଶର୍ମିଷ୍ଠାଙ୍କ ନାଁରେ ଏତଲା ଦେଇଥିବା ବ୍ୟକ୍ତି ନିଖୋଜ

ନୂଆଦିଲ୍ଲୀ,୨।୬

ଅପରେଶନ ସିନ୍ଦୂର ଉପରେ ବଲିଉଡ୍‌ର ମୁସଲମାନ ସେଲିବ୍ରିଟିମାନେ ନୀରବ ରହିଥିବାରୁ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ତଥା ଆଇନ ଛାତ୍ରୀ ଶର୍ମିଷ୍ଠା ପାନୋଲି ସେମାନଙ୍କୁ ଏକ ଭିଡିଓ ଜରିଆରେ ସମାଲୋଚନା କରି ସାମ୍ପ୍ରଦାୟିକ ମନ୍ତବ୍ୟ ଦେଇଥିଲେ। ଶର୍ମିଷ୍ଠାଙ୍କ ବିରୋଧରେ ୱାଜାହାତ ଖାନ୍ ନାମକ ଯୁବକ ଏତଲା ଦେବା ପରେ କୋଲକାତା ପୋଲିସ ତାଙ୍କୁ ଗିରଫ କରିଥିଲା। ଏହା ପରେ ୱାଜାହାତଙ୍କୁ ବାରମ୍ବାର ଧମକପୂର୍ଣ୍ଣ ଫୋନ୍ କଲ୍ ଆସିବାରୁ ସେ ନିଖୋଜ ହୋଇଯାଇଥିବା ତାଙ୍କ ବାପା ସାଦତ ଖାନ୍ କହିଛନ୍ତି। ତାଙ୍କ ପୁଅ ନିରୀହ ଓ ଧର୍ମନିରପେକ୍ଷ। ସେ ହିନ୍ଦୁତ୍ୱକୁ ଅପମାନିତ କରିପାରିବେ ନାହିଁ ବୋଲି ସାଦତ କହିଛନ୍ତି। କୋଲକାତା ପୋଲିସ ଶର୍ମିଷ୍ଠାଙ୍କୁ ଗୁରୁଗ୍ରାମରୁ ଗିରଫ କରିବା ପରେ ଏହାକୁ ନେଇ ରବିବାର ଉତ୍ତେଜନା ଦେଖାଦେଇଥିଲା। ତାଙ୍କୁ ମୁକ୍ତ କରିବା ପାଇଁ ବହୁ ଭାଜପା ନେତା ଦାବି କରିଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତପା ଜପା ଭୋପା ଗେଫା**
**ୟା'ଙ୍କ ଦେହି ପାଠ ହୁଏ ନାହିଁଲୋ ବୋପା।**

ପାଠ ପାଇଁ ଶିକ୍ଷଣୀୟ ମନୋଭାବ ରଖିବା ନିତାନ୍ତ ଜରୁରୀ। ଯେ ତପସ୍ୟା କରେ, ଯେ ମାଳା ଜପେ , ଯେ ବୃଥା ଆସ୍ଫାଳନ କରେ ଓ ଯେ ସର୍ବଦା ପେଟ ଚିନ୍ତା କରୁଥାଏ , ସେମାନଙ୍କ ଦ୍ୱାରା ଆଦୌ ପାଠ ହୁଏନାହିଁ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ତୁ ଖାଉଥାଉ ତୋର ଭାତ**
**ମୋର କିଆଁ ଗାଲରେ ହାତ ?**

କାହା ଉପରେ ନିର୍ଭର ନ କରି ନିଜ ଗୋଡ଼ରେ ନିଜେ ଠିଆ ହେବା ଶ୍ରେୟସ୍କର। ନିଜେ ପରିଶ୍ରମ କରି ପାଞ୍ଚଜଣରେ ଜଣେ ହେବା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ। ଏଥିରେ ଯଶ ଓ ସମ୍ମାନ ମିଳିଥାଏ। ଯେତେବେଳେ ଜଣେ ନିଜ ଅର୍ଜନରେ ନିଜେ ପୋଷିହୁଏ ସେତେବେଳେ ତା'ର ଭବିଷ୍ୟତ କଥା ନେଇ ଚିନ୍ତା କରିବା ଅନାବଶ୍ୟକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ଖୋଲିବନି ନୂଆ...

ସେ ପୁଣି କହିଛନ୍ତି, ଓଡ଼ିଶାରେ ମଦ ନୀତିକୁ ପ୍ରତିବର୍ଷ ପରିବର୍ତ୍ତନ ନ କରି ତିନିବର୍ଷିଆ ମଦ ନୀତି ଅଣାଯିବ। ଏହା ପୂର୍ବ ପଦ୍ଧତିଠାରୁ ପରିବର୍ତ୍ତନ ହେବ, ଯାହା ପ୍ରାୟତଃ ରାଜସ୍ୱ ସୃଷ୍ଟି ପାଇଁ ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦେଉଥିଲା। ନୀତି ଅଧ୍ୟୟନର ଅଂଶସ୍ୱରୂପ ବରିଷ୍ଠ ଅଧିକାରୀଙ୍କ ୩ଟି ଦଳ ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, କେରଳ ଏବଂ ତାମିଲନାଡୁ ପରିଦର୍ଶନରେ ଯାଇଛନ୍ତି। ଏହି ୪ ରାଜ୍ୟରେ ମଦ ନିୟନ୍ତ୍ରଣ ଏବଂ ବଣ୍ଟନ ପାଇଁ ଭିନ୍ନ ପଦ୍ଧତି ରହିଛି। ତାହାକୁ ସେମାନେ ଅଧ୍ୟୟନ କରିବେ। ଅଧିକାରୀମାନେ ଜୁନ୍ ୭ ଏବଂ ୮ ସୁଦ୍ଧା ଫେରିଆସିବେ ବୋଲି ଆଶା କରାଯାଉଛି। ଏହାପରେ ଚିଠାନୀତିରେ ଯେକୌଣସି ବିଚାରାଧୀନ ପରିବର୍ତ୍ତନକୁ ଚୂଡ଼ାନ୍ତ କରାଯିବ। ଏହି ନୀତି ବେଆଇନ ମଦ ଉତ୍ପାଦନ ଓ ଚୋରାଚାଲାଣ, ଦୁର୍ବଳ ପ୍ରବର୍ତ୍ତନ ଏବଂ ପୁରୁଣା ଦଣ୍ଡ ବ୍ୟବସ୍ଥା ଭଳି ସ୍ଥାୟୀ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ବିଶେଷ ଭୂମିକା ଗ୍ରହଣ କରିବ।

ମନ୍ତ୍ରୀ କହିଛନ୍ତି, ମେ' ୩୧ରେ ଓଡ଼ିଶାରେ ତମାଖୁ ନିରୋଧୀ ଦିବସ ପାଳନ ବେଳେ ସଚେତନତାକୁ ବ୍ୟାପକ କରାଯିବ ବୋଲି କୁହାଯାଇଥିଲା। ସ୍କୁଲ ଏବଂ କଲେଜ ନିକଟରେ ଯେଭଳି ମଦ ବିକ୍ରି ନ ହେବ ସେଥିପ୍ରତି ଧ୍ୟାନ ଦିଆଯିବ। ସରକାରଙ୍କ ଲକ୍ଷ୍ୟ ହେଉଛି, ଯୁବପିଢ଼ି ପାଇଁ ଏକ ସୁସ୍ଥ, ନିଶାମୁକ୍ତ ସମାଜ ଗଠନ କରିବା।

## ହଂସ ଦାରୁକା...

ଜିନ୍ଦଲ (୩୩୪ ମାର୍କ) ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ମଜିଦ ମୁଜାହିଦ ହୁସେନ(୩୩୦) ତୃତୀୟ, ପାର୍ଥ ମନ୍ଦର ବର୍ତକ(୩୨୭) ଚତୁର୍ଥ, ଉଜ୍ଜ୍ୱଳ କେଶରୀ(୩୨୪) ପଞ୍ଚମ, ଅକ୍ଷତ କୁମାର ଚୌରାସିଆ(୩୨୧)ଷଷ୍ଠ, ସାହିଲ ମୁକେଶ ଦେଓ(୩୨୧) ସପ୍ତମ, ଦେବେଶ ପଙ୍କଜ ଭାଇୟା(୩୧୯) ଅଷ୍ଟମ, ଅର୍ଣ୍ଣବ ସିଂହ(୩୧୯) ନବମ ଓ ବଦ୍‌ଲାମୁଣ୍ଡି ଲୋକେଶ(୩୧୭) ଦଶମ ର୍ୟାଙ୍କ୍‌ରେ ରହିଛନ୍ତି।

ସୂଚନା ଅନୁସାରେ, ଗତ ୧୮ ତାରିଖରେ ଜେଇଇ ଆଡ୍‌ଭାନ୍ସଡ ପରୀକ୍ଷା ହୋଇଥିଲା। ମୋଟ ୧ଲକ୍ଷ ୮୦ ହଜାର ୪୨୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୫୪ହଜାର ୩୭୮ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ଶ୍ରେଷ୍ଠ ୧୫ ତାଲିକାରେ ଏଥର କେବଳ ଛାତ୍ରମାନେ ରହିଛନ୍ତି। ଛାତ୍ରୀଛାତ୍ର jeeadv.ac.in ୱେବ୍‌ସାଇଟ୍‌ରୁ ଫଳାଫଳ ସହ ଅନ୍ୟାନ୍ୟ ତଥ୍ୟ ପାଇପାରିବେ ବୋଲି କୁହାଯାଇଛି।

## ଏନ୍‌ଇଇଟି-ପିଜି ସ୍ଥଗିତ...

ଘୋଷଣା ହେବ ବୋଲି କୁହାଯାଇଛି। ଦେଶର ଡାକ୍ତରୀ ସ୍ନାତକ ଛାତ୍ରୀଛାତ୍ରଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଏହି ପରୀକ୍ଷା ଦେବାକୁ ପଡ଼ିଥାଏ। ଏମ୍‌ଡି, ଏମ୍‌ଏସ୍ ଏବଂ ପିଜି ଡିପ୍ଲୋମା ପାଠ୍ୟକ୍ରମ ଲାଗି ଏନ୍‌ଇଇଟି-ପିଜି ପ୍ରବେଶିକା ପରୀକ୍ଷା। ଚଳିତ ବର୍ଷ ଏହି ପରୀକ୍ଷା ଜୁନ୍ ୧୫ରେ ୨ଟି ଶିଫ୍ଟରେ କରିବା ପାଇଁ ପୂର୍ବରୁ କାର୍ଯ୍ୟସୂଚୀ ଧାର୍ଯ୍ୟ ହୋଇଥିବାବେଳେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହାକୁ ସ୍ଥଗିତ ରଖାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିଜା ନକ୍ଷତ୍ରର ମାନସିକ ସ୍ଥିତି ଭଲ ରହିବା ସହ କର୍ମଜଞ୍ଜାଳ ବୃଦ୍ଧି ପାଇବ। ପ୍ରତ୍ୟେକ କାମକୁ ସଫଳତାର ସହ ସମ୍ପନ୍ନ କରିବାରେ ସମର୍ଥ ହୋଇପାରନ୍ତି। ବନ୍ଧୁଙ୍କ ନିମନ୍ତ୍ରଣକ୍ରମେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଲାଭବାନ୍ ହେବେ।

**ବୃଷ** ଆପଣଙ୍କ ମନ ଯେମିତି କାମ ମଧ୍ୟ ତଦନୁରୂପ ହେବ। ପ୍ରତ୍ୟେକ ସମସ୍ୟାକୁ ପ୍ରତିହତକରି କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମକୁ ସମ୍ପନ୍ନ କରିବେ। ରୋହିଣୀ ନକ୍ଷତ୍ର କଳା, ସାହିତ୍ୟ, ଚଳଚ୍ଚିତ୍ର, ସଭାସମିତି, ସାମ୍ବାଦିକତା, ଏଜେନ୍ସିପ୍ରରୁ ପ୍ରଶଂସିତ ହେବେ। ସମ୍ପର୍କୀୟଙ୍କଠାରୁ ଅଯାଚିତ ସାହାଯ୍ୟ, ସହଯୋଗ ପ୍ରାପ୍ତ ହେବ।

**ମିଥୁନ** କର୍ମକ୍ଷେତ୍ର ସମସ୍ୟା ବହୁଳ ରହିଲେ ମଧ୍ୟ କୌଣସି କ୍ଷେତ୍ରରେ ପଳାୟନପନ୍ଥୀ ହେବେ ନାହିଁ। ବୁଝାମଣା ଅଭାବରୁ କର୍ମକ୍ଷେତ୍ରରେ ବିବଦମାନ ପରିସ୍ଥିତି ସୃଷ୍ଟି ହେବ। ପୁନର୍ବସୁ ନକ୍ଷତ୍ରର ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ସାମୟିକ ଖୁସି ରହିବ। ଅସଫଳତାର କାରଣ ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କର୍କଟ** ଆଜି ଅଶ୍ଳେଷା ନକ୍ଷତ୍ର କୌଣସି ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। କଚେରି ମାମଲା, ଘରୋଇ କଳହ କ୍ଷେତ୍ରରେ ଟେନ୍‌ସନ ଦୂରହେବ। ବ୍ୟବସାୟ, ଯାତ୍ରା, ଆଲୋଚନା କ୍ଷେତ୍ରରେ ସଫଳତାର ଶୀର୍ଷରେ ଉପନୀତ ହେବେ। ଚେଷ୍ଟା କରୁଥିବା କାମରୁ ସୁଫଳ ପାଇବେ ଓ ସାମାଜିକ ସ୍ତରରେ ସମ୍ମାନିତ ହେବା ଆଶା ରହିଛି।

**ସିଂହ** ମଘା ନକ୍ଷତ୍ର ଆଜି ଯାହା କଲେ ମଧ୍ୟ ଅଳ୍ପଖର୍ଚ୍ଚରେ ତାହା କରିପାରିବେ ନାହିଁ। ଆକସ୍ମିକ ଭାବରେ ପଦାଧିକାରୀଙ୍କ ଆଦେଶକୁ ଅବଜ୍ଞା ନ କରି ଯାତ୍ରା କରିବାକୁ ବାଧ୍ୟ ହୋଇପାରନ୍ତି। ନିଜକୁ ନିୟନ୍ତ୍ରଣରେ ରଖିବାରେ ଅସମର୍ଥ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**କନ୍ୟା** ହସ୍ତା ନକ୍ଷତ୍ର ସମସ୍ୟା ମଧ୍ୟରେ ଦୈହିକ ଅସୁସ୍ଥତା କର୍ମକ୍ଷେତ୍ରକୁ ପ୍ରଭାବିତ କରିବ। ଘରୋଇ ସମସ୍ୟାର ସମାଧାନ ସକାଶେ ଜଣେ ଆତ୍ମୀୟ ସାହାଯ୍ୟ କରିପାରନ୍ତି। ସୁଯୋଗର ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସନ୍ଦେହ କିମ୍ବା ଭୁଲ୍ ବୁଝାମଣା କାରଣରୁ ପରିବାରରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟର ସୂଚନା ରହିଛି।

**ତୁଳା** ବିଶାଖା ନକ୍ଷତ୍ର ସକାଶେ ଆଜି ଦିନଟି ସୁଖ, ସନ୍ତୋଷର ପୃଷ୍ଠଭୂମି ପାଲଟିଯିବ। କର୍ମକ୍ଷେତ୍ରରେ କିଛିନା କିଛି କାରଣକୁ ନେଇ ଟେନ୍‌ସନ ଲାଗିରହିବ। ଦୀର୍ଘପଥ ଭ୍ରମଣ କରିବା କାରଣରୁ ସ୍ୱାସ୍ଥ୍ୟରେ ସମସ୍ୟା ପରିଲକ୍ଷିତ ହୋଇପାରେ। ଯୁକ୍ତିତର୍କଜନିତ ପାରିବାରିକ କ୍ଷେତ୍ରରେ ନିଜର ନିଷ୍ପତ୍ତି ହଠାତ୍ ବଦଳାଇ ଦେଇପାରନ୍ତି।

**ବିଛା** ଅବହେଳା ଯୋଗୁ ଅସଫଳତାର ସମୀକ୍ଷାକରି ପରବର୍ତ୍ତୀ କାର୍ଯ୍ୟକ୍ରମକୁ ବଦଳାଇପାରନ୍ତି। ଅନୁରାଧା ନକ୍ଷତ୍ର ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ପରିବାରର ସହମତି ନେଇ ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ସଙ୍ଗଠନ, ଆନୁଷ୍ଠାନିକ କାମ, ରାଜନୀତି, ଅଧ୍ୟୟନ ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ।

**ଧନୁ** ମାନସିକ ସ୍ଥିତି ଭଲ ନ ଥିଲେ ମଧ୍ୟ ବନ୍ଧୁଙ୍କ ଆଶ୍ୱାସନାରୁ କିଛିଟା ସାନ୍ତ୍ୱନା ମିଳିପାରେ। ପାରିବାରିକ ସମସ୍ୟା ସତ୍ତ୍ୱେ ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ତାଙ୍କ ସହ ଯିବାକୁ ବାଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ର ସମସ୍ୟା ସମାଧାନ ହେବ। ମୂଳା ନକ୍ଷତ୍ର ପରୋକ୍ଷ ଶତ୍ରୁତାରୁ କୌଣସି କାମ ସମ୍ପନ୍ନ କରିପାରିବେ ନାହିଁ।

**ମକର** କୋଣଭାବସ୍ଥ ବୁଧାଦିତ୍ୟ ଯୋଗରୁ ଦିନଟି ଭଲ ରହିବ। ଯେଉଁ କାମଟିକୁ ଆରମ୍ଭ କରିବେ ତାହା ନିଶ୍ଚିତ ଭାବରେ ସଫଳତାର ଶୀର୍ଷକୁ ଛୁଇଁବା ସମ୍ଭାବନା ରହିଛି। କାହା ପାଖରେ ବହୁଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ନରେ ପାଇବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇପାରନ୍ତି।

**କୁମ୍ଭ** ସମ୍ପର୍କୀୟଙ୍କ ସହଯୋଗରୁ କୌଣସି କାମ ଅଟକିବ ନାହିଁ। ପ୍ରଶାସନିକ, ରାଜନୈତିକ ଓ ସାମାଜିକ ସ୍ତରରେ ପତିଆରା ବୃଦ୍ଧି ପାଇବା ଆଶା ରହିଛି। ସାଧାରଣ ମନେ ନ କରି ପିଲାମାନଙ୍କ ଅଭିଯୋଗକୁ ଗୁରୁତ୍ତର ସହ ବିଚାରକରିବା ଭଲ ହେବ। ଧନିଷ୍ଠା ନକ୍ଷତ୍ରର ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବା ଦୁଶ୍ଚିନ୍ତାର କାରଣ ହୋଇପାରେ ।

**ମୀନ** ରେବତୀ ନକ୍ଷତ୍ର ଆନୁଷ୍ଠାନିକ କାମରେ କିମ୍ବା ସଭାସମିତିରେ ବନ୍ଧୁଙ୍କ ଦ୍ୱାରା ଆଦରଣୀୟ ରହିବେ। ଭାଙ୍ଗିପଡ଼ିଥିବା ସମ୍ପର୍କ ଏକ ଭିନ୍ନ ପରିବେଶରେ ପୁଣି ଯୋଡ଼ିହୋଇଯିବ। ଜମିଜମା କାରବାର, ହୋଟେଲ, ତେଜରାତି ଦୋକାନ ପ୍ରଭୃତିରୁ ବିଶେଷ ଲାଭବାନ୍ ହେବେ। ବାଧବାଧକତାରେ ଭ୍ରମଣ ହେତୁକ ଅବସାଦ ଦେଖାଦେଇପାରେ।

ଆଜି ଜୁନ୍ ୩ ତାରିଖ, ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀ ମଙ୍ଗଳବାର। ରାଶିନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୦ ଗତେ, ଘ.୦୬।୪୯ ମଧ୍ୟେ, ଘ.୦୯।୩୩ ଗତେ, ଘ.୧୨।୧୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୧ ଗତେ, ଘ.୦୪।୪୦ ମଧ୍ୟେ ରାହୁକାଳ।

## ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,(ଗିରିଧାରୀ ପରିଛା): ଆନ୍ଧ୍ର ପ୍ରଦେଶକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଜପତି ଜିଲା ରାୟଗଡ଼ ବ୍ଲକ ଜିରାଙ୍ଗ ପଞ୍ଚାୟତ ରଘୁନାଥପୁର ଗ୍ରାମର ସହଦେବ ବଡ଼ ରଇତ (୨୨)। ସେ ଗ୍ରାମର ସୁବାସ ବଡ଼ରଇତଙ୍କ ବଡ଼ ପୁଅ। ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସହଦେବ ରୋଜଗାର କରିବାକୁ ଗତ ଏପ୍ରିଲରେ ଆନ୍ଧ୍ର ଯାଇଥିଲେ। ବିଶାଖାପାଟଣାର ଏକ ଘରୋଇ ସଂସ୍ଥାରେ ସିମେଣ୍ଟ ଢଳେଇ କାମରେ ନିୟୋଜିତ ଥିଲେ। ସେଠାରେ କାମ କରିବା ସମୟରେ ହଠାତ୍ ସହଦେବ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଗିତଏମ ନାମକ ମେଡିକାଲରେ ଚିକିତ୍ସା କରାଯାଉଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଲୋକଙ୍କୁ ଦେବୁ ସେବା, ସୁଶାସନ ଓ ଗରିବ କଲ୍ୟାଣର ହିସାବ: ସମୀର

ଭୁବନେଶ୍ୱର,୨।୬
(ରବିନାରାୟଣ ଜେନା)



ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସରକାରଙ୍କ ୧ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ପରେ ଭାଜପା ନେତା ସମୀର ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନିକଟରେ ଅଛନ୍ତି ବାମରୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଓ ସହ ପ୍ରଭାରୀ ଲତା ଉସେଣ୍ଡି।

ଲୋକଙ୍କ କଥା ଶୁଣିଛନ୍ତି ଲୋକଙ୍କ ସରକାର। ଲୋକଙ୍କୁ ଯାହା ପ୍ରତିଶ୍ରୁତି ଦିଆଯାଇଥିଲା ସେଥିରୁ ଯାହାସବୁ ପୂରଣ ହୋଇଛି ସେ ସମ୍ପର୍କରେ ଗାଁକୁ ଗାଁ ଯାଇ ଲୋକଙ୍କୁ ଅବଗତ କରାଯିବ। କେନ୍ଦ୍ର ସରକାରଙ୍କ ୧୧ବର୍ଷ ଏବଂ ରାଜ୍ୟର ଭାଜପା ସରକାରଙ୍କ ଏକବର୍ଷର ଚିକିନିଖି ହିସାବ ଲୋକଙ୍କୁ ଦିଆଯିବ। ଜନସାଧାରଣଙ୍କ ପାଖରେ ସେବା, ସୁଶାସନ ଓ ଗରିବ କଲ୍ୟାଣ ବାର୍ତ୍ତା କର୍ମକର୍ତ୍ତାଙ୍କ ଜରିଆରେ ପହଞ୍ଚାଇବୁ ବୋଲି ପୂର୍ବତନ ରାଜ୍ୟ ଭାଜପା ସଭାପତି ତଥା ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ ସଂଯୋଜକ ସମୀର ମହାନ୍ତି କହିଛନ୍ତି।

ସୋମବାର ପୂର୍ବାହ୍ନରେ ଭାଜପା କାର୍ଯ୍ୟାଳୟରେ ସରକାରଙ୍କ ୧ବର୍ଷ ପୂର୍ତ୍ତି ଉତ୍ସବ ଲାଗି ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ପରେ ସମୀର କହିଛନ୍ତି, ବୁଥ୍, ମଣ୍ଡଳ, ଜିଲା ଏବଂ ରାଜ୍ୟସ୍ତରରେ ଭାଜପା ସରକାରଙ୍କ ପକ୍ଷରୁ ବର୍ଷପୂର୍ତ୍ତି ଉତ୍ସବ ପାଳନ କରାଯିବ। ଏଥିପାଇଁ ସ୍ୱତନ୍ତ୍ର କମିଟି ଗଠନ ହୋଇଛି। ଜୁନ ୯ରୁ ରାଜ୍ୟବ୍ୟାପୀ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହେବ। ସେବା, ସୁଶାସନ, ଗରିବ କଲ୍ୟାଣର ମୂଳ ଆଧାରକୁ ନେଇ ଭାଜପା ଜନସାଧାରଣଙ୍କ ପାଖକୁ ଯିବ। ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ସଫଳତାର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଯିବ। ସଶକ୍ତ ଭାରତ ଓ ସୁରକ୍ଷିତ ଭାରତ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି।

ସମୀର ଆହୁରି କହିଛନ୍ତି, ଭୁବନେଶ୍ୱର ସମେତ ରାଜ୍ୟର ପ୍ରମୁଖ ସହରରେ ଏବଂ ଜିଲା ମୁଖ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ତଥା କେନ୍ଦ୍ରୀୟ ନେତୃବୃନ୍ଦମାନେ ଖବରଦାତା ସମ୍ମିଳନୀ କରି ସରକାରଙ୍କ ସଫଳତାର ହିସାବ ଦେବେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଆଲୋଚନାଚକ୍ର ମଧ୍ୟ ଆୟୋଜନ କରାଯିବ। ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ ଏଥିରେ ଭାଗନେବେ। ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହଯୋଗ ସହ ବ୍ୟାପକ କାର୍ଯ୍ୟକ୍ରମ କରାଯିବ। ଡବଲ ଇଞ୍ଜିନ ସରକାରର ସୁଫଳ ରାଜ୍ୟବାସୀ କେତେ ପାଉଛନ୍ତି ତାହା ସମ୍ପର୍କରେ ମତାମତ ନିଆଯିବ। ବିଗତ ବର୍ଷଗୁଡ଼ିକରେ କଂଗ୍ରେସ ଏବଂ ବିଜେଡି କେମିତି ଓଡ଼ିଶା ପଛକୁ ନେଇଥିଲେ, ତାହାର ତଥ୍ୟ ମଧ୍ୟ ଲୋକଙ୍କ ଆଗରେ କର୍ମକର୍ତ୍ତାମାନେ ରଖିବେ। ବୋଲି ମହାନ୍ତି କହିଥିଲେ।

ସେ କହିଥିଲେ, ଡବଲ ଇଞ୍ଜିନ ସରକାର ସରକାରକୁ ଆସିବା ପରେ କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ ହୋଇଛି। ସଂକଳ୍ପ ପତ୍ରରେ ଭାଜପା ପକ୍ଷରୁ ଯାହା କୁହାଯାଇଥିଲା ତାକୁ ଅକ୍ଷରେ ଅକ୍ଷରେ ପାଳନ କରାଯାଉଛି। ୭୦ ବର୍ଷରୁ ଊର୍ଦ୍ଧ୍ୱ ଜଣେ ହେଲେ ବି ବୟସ୍କ ଯେମିତି ଆୟୁଷ୍ମାନ ଭାରତ ବୟୋବନ୍ଦନା ଯୋଜନାରୁ ବଞ୍ଚିତ ନ ହେବେ ସେନେଇ ସଚେତନ କରାଯିବ ବୋଲି ମହାନ୍ତି କହିଥିଲେ।

ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ୪ ଓଏଏସ୍ ଅଧିକାରୀଙ୍କୁ ପଦୋନ୍ନତି

ଭୁବନେଶ୍ୱର,୨।୬(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ୪ଜଣ ବରିଷ୍ଠ ଓଏଏସ୍ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଛି। ଏନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ବରିଷ୍ଠ ଓଏଏସ୍ ଅଫିସର ଡ. ଉଷାରାଣୀ ସାହୁ ଏବଂ ପ୍ରଦୀପ କୁମାର ରାଉତଙ୍କୁ ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ପ୍ରଦୀପ କୁମାର ରାଉତ ଏବେ 'ଓକାକ୍'ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ସହିତ ଇ ଆଣ୍ଡ ଆଇଟି ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଥିବାବେଳେ ଡ. ଉଷାରାଣୀ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ ତୁଲାଉଛନ୍ତି। ସ୍ୱତନ୍ତ୍ର ସଚିବ ପାହ୍ୟାକୁ ପଦୋନ୍ନତି ପରେ ଉଭୟ ଅଧିକାରୀ ଉକ୍ତ ସ୍ଥାନରେ କାର୍ଯ୍ୟ କରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ସେହିପରି କଟକ ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହନ୍ତ ଏବଂ ବରଗଡ଼ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ରଙ୍କୁ ସୁପର ସ୍କେଲରୁ ସୁପରଟାଇମ ଆଡ୍‌ମିନିଷ୍ଟ୍ରେଟିଭ ଗ୍ରେଡ୍(ଏସ୍‌ଏଜି)କୁ ପଦୋନ୍ନତିଦିଆଯାଇଛିବୋଲିସରକାରଙ୍କ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି।

# ସ୍ନାନପୂର୍ଣ୍ଣିମା ଯାଏ ଗରମ, ଗୁଳୁଗୁଳି

ଭୁବନେଶ୍ୱର, ୨।୬(ବନ୍ଦନା ସେଠୀ)

■ ୩୯ ଡିଗ୍ରୀ ଉପରେ ୧୦ ସହର
■ ୧୦ ପରେ ଲଘୁଚାପ ସୃଷ୍ଟି ସମ୍ଭାବନା

କିଛିଦିନର ଆଶ୍ୱସ୍ତି ପରେ ପୁଣି ଫେରିଛି ତାତି। ଗରମ ଓ ଗୁଳୁଗୁଳିରେ ଛଟପଟ ହେଉଛନ୍ତି ରାଜ୍ୟବାସୀ। ବାୟୁମଣ୍ଡଳରେ ଆର୍ଦ୍ରତା ରହୁଥିବାରୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ସେପଟେ ଏବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗୁଆ ଓଡ଼ିଶା ଛୁଇଁଥିଲେ ମଧ୍ୟ ରାଜ୍ୟକୁ ପଶ୍ଚିମା ଶୁଷ୍କ ପବନ ବହିବା ଫଳରେ ମୌସୁମୀଜନିତ ବର୍ଷାରେ ବ୍ରେକ୍ ଲାଗିଛି। ଫଳରେ ତାପମାତ୍ରା ବଢ଼ିଚାଲିଛି। ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ଗରମ ଗୁଳୁଗୁଳି ଲାଗିରହିବ ଏବଂ ଦିନ ତାପମାତ୍ରା ୪୦ରୁ ୪୧ ଡିଗ୍ରୀ ଯାଏ ପହଞ୍ଚିବ। ତେବେ ୧୦ ତାରିଖ ପରେ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ୪ରୁ ୫ ଦିନ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ସୋମବାର ରାଜ୍ୟର ୧୦ ସହରର ତାପମାତ୍ରା ୩୯ ଡିଗ୍ରୀ ପାର୍ କରିଥିବାବେଳେ ବାଲେଶ୍ୱର ୩୯.୮ ଡିଗ୍ରୀ ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଏହା ତଳକୁ ରାଜଧାନୀ ଭୁବନେଶ୍ୱର ରହିଥିବାବେଳେ ସହରର ସର୍ବୋଚ୍ଚ ତାପମାତ୍ରା ୩୯.୬ ଡିଗ୍ରୀ ଛୁଇଁଥିଲା। କଟକ, ବାରିପଦା, ତାଳଚେର ଓ ପାରଳାଖେମୁଣ୍ଡିରେ ୩୯.୪ ଡିଗ୍ରୀ, ଝାରସୁଗୁଡାରେ ୩୯.୨ ଡିଗ୍ରୀ, ହୀରାକୁଦ ୩୯.୧ ଡିଗ୍ରୀ, ଭଦ୍ରକ ୩୯ ଡିଗ୍ରୀ, ଅନୁଗୋଳ ଓ ବଲାଙ୍ଗୀର ୩୮.୭ ଡିଗ୍ରୀ ଓ ଚାନ୍ଦବାଲିରେ ୩୮.୪ ଡିଗ୍ରୀ ତାପମାତ୍ରା ରହିଥିଲା। ମଙ୍ଗଳବାର ମଧ୍ୟ ଏସବୁ ଜିଲାରେ ତାପମାତ୍ରା ୩୯ରୁ ୪୦ ଡିଗ୍ରୀ ରହିବା ସହ ପ୍ରବଳ ତାତି ଅନୁଭୂତ ହେବ। ଏଥିସହ ଆସନ୍ତା ୫ଦିନ ଅର୍ଥାତ୍ ଜୁନ୍ ୭ ପର୍ଯ୍ୟନ୍ତ ରାଜ୍ୟରେ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ବଢ଼ିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ୪ ଓ ୫ ତାରିଖରେ ପ୍ରବଳ ଗରମ ଓ ଗୁଳୁଗୁଳି ହେବାର ସମ୍ଭାବନା ଥିବାରୁ ଉପକୂଳବର୍ତ୍ତୀ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଯୁକ୍ତ ୩ ନାମଲେଖା ଆବେଦନ ଅବଧି ବଢ଼ିଲା

ଭୁବନେଶ୍ୱର,୨।୬(ସୁଚିସ୍ମିତା ସାହୁ)

ଯୁକ୍ତ ୩ ନାମଲେଖା ପାଇଁ ଆବେଦନ ଅବଧି ପୁଣିଥରେ ବୃଦ୍ଧି କରାଯାଇଛି। ଛାତ୍ରୀଛାତ୍ର ଜୁନ ୪ ରାତି ୧୧ଟା ୪୫ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲରେ ଅନ୍‌ଲାଇନ ମଧ୍ୟରେ ଆବେଦନ କରିପାରିବେ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ବର୍ଦ୍ଧିତ ଅବଧି ଜୁନ୍ ୧ ସୁଦ୍ଧା କମ୍ ଆବେଦନ ହୋଇଥିବାରୁ କଲେଜଗୁଡ଼ିକର ସିଟ ପୂରଣ ହେବା ନେଇ ଆଶଙ୍କା ରହିଛି। ସିଟ ଅନୁସାରେ ପାଖାପାଖି ୧୪ ହଜାରରୁ କମ୍ ଆବେଦନ ହୋଇଥିଲା। ସିଟ୍ ପୂରଣ ଲାଗି ନାମଲେଖା ଅବଧି ବୃଦ୍ଧି କରାଯାଇଥିବା ଚର୍ଚ୍ଚା ହେଉଥିବାବେଳେ ଯୁକ୍ତ ୩ ନାମଲେଖା ପାଇଁ ଛାତ୍ରୀଛାତ୍ର ଏବଂ ଅଭିଭାବକ ଆବେଦନ ତାରିଖ ବୃଦ୍ଧି କରିବାକୁ ଦାବି କରିଥିବାରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆବେଦନକୁ ବଢ଼ାଇ ଦିଆଯାଇଥିବା କୁହାଯାଇଛି। ପୂର୍ବରୁ ସିଏଏଫ ଦାଖଲ ଆବେଦନ କରିଥିବା ଛାତ୍ରୀଛାତ୍ର ସେମାନଙ୍କ ଫର୍ମରେ ଆବଶ୍ୟକ ସଂଶୋଧନ କରିପାରିବେ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଯୁକ୍ତ ୩ରେ ନାମଲେଖା ପାଇଁ ରାଜ୍ୟରେ ୨ଲକ୍ଷ ୭୪ହଜାର ୫୬୯ଟି ସିଟ୍ ଉପଲବ୍ଧ ରହିଛି। ଜୁନ୍ ୧ ଯାଏ ୨ଲକ୍ଷ ୫୯ହଜାର ୯୮୧ଜଣ ଆବେଦନ କରିଥିବାବେଳେ ୨ଲକ୍ଷ ୫୨ହଜାର ୦୧୫ ପିଲା ଆବଶ୍ୟକ ଫି ଦାଖଲ କରି ଆବେଦନ ସମ୍ପୂର୍ଣ୍ଣ କରିଛନ୍ତି।

# କାରଖାନା ମାଲିକ, ଗାଡ଼ି ଚାଳକ ଗିରଫ

ରାଉରକେଲା,୨।୬(ସଙ୍ଗୀତା ଜେନା)

### ବିସ୍ଫୋରକ ଗାଡ଼ି ଜବତ ମାମଲା

ରାଉରକେଲା ପୋଲିସ ଜିଲାର ରଘୁନାଥପାଲି ଥାନା ଅଧୀନ ଦେଓଗାଁ ପେଟ୍ରୋଲ ପମ୍ପରେ ରବିବାର ଅପରାହ୍ନରେ ବିସ୍ଫୋରକ ଗାଡ଼ି ଜବତ ମାମଲାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବିସ୍ଫୋରକ କାରଖାନା ମାଲିକ ଶ୍ରବଣ ଅଗ୍ରୱାଲ(୪୨) ଓ ଗାଡ଼ି ଚାଳକ ବିଶରା ସମଦ(୨୮)। ସୋମବାର ସନ୍ଧ୍ୟା ୬ଟାରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଅପରପକ୍ଷେ ବିସ୍ଫୋରକ କାରଖାନାର ଆର୍ଥିକ ତନାଘନା ପାଇଁ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ପକ୍ଷରୁ ବୁକ୍ସ ଅଫ୍ ଆକାଉଣ୍ଟ ଯାଞ୍ଚ କରାଯାଉଥିବା ଆସିଷ୍ଟାଣ୍ଟ କମିଶନର ଜଗଦୀଶ ସା କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବିସ୍ଫୋରକ ବୋଝେଇ ଗାଡ଼ି ଦସ୍ତାବିଜ୍ ଦେଖାଇ ନ ପାରିବାରୁ ତାକୁ ଜବତ କରାଯାଇଥିଲା। ଏଥିରେ ଗୋଟିଏ ପ୍ୟାକେଟ ଡେଟୋନେଟର ଏବଂ ୧୧୬ ଖଣ୍ଡ ଜିଲେଟିନ ରହିଥିଲା।

# ରାଜ୍ୟରେ କୋଭିଡ୍ ଆକ୍ରାନ୍ତ ସଂଖ୍ୟା ୧୫କୁ ବୃଦ୍ଧି

ଭୁବନେଶ୍ୱର, ୨।୬(ବନ୍ଦନା ସେଠୀ)

### ସତର୍କତା ରହିବା ସହ ଗହଳି ଜାଗାକୁ ନ ଯିବାକୁ ପରାମର୍ଶ

ରାଜ୍ୟରେ ଲଗାତାର୍ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ପ୍ରାୟ ପ୍ରତିଦିନ ଏକାଧିକ କୋଭିଡ୍ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଗତ ୨୪ଘଣ୍ଟାରେ ରାଜ୍ୟରୁ ଆଉ ୩ଜଣ କୋଭିଡ୍ ପଜିଟିଭ ଚିହ୍ନଟ ହେବା ସହ ଏହି ସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ତେବେ ରାଜ୍ୟରେ କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣରେ ରହିଛି ଓ ସଂଖ୍ୟା ଢେର ଅଧିକ ବଢ଼ିନି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ଏବେ ଲକ୍ଷଣ ଦେଖାଦେଲେ କେବଳ ଗୁରୁତର ଆକ୍ରାନ୍ତଙ୍କ କୋଭିଡ୍ ପରୀକ୍ଷା କରାଯାଉଛି। ଯେତିକି ପରୀକ୍ଷା ହେଉଛି, ସେଥିରୁ ବହୁତ କମ୍ ପଜିଟିଭ ଆସୁଛି। ତେଣୁ ଅଯଥାରେ ଭୟଭୀତ ହେବାର ଆବଶ୍ୟକତା ନାହିଁ। ସେହିପରି ଲୋକମାନେ ସତର୍କତା ଅବଲମ୍ବନ କରିବା ସହିତ ଗହଳି ଜାଗାକୁ ଯାଆନ୍ତୁ ନାହିଁ। ଆବଶ୍ୟକ ହେଲେ ମାସ୍କ ପିନ୍ଧିବା, ଗ୍ଲୋଭ୍‌ସ ବ୍ୟବହାର କରିବା ଏବଂ ହାତ ଧୋଇବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ଆଗକୁ ରଥଯାତ୍ରା ଆସୁଛି। ରଥଯାତ୍ରା ନେଇ ଖୁବ୍‌ଶୀଘ୍ର ପୁରୀରେ ସମୀକ୍ଷା ବୈଠକ ବସିବ। ଏଥିରେ ସ୍ୱାସ୍ଥ୍ୟ ବିଭାଗ ନିଜର ମତ ରଖିବ। ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯିବ ବୋଲି ଡା. ମିଶ୍ର କହିଛନ୍ତି।

# ଏକକ ପିଜି ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ

### ଆଜିଠାରୁ ଚଏସ୍ ଫିଲିଙ୍ଗ୍, ୧୩ରେ ପ୍ରଥମ ମେଧା ତାଲିକା

ଭୁବନେଶ୍ୱର,୨।୬(ସୁଚିସ୍ମିତା ସାହୁ)

ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ କମନ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ(ସିପିଇଟି) ଫଳ ପ୍ରକାଶ ପାଇଛି। ସୋମବାର ଅପରାହ୍ନ ୪ଟାରେ ସାମ୍ସ ପିଜି ପୋର୍ଟାଲରେ ଏହି ପ୍ରବେଶିକା ପରୀକ୍ଷା ଫଳ ଉପଲବ୍ଧ କରାଯାଇଛି। ଛାତ୍ରୀଛାତ୍ର ସାମ୍ସ ପିଜି ପୋର୍ଟାଲରେ ନିଜ ପରୀକ୍ଷା ଫଳ, ର୍ୟାଙ୍କ୍ ସହ ସମସ୍ତ ତଥ୍ୟ ଦେଖିପାରିବେ। ଜୁନ୍ ୩ରୁ ୮ ପର୍ଯ୍ୟନ୍ତ ର୍ୟାଙ୍କ୍ ଅନୁଯାୟୀ ନିଜ ମନପସନ୍ଦର ପିଜି କଲେଜରେ ନାମ ଲେଖିବାକୁ ଉକ୍ତ ପୋର୍ଟାଲରେ ଚଏସ୍ ଫିଲିଙ୍ଗ କରିପାରିବେ। ଏଥିସହ ବିଭିନ୍ନ ସ୍ନାତକୋତ୍ତର ପାଠ୍ୟକ୍ରମର ପ୍ରଥମ ମେଧା ତାଲିକା ଜୁନ୍ ୧୩ ଅପରାହ୍ନ ୪ଟାରେ ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି।

ରାଜ୍ୟରେ ୧୧୬ଟି କଲେଜରେ ୩୦,୮୦୨ ପିଜି ସିଟ୍ ରହିଛି। ଏଥିରେ ନାମଲେଖା ଲାଗି ମେ'୪ରୁ ୧୮ ତାରିଖ ପର୍ଯ୍ୟନ୍ତ ସିପିଇଟି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୬୨,୩୨୧ ଜଣ ଆବେଦନ କରିଥିବାବେଳେ ୫୬,୯୭୬ ଜଣ ପରୀକ୍ଷା ଦେଇଥିଲେ।

# ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ଉଦ୍‌ଯାପିତ

### ଶିବ ପାର୍ବତୀଙ୍କ ସ୍ୱମନ୍ଦିର ପ୍ରବେଶ

ସମ୍ବଲପୁର,୨।୬(ବି.ଶଙ୍କର)


ସମ୍ବଲପୁର ମୁଦିପଡା ଜାଗେଶ୍ୱର ବାବା ଓ ମାତା ପାର୍ବତୀଙ୍କୁ ଭକ୍ତମାନେ କାନ୍ଧରେ ବୋହି ମନ୍ଦିର ପ୍ରବେଶ କରୁଛନ୍ତି।

ଜଗଜ୍ଜନନୀ ମାତା ପାର୍ବତୀ ଓ ଦେବଦେବ ମହାଦେବ ସୁସଜ୍ଜିତ ବିମାନରେ ଆରୂଢ଼ ହୋଇ ୧୮ଘଣ୍ଟା ନଗର ପରିକ୍ରମା କରି ଲକ୍ଷାଧିକ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଲଗ୍ନ ଅନୁସାରେ ଜ୍ୟେଷ୍ଠ ଶୁକ୍ଳପକ୍ଷ ସପ୍ତମୀ ତିଥିର ଗୋଧୂଳି ଲଗ୍ନରେ ସୋମବାର ଦେବ ଦମ୍ପତିଙ୍କ ସ୍ୱମନ୍ଦିର ନୀତି ସମ୍ପନ୍ନ ହୋଇଛି। ଏଥିସହ ସାତଦିନ ବ୍ୟାପୀ ଚାଲିଥିବା ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ଉଦ୍‌ଯାପିତ ହୋଇଛି। ୧୦ହଜାର କଳାକାରଙ୍କ ବାଦ୍ୟ, ନୃତ୍ୟ ଓ ଗୀତରେ ଦୁଲୁଦୁଥିବା ସମ୍ବଲପୁର ସହର ନିରବୀ ଯାଇଛି।

ଯୁବତୀ, ଯୁବକଙ୍କଠାରୁ ଆବାଳ ବୃଦ୍ଧ ବନିତାଙ୍କୁ ଅତିଥି କଳାକାରମାନେ ନୃତ୍ୟ ଗୀତ ଓ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଆକୃଷ୍ଟ କରିଥିଲେ। ଲୋକ ବାଦ୍ୟ ଓ ରେକର୍ଡ ଡ୍ୟାନ୍ସ ତାଳରେ ଭକ୍ତମାନେ ଯାତ୍ରାପଥରେ ନୃତ୍ୟ କରିଥିଲେ। ମହିଳାମାନେ ଶୈବପୀଠ ମୁଖ୍ୟଦ୍ୱାରରେ ଝୋଟି, ରଙ୍ଗୋଲି ଆଙ୍କିଥିଲେ। ହର ଓ ପାର୍ବତୀଙ୍କୁ ଭକ୍ତମାନେ କାନ୍ଧରେ ବୋହି ମନ୍ଦିର ବେଢ଼ାକୁ ପାଛୋଟି ନେଇଥିଲେ। ସ୍ୱତନ୍ତ୍ର କାଠ ପିଢ଼ାରେ ନବ ବିବାହିତ ଦେବ ଦମ୍ପତି ଉପବିଷ୍ଟ ହୋଇଥିଲେ। ପଣ୍ଡିତଙ୍କ ଶିବସ୍ତୁତି ଉଚ୍ଚାରଣ ସହ ମହାଭିଷେକ ରୀତି କରାଯାଇଥିଲା। ନବବିବାହିତ ଦେବଦମ୍ପତିଙ୍କୁ ୧୦୮ ଆଳତି ସହ ମନ୍ଦିର ପ୍ରବେଶ ରୀତିନୀତି ସମ୍ପନ୍ନ ହୋଇଥିଲା। ପରମ୍ପରା ଅନୁସାରେ ନନ୍ଦପଡା ଶ୍ରୀଶ୍ରୀ ବମବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡା ଶ୍ରୀଶ୍ରୀ ଲୋକନାଥ ବାବା, ମୁଦିପଡା ଶ୍ରୀଶ୍ରୀ ଜାଗେଶ୍ୱର ବାବା, ବଡ଼ବଜାର ଶ୍ରୀଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡାର ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବା, ବୁଢ଼ାରଜା ପାହାଡେଶ୍ୱର ବାବା ଓ ଜଗଜ୍ଜନନୀ ପାର୍ବତୀ ଗଣ୍ଡାଳ ରବିବାର ମଧ୍ୟରାତ୍ରରୁ ସୁସଜ୍ଜିତ ବିମାନରେ ଆରୂଢ଼ ହୋଇ ନଗର ପରିକ୍ରମାରେ ବାହାରିଥିଲେ।

# ସିକ୍କିମରୁ ଫେରିଲେ ଇତିଶ୍ରୀଙ୍କ ଭଉଣୀ, ଝିଆରୀ

ଯାଜପୁର,୨।୬
(ହର୍ଷବର୍ଦ୍ଧନ ବେହେରା)

### ବର୍ଣ୍ଣନା କଲେ କାଳରାତିର ଲୋମଟାଙ୍କୁରା ଘଟଣା

ସିକ୍କିମର ଗ୍ୟାଙ୍ଗଟକ ନିକଟ ତିସ୍ତା ନଦୀକୁ ଟୁରିଷ୍ଟ ଗାଡ଼ି ମହିନ୍ଦ୍ରା ମାକ୍ସ ଖସି ନିଖୋଜ ହୋଇଯାଇଛନ୍ତି ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଇତିଶ୍ରୀ ଜେନାଙ୍କ ସମେତ ତାଙ୍କ ପରିବାରର ୪ ସଦସ୍ୟ। ଘଟଣା ଗତ ଗୁରୁବାର ରାତିରେ ଘଟିଥିବାବେଳେ ସୋମବାର ସନ୍ଧ୍ୟା ସୁଦ୍ଧା ସେମାନଙ୍କ ପତ୍ତା ମିଳିନାହିଁ। ଅନ୍ୟପକ୍ଷରେ ଇତିଶ୍ରୀଙ୍କ ପରିବାରର ଅନ୍ୟ ୪ ସଦସ୍ୟ ସୋମବାର ସକାଳେ ଯାଜପୁର ରୋଡ୍‌କୁ ଫେରିଛନ୍ତି। ସେମାନେ ହେଲେ ଇତିଶ୍ରୀଙ୍କ ବଡ଼ ଭଉଣୀ ମଞ୍ଜୁଲତା ଦେଓ, ଝରଣା ମହାପାତ୍ର, ଝିଆରୀ ଜାନି ନାଏକ ଓ କୁନି ନାଏକ। ଘରକୁ ଫେରିବା ପରେ ସେମାନଙ୍କୁ ପଡୋଶୀ, ସମ୍ପର୍କୀୟ ଓ ସହରବାସୀ ସାନ୍ତ୍ୱନା ଦେବାକୁ ପହଞ୍ଚିଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ ସେମାନଙ୍କୁ ଭେଟି ସ୍ଥିତି ଓ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ଇତିଶ୍ରୀଙ୍କ ବଡ଼ ଭଉଣୀ ମଞ୍ଜୁଲତା ସେହି କାଳରାତିର ଲୋମଟାଙ୍କୁରା ଘଟଣା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ବୁଲି ବୁଲି ହାଲିଆ ହେବା ପରେ ସେମାନେ ଚୁଙ୍ଗଥାଙ୍ଗ ହୋଟେଲକୁ ଫେରିଥିଲେ। ତେବେ ଫେରିବା ବାଟରେ ରାସ୍ତା ଭାଙ୍ଗି ଯାଇଥିବାରୁ ବିଳମ୍ବ ହୋଇଥିଲା। ଚୁଙ୍ଗଥାଙ୍ଗ ହୋଟେଲକୁ ସେମାନେ ସନ୍ଧ୍ୟା ୬ଟାରେ ଫେରିଥିଲେ। ବର୍ଷା ମଧ୍ୟ ହେଉଥିଲା। ତେଣୁ ରାତିଟା ସେହି ହୋଟେଲରେ କାଟିବାକୁ ସେମାନେ କହିଥିଲେ। ହେଲେ ଗାଡ଼ି ଡ୍ରାଇଭର ପ୍ୟାକେଜ୍ ସିଷ୍ଟମ୍‌ରେ ଆସିଛନ୍ତି, ଏଠାରେ ରହିହେବନି, ଯେମିତି ହେଲେ ଯିବା ବୋଲି ବାଧ୍ୟ କରିଥିଲେ। ଆସିବା ସମୟରେ ମଞ୍ଜୁଲତା ଓ ତାଙ୍କ ୫ ପରିବାର ସଦସ୍ୟ ଗୋଟିଏ ଗାଡ଼ିରେ ଏବଂ ଇତିଶ୍ରୀ ଓ ତାଙ୍କ ୬ ଜଣ ସଦସ୍ୟ ଅନ୍ୟ ଗାଡିରେ ବସିଥିଲେ। ଆଗ ପଛ ହୋଇ ସେମାନେ ଯାଉଥିଲେ। ରାତି ପ୍ରାୟ ସାଢେ ୭ଟାରେ ପଛ ଗାଡ଼ିର ଲାଇଟ୍ ଦିଶି ନ ଥିଲା। ଡ୍ରାଇଭରଙ୍କୁ ଏହା କହିବାରୁ ସେମାନେ ପଛକୁ ଫେରିଥିଲେ। ହେଲେ ସେଠାରେ କାହାରିକୁ ଆଉ ପାଇ ନ ଥିଲେ। ଡ୍ରାଇଭର ସେଠାରୁ ସେମାନଙ୍କୁ ନିକଟସ୍ଥ ଏକ ପୋଲିସ ଷ୍ଟେଶନରେ ଛାଡ଼ି ଦେଇ ପୁଣି ଘଟଣାସ୍ଥଳକୁ ଯାଇଥିଲେ। ପୋଲିସ ଖବର ପାଇ ସେଠାରେ ଯାଇ ଖୋଜାଖୋଜି କରିବାରୁ ଭୋର ୩ଟା ସମୟରେ ଦୁଇ ପୁତୁରା ସାଇରାଜ ଓ ଅଂଶୁମାନଙ୍କୁ ଗୁରୁତର ଅବସ୍ଥାରେ ପାଇଥିଲେ। ସେଠାରୁ ଉଭୟଙ୍କୁ ପୋଲିସ ପ୍ରାଥମିକ ଚିକିତ୍ସା କରି ଆମ୍ବୁଲାନ୍ସ ଯୋଗେ ଗ୍ୟାଙ୍ଗଟକ୍ ଡାକ୍ତରଖାନାକୁ ପଠାଇଥିଲା। ସେଠାକାର ଓ ଓଡ଼ିଶା ସରକାରଙ୍କ ସହଯୋଗ ଯୋଗୁ ଉଭୟ ଗୁରୁତର ପୁତୁରାଙ୍କ ଚିକିତ୍ସା ଭଲ ଭାବରେ ହେଉଛି। ବିଧାୟକ ଆକାଶଙ୍କ ସହଯୋଗ ମଧ୍ୟ ବହୁତ କାର୍ଯ୍ୟରେ ଲାଗିଛି। ତେବେ ଅଂଶୁମାନ ଗୁରୁତର ଅବସ୍ଥାରେ ରହିଛନ୍ତି। ଦୁଇଟି ଗୋଡ଼ ଭାଙ୍ଗି ଯାଇଛି। ମସ୍ତିଷ୍କ ମଧ୍ୟ ଠିକ ଭାବେ କାର୍ଯ୍ୟ କରୁନାହିଁ। ସେହିପରି ନିଖୋଜ ଥିବା ଭଉଣୀ ଓ ଅନ୍ୟମାନଙ୍କ ଫେରିବା ବାଟକୁ ଚାହିଁ ରହିଛନ୍ତି। ପୁତୁରା ଦ୍ୱୟ ଭଲ ହୋଇଗଲେ ମନରେ ଶାନ୍ତି ଆସନ୍ତା ବୋଲି କୋହଭରା କଣ୍ଠରେ ମଞ୍ଜୁଲତା କହିଛନ୍ତି। ସେହିଦିନ ରାତିରେ ନ ଫେରିବାକୁ ଯଦି ଡ୍ରାଇଭର ମାନି ଯାଇଥାନ୍ତେ ତେବେ କୌଣସି ଦୁର୍ଘଟଣା ହୋଇ ନଥାନ୍ତା ବୋଲି ସେମାନେ କହିଛନ୍ତି। ଦୁର୍ଘଟଣାକୁ ୪ଦିନ ବିତିଯାଇଥିଲେ ସୁଦ୍ଧା ଇତିଶ୍ରୀ ଜେନା ଓ ଅନ୍ୟମାନଙ୍କ ଖୋଜ ଖବର ମିଳିପାରିନାହିଁ। କିନ୍ତୁ ନଦୀରେ ପଡ଼ିଥିବା ମହିନ୍ଦ୍ରା ମାକ୍ସକୁ ମଧ୍ୟ ଉଦ୍ଧାର କରାଯାଇ ପାରିନାହିଁ। ତେବେ ୬ଟି ମୋବାଇଲ ଓ ବ୍ୟାଗ୍ ମିଳିଥିବା ସୂଚନା ମିଳିଛି।

# ନିଖିଲ ପବନ କଲ୍ୟାଣ ଓଡ଼ିଶା ଜନଗଣନା ନିର୍ଦ୍ଦେଶକ

ଭୁବନେଶ୍ୱର,୨।୬(ରବିନାରାୟଣ ଜେନା)



ଭାରତ ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ(ଡିଓପିଟି) ପକ୍ଷରୁ ସୋମବାର ୨୦୧୨ ବ୍ୟାଚର ବରିଷ୍ଠ ଆଇଏଏସ୍ ଅଧିକାରୀ ନିଖିଲ ପବନ କଲ୍ୟାଣଙ୍କୁ ଓଡ଼ିଶା ଜନଗଣନା ନିର୍ଦ୍ଦେଶକ(ଅପରେଶନ)/ନାଗରିକ ପଞ୍ଜୀକରଣ ଭାବେ ନିଯୁକ୍ତ କରାଯାଇଛି। ଏସଂକ୍ରାନ୍ତରେ ମନ୍ତ୍ରଣାଳୟ ପକ୍ଷରୁ ସଖୀ ମିତ୍ତଲ ଜାରି କରିଥିବା ବିଜ୍ଞପ୍ତି ଅନୁଯାୟୀ, ନିଖିଲ ଏହି ଦାୟିତ୍ୱ ଚଳିତବର୍ଷ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ନିର୍ବାହ କରିବେ, ନଚେତ୍ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବେ। ଏଥିପାଇଁ କଲ୍ୟାଣଙ୍କୁ ନିର୍ବାହ କରୁଥିବା ଦାୟିତ୍ୱରୁ ତୁରନ୍ତ ରିଲିଭ୍ କରିବାକୁ ବିଜ୍ଞପ୍ତିରେ ଦର୍ଶାଯାଇଛି।



> ଏ ପୃଥିବୀ ତିନିପ୍ରକାର ବିପ୍ଳବର କଥା ଜାଣିଛି । ବସ୍ତୁବାଦୀ ବିପ୍ଳବ ସବୁ ବହୁ ଶକ୍ତିଶାଳୀ ସଫଳତା ଅର୍ଜନ କରିଛନ୍ତି । ନୈତିକ ଓ ବୌଦ୍ଧିକ ବିପ୍ଳବଗୁଡିକ ମଧ୍ୟ ସେମାନଙ୍କର ପରିସର ଭିତରେ ବହୁଗୁଣରେ ଗଭୀର ସଫଳତା ଅର୍ଜନ କରିଛନ୍ତି । କିନ୍ତୁ ଆଧ୍ୟାତ୍ମିକ ଆନ୍ଦୋଳନ ପୃଥିବୀ ପାଇଁ ସୁଦୂରପ୍ରସାରୀ ଗଭୀର ସଫଳତା ଅର୍ଜନ କରିଛି । –ଶ୍ରୀଅରବିନ୍ଦ

# ପର ପ୍ରୀତି

ପରକୀୟା ପ୍ରୀତିଜନିତ ହତ୍ୟାକାଣ୍ଡ ଦିନକୁ ଦିନ ବଢ଼ି ଚାଲିବା ଦେଖିବାକୁ ମିଳୁଛି । ନିଜ ସ୍ୱାମୀ କିମ୍ବା ସ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ସହ ପ୍ରେମ ସମ୍ବନ୍ଧ ନିବିଡ଼ ହେବା ବା ଶାରୀରିକ ସମ୍ପର୍କ ଗଭୀର ହେବା ପରେ ବିବାହ ବନ୍ଧନରେ ଆବଦ୍ଧ କୌଣସି ପକ୍ଷ ଭୟଙ୍କର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି । ପାଟିତୁଣ୍ଡରେ ତାହା ସୀମିତ ନ ରହି ହତ୍ୟାକାଣ୍ଡଯାଏ କଥା ଯାଉଛି । ପୁଣି ହତ୍ୟାରେ ଏକାଧିକ ଲୋକଙ୍କୁ ସାମିଲ କରି ଦିଆଯାଉଛି । ଘରେ ପିଲାଛୁଆଙ୍କୁ ମତେଇ ତତେଇ ମା' ସେମାନଙ୍କ ପିତାଙ୍କୁ କିମ୍ବା ପିତା ସେମାନଙ୍କ ମାତାଙ୍କୁ ହତ୍ୟା କରୁଛନ୍ତି । ୩୧ ମେ'ରେ ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜର ଫରେଷ୍ଟରଙ୍କୁ ତାଙ୍କ ସ୍ତ୍ରୀ ଓ ପୁଅ ପେଟ୍ରୋଲ ଢାଳି ଜିଅନ୍ତା ଜାଳିଦେବା ଘଟଣା ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି । ସେହିପରି ସେହି ସମାନ ଦିନରେ ବିବାହ ବାହାର ସମ୍ପର୍କ ଯୋଗୁ ଅନୁଗୋଳ ଜିଲା କଣିହାଁ ଥାନା ମସୁରିହିତା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଗଳାକାଟି ହତ୍ୟା କରାଯାଇଛି । ପ୍ରାଣ ହରାଇଥିବା ବ୍ୟକ୍ତି ଅନ୍ୟ ଜଣଙ୍କ ସ୍ତ୍ରୀଙ୍କୁ ନେଇଆସି ୭ ମାସ ତଳେ ବିବାହ କରିଥିଲେ । ୨ ଜୁନ୍‌ରେ ଆଉ ଏକ ଘଟଣାରେ ଗଞ୍ଜାମ ଜିଲା ଗୋବିନ୍ଦପୁର ଗାଁରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ସ୍ତ୍ରୀ ଓ ଶ୍ୱଶୁର ପରକୀୟା ପ୍ରୀତି ଯୋଗୁ ହତ୍ୟା କରିଛନ୍ତି । ଏଭଳି ଘଟଣାର ତାଲିକା ପ୍ରସ୍ତୁତ କଲେ ତାହା ଲମ୍ବିଲା ଭଳି ଲାଗୁଛି ।

୨୦୨୦ରେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଥିଲା ଯେ, ସେହି ବର୍ଷ ଘଟିଥିବା ମୋଟ ହତ୍ୟାରୁ ୧୦ ପ୍ରତିଶତରୁ ଅଧିକ ପ୍ରେମ ଓ ପରକୀୟା ପ୍ରୀତିଜନିତ କାରଣରୁ ହୋଇଥିଲା । ଏହି ଧରଣର କାର୍ଯ୍ୟକଳାପ ବଢ଼ିଚାଲୁଥିବାରୁ ହିଂସାକାଣ୍ଡ ବୃଦ୍ଧି ପାଉଥିବା ପାରିପାର୍ଶ୍ୱିକ ସ୍ଥିତି ଦେଖିଲେ ବୁଝାପଡ଼ିଯାଉଛି । ସାଧାରଣତଃ କ୍ରୋଧର ବଶବର୍ତ୍ତୀ ହୋଇ ତତ୍‌କ୍ଷଣାତ୍ ଜଣଙ୍କୁ ମାରିଦେବାର ନିଷ୍ପତ୍ତି ନେଉଥିବା ବ୍ୟକ୍ତିଙ୍କୁ ସାହିପଡ଼ିଶା କିମ୍ବା ପରିବାର ସହ ପରିଚିତ ବ୍ୟକ୍ତି 'ସେ ଠିକ୍ କରିଛି' ବୋଲି କହିବାକୁ ପଛାଇ ନ ଥାଆନ୍ତି । କାରଣ ସେମାନେ ଏଭଳି ସମ୍ପର୍କକୁ ଖରାପ ଦୃଷ୍ଟିରେ ଦେଖିଥାଆନ୍ତି । ଏମିତି ମଧ୍ୟ ହୋଇଥାଏ ଯେ ପରକୀୟା ପ୍ରୀତିରେ ଜଡ଼ିତ ବ୍ୟକ୍ତିଙ୍କୁ ମାରିଦେବା ଲାଗି ଅନେକେ ଉସ୍କାଇଥାଆନ୍ତି । ଏଭଳି କରାଗଲେ ସମସ୍ୟାର ସମାଧାନ ହୋଇଗଲା ବୋଲି ସାଧାରଣରେ ଧରିନିଆଯାଇଥାଏ । ହେଲେ ସେତେବେଳେ ସେମାନେ ପରିସ୍ଥିତିର ଭୟାବହତାକୁ ଦେଖି ବୁଝିପାରନ୍ତି ନାହିଁ । ଗରମ ମସ୍ତିଷ୍କରେ ନିଷ୍ପତ୍ତି ନେଇଥାଆନ୍ତି । ଜଣଙ୍କୁ ମାରିଦେଲେ ମୃତକଙ୍କ ଜୀବନରେ ପରିସମାପ୍ତି ଘଟିଗଲା । କିନ୍ତୁ କ୍ରୋଧରେ ଯିଏ ହିଂସାତ୍ମକ କାଣ୍ଡ ଭିଆଇଥାଆନ୍ତି, ତାଙ୍କୁ ଆଜୀବନ ଜେଲ ଜୀବନ ବିତାଇବାକୁ ପଡ଼ିଥାଏ । ଏହି ଯନ୍ତ୍ରଣା ସେହି ବ୍ୟକ୍ତିଙ୍କ ବାକିତକ ଆୟୁଷକୁ କୋରି ଖାଇଦେଇଥାଏ । ଏଥିସହିତ ସ୍ତ୍ରୀ ହୁଅନ୍ତୁ ବା ସ୍ୱାମୀ ତାଙ୍କ ପରିବାରକୁ ଜାଣତରେ ନଷ୍ଟ କରିଦେଇଥାଆନ୍ତି ।

**ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନ ନ ମିଶିଲେ କିମ୍ବା ଉଭୟଙ୍କ ସମ୍ପର୍କରେ ଫାଟ ଦେଖାଦେଲେ ତାହା ସହଜରେ ବୁଜି ହୋଇ ନ ଥାଏ । ତେଣୁ ହିଂସାବାଟ ଅନୁସରଣ କରିବା ଅପେକ୍ଷା ପରସ୍ପରଠାରୁ ଦୂରେଇଯିବା ବିଜ୍ଞତାର ପରିଚୟ ହେବା କଥା । କେତେକ ଦମ୍ପତି ସ୍ଥଳବିଶେଷରେ ବିବାହ ବିଚ୍ଛେଦକୁ ଗ୍ରହଣ କରି ନେଇଥାଆନ୍ତି । ଅନ୍ୟପକ୍ଷରେ ଅପେକ୍ଷାକୃତ ଅନେକେ ଜିଦ୍‌ଖୋର ମନୋଭାବ ରଖି ହିଂସା ଘଟାଉଛନ୍ତି, ଯାହାର ପରିଣାମ ପର ପିଢ଼ିକୁ ଭୋଗିବାକୁ ପଡୁଛି ।**

ପରକୀୟା ପ୍ରୀତି ଯୋଗୁ ଉପୁଜୁଥିବା ଏଭଳି ସାମାଜିକ ତଥା ପାରିବାରିକ ବିଶୃଙ୍ଖଳାର ଅନ୍ୟତମ ସମାଧାନ ବାଟ କହିଲେ ସମ୍ଭବତଃ ବିବାହ ବିଚ୍ଛେଦ ହୋଇପାରେ । ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନ ନ ମିଶିଲେ କିମ୍ବା ଉଭୟଙ୍କ ସମ୍ପର୍କରେ ଫାଟ ଦେଖାଦେଲେ ତାହା ସହଜରେ ବୁଜି ହୋଇ ନ ଥାଏ । ତେଣୁ ହିଂସାବାଟ ଅନୁସରଣ କରିବା ଅପେକ୍ଷା ପରସ୍ପରଠାରୁ ଦୂରେଇଯିବା ବିଜ୍ଞତାର ପରିଚୟ ହେବା କଥା । କେତେକ ଦମ୍ପତି ସ୍ଥଳବିଶେଷରେ ବିବାହ ବିଚ୍ଛେଦକୁ ଗ୍ରହଣ କରି ନେଇଥାଆନ୍ତି । ଅନ୍ୟପକ୍ଷରେ ଅପେକ୍ଷାକୃତ ଅନେକେ ଜିଦ୍‌ଖୋର ମନୋଭାବ ରଖି ହିଂସା ଘଟାଉଛନ୍ତି, ଯାହାର ପରିଣାମ ପର ପିଢ଼ିକୁ ଭୋଗିବାକୁ ପଡୁଛି ।

# ସ୍ୱହସ୍ତେ ଜିହ୍ୱା ଛେଦନ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

"ଇତ୍ୟବସରରେ ବହୁ ବର୍ଷ ବିତିଗଲାଣି । ଆମେ ପାର୍ବତୀ ବିଷୟରେ ଜାଣି ନାହୁଁ । ସେ କେଉଁ ଅବସ୍ଥାରେ ଏବେ ଅଛି, ତା' ଜୀବନରେ ଆଉ କ'ଣ ଘଟିଛି, ତାହା ଜାଣିବା ପାଇଁ ମୁଁ ଆଗ୍ରହୀ ନୁହେଁ । କିନ୍ତୁ ଦେବଦାସ ପାଇଁ ମୋ ହୃଦୟ ଫାଟି ଯାଉଛି । ଯିଏ ଏହି ଉପନ୍ୟାସଟି ପଢ଼ିବ, ସେ ମୋ ପରି ଯନ୍ତ୍ରଣାଦଗ୍ଧ ହେବ । ତୁମେ ଯଦି କେବେ ଜାଣିବ ଯେ, ଏପରି ଜଣେ ଦୁର୍ଭାଗା ବ୍ୟକ୍ତି ଅଛି, ଯିଏ କି ଦେବଦାସ ପରି ଅପରିଣାମଦର୍ଶୀ, ଏକଜିଦିଆ, ଅନିୟନ୍ତ୍ରିତ ଓ ପାପୀ, ତେବେ ଈଶ୍ୱରଙ୍କୁ ପ୍ରାର୍ଥନା କର ଯେ, ଯେପରି କି ତା'ର ଯାହା ହେଉ ନା କାହିଁକି, ଅନ୍ତତଃ ଦେବଦାସ ପରି ତା'ର ମୃତ୍ୟୁ ନ ହେଉ । ମରଣ ତ ଅନିବାର୍ଯ୍ୟ । କିନ୍ତୁ ଶେଷ ନିଃଶ୍ୱାସ ବେଳକୁ ତା' ମୁଣ୍ଡ ଉପରେ କେହି ଆଦରର ସହ କୋମଳତାରେ କର ସଞ୍ଚାଳନ କରୁ, ଯଦ୍ୱାରା ସେ ସମ୍ମୁଖରେ ଲୁହ ଗଡ଼ାଉଥିବା ଜଣେ ଦୟାର୍ଦ୍ର ବ୍ୟକ୍ତିକୁ ଦେଖି ଶାନ୍ତିରେ ମରଣ ଲଭିବ ।"

ଏହା ହେଉଛି ଶରତ ଚନ୍ଦ୍ରଙ୍କ ପ୍ରସିଦ୍ଧ ରୋମାଣ୍ଟିକ ଉପନ୍ୟାସିକା 'ଦେବଦାସ'ର ଶେଷ ଅନୁଚ୍ଛେଦ । ଏହି ବହିରେ ତିନୋଟି ମୁଖ୍ୟ ଚରିତ୍ର ହେଉଛି ପାରୋ (ପାର୍ବତୀ ଚକ୍ରବର୍ତ୍ତୀ ଚନ୍ଦ୍ରମୁଖୀ ଓ ନାୟକ ଦେବଦାସ ମୁଖାର୍ଜୀ) । ପାରୋ ଓ ଦେବଦାସ ବାଲ୍ୟକାଳରୁ ପରସ୍ପର ସହ ନିବିଡ଼ ଭାବେ ସଂପୃକ୍ତ । ବଡ଼ ହେବା ପରେ ସେମାନେ ବିବାହ କରିବାକୁ ଅତ୍ୟନ୍ତ ଆଗ୍ରହୀ ଥିଲେ । କିନ୍ତୁ ଉଭୟ ପରିବାରର ସାମାଜିକ ସ୍ଥିତି ମଧ୍ୟରେ ଏତେ ପାର୍ଥକ୍ୟ ଥିଲା ଯେ, ଏହା ଘଟିଲା ନାହିଁ । ପାରୋ ଘଟଣା ଚକ୍ରରେ ଗୋଟିଏ ଧନୀ ସନ୍ତାନ ଥିବା ବିପତ୍ନୀକ ବୟସ୍କ ଜମିଦାରକୁ ବିବାହ କଲା । ଦେବଦାସ ବିଫଳ ମନୋରଥରୁ ନିରାଶ ଓ ଦୁଃଖ–ଜର୍ଜରିତ ହୋଇ ମଦିରା ଏବଂ ବେଶ୍ୟାଳୟର ଆଶ୍ରୟ ନେଲା, ଅସହନୀୟ ମାନସିକ ବେଦନାରୁ ନିସ୍ତାର ପାଇଁ । ଏହି ସ୍ଥିତିରେ ଚନ୍ଦ୍ରମୁଖୀ ନାମ୍ନୀ ଗୋଟିଏ ହିତକାରିଣୀ, ସମ୍ବେଦନଶୀଳ ବେଶ୍ୟା ତା' ଜୀବନରେ ପ୍ରବେଶ କଲା ଏବଂ କୁପଥରୁ ତାକୁ ରକ୍ଷା କରିବାକୁ ପତ୍ନୀ ଭାବେ ଗ୍ରହଣ କରିବା ପାଇଁ ନିବେଦନ କଲା । ତେବେ ଏହି ପ୍ରସ୍ତାବ ଦେବଦାସ ପ୍ରତ୍ୟାଖ୍ୟାନ କଲା ପାରୋକୁ ତଥାପି ଭଲ ପାଉଥିବା ଯୋଗୁ । ପରିଶେଷରେ ସାଂଘାତିକ ଭାବେ ରୋଗାକ୍ରାନ୍ତ ହେବାରୁ ମରିବା ଆଗରୁ ପୂର୍ବ ପ୍ରତିଜ୍ଞା ଗୁଣବାନ ପାରୋକୁ ଦେଖିବ ବୋଲି ପାରୋର ଶ୍ୱଶୁର ଘର ଗାଁକୁ ବାହାରିଲା ଏବଂ ପାରୋର ଘର ପାଖରେ ପହଞ୍ଚିଲେ ସୁଦ୍ଧା ତାକୁ ଦେଖି ନ ପାରି ମୃତ୍ୟୁବରଣ କଲା । ଏପରି କି ପାରୋର ବ୍ୟାକୁଳ ଆଗ୍ରହ ସତ୍ତ୍ୱେ ଦେବଦାସକୁ ଶେଷ ଥର ଦେଖିବା ପାଇଁ ତା'ର ଶ୍ୱଶୁର ପକ୍ଷ କୌଣସି ସୁଯୋଗ ପାରୋକୁ ଦେଇ ନ ଥିଲେ । ସେହି ଅତିଶୟ ଥଣ୍ଡା ପାଗରେ ତା'ର ପରିତ୍ୟକ୍ତ ଶବ ଦୟନୀୟ ଭାବେ ରହିଥିଲା । ଏଣୁ ସମସ୍ତଙ୍କ ଘୃଣାର ପାତ୍ର ହୋଇ ମରିବା ଥିଲା ତା' କପାଳ ଲିଖନ ।

ଏହି ଜନପ୍ରିୟ ଉପନ୍ୟାସର ବୈଶିଷ୍ଟ୍ୟତା ହେଉଛି: ତ୍ରିକୋଣ ପ୍ରେମ, ପ୍ରେମରେ ବ୍ୟର୍ଥତା,



ମଦିରା, ବେଶ୍ୟାଳୟରେ ଆଶ୍ରୟ ଓ ଅନ୍ତରେ ଅପବାଦିତ, ଶୋଚନୀୟ ମରଣ । ଏହା ଏକ ଢାଞ୍ଚା, ଯାହାକୁ ଅପରିବର୍ତ୍ତିତ ରଖି ବିଭିନ୍ନ ସ୍ରଷ୍ଟା ସ୍ୱକୀୟ ବିବରଣୀ ଦ୍ୱାରା ନୂତନ ସଂସ୍କରଣମାନ ସୃଷ୍ଟି କରିଛନ୍ତି । ଏହି ଉପନ୍ୟାସିକାରେ ପାରୋ ଲୋକପ୍ରିୟତା ସମ୍ପର୍କରେ ଧାରଣା ଜନ୍ମେ ଏବଂ ଏହାର ବିଭିନ୍ନ ଭାଷାରେ ଅନୁବାଦିତ ହୋଇ ମୁଦ୍ରିତ ହୋଇଛି ଏବଂ ଭାରତ ବାହାରେ ମଧ୍ୟ ଆଦର ରହିଛି । ଯେମିତି ୨୦୧୮ରେ ଚେକ୍ ଭାଷାରେ ଅନୁବାଦ ।

ଏହି ବହିଟି ସମ୍ପର୍କରେ କିଛି ତଥ୍ୟ ଉପସ୍ଥାପନ କରାଯାଇପାରେ । ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ୧୯୦୧ରେ 'ଦେବଦାସ' ରଚନା କରିଥିଲେ । କିନ୍ତୁ ଏହାକୁ ତୁରନ୍ତ ପ୍ରକାଶ କରି ନ ଥିଲେ । ପରେ ପରେ ୧୯୦୩ରେ ତାଙ୍କର ପ୍ରଥମ ଉପନ୍ୟାସ 'ମନ୍ଦିର' ମୁକ୍ତିଲାଭ କଲା । ଏହି ବହିଟି ସେ ନିଜ ନାମରେ ନ ଲେଖି ତାଙ୍କ ମାମୁ ସୁରେନ୍ଦ୍ର ନାଥ ଗାଙ୍ଗୁଲିଙ୍କ ନାମରେ ପ୍ରକାଶ କରିଥିଲେ । ପ୍ରଶ୍ନ ଉଠିପାରେ ଦେବଦାସ କ୍ଷେତ୍ରରେ ଏମିତି ବ୍ୟତିକ୍ରମ କାହିଁକି ଦେଖାହେଲା ? ତେବେ ଏହି ବିଳମ୍ବ ସମ୍ପର୍କରେ ଔପନ୍ୟାସିକଙ୍କ ଟିପ୍ପଣୀ ହେଉଛି ଯେ, ସେ ସେତେବେଳକୁ ଅପରିପକ୍ୱ ଥିଲେ । ପୁଣି ସେଥିରେ ସନ୍ନିବେଶିତ ଚରିତ୍ରମାନ, ବିଶେଷ ଭାବେ ଦେବଦାସ, ଅତ୍ୟଧିକ ଆବେଗର ବଶବର୍ତ୍ତୀ ହୋଇଥିବାରୁ ସେ ବହିଟି ଅଟକାଇ ରଖିଲେ । ସେ ଆଶଙ୍କା କରୁଥିଲେ ଯେ, ଏମିତି ଏକ ଅଭାବନୀୟ ପ୍ରତିକ୍ରିୟା ପାଠକମହଲରେ ଜାତ ହେବ, ଯେଉଁଥିପାଇଁ ତାଙ୍କୁ ଲଜ୍ଜିତ ହେବାକୁ ପଡ଼ିବ ।

ବିଡ଼ମ୍ବନାର ବିଷୟ , ସେ ଯେଉଁ 'ଦେବଦାସ' ପୁସ୍ତକଟି ବଜାରରେ ଉପଲବ୍ଧ ହେବାକୁ ପଛଘୁଞ୍ଚା ଦେଉଥିଲେ, ପାଠକ ମହଲରେ ତାହା ଆଦୃତି ପାଇଲା । 'ଭାରତବର୍ଷ' ପତ୍ରିକାର ପ୍ରକାଶକ ଏବଂ ଶରତ ଚନ୍ଦ୍ରଙ୍କ ସାଙ୍ଗ ପ୍ରମଥନାଥ ଭଟ୍ଟ ପାଣ୍ଡୁଲିପିଟି ପଢ଼ିବା ପରେ ଶରତ ଚନ୍ଦ୍ରଙ୍କୁ ତାଙ୍କ ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶ କରିବା ସକାଶେ ପ୍ରବର୍ତ୍ତାଇଲେ । ଫଳରେ ୧୯୧୬ ମାର୍ଚ୍ଚ ଓ ଏପ୍ରିଲ୍ ମାସରେ ଏହା ପାଠକ ମହଲରେ ପ୍ରବେଶ କଲା । ଏହାର ପ୍ରଭୂତ ଜନପ୍ରିୟତା ଅପ୍ରତ୍ୟାଶିତ ଓ ଆଶ୍ଚର୍ଯ୍ୟଜନକ ଥିଲା । ତା' ପରବର୍ଷ ଏହା ବହି ଆକାରରେ ମୁଦ୍ରିତ ହେଲା ।

'ଦେବଦାସ'ରେ ଗୋଟିଏ ଚରିତ୍ର ହେଉଛି 'ପାରୋ' (ପାର୍ବତୀ) । ସେ ହାତିପୋତା ଗ୍ରାମର ଜମିଦାର ଭୁବନ ମୋହନ ଚୌଧୁରୀଙ୍କ ଦ୍ୱିତୀୟ ପତ୍ନୀ, ଯାହାଙ୍କର ପ୍ରଥମ ପତ୍ନୀଠାରୁ ଜନ୍ମିତ ତିନୋଟି ସନ୍ତାନ ଥିଲେ । କଥିତ ଅଛି ଯେ, ଶରତ ଚନ୍ଦ୍ରଙ୍କ ଉପନ୍ୟାସ ପାଇଁ ଖୋରାକ ଯୋଗାଇଥିଲା ଉକ୍ତ ବିବାହିତା ପାରୋ । ଏଥିପାଇଁ ସେ ବହୁବାର ସେଇ ଗ୍ରାମକୁ ଯାଇଥିଲେ । କିନ୍ତୁ ବାସ୍ତବତା ସହ କେବଳ ଏହି ଘଟଣାଟି ସୀମିତ ନ ଥିଲା । ହରିୟାଣାରୁ ପ୍ରଥମ ସାହିତ୍ୟ ଏକାଡେମି ପୁରସ୍କାର ବିଜେତା ବିଷ୍ଣୁ ପ୍ରଭାକର 'ଆୱାରା ମସୀହା' ନାମକ ଗୋଟିଏ ପୁସ୍ତକ ଶରତ ଚନ୍ଦ୍ରଙ୍କ ଜୀବନୀ ସମ୍ପର୍କରେ ଲେଖିଛନ୍ତି । ଏଥିପାଇଁ ସେ ବଙ୍ଗଳା, ବିହାର, ବର୍ମା, ମଧ୍ୟପ୍ରଦେଶର ଜବଲପୁରକୁ ଉଣେଶ ବର୍ଷ ଧରି ଯାତ୍ରା କରିଥିଲେ ତଥ୍ୟ ସଂଗ୍ରହ କରିବାକୁ । ତାଙ୍କ ଅନୁସନ୍ଧାନ ଅନୁସାରେ ଶରତ ଚନ୍ଦ୍ରଙ୍କ କୈଶୋର ଓ ଆଦ୍ୟ ଯୌବନ ଭାଗଲପୁରରେ କଟିଥିଲା । ସେତେବେଳେ ଧୀରୁ ନାମ୍ନୀ ତାଙ୍କର ଗୋଟିଏ ବାଳିକା–ବନ୍ଧୁ ଥିଲା, ଯାହା ଉପନ୍ୟାସରେ ପାରୋ ଭାବେ ବର୍ଣ୍ଣିତ । ତା' ପ୍ରତି ତାଙ୍କର ଆକର୍ଷଣ ମାତ୍ରାତିରିକ୍ତ ଥିଲା । ତାକୁ ଦେଖିବା ପାଇଁ ତା' ଶ୍ୱଶୁର ଘର ଗାଁକୁ ଯାଇ ଦୀର୍ଘ ସମୟ ଅପେକ୍ଷା କରୁଥିଲେ । ଭାଗଲପୁର ଜିଲା (ସଂପ୍ରତି)ର ଜୋଗସର ଜନପଦରେ ରହୁଥିବା କାଳୀଦାସୀ ଉପନ୍ୟାସରେ ଚନ୍ଦ୍ରମୁଖୀ ଭାବେ ଅବତୀର୍ଣ୍ଣ ହୋଇଛି । ପ୍ରକାଶଥାଉ କି, ଆଠ ବର୍ଷ ବୟସରେ ଶରତ ଚନ୍ଦ୍ର ଭାଗଲପୁରସ୍ଥିତ ମାମୁ ଘରକୁ ଆସି ସେଠାରେ ଦୀର୍ଘ ପଚିଶ ବର୍ଷ କଟାଇଥିଲେ ।

ଏହି ଦୃଷ୍ଟିରୁ 'ଦେବଦାସ' ସମ୍ପୂର୍ଣ୍ଣ ଭାବେ ଆତ୍ମଜୀବନୀମୂଳକ ଉପନ୍ୟାସ ନ ହେଲେ ସୁଦ୍ଧା, ଏହା ଅର୍ଦ୍ଧ–ଆତ୍ମଜୀବନୀ ସମ୍ବଳିତ ବୋଲି କୁହାଯାଇ ପାରିବ । ଏହି ଧାରାରେ ଅବଶ୍ୟ ଅନେକ ବିଶ୍ୱପ୍ରସିଦ୍ଧ କାହାଣୀ ରଚିତ ହୋଇଛି । ଏଥିରେ ବାସ୍ତବ ଜୀବନର ନାମଗୁଡ଼ିକୁ ପରିବର୍ତ୍ତନ କରି, କିଛି ଘଟଣାକୁ କଳ୍ପନା ମାଧ୍ୟମରେ ରଙ୍ଗିନ ଓ ବଳିଷ୍ଠ କରି ଉପସ୍ଥାପନ କରାଯାଇଥାଏ ।

ତେବେ ଏମିତି କ୍ଷେତ୍ରରେ ଯେଉଁମାନେ ଲେଖନୀ ଚାଳନା କରନ୍ତି, ସେମାନେ ତ ଉପନ୍ୟାସଟିଏ ଜନସମାଜକୁ ଭେଟି ଦେଇଥାନ୍ତି । କିନ୍ତୁ ତତ୍ ସହ ନିଜ ଅଜ୍ଞାତସାରରେ ସୃଷ୍ଟି କରିଥାନ୍ତି ପ୍ରକୃତ ଜୀବନରୁ ସମ୍ଭୂତ ଗୋଟିଏ ଭସ୍ମାସୁର । ଯେତେ ଲୁଚାଇଲେ ମଧ୍ୟ ଗୋଡ଼ ଦି'ଟା ଲୁଚି ନ ଥାଏ । ଏହାର ଝଲକ ଲୋକେ ଦେଖିପାରନ୍ତି ।

ପୁରାଣରେ ଶିବ ନିଜ ବର ଦ୍ୱାରା ଯେଉଁ ଭସ୍ମାସୁର ସୃଷ୍ଟି କଲେ, ସେ ତାଙ୍କୁ ଭସ୍ମ କରିବାକୁ ଗୋଡ଼ାଇ ଥିଲା ଓ ଶିବ ଧାଇଁ ଧାଇଁ ପ୍ରାଣରକ୍ଷା ପାଇଁ ଅଣନିଃଶ୍ୱାସୀ ହୋଇଯାଇଥିଲେ । କିନ୍ତୁ ଲେଖକଙ୍କ ଦ୍ୱାରା ସମ୍ଭୂତ ଭସ୍ମାସୁରଟି କେବଳ ପଛପଟୁ ଗୋଡ଼ାଇବ ବୋଲି ନିଶ୍ଚିତ ନୁହେଁ, ସେ ଯେଉଁ କୌଣସି ପଟରୁ, ଏପରି କି ଅଦୃଶ୍ୟ ବାୟୁମଣ୍ଡଳରୁ, ଅତର୍କିତ ଭାବେ ଲେଖକ ସାମନାରେ ଆବିର୍ଭୂତ ହୋଇ ତା' ମନରେ ଭୟ ଜାତ କରେ । ହୁଏତ ବିଚରା ଲେଖକଟି ପଳାୟନ ପରି କର୍ମରେ ଲିପ୍ତ ହୋଇ ନ ଥାଏ, ତା' ଶରୀର ଅବଶ ହୋଇ ନ ପାରେ । କିନ୍ତୁ ଘର ଭିତରେ ବସି ରହିଥିଲେ ମଧ୍ୟ ତା'ର ହୃତ୍‌ସ୍ପନ୍ଦନ ତୀବ୍ର ହୁଏ । ସେ ସେତେବେଳେ ଅନୁଶୋଚନା କରେ ; ମୁଁ କାହିଁକି ଗୋଟିଏ ଆତ୍ମ–ଜୀବନୀମୂଳକ ଉପନ୍ୟାସ ଲେଖିଲି ।

**ବଡ଼ଖେମୁଣ୍ଡି ବଙ୍ଗଳା, ଉତ୍କଳ ଆଶ୍ରମ ମାର୍ଗ
ବ୍ରହ୍ମପୁର, ମୋ: ୯୦୭୮୭୪୩୮୪୩**

# ଗୃହଶତ୍ରୁ



ଲଳିତେନ୍ଦୁ ପଲାଉରୀ

ଇରାନର ଦକ୍ଷିଣ ପାର୍ଶ୍ୱ ଏବଂ ଆଫଗାନିସ୍ତାନର ଉତ୍ତର ପଶ୍ଚିମ ଭାଗରେ ଅବସ୍ଥିତ ପାକିସ୍ତାନର ସବୁଠୁ ବଡ଼ ପ୍ରଦେଶ ହେଉଛି ବେଲୁଚିସ୍ତାନ । ପାକିସ୍ତାନର ୪୪ ପ୍ରତିଶତ ଅଞ୍ଚଳ ପରିମିତ ବେଲୁଚିସ୍ତାନ ସୁନ୍ନି ମୁସଲମାନ ଓ ଆଦିବାସୀବହୁଳ । ବେଲୁଚିସ୍ତାନକୁ ଏକ ସ୍ୱତନ୍ତ୍ର ଦେଶ କରିବାକୁ ୧୯୪୭ ମସିହାରୁ ବେଲୁଚିବାସୀ ସଂଗ୍ରାମ କରୁଛନ୍ତି । ପାକିସ୍ତାନ ଏହି ଆନ୍ଦୋଳନକୁ ଭଣ୍ଡୁର କରିଚାଲିଛି । ଏହା ସହ ବେଲୁଚିସ୍ତାନରେ ପାକିସ୍ତାନ ସେନା ଓ ପୋଲିସର ଶୋଷଣ, ଦମନଲୀଳା, ମାନବାଧିକାର ଉଲ୍ଲଂଘନ ଜାରି ରହିଛି । ତେଣୁ ପାକିସ୍ତାନ ଭିତରେ ଥାଇ ମଧ୍ୟ ବେଲୁଚିବାସୀଙ୍କ ମନୋଭାବ ପାକିସ୍ତାନ ପ୍ରତି କଠୋର ରହିଆସିଛି । ପାକିସ୍ତାନ ଉପରେ ପ୍ରତିଶୋଧ ପାଇଁ ଏମାନେ ପାକିସ୍ତାନ ନେତା, ଆର୍ମି, ପୋଲିସ ଓ ଅଧିକାରୀଙ୍କ ଉପରେ ଆତ୍ମଘାତୀ ଆକ୍ରମଣ କରୁଛନ୍ତି । ଭାରତ ବିରୋଧରେ ପାକିସ୍ତାନର ପ୍ରାୟୋଜିତ ଆତଙ୍କବାଦକୁ ବିରୋଧ କରି ବେଲୁଚିବାସୀ ଭାରତକୁ ସମର୍ଥନ ଜଣାଇଛନ୍ତି । ପାକିସ୍ତାନ ତୁରନ୍ତ ପାକ୍ ଅଧିକୃତ କଶ୍ମୀର ଖାଲି କରୁ ଏନେଇ ଏମାନେ ଭାରତ ସହ ସ୍ୱର ମିଳାଇଛନ୍ତି । ସ୍ୱତନ୍ତ୍ର ବେଲୁଚିସ୍ତାନ ଗଠନ ପାଇଁ ଦୀର୍ଘ ବର୍ଷର ସଂଘର୍ଷ ସହ ଚଳିତ ବର୍ଷ ମେ ୯ରେ ବେଲୁଚିସ୍ତାନ ମୁକ୍ତିସେନା ବେଲୁଚିସ୍ତାନକୁ ସ୍ୱାଧୀନ ରାଷ୍ଟ୍ର ଭାବେ ଘୋଷଣା କରିଛି । ଯଦିଓ ଏହାକୁ ଅନ୍ତର୍ଜାତୀୟ ସ୍ୱୀକୃତି ମିଳିନି କିନ୍ତୁ ଆଗକୁ ସେମାନଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ସହ ଭାରତ ସମେତ ଜାତିସଂଘ ଓ ପାକିସ୍ତାନ ବିରୋଧୀ ରାଷ୍ଟ୍ରକୁ ସମର୍ଥନ ମାଗିଛନ୍ତି । ନୂଆଦିଲ୍ଲୀରେ ବେଲୁଚିସ୍ତାନର ଦୂତାବାସ ଖୋଲିବା ପାଇଁ ଅନୁରୋଧ କରିଛି ବେଲୁଚି ଲିବରେଶନ ଆର୍ମି (ବିଏଲ୍‌ଏ) ।

ପାକିସ୍ତାନ ୧୯୪୭ରୁ ବେଲୁଚିସ୍ତାନବାସୀଙ୍କ ସହ ଶଠତା କରିଛି । ୧୯୭୧ ଭାରତ–ପାକିସ୍ତାନ ଯୁଦ୍ଧ ଓ ବାଂଲାଦେଶ ଗଠନ ପରେ ଏମାନେ ମଧ୍ୟ ସେହି ମିଶନକୁ ଜୋରଦାର କରିଛନ୍ତି । ଏବେ ପାକିସ୍ତାନ ପାଇଁ ଭସ୍ମାସୁର ପାଲଟିଛନ୍ତି ବେଲୁଚିସ୍ତାନ ନିବାସୀ । ବେଲୁଚିସ୍ତାନ ପ୍ରାକୃତିକ ସମ୍ପଦ ଓ ଖଣିଜ ସମ୍ପଦରେ ଭରପୂର । ପାକିସ୍ତାନର ଅର୍ଥନୀତି ପାଇଁ ବେଲୁଚିସ୍ତାନ ବେଶ୍ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ପାକିସ୍ତାନ ଜାଣିଶୁଣି ଏହି ପ୍ରଦେଶକୁ ଅବହେଳିତ କରିରଖିଛି । ପାକିସ୍ତାନର ଅନ୍ୟ ୩ ପ୍ରଦେଶ ପଞ୍ଜାବ, ସିନ୍ଧ, ଖାଇବର ପଖତୁନଖ୍ୱା ପାକିସ୍ତାନ ଜାତୀୟ ରାଜନୀତିରେ ଗୁରୁତ୍ୱ ବହନ କରୁଥିବା ବେଳେ ବେଲୁଚିସ୍ତାନର ପ୍ରତିନିଧିତ୍ୱ ନଗଣ୍ୟ ରହିଛି । ଛୋଟ ପ୍ରଦେଶ ପଞ୍ଜାବ ପାକିସ୍ତାନ ରାଜନୀତିରେ ସର୍ବାଗ୍ରେ ରହିଛି । ପାକିସ୍ତାନର ପଞ୍ଜାବ ପ୍ରଦେଶରୁ ହିଁ ସର୍ବାଧିକ ରାଜନେତା ଏବଂ ସେନା ପ୍ରମୁଖ ପାକିସ୍ତାନକୁ ନିୟନ୍ତ୍ରଣ କରିଆସୁଛନ୍ତି । ଯାହାକି ବେଲୁଚିସ୍ତାନବାସୀଙ୍କୁ ଅସହ୍ୟ ହେଉଛି । ବେଲୁଚି ନେତା ତଥା ଲେଖକ ମୀର ୟାର ବଲୁଚ ବେଲୁଚିସ୍ତାନକୁ ସ୍ୱାଧୀନ ରାଷ୍ଟ୍ରଭାବେ ସ୍ୱୀକୃତି ଦେବାକୁ ବିଶ୍ୱବାସୀଙ୍କୁ ଅନୁରୋଧ କରିଛନ୍ତି । ବେଲୁଚିସ୍ତାନର ସ୍ୱତନ୍ତ୍ର ଜାତୀୟ ପତାକା ଓ ଏହାର ଭୌଗୋଳିକ ମ୍ୟାପ ଜାରି ହୋଇଛି । ମୀର ୟାର ବଲୁଚ କହିଛନ୍ତି ଆମକୁ ଆଉ କେହି ଅଟକାଇ ପାରିବେ ନାହିଁ ।




ଏବେ ବିଶ୍ୱ ଚୁପ ନ ରହୁ । ବେଲୁଚିସ୍ତାନ ନାଗରିକଙ୍କୁ ପାକିସ୍ତାନୀ ନାଗରିକ କହିବା ବନ୍ଦ କରାଯାଉ । ବେଲୁଚିସ୍ତାନକୁ ଶାନ୍ତି ସେନା ପଠାଇବା ଲାଗି ଜାତିସଂଘ ପାଖରେ ଦାବି ରଖିଛନ୍ତି ବେଲୁଚିବାସୀ । ଏହା ସହ ପାକିସ୍ତାନୀ ସେନା ବେଲୁଚିସ୍ତାନ ଛାଡିବାକୁ ବିଏଲ୍‌ଏ ଚରମବାଣୀ ଶୁଣାଇଛି ।

ବିଏଲ୍‌ଏ ବେଲୁଚିସ୍ତାନର ୬ଟି ଅଞ୍ଚଳକୁ ନିଜ ଦଖଲକୁ ନେଇଥିବା ଦାବି କରିଛି । ଏହା ସହ ବେଲୁଚିସ୍ତାନ ଛାଡ଼ି ଚାଲିଯାଅ ବୋଲି ଚାଇନାର ଯନ୍ତ୍ରୀ ଓ ପାକିସ୍ତାନ ସେନାକୁ ଚେତାବନୀ ଦେଇଛି । କିଛିଦିନ ପୂର୍ବେ ବିଏଲ୍‌ଏ ପାକିସ୍ତାନରେ ଟ୍ରେନ୍ ଅପହରଣଠାରୁ ଆରମ୍ଭ କରି ପାକିସ୍ତାନ ସେନା ଉପରେ ଆକ୍ରମଣ ଜାରିରଖିଛି । ପାକିସ୍ତାନର ୫୧ଟି ସ୍ଥାନରେ ୭୧ରୁ ଅଧିକ ଆକ୍ରମଣ କରିଥିଲା ବିଏଲ୍‌ଏ । ପାକିସ୍ତାନ ଅର୍ଦ୍ଧ ସାମରିକ ବାହିନୀ କେନ୍ଦ୍ର, ପୋଲିସ ଷ୍ଟେଶନ, ଖଣିଜ ପରିବହନ ମାର୍ଗ, ଜାତୀୟ ରାଜପଥକୁ ବିଏଲ୍‌ଏ ଟାର୍ଗେଟ୍ କରୁଛି । ଜାଣିଶୁଣି ପାକିସ୍ତାନ ଏହି ଅଞ୍ଚଳକୁ ଅଣବିକଶିତ କରି ରଖିଛି । ବେଲୁଚିବାସୀ ମଧ୍ୟ ପାକିସ୍ତାନ ସହ କୌଣସି ଦ୍ୱିପାକ୍ଷିକ ଆଲୋଚନା ଚାହୁଁନାହାନ୍ତି । ସେମାନଙ୍କର ଗୋଟିଏ ଉଦ୍ଦେଶ୍ୟ ରହିଛି ସ୍ୱତନ୍ତ୍ର ବେଲୁଚିସ୍ତାନ ଦେଶ । ଏହା ସହ ବେଲୁଚିସ୍ତାନର ସ୍ୱତନ୍ତ୍ର ମୁଦ୍ରା, ସରକାରୀ ପ୍ରତିଷ୍ଠାନ ପାଇଁ ସେମାନେ ଜାତିସଂଘକୁ ସହାୟତା ମାଗିଛନ୍ତି ।

ବେଲୁଚିସ୍ତାନରେ ପାକିସ୍ତାନ ସେନା ଓ ପୋଲିସର ବର୍ବରତା ବିରୋଧରେ ଅନ୍ତର୍ଜାତୀୟ ହସ୍ତକ୍ଷେପ ଦାବି କରିଆସୁଛି ବିଏଲ୍‌ଏ । ପାକିସ୍ତାନ ବିରୋଧରେ ସେମାନଙ୍କ ଆକ୍ରମଣ ଓ ମିଶନକୁ ବିଏଲ୍‌ଏ ଅପରେଶନ ହେରୋଫର ନାଁ ଦେଇଛି । କେବଳ ସେତିକି ନୁହେଁ ଚାଇନା–ପାକିସ୍ତାନ ଅର୍ଥନୈତିକ କରିଡର, ୱାନ ବେଲ୍ଟ ୱାନ ରୋଡ ପରିଯୋଜନାରେ ଚାଇନାର ଜନ୍ତାରେ ଫସିଥିବା ପାକିସ୍ତାନ ଓ ଏହି ଅଞ୍ଚଳରେ ବିକାଶ ନାଁରେ ଦମନଲୀଳାରେ ସାମିଲ ଥିବା ଚାଇନା ସେନା ମଧ୍ୟ ବିଏଲ୍‌ଏ ଟାର୍ଗେଟ୍‌ରେ ରହିଛି । ବେଲୁଚିସ୍ତାନର ଚାଇନା ନିୟୋଜିତ କରିଥିବା ଯନ୍ତ୍ରୀମାନଙ୍କୁ ବେଲୁଚି ଲିବରେଶନ ଆର୍ମି ଖୋଜିଖୋଜି ହତ୍ୟା କରୁଛି । କାରଣ ଭିତ୍ତିଭୂମି ବିକାଶ ନାଁରେ ପାକିସ୍ତାନ ଚାଇନାକୁ ବେଲୁଚିସ୍ତାନ ଭିତରେ ପୂରାଇ ବେଲୁଚିମାନଙ୍କ ଦୀର୍ଘଦିନର ଦାବିକୁ ପାଣିଚିଆ କରିବାକୁ ଚେଷ୍ଟା କରୁଛି । କିନ୍ତୁ ଏସବୁକୁ ଖାତିର ନ କରି ବେଲୁଚିବାସୀ ଉଭୟ ପାକିସ୍ତାନ ଓ ଚାଇନାକୁ କଡ଼ା ଜବାବ ଦେଉଛନ୍ତି । ତେବେ ବିଶ୍ୱ ଦରବାରରେ ପାକିସ୍ତାନ ନିଜର ବଦନାମ୍‌କୁ ଲୁଚାଇବାକୁ ବେଲୁଚି ଆନ୍ଦୋଳନକୁ ଭାରତ ଦ୍ୱାରା ପ୍ରାୟୋଜିତ ବୋଲି କହିଆସୁଛି । କିନ୍ତୁ ପ୍ରକୃତ ପକ୍ଷେ ଆତଙ୍କବାଦୀଙ୍କୁ ପାଳିପୋଷି ଭାରତକୁ ପ୍ରରଣ କରୁଥିବା ପାକିସ୍ତାନ ପାଇଁ ବେଲୁଚିସ୍ତାନ ଏବେ ଗୃହଶତ୍ରୁ ପାଲଟିଛି ।

**ବାଲିପନ୍ତାଳ,ନଗର, ଅସ୍ତରଙ୍ଗ, ପୁରୀ
ମୋ:୯୭୭୮୬୯୭୦୩୬**

## ଏଇ ଭାରତରେ

ପ୍ରଥମେ ୧୦ଟି ଗାଈ ରଖି ତାଙ୍କ ଡାଏରି ବ୍ୟବସାୟରେ ସଫଳ ହୋଇପାରିଛନ୍ତି ଗୋଆ ଇବ୍ରାହମପୁରର ଅମିତା ନାୟକ । ଏ କ୍ଷେତ୍ରରେ ଅମିତାଙ୍କ ସ୍ୱାମୀ ତାଙ୍କୁ ସହଯୋଗ କରୁଛନ୍ତି । ଅମିତା ପ୍ରଥମେ ଫୁଲ ଚାଷ କରିଥିଲେ । କିନ୍ତୁ ସେଥିରେ ବିଫଳ ହେବାରୁ ୨୦୧୭ରେ ଗୋପାଳନ ଆରମ୍ଭ କରିଥିଲେ ଏବଂ ସ୍ଥାନୀୟ ଅଞ୍ଚଳରେ କ୍ଷୀର ବିକ୍ରି କରିବା ସହ ବଳକା କ୍ଷୀରକୁ ଗୋଆ ଡାଏରିକୁ ଦେଉଥିଲେ । ପରେ ଅମିତା ଲୁପିନ୍ ଫାଉଣ୍ଡେଶନରୁ ପ୍ରଶିକ୍ଷଣ ନେଇ ପନିର, ଘିଅ, ଲସି ପ୍ରସ୍ତୁତ କଲେ ଏବଂ ତାହାକୁ ପ୍ୟାକେଜିଂ କରି ବଜାରରେ ବିକ୍ରି କରିବା ପାଇଁ ବିଭିନ୍ନ ବିଭାଗ ସହ ପଞ୍ଚାୟତ ଓ ଫୁଡ୍ ଆଣ୍ଡ୍ ଡ୍ରଗ ଆଡ୍‌ମିନିଷ୍ଟ୍ରେଶନ (ଏଫ୍‌ଡିଏ)ର ଅନୁମତି ହାସଲ କରିବା ପରେ ୨୦୨୩ରେ ବିଜନେସ୍ ବଢ଼ାଇଥିଲେ । ଏବେ ଗାଈ ସଂଖ୍ୟା ୨୦ରେ ପହଞ୍ଚିଛି । ଦିନକୁ ୧୫୦ ଲିଟର କ୍ଷୀର ଉତ୍ପାଦନ ହେଉଛି । ଏହା ସହ ସେଥିରୁ ଲସି ଓ ଦହି ତିଆରି କରି ଦୈନିକ ଏହି ଉତ୍ପାଦରୁ ୧୦୦୦ ଲିଟର ବିକ୍ରି କରୁଛନ୍ତି । କେବଳ ଏତିକି ନୁହେଁ, ଅମିତା ଜିଆଖତ ପ୍ରସ୍ତୁତ କରି ମାସକୁ ୧୫,୦୦୦ ଆୟ କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୩ ଜୁନ୍ ୧୯୭୬**

- ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ପୁରୀଠାରେ ଜଗନ୍ନାଥ ଏକ୍ସପ୍ରେସ୍ ନାମକ ନୂତନ ରେଳଗାଡ଼ି ଚଳାଚଳ ଉଦ୍‌ଘାଟନ କରିଛନ୍ତି ।
- ବିହାରରେ ପ୍ରବାହିତ ହେଉଥିବା ପ୍ରଚଣ୍ଡ ତାପ ପ୍ରବାହ ଫଳରେ ୩୧ ଜଣଙ୍କ ମୃତ୍ୟୁ ।
- ଭାରତ ଓ ଆଲ୍‌ଜେରିଆ ମଧ୍ୟରେ ଅଧିକ ଘନିଷ୍ଠ ସହଯୋଗ ପାଇଁ ଏକ ସାଂସ୍କୃତିକ ରାଜିନାମା ସ୍ୱାକ୍ଷରିତ ।

## ଚିରନ୍ତନୀ

ବିରାଟ ଯେ ଆତ୍ମା ଏହି
ପାଷାଣେ ନିହିତ
ଉଦ୍ଦେଶ୍ୟେ ତାହାର ଆଜି
ନମ୍ର ମୋର ଚିତ୍ତ ।
–(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 6 | 7 | 5 | | |
| | 1 | | | | | | 4 | |
| | | 5 | 2 | | | | | |
| | 9 | | | | 8 | 2 | | 1 |
| | | | | 9 | | | | |
| | | 8 | | 2 | 6 | 7 | | |
| | 3 | | 7 | | 5 | | | |
| 5 | | 1 | | 4 | | 8 | | |
| | | 4 | | | | 3 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 6 | 7 | 5 | 3 | 2 | 4 | 9 |
| 4 | 5 | 9 | 2 | 6 | 8 | 1 | 7 | 3 |
| 7 | 2 | 3 | 1 | 4 | 9 | 5 | 6 | 8 |
| 3 | 4 | 7 | 5 | 1 | 2 | 8 | 9 | 6 |
| 5 | 1 | 8 | 9 | 7 | 6 | 3 | 2 | 4 |
| 6 | 9 | 2 | 8 | 3 | 4 | 7 | 5 | 1 |
| 2 | 6 | 4 | 3 | 8 | 7 | 9 | 1 | 5 |
| 9 | 3 | 5 | 6 | 2 | 1 | 4 | 8 | 7 |
| 8 | 7 | 1 | 4 | 9 | 5 | 6 | 3 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଶିଶୁ ଉଦ୍ୟାନ ଅବହେଳିତ

ମହାଶୟ,

ଓଡ଼ିଶା ରାଜ୍ୟର ଏକାଧିକ ସହରାଞ୍ଚଳ ମଧ୍ୟସ୍ଥଳରେ ଥିବା ନୂତନ ଓ ପୁରାତନ ଶିଶୁ ଉଦ୍ୟାନ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ସହିତ ଅବହେଳିତ ଓ ପ୍ରହେଳିକାରେ କ୍ଷତବିକ୍ଷତରେ ଦଣ୍ଡାୟମାନ । ସତେ ଯେମିତି ଦାୟିତ୍ୱହୀନତାର ଗତିଶୀଳ । ସୁତରାଂ ଜନସାଧାରଣଙ୍କ ମୁଖ୍ୟ ଆଲୋଚ୍ୟ ଓ ସମାଲୋଚନା ଉପରୋକ୍ତ ଶିଶୁ ଉଦ୍ୟାନ କାହା ପାଇଁ ? କେଉଁଥି ପାଇଁ ? ଶିଶୁ ଓ ବାଲ୍ୟଶିଶୁଙ୍କ ଉଦ୍ୟାନ ଏବଂ ଏକାଧିକ ପରିଦର୍ଶନ, ପର୍ଯ୍ୟଟକ ପାର୍କଗୁଡିକର ସୌନ୍ଦର୍ଯ୍ୟ ହାନି ସହିତ ନିମ୍ନତା ଦେଖିବାକୁ ମିଳିଲାଣି । ଛୁଟି ସମୟକୁ ଉପଭୋଗ ଓ ପାର୍କ ପରିଦର୍ଶନ ସହିତ ଚିତ୍ତବିନୋଦନ ଗୌରବମୟ ସ୍ଥଳ କେବଳ ମୂକସାକ୍ଷୀ ସଦୃଶ ସମାନ । ବିଭିନ୍ନ ଶିଶୁ ଉଦ୍ୟାନ ଏବଂ ମନୋରଞ୍ଜନର ଗୌରବ ଗରିମାଲୁପ୍ତ । ଏଣୁ ରାଜ୍ୟ ସରକାର ଓ ପ୍ରଶାସନିକ ସ୍ତରରେ ରାଜ୍ୟର ସମସ୍ତ ଶିଶୁ ଉଦ୍ୟାନ ଓ ପାର୍କଗୁଡିକର ନବୀକରଣ ସହିତ ଉପଯୁକ୍ତ ପଦକ୍ଷେପ ନିଆଗଲେ ଜନତାଙ୍କ ଆଲୋଚନା ସମାଲୋଚନା ଫିକା ପଡିଯିବ । ରାଜ୍ୟ ସରକାର ଏଥିପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ବିଶେଷ ଅନୁରୋଧ ।

**–ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଘାଟିରେ ବସ୍ ଦୁର୍ଘଟଣା, ୩୦ ଆହତ

ମାଲକାନଗିରି, (ଦୁର୍ଯ୍ୟୋଧନ ପାତ୍ର): ମାଲକାନଗିରି ଜିଲା ସଦର ବ୍ଲକ ପାଣ୍ଡ୍ରିପାଣି ପଞ୍ଚାୟତ ବିଜାଘାଟି ଗ୍ରାମ ନିକଟରେ ଏକ ଘରୋଇ ବସ୍ ସୋମବାର ଦୁର୍ଘଟଣାଗ୍ରସ୍ତ ହୋଇ ୩୦ ଯାତ୍ରୀ ଆହତ ହୋଇଛନ୍ତି। ସକାଳ ପ୍ରାୟ ୯ଟାରେ ଶ୍ରୀ ବାଲାଜୀ ନାମକ ବସ୍ ହାଇଦ୍ରାବାଦ୍‌ରୁ ଭବାନୀପାଟଣାକୁ ମାଲକାନଗିରି ଦେଇ ଫେରୁଥିବା ବେଳେ ବିଜାଘାଟି ଗ୍ରାମ ନିକଟ ଏକ ଛୋଟ ଘାଟି ଉପରେ ବସ୍ ଚଢୁଥିଲା। ବ୍ରେକ୍ ଫେଲ୍ ହୋଇଯିବାରୁ ବସ୍‌ଟି ପଛକୁ ଆସି ରାସ୍ତା କଡ଼ରେ ଥିବା ଏକ ଖାଲ ଭିତରକୁ ପଶି ଓଲଟି ପଡ଼ିଥିଲା।

# ବିକଶିତ ଗାଁ ବିକଶିତ ଓଡ଼ିଶାର ସମୃଦ୍ଧିକୁ ବହୁଗୁଣିତ କରିବ: ପଞ୍ଚାୟତିରାଜ ମନ୍ତ୍ରୀ

### ପଞ୍ଚାୟତିରାଜ ବିଭାଗର ସମୀକ୍ଷା

ଭୁବନେଶ୍ୱର,୨।୬(ରବିନାରାୟଣ ଜେନା)

ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ରାଜ୍ୟର ସମୃଦ୍ଧିକୁ ବହୁଗୁଣିତ କରିବ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି। ସୋମବାର ବିଭାଗୀୟ ସମୀକ୍ଷା ବୈଠକ ଅବସରରେ ମନ୍ତ୍ରୀ କହିଥିଲେ, ସରକାରଙ୍କ 'ବିକଶିତ ଗାଁ ବିକଶିତ ଓଡ଼ିଶା', 'ଅନ୍ତ୍ୟୋଦୟ ଗୃହ ଯୋଜନା', 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)', 'ଏମ୍‌ଜିଏନ୍‌ଆର୍‌ଇଜିଏସ୍' ଓ ନିର୍ମାଣାଧୀନ ପାନୀୟ ଜଳପ୍ରକଳ୍ପଗୁଡ଼ିକ ସରକାରଙ୍କ ଚେତନା ଓ ଦାୟିତ୍ୱର ଅଭିବ୍ୟକ୍ତି। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ପ୍ରତି ଗାଁ, ପଞ୍ଚାୟତ, ବ୍ଲକରେ ଲୋକଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ପାଇଁ ଗାଁକୁ ଭଲ ରାସ୍ତା, ଗାଁ ପୋଖରୀର ପୁନରୁଦ୍ଧାର, ପୋଖରୀ ତୁଠର ନବୀକରଣ, ଭାଗବତ ଟୁଙ୍ଗୀ, ବିଦ୍ୟାଳୟ ସମ୍ପ୍ରସାରଣ, ପ୍ରତି ବ୍ଲକରେ ପାଠାଗାର, ଛୋଟ ପର୍ଯ୍ୟଟନସ୍ଥଳୀର ଉନ୍ନତୀକରଣ, ପିଲାଙ୍କ ଖେଳକୁଦ ପାଇଁ ଭିତ୍ତିଭୂମି ପ୍ରସ୍ତୁତି ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ରାଜ୍ୟର ସମୃଦ୍ଧିକୁ ବହୁଗୁଣିତ କରିବ। ଏହି ବୈଠକରେ ବିଭାଗୀୟ ଆୟୁକ୍ତ ଗିରିଶ ଏସ୍‌ଏନ୍ ବିଭାଗର ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ଅଗ୍ରଗତି ସମ୍ବନ୍ଧରେ ସୂଚିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ, ପାନୀୟ ଜଳ ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ, ଓର୍‌ମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚକ୍ରବର୍ତ୍ତୀ ସିଂ ରାଠୋଡ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଇଡି ସାଜିଛି ଅସୁଲକାରୀ କମ୍ପାନୀ: ଭକ୍ତ

### ୧୧ରେ କଂଗ୍ରେସର ମହିଳା ସମାବେଶ

ଭୁବନେଶ୍ୱର,୨।୬ (ରବିନାରାୟଣ ଜେନା)

ଦେଶରେ ଏବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଅସୁଲକାରୀ କମ୍ପାନୀ ସାଜିଛି ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି। ସୋମବାର କଂଗ୍ରେସ ଭବନଠାରେ ଗଣମାଧ୍ୟମକୁ ଭକ୍ତ କହିଛନ୍ତି, ଦୁଇଦିନ ତଳେ 'ଇଡି'ର ଡେପୁଟି ଡାଇରେକ୍ଟର ବିପୁଳ ପରିମାଣର ଲାଞ୍ଚ ନେବାବେଳେ ଗିରଫ ହୋଇଛନ୍ତି। ତାଙ୍କ ସହଯୋଗୀ ଭକ୍ତି ବେହେରାଙ୍କ ସହିତ ଅନେକ ବଡ଼ ବଡ଼ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କ ସମ୍ପର୍କ ରହିଛି। ଇଡି ଅଫିସରମାନେ ଏକ ଗ୍ୟାଙ୍ଗ୍ କରିଛନ୍ତି, ଏହି ଗ୍ୟାଙ୍ଗ୍‌କୁ ଭାଜପା ସରକାର ଚଳାଉଛନ୍ତି। ଯେତେବେଳେ ଚାହୁଁଛନ୍ତି, ବିରୋଧୀଙ୍କୁ ଚୁପ୍ କରିବା ପାଇଁ ଇଡିକୁ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି ବୋଲି ଭକ୍ତ କହିଛନ୍ତି। ସେ ପୁଣି କହିଛନ୍ତି ଯେ, ଏହାର ସୁଯୋଗ ନେଇ ସରକାରୀ ବାବୁମାନେ ଅସାଧୁ ଉପାୟରେ ବିପୁଳ ଅର୍ଥ ରୋଜଗାର କରୁଛନ୍ତି।

ଏହି ଅବସରରେ ଭକ୍ତ କହିଥିଲେ, ଚଳିତମାସ ୧୧ ତାରିଖରେ ରାଜ୍ୟ କଂଗ୍ରେସ ତରଫରୁ ଏକ ମହିଳା ସମାବେଶ କରାଯିବ। ଏଥିରେ ବିଭିନ୍ନ ରାଜ୍ୟର ପ୍ରତିଷ୍ଠିତ ମହିଳାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାସହିତ ଖୁବ୍‌ଶୀଘ୍ର ପିସିସିର ମହିଳା କମିଟି ଘୋଷଣା ହେବ।

# ସାଇକେଲିଂ ଉପକାରିତା ବିଷୟରେ ଜାଣିବା ଜରୁରୀ

### ଆଜି ବିଶ୍ୱ ବାଇସାଇକେଲ ଦିବସ



ବର୍ତ୍ତମାନର ବ୍ୟସ୍ତମୟ ଜୀବନରେ ଆମେ ନିଜକୁ ସୁସ୍ଥ ରଖିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପାଇଁ ଖାଦ୍ୟପେୟ ବ୍ୟତୀତ ଯେଉଁ ପ୍ରମୁଖ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡୁଛି ତାହା ହେଉଛି ବ୍ୟାୟାମ। ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲିବା, କିଛି ସମୟ ନିଜର ଶାରୀରିକ ସ୍ଥିତି ଅନୁସାରେ ବ୍ୟାୟାମ କଲେ ଆମେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା। ବ୍ୟାୟାମର ଆଉ ଏକ ଭାଗ ହେଉଛି ସାଇକେଲିଂ। ଆଜିକାଲି ଅନେକ ଏହାକୁ ଅନ୍ୟତମ ବ୍ୟାୟାମ ଭାବରେ ଗ୍ରହଣ କରିନେଇଛନ୍ତି। ଏପରି କି ସାଇକେଲ କ୍ଲବ୍ ଗଠନ କରାଯାଇ ଏହାର ମହତ୍ତ୍ୱକୁ ଆହୁରି ପ୍ରଚାର କରାଯାଉଛି। ଏ ନେଇ ଅଧିକ ଜନସଚେତନା ସୃଷ୍ଟିକରିବା ପାଇଁ ପ୍ରତିବର୍ଷ ଜୁନ୍ ୩ ତାରିଖକୁ 'ବିଶ୍ୱ ବାଇସାଇକେଲ ଦିବସ' ଭାବରେ ପାଳନ କରାଯାଇ ଆସୁଅଛନ୍ତି। ଆମେରିକାରେ ରହି ସାମାଜିକ ବୈଜ୍ଞାନିକ ଭାବରେ କାର୍ଯ୍ୟ କରୁଥିବା ପୋଲାଣ୍ଡର ପ୍ରଫେସର ଲେସ୍‌ଜେକ୍ ସିବିଲିସ୍କି ପ୍ରଥମେ ଏଭଳି ଏକ ପ୍ରସ୍ତାବ ଦେଇଥିଲେ। ପରବର୍ତ୍ତୀ ସମୟରେ ୨୦୧୮ ଏପ୍ରିଲ ମାସରେ ମିଳିତ ଜାତିସଂଘର ସାଧାରଣ ପରିଷଦ ବୈଠକରେ ଏ ନେଇ ଏକ ଆଲୋଚନା ହୋଇଥିଲା। ତା'ପରେ ଏହାର ସଦସ୍ୟଗଣ ପ୍ରତିବର୍ଷ ଜୁନ୍ ୩ ତାରିଖକୁ 'ବିଶ୍ୱ ବାଇସାଇକେଲ ଦିବସ' ଭାବରେ ପାଳନ କରିବାକୁ ସହମତି ପ୍ରକାଶ କରିଥିଲେ। ସାଇକେଲ ଚାଳନା ଏକ ସହଜ ଏବଂ ସରଳ ବ୍ୟାୟାମ। ପ୍ରତିଦିନ କିଛି ସମୟ ଜଣେ ଯଦି ସାଇକେଲିଂ କରନ୍ତି, ତେବେ ତାହା ଶରୀର ପାଇଁ ଅନେକାଂଶରେ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହାର ଉପକାରିତା ବିଷୟରେ ସମସ୍ତେ ଅବଗତ ହେବା ନିହାତି ଦରକାର। ତେଣୁ ଏହି ଦିବସ ପାଳନ ସମୟରେ ଜନସାଧାରଣଙ୍କୁ ସାଇକେଲ ଚଲାଇବା ଏବଂ ତାହାର ଉପକାରିତା ବିଷୟରେ ସଚେତନ କରାଯାଇଥାଏ।



"ଗତ ୬-୭ବର୍ଷ ହେବ ସାଇକେଲିଂ କରୁଛି। ମୋ ପାଇଁ ଏହା ଭଗବାନ୍‌ଙ୍କ ଆଶୀର୍ବାଦ। ସାଇକେଲିଂର ବହୁତ ଆଡ୍‌ଭାଣ୍ଟେଜ୍ ରହିଛି। ସାଇକେଲିଂ କେବଳ ଏକ ବ୍ୟାୟାମ ନୁହେଁ, ଏହା ମାନସିକସ୍ତରରେ ଶାନ୍ତି ପ୍ରଦାନ କରିଥାଏ। ସାଇକେଲିଂ କରିବା ସମୟରେ ଅନେକ ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ଏହାର ସମ୍ମୁଖୀନ ହେବା ସମୟରେ ନିଜର ଆତ୍ମବିଶ୍ୱାସ ବଢ଼ିବା ସହ ବହୁତ କିଛି ଶିଖିବାକୁ ମିଳିଥାଏ। ସେହିପରି କମ୍ ଖର୍ଚ୍ଚରେ ବହୁତ ନୂଆ ଜାଗା ଦେଖିବା, ସେଠାକାର ଲୋକଙ୍କ ସହିତ ମିଶିବାକୁ ସୁଯୋଗ ଦେଇଥାଏ।

– ସିପ୍ରା ହୋତା, ସାଇକେଲିଷ୍ଟ



"ପୂର୍ବରୁ ଆମ ଯାତାୟାତର ମୂଳ ଆଧାର ଥିଲା ସାଇକେଲ୍। ସମୟ ସହିତ ଜୀବନଶୈଳୀରେ ପରିବର୍ତ୍ତନ ହୋଇଛି। ଗାଡ଼ି ମୋଟର ଏବଂ ଅନ୍ୟାନ୍ୟ ଯାନବାହନ ଏବେ ସାଇକେଲ୍‌ର ସ୍ଥାନ ନେଇଥିଲେ ହେଁ ଆଜି ବି ଏହାର ସ୍ଥାନ ସ୍ୱତନ୍ତ୍ର ରହିଛି। ଏହା ଆମକୁ ଶାରୀରିକ ଏବଂ ମାନସିକ ଉଭୟ ସ୍ତରରେ ସୁସ୍ଥ ରଖିଥାଏ। ସାଇକେଲ ଦ୍ୱାରା ସହଜରେ ଓ ବିନା ଖର୍ଚ୍ଚରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାଆସିବା ସମ୍ଭବ ହୋଇଥାଏ। ପୁଣି ସାଇକେଲ ଚାଳନା ଦ୍ୱାରା ପରିବେଶ ପ୍ରଦୂଷଣର ଭୟ ନ ଥାଏ। ତେଣୁ ପ୍ରତ୍ୟେକ ଲୋକ ସପ୍ତାହରେ ଅତି କମ୍‌ରେ ଦିନଟିଏ ସାଇକେଲ୍‌ରେ ଯାତାୟାତ କରିବା ଆବଶ୍ୟକ।

– ସହଦେବ ସାହୁ, ସାଇକେଲିଷ୍ଟ

# ସରକାରଙ୍କ ନିଯୁକ୍ତି ପ୍ରତିଶ୍ରୁତି ପ୍ରବଞ୍ଚନାପୂର୍ଣ୍ଣ: ଯୁବକଂଗ୍ରେସ

ଭୁବନେଶ୍ୱର,୨।୬(ରବିନାରାୟଣ ଜେନା)

ଡବଲ ଇଞ୍ଜିନ ସରକାରରେ ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରତିଶ୍ରୁତି ପ୍ରବଞ୍ଚନାପୂର୍ଣ୍ଣ ପାଲଟିଛି। ଓଡ଼ିଆ ଅସ୍ମିତା ଏକ ନାଟକବାଜି ହୋଇଥିବାବେଳେ ଅଣ ଓଡ଼ିଆ ଠିକାଦାର ପୁରସ୍କୃତ ଏବଂ ଓଡ଼ିଆ ଠିକାଦାର ଉପେକ୍ଷିତ ହେଉଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ସୋମବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଓ ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଥିଲେ ଯେ, ଓଡ଼ିଶାରେ ଓଡ଼ିଆ ଅସ୍ମିତା ଆହ୍ୱାନର ମୂଲ୍ୟ କିଛି ନାହିଁ।

ରଞ୍ଜିତ କହିଥିଲେ, ଯୁବତୀ, ଯୁବକଙ୍କୁ କର୍ମସଂସ୍ଥାନ ଯୋଗାଇ ଦିଆଯିବ ବୋଲି ଭାଜପା ସରକାର ପ୍ରତିଶ୍ରୁତି ଦେଇଥିଲେ ହେଁ ଏହା ଏବେ ପ୍ରତାରଣାରେ ପରିଣତ ହୋଇଛି। ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ଓଡ଼ିଶାରେ ଏବେ ୧୧ ଲକ୍ଷ ୪ ହଜାର ୨୨୯ ପଞ୍ଜୀକୃତ ବେକାରି ଅଛନ୍ତି। ଓଡ଼ିଶାର ବେକାରି ହାର ୩.୯%, ଯାହା ଜାତୀୟ ବେକାରିହାରଠୁ ଅଧିକ। ଏବେ ଓଡ଼ିଶାରେ ୧ ଲକ୍ଷ ୩୭ ହଜାର ୯୮୬ ପଞ୍ଜୀକୃତ ବେକାରି ଅଛନ୍ତି। ନିର୍ବାଚନ ଇସ୍ତାହାରରେ ଭାଜପା ଘୋଷଣା କରିଥିଲା ଯେ, ୫ ବର୍ଷରେ ୩ ଲକ୍ଷ ୫୦ ହଜାର ନିଯୁକ୍ତି ଦେବ। ସେହି ଅନୁସାରେ ବର୍ଷକୁ ୭୦ ହଜାର ପଡୁଥିବାବେଳେ ଏବେ ସୁଦ୍ଧା ହଜାରଟି ନିଯୁକ୍ତି ମଧ୍ୟ ଦିଆଯାଇନାହିଁ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ମନୋ ବିଷ୍ଣୁ ଓ ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ନୀହାର ବେହେରା ଅଂଶ ଗ୍ରହଣ କରିଥିଲେ।

# ବିଶ୍ୱ ସମ୍ମିଳନୀରେ ଯୋଗଦେଇ ଫେରିଲେ ଇଂ. ଲିଙ୍ଗରାଜ

ଭଞ୍ଜନଗର,୨।୬(ବାବୁଲା ପ୍ରଧାନ): ଚାଇନାର ଚେଙ୍ଗଡୁ ସହରରେ ଗତ ୧୬ରୁ ୨୩ ତାରିଖ ପର୍ଯ୍ୟନ୍ତ ଚାଲିଥିବା ୨୮ତମ ଇଣ୍ଟରନ୍ୟାଶନାଲ କମିଶନ ଅନ୍ ଲାର୍ଜ ଡ୍ୟାମ୍ସ (ଆଇକୋଲଡ) କଂଗ୍ରେସର ୯୩ ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଛି। ଏଥିରେ 'କମନ୍ ଚ୍ୟାଲେଞ୍ଜସ୍ ସେୟାରଡ୍ ଫ୍ୟୁଚର ବେଟର ଡାମ୍ସ' ଶୀର୍ଷକ ଆଲୋଚନାଚକ୍ରରେ ବିଶ୍ୱର ୮୫ଟି ଦେଶରୁ ୨ ହଜାରରୁ ଊର୍ଦ୍ଧ୍ୱ ଯନ୍ତ୍ରୀ ଯୋଗଦେଇଥିଲେ। ସେଥିରେ ଭାରତରୁ ୫ ଜଣ ଇଞ୍ଜିନିୟର ସାମିଲ ହୋଇଥିବାବେଳେ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ (ପ୍ଲାନିଂ ଓ ଡିଜାଇନ) ତଥା ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଅନ୍ତର୍ଗତ ତିଳିସିଙ୍ଗି ଗ୍ରାମର ଇଂ. ଲିଙ୍ଗରାଜ ଗୌଡ ଅନ୍ୟତମ ଥିଲେ।


भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान
I.C.A.R-Central Institute of Freshwater Aquaculture
कौशल्यागंग, भुवनेश्वर-751002, ओड़ीशा
Kausalyaganga, Bhubaneswar-751002, Odisha

Advertisement No. 10/2025-26 Date of Insertion : 02.06.2025

वॉक-इंन-इंटरव्यू

भा.कृ.अनु.प-केंद्रीय मीठाजल जीवपालन अनुसंधान संस्थान सीफ, कौशल्यागंग, भुवनेश्वर, ओडिशा में **01((एक)) यंग प्रोफेशनल-I** पद भर्ती के लिए दिनांक **18.06.2025 को पू.10.00 बजे** चल-साक्षात्कार आयोजित किया जायेगा। अधिक जानकारी हेतु कृपया भा.कृ.अनु.प-सीफा वेबसाइट **http://www.cifa.nic.in** पर जाएं।

WALK-IN INTERVIEW

A Walk-in-Interview will be held on **18.06.2025 at ICAR-CIFA, Bhubaneswar** at 10.00 A.M for **01 (One) no. of Young Professional -I (YP-I)**, (purely on contractual basis) to work under the TSP project at ICAR-Central Institute of Freshwater Aquaculture, Kausalyaganga, Bhubaneswar, Odisha. For further details please visit to Institute website: **http://www.cifa.nic.in**

Coordinator



No.C-420

WATCO

OFFICE OF THE GENERAL MANAGER, WATCO DIVISION-II, BHUBANESWAR

Near Rajiv Bhawan, Unit-V, Bhubaneswar-751001, Odisha, India
Telefax : +91-674-2390322, E-mail - gmdivtwowatco@gmail.com

NATIONAL COMPETITIVE BIDDING THROUGH e-PROCUREMENT

Invitation for Bids (IFB)

Dtd.28.05.2025

| | | |
|---|---|---|
| 01 | Name of the Work | : 11 Nos. (Eleven nos. works) |
| 02 | Estimate cost | : Rs.19.80 Lakhs to 79.66 Lakhs |
| 03 | Period of completion | : 12 (Twelve Months) |
| 04 | Class of contractor | : C & B Class |
| 05 | Date & Time of availability of bid document In the portal | : From 11.00 A.M. of Dt. 02.06.2025 to 5.00 P.M. of 17.06.2025 |
| 06 | Last date / time of receipt of bids in the portal | : 5.00 P.M. of 17.06.2025 |
| 07 | Last date & time of seeking clarification | : 5.00 P.M. of 06.06.2025 |
| 08 | Date & Time of opening of bids | : At 12.30 P.M. of 18.06.2025 |
| 09 | Name and Address of the Officer Inviting Bid | : General Manager WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in".

Sd./- GENERAL MANAGER (SEPH)
WATCO DIVISION-II, BHUBANESWAR


# ଥାନା ଆଗରେ ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ

ଉଦଳା,୨।୬(ସନ୍ତୋଷ କୁମାର ବାଞ୍ଛିନୀ)

ବେଆଇନ ବାଲି ଚାଲାଣ ରୋକିବାକୁ ଚଢ଼ାଉ କରିବା ବେଳେ ମୟୂରଭଞ୍ଜ ଜିଲା କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀ ଚୋରାଚାଲାଣକାରୀଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ଥାନା ସମ୍ମୁଖରେ ମାରପିଟ କରାଯିବା ସହ ତାଙ୍କ ଗାଡ଼ି ଭଙ୍ଗାରୁଜା କରାଯାଇଥିବା ଅଭିଯୋଗ ହୋଇଛି। ଉପଖଣ୍ଡ ପୋଲିସ ଅଧିକାରୀ ଓ କପ୍ତିପଦା ଥାନା ଅଧିକାରିଣୀ ବବିତା ପୁହାଣ ତଦନ୍ତ ଜାରି ରଖିଛନ୍ତି। ସୋମବାର ସକାଳ ୫ଟା ସମୟରେ ନଦୀଘାଟରୁ ବାଲି ଚୋରାଚାଲାଣ ହେଉଥିବା ଖବରପାଇ ଅତିରିକ୍ତ ତହସିଲଦାର ମାଝୀ ଚଢ଼ାଉ କରିବାକୁ ବାହାରିଥିଲେ। ଏହି ସମୟରେ ଚୋରାଚାଲାଣକାରୀମାନେ ତାଙ୍କୁ ଅଟକାଇବା ସହିତ ଗାଳିଗୁଲଜ କରିଥିଲେ। ପରେ ଥାନା ସମ୍ମୁଖରେ ତାଙ୍କୁ ମାଡ଼ ମାରି ଆଉ କାର୍ କାଚ ଭାଙ୍ଗିଦେଇ ସେଠାରୁ ପଳାଇ ଯାଇଥିଲେ। ଏନେଇ ଅତିରିକ୍ତ ତହସିଲଦାର ଥାନାରେ ଲିଖିତ ଅଭିଯୋଗ କରିଥିଲେ।


ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ମୁଖ୍ୟ ସିଗ୍‌ନାଲ ଓ ଟେଲିକମ୍ ଯନ୍ତ୍ରୀ/ସିଏନ୍/ଏର୍‌କ୍ୟୁ/ଗାର୍ଡେନ ରିଚ୍ – ୭୦୦୦୪୩, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: ଏନ୍‌ଆଇଟି ନଂ.: ଏସ୍‌ଟି-ସିଏନ୍-ଆରଓୟୁ-ଟିଏଟିଆଇ-କେଏନ୍‌ଆର୍‌ଏନ୍-ଏଏଲ୍‌ଟି ସମାପ୍ତି ତାରିଖ/ସମୟ: ୨୫।୦୬।୨୦୨୫, ୧୫.୦୦; କାର୍ଯ୍ୟର ନାମ: ଦକ୍ଷିଣ ପୂର୍ବ ରେଳପଥର ରାଞ୍ଚି ଡିଭିଜନରେ ହାଟିଆ (ଏଚ୍‌ଟିଇ) – ଓର୍ଗା (ଓଆର୍‌ଜିଏ) ସେକ୍ସନରେ କେଏନ୍‌ଆର୍‌ଏନ୍–ଟିଏଟିଆଇ–ପିବିବି ମଧ୍ୟରେ ଦୋହରୀକରଣ ସଂକ୍ରାନ୍ତରେ ୟାର୍ଡ ରିମଡେଲିଂ କାର୍ଯ୍ୟ ସମେତ କନରୋଆଁ (କେଏନ୍‌ଆର୍‌ଏନ୍), ଟାଟି (ଟିଏଟିଆଇ) ଏବଂ ପରବାଟୋନିଆ (ପିବିବି) ଷ୍ଟେସନଠାରେ ବିଦ୍ୟମାନ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମରେ ଉଭୟ ଇନ୍‌ଡୋର୍ ଓ ଆଉଟ୍‌ଡୋର୍ ଏସ୍ ଆଣ୍ଡ ଟି କାର୍ଯ୍ୟର ଡିଜାଇନ, ଯୋଗାଣ, ସ୍ଥାପନ, ନିର୍ବାହ, ପରୀକ୍ଷଣ ଏବଂ କମିଶନିଂ। ଟେଣ୍ଡରର ବିଜ୍ଞାପିତ ମୂଲ୍ୟ: ₹୭,୨୪,୪୯,୦୬୦.୯୪; ଅମାନତ ରାଶି: ₹୫,୧୨,୩୦୦.୦୦; ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୦.୦୦; ଟେଣ୍ଡର ପ୍ରକାର: ଖୋଲା; ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୨୫।୦୬।୨୦୨୫, ୧୫.୦୦। ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିର ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ। (PR-224)

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜି.), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି–୮୩୪୦୦୩ ନିମ୍ନଲିଖିତ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ; ଇଏମ୍‌ଡି ମୂଲ୍ୟ; [୧]; ଡିଆର୍‌ଏମ୍‌ଇଏନ୍‌ଜିଆର୍‌ଏନ୍‌ସି-୩୬-୨୦୨୫; ରାଞ୍ଚି ମଣ୍ଡଳର ପିଡବ୍ଲ୍ୟୁଆଇ/ ଏଲ୍‌ଏଡି ଅଧୀନରେ ଅନ୍ୟାନ୍ୟ ଭିତ୍ତିଭୂମିଗତ ସୁବିଧା ସହିତ ବିଭିନ୍ନ ୟାର୍ଡଗୁଡ଼ିକର ୟାର୍ଡ ଉନ୍ନତୀକରଣ/ଅପ୍‌ଗ୍ରେଡେସନ୍ କାର୍ଯ୍ୟ ଏବଂ ଟ୍ରାକ୍ ମେଶିନ ସାଇଡିଂର ବିକାଶ; ₹୯,୦୦,୪୨,୬୫୬.୩୮; ₹୬,୦୦,୨୦୦.୦୦; ୨୩।୦୬।୨୦୨୫, ୧୫.୦୦ ଘଟିକାରେ। [୨]; ଡିଆର୍‌ଏମ୍‌ଇଏନ୍‌ଜିଆର୍‌ଏନ୍‌ସି-୩୭-୨୦୨୫; ରାଞ୍ଚି ମଣ୍ଡଳର ପିଡବ୍ଲ୍ୟୁଆଇ/ ଜିବିଏକ୍ସ ଅଧୀନରେ ଅନ୍ୟାନ୍ୟ ଭିତ୍ତିଭୂମିଗତ ସୁବିଧା ସହିତ ବିଭିନ୍ନ ୟାର୍ଡଗୁଡ଼ିକର ୟାର୍ଡ ଉନ୍ନତୀକରଣ/ଅପ୍‌ଗ୍ରେଡେସନ୍ କାର୍ଯ୍ୟ ଏବଂ ଟ୍ରାକ୍ ମେଶିନ ସାଇଡିଂର ବିକାଶ; ₹୮,୯୬,୩୧,୩୨୬.୯୪; ₹୫,୯୮,୨୦୦.୦୦; ୨୩।୦୬।୨୦୨୫, ୧୫.୦୦ ଘଟିକାରେ। ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ। (PR-226)



ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.12-SBP-TRD-OT-2025-26 ତା.28.05.2025ରିଖ

କାର୍ଯ୍ୟର ନାମ : (1) ସମ୍ବଲପୁର ମଣ୍ଡଳର ସରଲା-ଦେଓଗାଁ ରୋଡ୍ ସେକ୍ସନରେ PSC ସ୍ଲାବ୍ ଦ୍ୱାରା 12.20 ମିଟର ସ୍ପାନ୍ ବିଶିଷ୍ଟ 13 ଗୋଟି ଷ୍ଟିଲ୍ ଗର୍ଡର ପୋଲଗୁଡ଼ିକର ସ୍ଥାନାନ୍ତରଣ। (2) ସମ୍ବଲପୁର ମଣ୍ଡଳରେ ଅତାବିରା-ଦେବାହାଲ ମଧ୍ୟରେ କି.ମି.587/37-39 ଠାରେ JT-36, ଖଲିଆପାଲି-ଲୋଇସିଂହା ମଧ୍ୟରେ କି.ମି.658/13-14 ଠାରେ JT-80, ସରଲା-ସମ୍ବଲପୁର ମଧ୍ୟରେ କି.ମି.557/20-22 ଠାରେ JT-24, ଦେବାହାଲ-ବରଗଡ଼ ରୋଡ୍ ମଧ୍ୟରେ କି.ମି.619/32-34 ଠାରେ JT-56, ଅତାବିରା-ଦେବାହାଲ ମଧ୍ୟରେ କି.ମି.592/3-5 ଠାରେ JT-39, ଅତାବିରା-ଦେବାହାଲ ମଧ୍ୟରେ କି.ମି.588/28-30 ଠାରେ JT-37, ଦେବାହାଲ-ବରଗଡ଼ ରୋଡ୍ ମଧ୍ୟରେ କି.ମି. 595/05-07 ଠାରେ JT-41, ହୀରାକୁଦ-ଗୋଡ଼ଭଗା ମଧ୍ୟରେ କି.ମି.572/08-10 ଠାରେ JT-29, ବରପାଲି-ଡୁଙ୍ଗୁରିପାଲି ମଧ୍ୟରେ କି.ମି.637/10-11 ଠାରେ JT-69, ବରଗଡ଼ ରୋଡ୍-ବରପାଲି ମଧ୍ୟରେ କି.ମି.609/13-14 ଠାରେ JT-51 ପରିବର୍ତ୍ତେ ସ୍ୱଚ୍ଛ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

ଆନୁମାନିକ ମୂଲ୍ୟ (ଟଙ୍କାରେ) : 42,87,202.20, EMD (ଟଙ୍କାରେ) : 85,800/-, ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.06.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-189/Q/25-26



GOVT. OF ODISHA No.A-240

DEPARTMENT OF WATER RESOURCES

OFFICE OF THE CHIEF ENGINEER, DRAINAGE CUTTACK, GANDARPUR-753003

E-PROCUREMENT NOTICE NO.CE-DR-CTC-02/2025-26

email Id : cedrainage@gmail.com

| | | |
|---|---|---|
| 1. | Name of Works | : Clearing of water way and Construction of river training wall with associated structure in Bahadanalla near Haripur |
| 2. | Total number of Packages | : 1No. individual package. |
| 3. | Estimated Cost | : Rs.5955.91 Lakh |
| 4. | Bid Identification No. | : CE-DR-CTC/DD-BAM-02/2025-26 |
| 5. | Period of completion | : 30(Thirty) Calendar months |
| 6. | Availability of Tender On-Line | : 05.06.2025, 16.30 hours to 04.07.2025, 17.00 hours. |
| 7. | Date of Opening of Technical Bid | : 05.07.2025 at 11.30 hours in the O/o the Chief Engineer, Drainage, Cuttack |
| 8. | Class of Contractor | : Super Class |
| 9. | Bid Security/EMD | : Rs.59,56,000/- (To be remitted online) |
| 10. | Cost of Tender paper | : Rs.10,000/- |
| 11. | Procurement Officer | : Chief Engineer, Drainage, Cuttack, Gandarpur-753003 |

Further details can be seen from the Govt. website www.tendersorissa.gov.in. Addendum/Corrigendum/Cancellation if any required will be published only in Govt. website www.tendersorissa.gov.in

Sd./- Chief Engineer, Drainage Cuttack

OIPR-32174/11/0027/2526



भारतीय रिज़र्व बैंक
पर्यवेक्षण विभाग
पं. जवाहरलाल नेहरु मार्ग, भुवनेश्वर – 751 001
www.rbi.org.in

सार्वजनिक सूचना

अधिकार माइक्रोफाइनेंस प्राइवेट लिमिटेड को जारी पंजीकरण प्रमाणपत्र (सीओआर) रद्द किया जाना

भारतीय रिज़र्व बैंक अधिनियम, 1934 (अधिनियम) की धारा 45-IA (6) के तहत प्रदत्त शक्तियों का प्रयोग करते हुए, भारतीय रिज़र्व बैंक ने 20 मई, 2025 के अपने आदेश द्वारा भारतीय रिज़र्व बैंक अधिनियम की धारा 45-I(a) के तहत परिभाषित गैर-बैंकिंग वित्तीय संस्थान के कारोबार को निष्पादित करने के लिए **'अधिकार माइक्रोफाइनेंस प्राइवेट लिमिटेड'** (CIN No: U65923OR1997PTC010452) जिसका पंजीकृत कार्यालय प्लॉट नंबर-77/180/970, सुबुद्धिपुर, टोमांडो, भुवनेश्वर, ओडिशा, भारत, 752054 में स्थित है, को जारी पंजीकरण प्रमाणपत्र (सीओआर) संख्या 04.00021 दिनांकित 22 अक्टूबर, 2013 को रद्द कर दिया है। इसके परिणामस्वरुप उक्त अधिनियम के तहत यह कंपनी गैर-बैंकिंग वित्तीय संस्थान का कारोबार नहीं कर सकती है।

यह सूचना जनहित में जारी की गई है।

स्थान: भुवनेश्वर
दिनांक: 03 जून, 2025

हस्ता/-
(सीमा बेहेरा)
महाप्रबंधक


See Career Appointment on every Wednesday & Saturday


ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

କ୍ଷେତ୍ରୀୟ କାର୍ଯ୍ୟାଳୟ: ବି-୨/(ପଶ୍ଚିମ) ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍-୦୬୭୪-୨୫୪୧୪୦୬/୨୫୪୦୦୩୨/୨୫୪୬୧୬୮

ସୁନା ନିଲାମ ବିକ୍ରୟ ବିଜ୍ଞପ୍ତି

ନିମ୍ନଲିଖିତ ରଣଗ୍ରହୀତା, ସେମାନଙ୍କର ଉତ୍ତରାଧିକାରୀ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନିମ୍ନଲିଖିତ ରଣଗ୍ରହୀତାମାନେ ସ୍ୱର୍ଣ୍ଣ ଅଳଙ୍କାର ବନ୍ଧକ ରଖି ରଣ ନେଇଛନ୍ତି। ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ରଣଗ୍ରହୀତାମାନେ ଯଥା ସମୟରେ ସେମାନଙ୍କର ସୁନା ରଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ସୁଦ୍ଧା ସେମାନଙ୍କର ବକେୟା ରଣ ସହିତ ତତ୍‌ପରବର୍ତ୍ତୀ ସୁଧ ଓ ଆନୁସଙ୍ଗିକ ସମସ୍ତ ଖର୍ଚ୍ଚ ସହିତ ପରିଶୋଧ ନ କରନ୍ତି ତେବେ ସେମାନେ ବନ୍ଧକ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ ସ୍ଥିର କରାଯାଇଥିବା ନିମ୍ନ ଦର୍ଶିତ ତାରିଖରେ ସର୍ବସାଧାରଣରେ ନିଲାମ କରାଯିବ ଏବଂ ବ୍ୟାଙ୍କ ଏ ସମ୍ବନ୍ଧୀୟ କୌଣସି ଅସୁବିଧା, ଆପତ୍ତି, ଅଭିଯୋଗ ବା କ୍ଷତି ପାଇଁ ଦାୟୀ ହେବନାହିଁ ଏବଂ ଯଦି କିଛି ବକେୟା ରହିଯାଏ ତାହା ଆଇନ ଅନୁସାରେ ରଣଗ୍ରହୀତାଙ୍କ ଠାରୁ ଆଦାୟ କରାଯିବ।

| କ୍ର. ନଂ. | ସ୍ୱର୍ଣ୍ଣ ରଣ ଆକାଉଣ୍ଟ ନଂ. | ଏନ୍‌ପିଏ ତାରିଖ | ରଣଗ୍ରହୀତାମାନଙ୍କ ନାମ | ବର୍ତ୍ତମାନ ବକେୟା ରାଶି | ସୁନା ମୋଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|---|---|
| ୧. ସତ୍ୟ ନଗର ଶାଖା, ଫୋନ: ୮୯୨୫୯୫୧୦୬୦ | | | | | |
| ୧ | ୧୦୬୦୦୩୪୬୨୦୦୦୫୭୩ | ୧୪.୦୩.୨୦୨୫ | ମୀରା ଦାଶ | ଟ.୨,୮୧,୩୯୭.୪୨ | ୭୩.୮୦୦ |
| ୨ | ୧୦୬୦୦୩୪୬୨୦୦୦୫୭୪ | ୧୫.୦୩.୨୦୨୫ | ମନୋଜ କୁମାର ସାହୁ | ଟ.୧୬,୮୯୯.୯୯ | ୫.୪୦୦ |
| ୨. କଣ୍ଟୋଳ ଶାଖା, ଫୋନ: ୮୯୨୫୯୫୧୦୯୫ | | | | | |
| ୧ | ୧୦୯୫୦୩୨୧୪୦୦୦୮୫୨ | ୧୩.୧୦.୨୦୨୪ | ପ୍ରଶାନ୍ତ ସାହୁ | ଟ.୬୨,୧୩୫/- | ୧୩.୧୦୦ |
| ୨ | ୧୦୯୫୦୩୨୧୪୦୦୧୨୨୦ | ୨୭.୦୭.୨୦୨୪ | ସୁଧୀର କୁମାର ସ୍ୱାଇଁ | ଟ.୫୫,୦୦୦/- | ୧୨.୪୦୦ |
| ୩. ମୂଳି ସିଂହ ଶାଖା, ଫୋନ: ୮୯୨୫୯୫୩୪୭୮ | | | | | |
| ୧ | ୩୪୭୮୦୩୨୧୪୦୦୨୦୬୮ | ୨୪.୦୬.୨୦୨୪ | ହରପ୍ରିୟା ମହାନ୍ତି | ଟ.୫୩,୧୬୧/- | ୧୨.୨୦୦ |
| ୪. ଯୋଡା ଶାଖା, ଫୋନ: ୮୯୨୫୯୫୨୬୨୧ | | | | | |
| ୧ | ୨୬୨୧୦୩୧୩୨୦୦୦୦୮୮ | ୦୨.୦୬.୨୦୨୩ | ଲିପୁ ଦାସ | ଟ.୧୦,୪୭୦/- | ୨.୮୫୦ |
| ୨ | ୨୬୨୧୦୩୧୩୨୦୦୦୧୯୦ | ୦୨.୦୯.୨୦୨୨ | ସୁନୀତା କରୁଆଁ | ଟ.୧୧,୧୨୯/- | ୪.୧୬୦ |
| ୩ | ୨୬୨୧୦୩୧୩୨୦୦୦୩୫୮ | ୦୬.୦୮.୨୦୨୪ | ଜୟ ବଦୈକ | ଟ.୧୬,୦୯୪/- | ୪.୮୧୦ |
| ୪ | ୨୬୨୧୦୩୪୬୨୦୦୦୭୨୨ | ୧୪.୦୨.୨୦୨୫ | ଅନୀକେତ ବରୁଆ | ଟ.୧୩,୮୦୯/- | ୫.୦୯୦ |
| ୫ | ୨୬୨୧୦୩୪୬୨୦୦୦୫୩୪ | ୧୧.୦୩.୨୦୨୪ | କୌଶଲ୍ୟା ପାତ୍ର | ଟ.୭,୨୫୬/- | ୨.୭୨୦ |
| ୫. ଯାଜପୁର ରୋଡ୍ ଶାଖା, ଫୋନ: ୮୯୨୫୯୫୧୨୮୬ | | | | | |
| ୧ | ୧୨୮୬୦୩୧୩୨୦୦୦୩୩୩ | ୧୮.୧୨.୨୦୨୨ | ସିଲୁ ରାଉତ | ଟ.୩୬,୧୨୨/- | ୮.୬୨୦ |
| ୬. ଧୁରୁକୁଡିଆ ଶାଖା, ଫୋନ: ୮୯୨୫୯୫୧୧୨୪ | | | | | |
| ୧ | ୧୧୨୪୦୩୨୧୪୦୦୦୫୫୮ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୧,୨୪,୭୨୪/- | ୨୮.୪୦୦ |
| ୨ | ୧୧୨୪୦୩୨୧୪୦୦୦୮୩୭ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୧,୮୨,୦୦୦/- | ୩୯.୧୦୦ |
| ୩ | ୧୧୨୪୦୩୨୧୪୦୦୦୮୩୯ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୧,୨୭,୦୦୦/- | ୨୭.୪୦୦ |
| ୪ | ୧୧୨୪୦୩୨୧୪୦୦୦୮୪୧ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୬୪,୦୦୦/- | ୧୩.୬୦୦ |
| ୫ | ୧୧୨୪୦୩୨୧୪୦୦୦୮୪୪ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୩୮,୦୦୦/- | ୮.୨୦୦ |
| ୬ | ୧୧୨୪୦୩୨୧୪୦୦୦୯୭୯ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୫୪,୦୦୦/- | ୧୧.୪୦୦ |
| ୭ | ୧୧୨୪୦୩୨୧୪୦୦୦୯୮୦ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୬୭,୦୦୦/- | ୧୫.୬୦୦ |
| ୮ | ୧୧୨୪୦୩୨୫୭୦୦୧୦୮୧ | ୦୧.୦୫.୨୦୨୫ | ହରେକୃଷ୍ଣ ସାହୁ | ଟ.୧,୧୮,୦୦୦/- | ୨୪.୧୦୦ |
| ୭. ବାଲୁଗାଁ ଶାଖା, ଫୋନ: ୮୯୨୫୯୫୦୯୨୭ | | | | | |
| ୧ | ୦୯୨୭୦୩୧୩୨୦୦୦୫୪୧ | ୧୮.୦୨.୨୦୨୪ | ଶୁଭାଶିଷ ପ୍ରଧାନ | ଟ.୧୯,୩୩୧/- | ୫.୪୦୦ |
| ୮. କଣାସ ଶାଖା, ଫୋନ: ୮୯୨୫୯୫୧୧୯୪ | | | | | |
| ୧ | ୧୧୯୪୦୩୧୩୨୦୦୦୪୬୫ | ୨୧.୦୩.୨୦୨୫ | ରମେଶ ଚନ୍ଦ୍ର ମଣ୍ଡଳ | ଟ.୬୬,୫୨୭/- | ୧୯.୩୫୦ |
| ୨ | ୧୧୯୪୦୩୪୬୨୦୦୩୪୪୭ | ୨୧.୦୩.୨୦୨୫ | ରମେଶ ଚନ୍ଦ୍ର ମଣ୍ଡଳ | ଟ.୭୩,୬୮୮/- | ୧୯.୯୫୦ |
| ୯. ଖୋର୍ଦ୍ଧା ଶାଖା, ଫୋନ: ୮୯୨୫୯୫୨୨୯୧ | | | | | |
| ୧ | ୨୨୯୧୦୩୧୩୨୦୦୧୫୬୨ | ୦୯.୦୪.୨୦୨୫ | ମନୋଜ କୁମାର ସେଠୀ | ଟ.୫୦,୫୩୨/- | ୧୪.୩୦୦ |

ନିଲାମ ତାରିଖ : ୨୦.୦୬.୨୦୨୫

ନିଲାମ ସ୍ଥାନ: ସମ୍ପୃକ୍ତ ଶାଖା ପରିସରରେ | ସମୟ : ଅପରାହ୍ନ ୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା

୧. ଇଚ୍ଛୁକ ନିଲାମଧାରୀମାନେ ଉପରଦର୍ଶିତ ନିଲାମ ତାରିଖ ଦିନ ଉପରୋକ୍ତ ଶାଖାରେ ସେମାନଙ୍କର ପାନ୍ କାର୍ଡ ଏବଂ ଆଧାର କାର୍ଡ ସହିତ ଫଟୋଗ୍ରାଫ, ବୈଧ ଫଟୋ ପରିଚୟ ପତ୍ର ଏବଂ ଠିକଣା ପ୍ରମାଣ ପତ୍ର ସହିତ ଉପସ୍ଥିତ ରହିବେ। ୨. ନିଲାମଧାରୀମାନେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ଅଳଙ୍କାର ଗୁଡ଼ିକର ଓଜନ ଏବଂ ବିଶୁଦ୍ଧତା ଇତ୍ୟାଦି ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍ ଏବଂ ଏ ବିଷୟରେ କୌଣସି ଆପତ୍ତି/ ଅଭିଯୋଗ/ଦାବି ନିଲାମ ପରେ ପ୍ରଶୟ ଦିଆଯିବ ନାହିଁ। ୩. ଇଚ୍ଛୁକ ନିଲାମଧାରୀ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ନିମନ୍ତେ ଅମାନତ ରାଶି **ଟ.୫,୦୦୦/- (ପାଞ୍ଚ ହଜାର ଟଙ୍କା)** କ୍ୟାସ୍/ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ଆକାରରେ ଶାଖା ପ୍ରବନ୍ଧକଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ। ୪. ଯଦି କୌଣସି ଏକ ନିର୍ଦ୍ଦିଷ୍ଟ ଅଳଙ୍କାର ନିମନ୍ତେ ଏକରୁ ଅଧିକ ନିଲାମଧାରୀ ଅଂଶଗ୍ରହଣ କରନ୍ତି ତେବେ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। ୫. ସଫଳ ନିଲାମଧାରୀମାନେ ସେମାନଙ୍କ ସପକ୍ଷରେ ନିଲାମ ଚୂଡ଼ାନ୍ତ ହେବା ପରେ ଉକ୍ତ ଦିନ କିମ୍ବା ପରବର୍ତ୍ତୀ କାର୍ଯ୍ୟ ଦିବସ ଦିନ ସମସ୍ତ ନିଲାମ ରାଶି ବ୍ୟାଙ୍କ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ / କ୍ୟାସ୍ ଆକାରରେ ସମ୍ପୃକ୍ତ ଶାଖାରେ ଦାଖଲ କରିବେ। ୬. ଯଦି ସଫଳ ନିଲାମଧାରୀ ଧାର୍ଯ୍ୟ ୨୪ ଘଣ୍ଟା ମଧ୍ୟରେ ନିଲାମ ରାଶି ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କୁ କୌଣସି ସୂଚନା ନ ଦେଇ ଅମାନତ ରାଶି ସହିତ ଦାଖଲ ରାଶି ବାଜ୍ୟାପ୍ତି କରାଯିବ। ୭. ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ କରିବା ପରେ ସର୍ବୋଚ୍ଚ ନିଲାମଧାରୀଙ୍କୁ **୭ ଦିନ** ମଧ୍ୟରେ ଅଳଙ୍କାର ହସ୍ତାନ୍ତରିତ କରାଯିବ। ୮. ସଫଳ ନିଲାମଧାରୀଙ୍କୁ ଅଳଙ୍କାର ଥରେ ବିକ୍ରି ହୋଇଯିବା ପରେ କୌଣସି ପରିସ୍ଥିତିରେ ବ୍ୟାଙ୍କ ଦ୍ୱାରା ତାହା ଫେରସ୍ତ ନିଆଯିବ ନାହିଁ ଏବଂ ଏ ବାବଦରେ କୌଣସି ଦାବି/ ଅଭିଯୋଗ/ ବିବାଦକୁ ପ୍ରଶୟ ଦିଆଯିବ ନାହିଁ। ୯. ଅସଫଳ ନିଲାମଧାରୀଙ୍କୁ ନିଲାମ ପରେ ଅମାନତ ରାଶି ସଙ୍ଗେ ସଙ୍ଗେ ଫେରସ୍ତ କରାଯିବ। ୧୦. ବିଳମ୍ବିତ ତାରିଖରେ ନିଲାମ ରାଶି ଗ୍ରହଣ କରିବା ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତା ଅଟେ। ୧୧. ବ୍ୟାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ। ୧୨. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ କୌଣସି କିମ୍ବା ସମସ୍ତ ଅଳଙ୍କାରର ନିଲାମକୁ ଗ୍ରହଣ/ବାତିଲ/ସ୍ଥଗିତ/ରଦ୍ଦ/ବନ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛି ଏବଂ ବ୍ୟାଙ୍କ ଏ ବାବଦରେ କାହା ନିକଟରେ ଉତ୍ତରଦାୟୀ ନୁହନ୍ତି ଏବଂ ଅମାନତ ରାଶି ନିଲାମଧାରୀଙ୍କୁ ଫେରସ୍ତ କରାଯିବ। ୧୩. ଦ୍ରଷ୍ଟବ୍ୟ ଏହି କି ଯେ ରଣଗ୍ରହୀତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନ ଦେଇ ନିଲାମ ହୋଇନଥିବା ଅଳଙ୍କାରଗୁଡ଼ିକ ଅନ୍ୟ କୌଣସି ତାରିଖରେ ନିଲାମ କରାଯିବ। ୧୪. ବ୍ୟାଙ୍କ ଅଳଙ୍କାର / କଏନ୍‌ର ବିଶୁଦ୍ଧତା / ଓଜନର କୌଣସି ଗ୍ୟାରେଣ୍ଟି ଦିଏନାହିଁ। ୧୫. ଆଗ୍ରହୀ ନିଲାମଧାରୀମାନେ ସବିଶେଷ ବିବରଣୀ ନିମନ୍ତେ ସମ୍ପୃକ୍ତ ଶାଖା କିମ୍ବା କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱରର କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୨.୦୬.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ



झारखण्ड सरकार
पेयजल एवं स्वच्छता विभाग

अल्पकालीन ई–प्रोक्योरमेन्ट सूचना

निविदा सूचना संख्या – DHN-1/12/2025-26 दिनांक – 02.06.2025

| Name of Work | प्राक्कलित राशि (लाख में) | अग्रधन की राशि (लाख में) | परिमाण विपत्र का मूल्य (रूपये में) | कार्य पूर्ण करने की अवधि |
|---|---|---|---|---|
| SUPPLYING AND LAYING OF DIFFERENT DIA D.I PIPE K-9 FROM WTP BHELATAND TO EXISTING SUMP AT IIT ISM DHANABD UNDER D.W. & S. DIVISION NO.1, DHANBAD | 496.19932 | 4.97 | 10000.00 | 6 माह |

| | | |
|---|---|---|
| 2 | वेबसाइट पर निविदा प्रकाशन की तिथि | 06.06.2025 समय 04.00 बजे अपराहन् तक |
| 3 | प्री बीड मीटिंग की तिथि एवं समय | 11.06.2025, 11.30 बजे पूर्वाह्न क्षेत्रीय मुख्य अभियन्ता का कार्यालय, पेयजल एवं स्वच्छता विभाग, दुमका प्रक्षेत्र, दुमका |
| 4 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 21.06.2025 समय 05.00 बजे अपराहन् तक |
| 5 | सरकार के सचिव, सूचना प्रौद्योगिकी एवं ई– गवर्नेस, झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 21.06.2025 समय 05.00 बजे अपराहन् तक |
| 6 | तकनीकी बिड खोलने की तिथि एवं समय | 23.06.2025 समय 05.00 बजे अपराहन् |
| 7 | तकनीकी बिड खोलने का स्थान | कार्यपालक अभियंता, पेयजल एवं स्वचछता प्रमंडल सं.1, धनबाद |
| 8 | निविदा आमंत्रित करने वाले पदाधिकारी का नाम/पदनाम :- रणजीत कुमार ठाकुर, कार्यपालक अभियंता, पेयजल एवं स्वचछता प्रमंडल सं.1, धनबाद | |
| 9 | निविदा आमंत्रित करने वाले कार्यालय का टेलिफोन नं0 : 0326-3148874 | |
| 10 | ई– प्रोक्यूरमेन्ट सेल का हेल्प लाईन सं0 : 0651-2480345 | |

नोट – (1) केवल ई निविदा ही स्वीकार किये जायेंगे।
(2) प्राक्कलित राशि घट–बढ़ सकती है तदनुसार अग्रधन की राशि एवं परिमाण विपत्र का मूल्य भुगतेय होगी।
अधिक जानकारी के लिए वेवसाईट http://jharkhandtenders.gov.in पर देखा जा सकता है।

PR 354103 (Drinking Water and Sanitation) 25-26 (D)

कार्यपालक अभियन्ता
पेयजल एवं स्वच्छता प्रमंडल सं.1, धनबाद

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୬।୨୦୨୫

| | |
|---|---|
| ୭,୬୭,୬୦୭ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ସଙ୍କଟରେ ବାଲୁଖଣ୍ଡ ଅଭୟାରଣ୍ୟ

ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)

ପୁରୀ ସୁରକ୍ଷା ପରିଷଦ ପକ୍ଷରୁ ପରିବେଶ ସୁରକ୍ଷା ସପ୍ତାହର ଚତୁର୍ଥ ଦିବସ ଅବସରରେ ବାଲୁଖଣ୍ଡ ଅଭୟାରଣ୍ୟ ସୁରକ୍ଷା ଶୀର୍ଷକ ଆଲୋଚନା ଚକ୍ର ଓଡ଼ିଶା ସଙ୍ଗୀତ ପରିଷଦ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଚକ୍ରରେ ପରିଷଦର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଆଲୋଚକ ଭାବେ ଅନ୍ନଦା ସାମାଜିକ ଅନୁଷ୍ଠାନର ନିର୍ଦ୍ଦେଶିକା ରୁଚିମିତ୍ରା ଜଗଦେବ ମହାପାତ୍ର, ସାମାଜିକ କର୍ମୀ ପ୍ରତିଭା ତ୍ରିପାଠୀ, ଉପବନାଞ୍ଚଳ ଅଧିକାରୀ ପ୍ରଦୀପ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ମତ ପ୍ରକାଶ ପାଇଥିଲା ୧୯୮୪ ମସିହାରେ ବାଲୁଖଣ୍ଡ – କୋଣାର୍କ ଅଭୟାରଣ୍ୟ ହଜାର ହଜାର ସଂଖ୍ୟାରେ କୃଷ୍ଣସାର ମୃଗଙ୍କ ସୁରକ୍ଷା ନିମନ୍ତେ ଅଭୟାରଣ୍ୟ ଘୋଷଣା କରାଯାଇଥିଲା। ଏହି ଅଭୟାରଣ୍ୟ ୮୭ବର୍ଗ କିଲୋମିଟର ଅଞ୍ଚଳ ପରିବ୍ୟାପ୍ତ। ଦୁଃଖ ଓ ପରିତାପର ବିଷୟ ଯେ, ଏହି ଅଭୟାରଣ୍ୟରୁ ନିୟମିତ କାଠ ଚୋରି ହେଉଛି ଏବଂ ଏହା ମଧ୍ୟରେ ଥିବା କିଛି ଘରୋଇ ଜମି ପ୍ଲଟିଂ ହୋଇ ବିକ୍ରୟ କରାଯାଉଥିବାରୁ ଅଭୟାରଣ୍ୟରେ ଥିବା ଜୀବଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ବିଗତ ଫନି ବାତ୍ୟା ସମୟରେ ଜନମାନସକୁ ସୁରକ୍ଷା ପ୍ରଦାନ କରି ନିଜର ଅସ୍ତିତ୍ୱ ହରାଇଥିବା ବାଲୁଖଣ୍ଡ ଅଭୟାରଣ୍ୟ ଏବେ ଶ୍ରୀହୀନ। ଫନୀ ବାତ୍ୟା ପରେ ବାଲୁଖଣ୍ଡ ଅଭୟାରଣ୍ୟର ୬୦୦ ହେକ୍ଟର ଅଞ୍ଚଳରେ ଚାରାରୋପଣ କରାଯାଇଥିଲା, ସେହି ଚାରାଗୁଡ଼ିକରୁ କେତେ ପ୍ରତିଶତ ଜୀବିତ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭୟାରଣ୍ୟର ୧୦ କିଲୋମିଟର ବ୍ୟାସାର୍ଦ୍ଧ ଭିତରେ କୌଣସି କରତକଳ ରହିପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଥିଲେ ସୁଦ୍ଧା ବାଲୁଖଣ୍ଡ ଅଭୟାରଣ୍ୟ ନିକଟବର୍ତ୍ତୀ ଅଞ୍ଚଳରେ ଅନେକ କରତକଳ ଥିବା ନେଇ ବକ୍ତାମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ଆଲୋଚନାଚକ୍ରରେ ସନ୍ତୋଷ କୁମାର ମହାନ୍ତି, ଡ. କାର୍ତ୍ତିକ କୁମାର ଦାସ, ଖବରଦାତା ଜଗନ୍ନାଥ ବସ୍ତିଆ, ତ୍ରିବିକ୍ରମ ମହାପାତ୍ର, ବିଚିତ୍ର ରଞ୍ଜନ ମହାପାତ୍ର ଏବଂ ଆଇନଜୀବୀ ରଚିତା ରାଉତରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ ।

## ରଥଖଳାରୁ...

## ଶେଷ ପର୍ଯ୍ୟାୟରେ ପୋଲ ଗୟଳ କାର୍ଯ୍ୟ



ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ୩୩ ତମ ଦିବସରେ ନିର୍ମାଣକାରୀ ସେବକମାନେ ରଥ ଖଳାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ପାଞ୍ଚଦଣ୍ଡାରେ ମୁହାଁଟ ସଂଯୋଗ ପରେ ଆଗ, ପଛ ନିରାଡ଼ି ଉଠି ପାର୍ଶ୍ୱ ଦଣ୍ଡାରେ କୁଡୁକା ଲାଗିହୋଇ ପାର୍ଶ୍ୱ ନିରାଡ଼ି ପଡ଼ି, ଆଗ, ପଛ ମୁହାଁଟରେ ଗୁଜ, ଜଳ ଯନ୍ତ୍ର ଲାଗି ଦଣ୍ଡାଫ୍ରେମ ପ୍ରସ୍ତୁତି ଶେଷ ହୋଇଥିଲା। ସୋମବାର ତିନି ରଥର ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ଦଣ୍ଡା ଫ୍ରେମ୍‌ରର ବିଭିନ୍ନ ଅଂଶଗୁଡ଼ିକର ନମ୍ବରିଂ ହୋଇ କଳସା ପାଇଁ ମାପ ଚିହ୍ନ ଗାରିଆ ଶେଷ ହୋଇଛି, ସୋମବାର ଦଣ୍ଡା ପ୍ରେମ ଖୋଲାଯାଇ, ପାଞ୍ଚଦଣ୍ଡ ରେ ଲାଗିଥିବା ଅଂଶଗୁଡ଼ିକର କାପ, କଳଶା ଏବଂ ବିନ୍ଧକାର୍ଯ୍ୟ ସମ୍ପନ୍ନ ହେବ। ଏଥିସହ ମଙ୍ଗଳବାର ପୂର୍ବାହ୍ନରେ ତିନିରଥ ଚକ – ଅଖ ସଂଯୋଗ ସହ ଚକ ଥାକ ହୋଇ ଦିଗ ନିର୍ଣ୍ଣୟ କାର୍ଯ୍ୟ ସମ୍ପନ୍ନ ହେବ। ତିନି ରଥର ଚାରି ଗୋଟି ଲେଖାଏଁ ଧ୍ୱଜବତା ନିର୍ମାଣ ଶେଷ ହୋଇଛି। ତିନିରଥ ବେଦି ଓ ସିଂହାସନର ଜଗତ ପୃଷ୍ଠଶେଣୀ ନିର୍ମାଣ ପାଇଁ ରଥ ଅମୀନ ତିନି ରଥ ଚାଳିକୁ ପ୍ରଥମ ପର୍ଯ୍ୟାୟରେ ୩ ଗୋଟି ଲେଖାଏଁ ୨୦ ଫୁଟିଆ ଅସନ କାଠ ଯୋଗାଇ ଥିଲେ ଉକ୍ତ ତିନିଟି ଜଗତ ପୃଷ୍ଠଶେଣୀର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି। ଏଥିସହ ତାଳଧ୍ୱଜ ରଥ ଏବଂ ନନ୍ଦି ଘୋଷ ରଥର ଦୁଇଟି ଦୁଇଟି ପୋଲ ଗୟଳର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି। ଦର୍ପଦଳନ ରଥର ମହାରଣା ସେବକ ମାନେ ଦୁଇଟି ୨୦ ଫୁଟିଆ ଧ୍ୱଳିଦଣ୍ଡା ର ଚଉପଟ ପରେ ଗୋଲାଇ କାର୍ଯ୍ୟ ଶେଷ କରିଛନ୍ତି(ଏହି ଦୁଇ ଧ୍ୱଳିଦଣ୍ଡା ଠାକୁରଙ୍କ ପ୍ରଭା ର ପଛପାର୍ଶ୍ୱରେ ପ୍ରଭାକୁ ବାନ୍ଧି ରଖିବାରେ ସହାୟକ ହେଇଥାଏ) ସେହିପରି ମହାପ୍ରଭୁଙ୍କ ଅନବସର ଗୃହ ପ୍ରସ୍ତୁତ ପାଇଁ ତାଳଧ୍ୱଜ ରଥର ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ୩ଟି ୨୦ ଫୁଟିଆ ଅଣସର ଗୟଳ ଚଉପଟ କାର୍ଯ୍ୟ ପରେ ତାର ଗୋଲେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ରୂପକାର ସେବକମାନେ ବେଦି ସିଂହାସନ ମୁହାଁଟିରେ କୁମ୍ଭ, ମତ୍ସ୍ୟ ଏବଂ ଡାଳିଲତା ଖୋଦେଇ କାର୍ଯ୍ୟ ସହ ତିନିରଥ ନାଟଗୋଡ଼ରେ ଖୋଦେଇ ପୂର୍ବରୁ ଗନ୍ଧର୍ବ ରୂପ ଚିତ୍ରାଙ୍କନ କାର୍ଯ୍ୟ ଜାରି ରଖିଛନ୍ତି। କରତିସେବକମାନେ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ ଶେଷ ପରେ ଦର୍ପଦଳନ ରଥର ୪୦ ଫୁଟିଆ ଧଉରା ପୋଲ ଗୟଳ କାଠର ଉଭୟ ପାର୍ଶ୍ୱର ଚିତାକାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନି ରଥର ଦଣ୍ଡା କଣ୍ଟା, ଗୟଳ କଣ୍ଟା, ଗରଗରା କଣ୍ଟା ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳବେଦିଠାରେ ପାହି ମହାରଣାମାନେ ଅଣସର ତଥା ରଥ ଯାତ୍ରାରେ ସେବା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି।

## ସଂକ୍ଷେପରେ

### ଆଇନ ସଚେତନତା କର୍ମଶାଳା

ଚାରିଛକ,୨।୬ (ଶିଶିର ସ୍ୱାଇଁ)

ଚାରିଛକ ଥାନା ପକ୍ଷରୁ ଏକ ଆଇନ ସଚେତନତା କର୍ମଶାଳା ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରିଣୀ ମମତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଥାନା ଅଧୀନରେ ଥିବା ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟ, ସ୍ଥାନୀୟ ଅଞ୍ଚଳର ସମସ୍ତ ମୁରବୀ, ସାମାଜିକ କର୍ମୀ, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳରେ ଆଇନ ଶୃଙ୍ଖଳା, ସ୍ଥାନୀୟ ଦେବଦେବୀ ମନ୍ଦିରଗୁଡ଼ିକୁ କିପରି ସୁରକ୍ଷା ଦିଆଯାଇପାରିବ ସେହି ବିଷୟରେ ଆଲୋଚନା କରାଯିବା ସହିତ ଆଇନକାନୁନର ବିଭିନ୍ନ ଦିଗ ଉପରେ ସୂଚନା ଦିଆଯାଇଥିଲା। ତତ୍‌ସହିତ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ କିପରି ସୁସମ୍ପର୍କ ରଖାଯାଇପାରିବ, ସେ ବିଷୟରେ ସମସ୍ତେ କିପରି ଦାୟିତ୍ୱବାନ ହୋଇପାରିବେ ତଥା ଆହୁରି ଜନସଚେତନତା ସୃଷ୍ଟି ପାଇଁ ବକ୍ତାମାନେ ମତପୋଷଣ କରିଥିଲେ।

### ଜାଗାବାଡ଼ିକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ

ନିମାପଡ଼ା,୨।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଦହିଜଙ୍ଗ ଗ୍ରାମରେ ଜମିବାଡ଼ି ଓ ପାରିବାରିକ ବିବାଦକୁ କେନ୍ଦ୍ର କରି ରବିବାର ୨ ପରିବାର ମଧ୍ୟରେ ଗଣ୍ଡଗୋଳ, ମାରପିଟ୍ ଓ ମହିଳାଙ୍କୁ ଦୁର୍ବ୍ୟବହାର ଆଦି ଘଟଣା ଘଟିଛି। ଏ ସମ୍ପର୍କରେ ଗୋଟିଏ ପରିବାରର ସୁକାନ୍ତ ସ୍ୱାଇଁ ଗଣ୍ଡଗୋଳକାରୀ ରମେଶ ସ୍ୱାଇଁ, ସ୍ୱାଧୀନ ସ୍ୱାଇଁ, ରଣଜିତ ସ୍ୱାଇଁ ପ୍ରମୁଖ ୩ ଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଅନ୍ୟ ପରିବାରର ମେନକା ସ୍ୱାଇଁ ଗଣ୍ଡଗୋଳକାରୀ କାର୍ତ୍ତିକ ସ୍ୱାଇଁ, ଚନ୍ଦ୍ରକାନ୍ତ ସ୍ୱାଇଁ, ମମତା ସ୍ୱାଇଁ, ସୁକାନ୍ତ ସ୍ୱାଇଁ ପ୍ରମୁଖ ୪ ଜଣଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ପୋଲିସ ୭ ଜଣଙ୍କ ବିରୋଧରେ ୧୫୬/୨୫ ଏବଂ ୧୫୭/୨୫ରେ ପୃଥକ୍ ପୃଥକ୍ ୨ଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଉକ୍ତ ଘଟଣାକୁ କେନ୍ଦ୍ର କରି ଗ୍ରାମର ୨ ପରିବାର ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି।



**ପୁରୀ:** ମହାପ୍ରଭୁଙ୍କ ପଟିଦିଅଁ ପ୍ରସ୍ତୁତ କରୁଛନ୍ତି ଚିତ୍ରକାର ସେବକ । (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

# ପଟିଦିଅଁ ପ୍ରସ୍ତୁତିରେ ବ୍ୟସ୍ତ ଚିତ୍ରକାର ସେବକ

ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)

ସ୍ନାନପୂର୍ଣ୍ଣିମାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀଙ୍କ ସହ ରତ୍ନସିଂହାସନରୁ ଆସି ସ୍ନାନବେଦିରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବେ। ସ୍ନାନ ଯୋଗୁ ଜ୍ୱରାକ୍ରାନ୍ତ ହୋଇ ଅଣସର ପିଣ୍ଡିରେ ବିଶ୍ରାମ ନେବେ। ଏହି ସମୟରେ ଦଇତାପତି ସେବକଙ୍କ ଦ୍ୱାରା ଶ୍ରୀବିଗ୍ରହମାନଙ୍କର ଗୁପ୍ତସେବା ନୀତି ଆରମ୍ଭ ହୋଇଥାଏ। ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହୋଇଥାନ୍ତି। ତେଣୁ ଏହି ସମୟରେ ଶ୍ରୀମନ୍ଦିରରେ ପଟିଦିଅଁ ପୂଜାର ପରମ୍ପରା ଦେଖିବାକୁ ମିଳିଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଅନନ୍ତ ନାରାୟଣ, ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ଏବଂ ଦେବୀ ସୁଭଦ୍ରାଙ୍କ ସ୍ଥାନରେ ମା' ଭୁବନେଶ୍ୱରୀଙ୍କ ପଟିଦିଅଁ ଅଣସର ସମୟରେ ପୂଜା ପାଇଥାନ୍ତି। ଅପରପକ୍ଷରେ ଉତ୍କଳୀୟ ସଂସ୍କୃତିରେ ପଟ୍ଟଚିତ୍ରର ପ୍ରଭାବ ଦେଖିବାକୁ ମିଳିଥାଏ। ପାରମ୍ପରିକ ଚିତ୍ରକଳା ଆକର୍ଷଣୀୟ ଓ ମନ ମୁଗ୍ଧକର ହୋଇଥାଏ। ଶ୍ରୀମନ୍ଦିରରେ ପଟ୍ଟଚିତ୍ର ବା ପଟିଦିଅଁଙ୍କ ଉପାସନା ଦେଖିବାକୁ ମିଳିଥାଏ। ଶ୍ରୀମନ୍ଦିରରେ ଅଣସରବେଳେ ପୂଜିତ ହେଉଥିବା ପଟିଦିଅଁମାନଙ୍କୁ ଚିତ୍ରକାର ସେବାୟତମାନେ ଶୁଦ୍ଧପୂତ ଭାବେ ନିଜ ଘରେ ପ୍ରସ୍ତୁତ କରିଥାନ୍ତି। ପଣାପ୍ରିୟା ସାହିରେ ଶ୍ରୀଜଗନ୍ନାଥ ଓ ପତିତପାବନଙ୍କ ପଟ୍ଟଚିତ୍ର ପ୍ରସ୍ତୁତ କରାଯାଏ। ସେହିପରି ଚିତ୍ରକାର ସାହିରେ ବଳଭଦ୍ର ଓ ସୁଭଦ୍ରାଙ୍କ ପଟିଦିଅଁ ପ୍ରସ୍ତୁତ ହୋଇଥାଏ। ସ୍ନାନଯାତ୍ରା ଦିନ ରାତିରେ ଶ୍ରୀବିଗ୍ରହମାନେ ପହଣ୍ଡି ହୋଇ ଅଣସର ପିଣ୍ଡିକୁ ଯିବା ପରେ ଶ୍ରୀମନ୍ଦିରରୁ ଘଣ୍ଟ, ଛତା, କାହାଳୀ ସହ ପଟିଦିଅଁଙ୍କୁ ଚିତ୍ରକାର ସେବକଙ୍କ ଘରକୁ ଯାଇଥାଏ। ସେଠାରେ ଚିତ୍ରକାର ପରିବାରର ମହିଳାମାନେ ପଟିଦିଅଁଙ୍କୁ ବନ୍ଦାପନା କରିବା ପରେ ପଟିଦିଅଁ ଶ୍ରୀମନ୍ଦିରକୁ ବିଜେ କରିଥାନ୍ତି। ଶୀତଳଷଷ୍ଠୀ ଦିନ ପନ୍ତି ଭୋଗ ସରିବା ପରେ ଚିତ୍ରକରମାନେ ପଟି ଲାଗି କରିଥିବାବେଳେ, ରୁକ୍ମିଣୀ ହରଣ ଏକାଦଶୀଠାରୁ ଏହି ପଟିରେ ରଙ୍ଗ ଦେଇ ଚିତ୍ରିତ କରିଥାନ୍ତି। ହିଙ୍ଗୁଳା, ହରିତାଳ, ଶଙ୍ଖ, ଦୀପକଳା, ଖଣ୍ଡ ନେଳି, ପଟା, ଗେରୁ, କଇଁଥ ଅଠା ଇତ୍ୟାଦି ପାରମ୍ପରିକ ରଙ୍ଗରେ ପଟିଦିଅଁଙ୍କୁ ଚିତ୍ରକର ସେବକ ତିଆରି କରିଥାନ୍ତି। ଶୀତଳଷଷ୍ଠୀଠାରୁ ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ସପରିବାର ହବିଷାନ୍ନ କରି ଶୁଦ୍ଧପୂତ ଭାବେ ଚିତ୍ରକରମାନେ ପଟି ଦିଅଁଙ୍କୁ ପ୍ରସ୍ତୁତ କରିଥାନ୍ତି। ପ୍ରଥମେ ନୂଆ କନାରେ ଅଠା, ଖଡ଼ି ପ୍ରଲେପ ଦେଇ ଘଷା ପଥର ଦ୍ୱାରା ଘଷି ଚିକଣ କରି ପଟି ପ୍ରସ୍ତୁତି କରାଯାଏ। ପରେ ପଟିକୁ ଆଙ୍କିବା ପାଇଁ ଗେରୁ ରଙ୍ଗ ଟିପଣା କରାଯାଏ। ପଟି ପ୍ରସ୍ତୁତ ପରେ ଉକ୍ତ ପଟିରେ ଶ୍ରୀଅନନ୍ତ ନାରାୟଣ, ଅନନ୍ତ ବାସୁଦେବ ଏବଂ ମା ଭୁବନେଶ୍ୱରୀଙ୍କ ପ୍ରତିକୃତି ଅଙ୍କନ କରାଯାଏ। ଶ୍ରୀମନ୍ଦିର ଜୟବିଜୟଦ୍ୱାର ନିକଟରେ ଖଟ ଉପରେ ଶ୍ରୀମଦନମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ମାଧବ, ଶ୍ରୀନୃସିଂହ ଙ୍କ ସହିତ ପଟିଦିଅଁମାନେ ପୂଜା ପାଇଥାନ୍ତି ।

### ଥାନାଧିକାରୀଙ୍କ ଥାର୍ଡ ଡିଗ୍ରୀ: ହିନ୍ଦୁବାହିନୀ ପକ୍ଷରୁ କଣାସ ଥାନା ଆଗରେ ଧାରଣା

କଣାସ,୨।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ଗଡ଼ବଡ଼ପୁଟ ପଞ୍ଚାୟତର ଗଡ଼ବଡ଼ପୁଟ ଗ୍ରାମରେ ଗତ ୩୧ ତାରିଖ ଦିନ କୂଅରୁ ପାଣିନେବାକୁ କେନ୍ଦ୍ରକରି ନିନା ବଳବନ୍ତରାୟ ଓ ଉଷା ବଳବନ୍ତରାୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ମନ୍ଦାରବସ୍ତ ଫାଣ୍ଡି ଓ କଣାସ ଥାନାରେ ଉଭୟପକ୍ଷ ଅଭିଯୋଗ କରିଥିଲେ। ଗଡ଼ବଡ଼ପୁଟ ସରପଞ୍ଚଙ୍କ ସ୍ୱାମୀ ବାପି ବଳବନ୍ତରାୟ କଣାସ ଥାନାରେ ଉଭୟଙ୍କ ମଧ୍ୟରେ ବୁଝାବଣା କରି ଥାନାରୁ ଆଣିଥିଲେ। ସୋମବାର ନିନାଙ୍କ ପୁଅ ବାଦଲଙ୍କୁ କଣାସ ଥାନାଧିକାରୀ ମାଡ଼ ମାରିଥିବା ଅଭିଯୋଗ କରି ପରିବାର ଓ ସନାତନୀ କେଶରୀ ହିନ୍ଦୁବାହିନୀ ପକ୍ଷରୁ ୨୦ ଜଣ ବ୍ୟକ୍ତି ଥାନା ଆଗରେ ବସି ରହିଥିଲେ। ଖବରପାଇ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିଲା।

### ଗୋପ ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ହେଲେ ରାଜଲକ୍ଷ୍ମୀ ଦାସ

ଯୋଗେଶ୍ୱରପୁର,୨।୬(ରଶ୍ମିରଞ୍ଜନ ସାହୁ)

ନୟାହାଟ ଅଞ୍ଚଳର ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରାଜଲକ୍ଷ୍ମୀ ଦାସଙ୍କୁ ଜଗତସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇଙ୍କ କାକଟପୁର ନିର୍ବାଚନ ମଣ୍ଡଳୀ ପ୍ରତିନିଧି ଭାବେ ନିଯୁକ୍ତି କରିଛନ୍ତି। ନୟାହାଟ ଫାଣ୍ଡି ଅଧୀନ ସୋରଭା ପଞ୍ଚାୟତ ମୁରୁଡ଼ା ଗ୍ରାମରେ ରାଜଲକ୍ଷ୍ମୀ ଦାସ ଭାଜପା ମଣ୍ଡଳ ସଭାପତି ଜିଲା ପରିଷଦ ସଭ୍ୟ ଗୋପ ବ୍ଲକ ବିଡିଓ ଛବିରାଣି ସାହୁଙ୍କୁ ସାକ୍ଷାତ କରି ଏମ୍‌ପିଙ୍କ ଚିଠି ପ୍ରଦାନ କରିଥିଲେ। ତାଙ୍କ ସହ ଅନନ୍ତ ସାହୁ, କେଦାର ସାହୁ, ମାନସ ସାହୁ, ମାନସ ମହାପାତ୍ର, ପ୍ରସନ୍ନ ମହାପାତ୍ର, ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ୧୪ ନଂ. ଜୋନ୍‌ର ମଣ୍ଡଳ ସଭାପତି ରକ୍ତପ୍ରଳ ନାୟକ, ୧୨ ନଂ. ଜୋନ୍‌ର ମଣ୍ଡଳ ସଭାପତି ଦିଲୀପ ପ୍ରଧାନ, ପ୍ରଭାତ ପାତ୍ର, ପୂର୍ବତନ ସରପଞ୍ଚ ବାବୁଲାଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ସାହୁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଏମ୍‌ପିଙ୍କ ପ୍ରତିନିଧି ଦାସଙ୍କ ସହଯୋଗ କାମନା କରିଥିଲେ।

### ସବୁ ଖଜା ଦୋକାନ ହେବ ଯାଞ୍ଚ: ଜିଲାପାଳ

ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)

ପୁରୀ ବଡ଼ଦାଣ୍ଡ ଓ ଶ୍ରୀମନ୍ଦିର ଚାରିପାଖ ସମେତ ସହରର ଅନେକ ସ୍ଥାନରେ ଲୋକଙ୍କୁ ଠକି ଅପମିଶ୍ରିତ ଖଜା ବିକ୍ରି କରାଯାଉଛି। ସେହିପରି ଅସାଧୁ ବ୍ୟବସାୟୀମାନେ ଓଜନରେ ମଧ୍ୟ ଠକୁଥିବା ଦେଖିବାକୁ ମିଳୁଛି। ଏପରିକି ବାହାରେ ବିକ୍ରି ହେଉଥିବା ଖଜାକୁ ମହାପ୍ରସାଦ କହି ଲୋକଙ୍କ ଆସ୍ଥା ସହ ଖେଳ ଖେଳୁଛନ୍ତି। ଏଭଳି ଏକ ଘଟଣା ଶନିବାର ସାମ୍ନାକୁ ଆସିବା ପରେ ପ୍ରଶାସନ ଚେତିଛି। ପୁରୀ ଏସ୍‌ପି ବିନିତ ଅଗ୍ରୱାଲଙ୍କ ସୂଚନା ଅନୁଯାୟୀ, ଶନିବାର ସିଂହଦ୍ୱାର ଥାନା ଅଞ୍ଚଳରେ ସମ୍ପୃକ୍ତ ଭକ୍ତଙ୍କୁ ଠକିଥିବା ଖଜା ବ୍ୟବସାୟୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି। ସମସ୍ତଙ୍କୁ ପୋଲିସ ପକ୍ଷରୁ ଆହ୍ୱାନ କରାଯାଉଛି ଯେ, ପୁରୀକୁ ଆସୁଥିବା ଭକ୍ତଙ୍କ ସହ ଠକାମି କରନ୍ତୁ ନାହିଁ। ରାସ୍ତାପାର୍ଶ୍ୱରେ ବସୁଥିବା ଉଠାଦୋକାନୀଙ୍କ ଉପରେ ପ୍ରଶାସନର ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସେ କହିଛନ୍ତି। ସେହିପରି ଜିଲାପାଳ ସିଦ୍ଧାଥ ଶଙ୍କର ସ୍ୱାଇଁ କହିଛନ୍ତି, ଶ୍ରୀମନ୍ଦିରରେ ସୁଆର ମହାସୁଆର ସେବାୟତମାନେ ଖଜା ମହାପ୍ରସାଦକୁ ପ୍ରସ୍ତୁତ କରିଥାନ୍ତି। ମନ୍ଦିର ଭିତରେ ଉକ୍ତ ଖଜା ମହାପ୍ରସାଦ ମିଳେ। ତେବେ ବଡଦାଣ୍ଡରେ ଯେଉଁ ଖଜା ମିଳୁଛି ତାହା ମହାପ୍ରସାଦ ନୁହେଁ। ଖଜା ବ୍ୟବସାୟୀ ଠକେଇ କରିବା ଘଟଣାରେ ପ୍ରତ୍ୟେକ ବିଭାଗକୁ ସୂଚନା ଦିଆଯାଇଛି। ଯାଞ୍ଚ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ସେହିପରି ପୁରୀ ସିଟି ଲେଭୁଲରେ ଯେଉଁ ସ୍କ୍ୱାଡ୍ ରହିଛି ତାଙ୍କୁ ସଚେତନ କରାଯାଇଛି। ମଝିରେ ମଝିରେ ଯେଉଁ ବ୍ୟବସାୟୀ ନିୟମ ଉଲ୍ଲଂଘନ କରୁଛନ୍ତି ତାହା ଉପରେ ନଜର ରଖିବେ। ସେହିପରି ଜଏଣ୍ଟ ସ୍କ୍ୱାଡ୍‌କୁ ଚେକିଂ ଜୋରଜାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କିଛି ଖଜାଭାଟି ପରିମିଶନ ନେଇ ଆଇନ ଅନୁଯାୟୀ ଭଲ ଭାବେ ଖଜା ପ୍ରସ୍ତୁତ କରୁଛନ୍ତି। ମାତ୍ର କିଛି ବ୍ୟକ୍ତି ବେଆଇନ ଭାବେ ଖଜା ଭାଟି ନିର୍ମାଣ କରି ବ୍ୟବସାୟ କରୁଛନ୍ତି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

### ଶ୍ରୀସଦାଶିବ କ୍ୟାମ୍ପସରେ କର୍ମଶାଳା

ପୁରୀ,୨।୬(ଅଜିତ କୁମାର ମହାନ୍ତି)

ପୁରୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ କ୍ୟାମ୍ପସରେ ସୋମବାରଠାରୁ ଏକ କର୍ମଶାଳା ଆରମ୍ଭ ହୋଇଛି। ଆୟୁର୍ବେଦିକ ମାତୃକାକୁ ସଂସ୍କୃତରେ ରୂପାନ୍ତରିତ କରିବା ଉପରେ ଆୟୋଜିତ ଏହି କର୍ମଶାଳା ଜୁନ୍ ୧୫ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟର କେନ୍ଦ୍ରୀୟ ଆୟୁର୍ବେଦିକ ବିଜ୍ଞାନ ଗବେଷଣା ପରିଷଦର ମିଳିତ ତତ୍ତ୍ୱାବଧାନରେ ଏହା ଆୟୋଜନ କରାଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଶ୍ରୀସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଗୁଜରାଟର ଉପକୁଳପତି ପ୍ରଫେସର ସୁକାନ୍ତ କୁମାର ସେନାପତି ଯୋଗଦେଇଥିଲେ। କେନ୍ଦ୍ରୀୟ ଆୟୁର୍ବେଦିକ ବିଜ୍ଞାନ ଗବେଷଣା ପରିଷଦର ମହାନିର୍ଦ୍ଦେଶକ ପ୍ରଫେସର ଭି.ଡି. ରବିନାରାୟଣ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ବିଶେଷ ଅତିଥିଭାବେ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତିର ଉପକୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ଏବଂ ସମ୍ମାନିତ ଅତିଥିଭାବେ ପୂର୍ବତନ ଉପନିର୍ଦ୍ଦେଶକ ବୈଷୟିକ ନୂଆଦିଲ୍ଲୀର ଡ. ମଦନ ମୋହନ ପାଢ଼ୀ ଯୋଗଦେଇଥିଲେ। ଡ. ରାକେଶ ନାରାୟଣନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସିସିଆର୍‌ଏଏସ୍, ଏନ୍‌ଆଇଆଇଏମଏଚ୍, ହାଇଦ୍ରାବାଦର ଚାର୍ଜ ଇନ୍‌ଚାର୍ଜ ଡ. ଜିପି ପ୍ରସାଦ ଭାଷଣ ଦେଇଥିଲେ। ଡିଏମ୍‌ଓ, ନର୍ଦ୍ଦନ ସର୍କଲ୍, ଓଡ଼ିଶା ଡ. ଶିଶିରକାନ୍ତ ମିଶ୍ରଙ୍କ ଦ୍ୱାରା କର୍ମଶାଳା ସଂଯୋଜିତ ହୋଇଥିଲା। ଅତିଥିମାନଙ୍କୁ କ୍ୟାମ୍ପସ୍ ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ସମ୍ମାନିତ କରିଥିଲେ ଏବଂ ଶେଷରେ ଡ. ଶାରଦା ଓତା ଚାର୍ଜ ସହକାରୀ ନିର୍ଦ୍ଦେଶକ ଆୟୁଷ (ସିସିଆରଏଏସ୍, ସିଏଆର୍‌ଆଇ ଭୁବନେଶ୍ୱର) ଧନ୍ୟବାଦ ଦେଇଥିଲେ। କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୁଝିବା ଯେ, କିପରି ଆୟୁର୍ବେଦରେ ଉପସ୍ଥାପିତ ଜ୍ଞାନ, ଯାହା ସଂସ୍କୃତରେ ଲେଖାଯାଇଛି, ଯଦି ସରଳ ମାନକ ସଂସ୍କୃତରେ ଅନୁବାଦ କରାଯାଏ, ତେବେ ଆମେ ଅନେକ ଆୟୁର୍ବେଦିକ ତଥ୍ୟକୁ ଏକ ପୁସ୍ତକ ଆକାରରେ ଦେଖିପାରିବା ଏବଂ ଏହା ସମାଜର କଲ୍ୟାଣ ପାଇଁ ବହୁତ ଉପଯୋଗୀ ହୋଇପାରିବ। ଉକ୍ତ କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ, ଏହି ମିଳିତ ସହଯୋଗ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ, କେନ୍ଦ୍ରୀୟ ଆୟୁର୍ବେଦିକ ବିଜ୍ଞାନ ଗବେଷଣା ପରିଷଦ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଉଛି। ଏଥିରେ ଅନେକ ଗବେଷକ, ଆୟୁର୍ବେଦିକ ଗବେଷଣା ଛାତ୍ର, ସଂସ୍କୃତ ଗବେଷକ ଉପସ୍ଥିତ ଥିଲେ।

# ଜଗନ୍ନାଥପ୍ରେମୀଙ୍କ ଅସନ୍ତୋଷ, କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)



ଇସ୍କନ ସଂସ୍ଥାର ମନମାନି କାର୍ଯ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି, ଯାହାକୁ ନେଇ ଅଗଣିତ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। କିଛି ଦିନ ପୂର୍ବେ ଇସ୍କନ ସଂସ୍ଥା ପକ୍ଷରୁ ଇଂଲଣ୍ଡ ଠାରେ ଅଦିନିଆ ରଥଯାତ୍ରା ଆୟୋଜନ କରାଯାଇଥିବା ବାରଣ ସ୍ୱତ୍ତ୍ୱେ ଇସ୍କନ ନ ମାନି ପରେ ବିଭିନ୍ନ ଦେଶରେ ଅଦିନିଆ ରଥଯାତ୍ରା କରିବା ନେଇ ତାଲିକା ପ୍ରକାଶ କରିଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଯାଇଥିଲା। ତେବେ ପୁଣି ଇସ୍କନ ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅପମାନ କରାଯାଇଥିବା ଦେଖିବାକୁ ମିଳିଛି। ଏଥର ଅଦିନିଆ ରଥକୁ ନେଇ ନୁହେଁ, ବରଂ ରଥରେ କାଠରେ ନିର୍ମିତ ଚକା ପରିବର୍ତ୍ତେ ଯୁଦ୍ଧଜାହାଜ ସୁଖୋଇର ଚକ ଆଣି ରଥରେ ଲଗାଯାଇଛି। ଯାହାକୁ ନେଇ ସେବାୟତଙ୍କ ଠାରୁ ଆରମ୍ଭକରି ବୁଦ୍ଧିଜୀବୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କୋଲକାତାର ଇସ୍କନ ମାୟାପୁରୀ ପକ୍ଷରୁ ଏପରି ବିବାଦୀୟ ବୟାନ ଦିଆଯାଇଛି। ଇସ୍କନ ପକ୍ଷରୁ ରଥରେ କାଠ ଚକ ବ୍ୟବହାର କରାଇବା ପରିବର୍ତ୍ତେ ଲଢୁଆ ବିମାନ ସୁଖୋଇର ଚକ ଲଗାଯାଇଛି। ୪ ଫୁଟ ବ୍ୟାସ ବିଶିଷ୍ଟ ଏହି ଟାୟାରର ଓଜନ ୧୧୦ କେଜି ରହିଛି। ତେବେ ଏପରି କାର୍ଯ୍ୟକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଚାଲିଛି। ବାରମ୍ବାର ଇସ୍କନ ପକ୍ଷରୁ ଜଗନ୍ନାଥ ସଂସ୍କୃତି ପରମ୍ପରାକୁ କୁଠାରାଘାତ କରାଯାଉଥିବାରୁ ଏନେଇ ଇସ୍କନ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରାଯାଇଛି। ଏଣୁ ଶ୍ରୀଜଗନ୍ନାଥଙ୍କ ବାଡଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ରଥରେ ବିମାନ ଚକ ଲାଗିବା ଠିକ ନୁହେଁ। ମହାପ୍ରଭୁଙ୍କ ରଥ କ'ଣ ରିକ୍ସା ନା ଟଲି ହୋଇଛି ଯେ ସେଥିରେ ଚକ ଲାଗିବ। ଏପରି କାର୍ଯ୍ୟ କରି ଇସ୍କନ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ କୁଠାରଘାତ କରୁଛି। ଏହା ଅତ୍ୟନ୍ତ ନିନ୍ଦନୀୟ କଥା। ପରମ୍ପରା ରହିଛି ପୁରୀରେ ମହାପ୍ରଭୁଙ୍କ ରଥରେ ପୁରୁଣା ଜିନିଷ କିଛି ଲାଗେ ନାହିଁ। ଏପରିକି ଗୋଟିଏ କଣ୍ଟା ମଧ୍ୟ ପୁରୁଣା ଲଗାଯାଏ ନାହିଁ। ମହାପ୍ରଭୁଙ୍କ ରଥ ଭଳି ଆଉ କୋଉଠି ରଥ ନାହିଁ। ସରକାର କ'ଣ ଏତେ ଅପାରଗ ହୋଇଗଲେ ଯେ, ରଥରେ ବିମାନ ଚକ ଲଗାଉଛନ୍ତି। ସାଢେ ୪କୋଟି ଓଡ଼ିଆଙ୍କ ମଉଡ଼ମଣି ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ।

#### ଇସ୍କନ ରଥରେ ବିମାନ ଚକ ଲଗାଯିବା ଘଟଣା

ଓଡ଼ିଆ ଲୋକ ଏପରି କାର୍ଯ୍ୟକୁ କେବେ ବରଦାସ୍ତ କରିବେନି। ଏପରି ଘଟଣାକୁ ପ୍ରଶ୍ରୟ ଦିଆଯିବ ନାହିଁ। ଏପରି କାର୍ଯ୍ୟକୁ ଘୋର ବିରୋଧ କରାଯିବା ସହ ଦରକାର ପଡ଼ିଲେ ରଥ ଆଗରେ ଶୋଇବୁ। ଏପରି କାର୍ଯ୍ୟ ପାଇଁ ଇସ୍କନକୁ ବାସନ୍ଦ କରିବା ଆବଶ୍ୟକ। ଏହାର ସାରା ଭାରତରେ ବିରୋଧ କରାଯାଉ। ଇସ୍କନ ଜଗନ୍ନାଥଙ୍କ ପରମ୍ପରା ଓ ସଂସ୍କୃତିକୁ ମାନି ସମସ୍ତ କାର୍ଯ୍ୟ କରୁ ବୋଲି ସ୍ୱାଇଁ ମହାପାତ୍ର କହିଛନ୍ତି। ଇସ୍କନ ହରିଲୁଟ କରୁଛି ବୋଲି ମହାପାତ୍ର ଅଭିଯୋଗ କରିଛନ୍ତି। ଏନେଇ ବରିଷ୍ଠ ସେବାୟତ ଗୌରହରି ପ୍ରଧାନ କହିଛନ୍ତି, ଇସ୍କନ ତା'ର ମନମାନି ଚଳାଇଛି। ମନଇଚ୍ଛା କେତେବେଳେ ରଥଯାତ୍ରା କରୁଛି ତ ପୁଣି କେବେ ରଥରେ ବିମାନରେ ଚକ ଲଗାଉଛି। ଏପରି ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରା ବାରମ୍ବାର ଆଘାତ ପହଞ୍ଚାଉଛି। ଖାଲି ହାଇଲାଇଟ ହେବା ପାଇଁ ଏପରି କାର୍ଯ୍ୟ ଇସ୍କନ କରୁଥିବା ଅନୁମାନ କରାଯାଉଛି। ତାଙ୍କର ଯେତିକି ଅର୍ଥ ଅଛି ସେମାନେ ସମ୍ପୂର୍ଣ୍ଣ ରଥ ନିର୍ମାଣ କରିପାରିବେ। ମାତ୍ର ସେମାନେ ବ୍ୟବସାୟକରଣ କରିବା ଉଦେଶ୍ୟରେ ଏପରି କାର୍ଯ୍ୟ କରୁଚନ୍ତି। ଜାଣିଶୁଣି ଅନିଦିଆ ରଥଯାତ୍ରା କରିବା ସହ ବିବାଦୀୟ କାର୍ଯ୍ୟ କରୁଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରାଯାଉ, ମାତ୍ର ଏପରି ଇସ୍କନ ପକ୍ଷରୁ ଅବମାନନା କରାନଯାଉ। ପରମ୍ପରା ମାନି ନୀତିକାନ୍ତି ଅନୁସାରେ ସମସ୍ତ କାର୍ଯ୍ୟ କରାଯାଉ ବୋଲି ପ୍ରଧାନ କହିଛନ୍ତି। ଏନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ବିରୋଧ କରି ଯେକୌଣସି କାର୍ଯ୍ୟ କରାଯାଇଛି, ସେତେବେଳେ ଶ୍ରୀମନ୍ଦିର ପ୍ରଶାସନର ଅଧ୍ୟକ୍ଷ ଗଜପତି ମହାରାଜା ତା' ଉପରେ ମତ ଦେଇଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାହା ଅଫିସିଆଲ ଷ୍ଟାଣ୍ଡ ରହିଛି। ଆଗକୁ ମଧ୍ୟ ଇସ୍କନ ସହ ଅଦିନିଆ ରଥଯାତ୍ରା ଓ ବିମାନ ଚକ ଲଗାଇବା ଆଦି ଉପରେ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ସ୍ୱାଇଁ କହିଛନ୍ତି।

## ଅବସରପ୍ରାପ୍ତ ଆଇଏସ୍ ଅଫିସର କାଳି କୁମାର ରଥଙ୍କ ପରଲୋକ

ଭୁବନେଶ୍ୱର ୧।୬।୨୫ (ସୌମ୍ୟରଞ୍ଜନ ରାଉତ )

ଅବସର ପ୍ରାପ୍ତ ଆଇଏସ୍ ଅଫିସର କାଳି କୁମାର ରଥଙ୍କର ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲ ଠାରେ ପରଲୋକ ଘଟିଛି। ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ତାଙ୍କ ପାର୍ଥିବ ଶରୀର ଆଇ.ଆର.ସି ଭିଲେଜ ସ୍ଥିତ ନିଜ ବାସଭବନରେ ପହଞ୍ଚିବା ପରେ ବହୁତ ବିଶିଷ୍ଟ ବ୍ୟକ୍ତି, ଶୁଭେଚ୍ଛୁ ଓ ବନ୍ଧୁବାନ୍ଧବ ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା । ତାଙ୍କ ପୁତ୍ର ସତ୍ୟ ଭୂଷଣ ରଥ ମୁଖାଗ୍ନି ଦେଇଥିଲେ। ସେ ଜଣେ ଦକ୍ଷ ଆଇଏସ୍ ଅଫିସର ଭାବରେ ବିଭିନ୍ନ ଉଚ୍ଚ ପଦ ପଦବୀରେ ରହି ସମାଜର ସେବା କରିଥିଲେ। ସେ ସୁଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ ଏବଂ ଶ୍ରୀମନ୍ଦିର ପ୍ରଶାସକ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । ତାଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।



## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

କୋଣାର୍କ,୨।୬(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ପଞ୍ଚାୟତ ଭାଣପୁର ଗ୍ରାମରେ ପୋଖରୀରେ ବୁଡ଼ି ଦେଢ଼ ବର୍ଷର ଶିଶୁ କନ୍ୟା ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, କୁରୁଜଙ୍ଗ ପଞ୍ଚାୟତର ଭାଣପୁର ଗ୍ରାମର ସିଲୁ କାର୍ତ୍ତିଙ୍କ ସ୍ତ୍ରୀ ଘରେ ରୋଷେଇ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ପାଖରେ ଥିବା ଦେଢ଼ ବର୍ଷର ଶିଶୁକନ୍ୟା ଚାଲି ଚାଲି ଘର ନିକଟରେ ଥିବା ପୋଖରୀରେ ପଡ଼ି ବୁଡ଼ି ଯାଇଥିଲେ।

# ଜାଲ୍ ଦସ୍ତଖତ କରି କମ୍ପାନୀରୁ ୧.୨୭ କୋଟି ହଡ଼ପ

ଭୁବନେଶ୍ୱର,୨।୬(ସତ୍ୟଜିତ୍ ରାଉତ)

### ଆକାଉଣ୍ଟାଣ୍ଟ୍ ଗିରଫ



ଜାଲ୍ ଦସ୍ତଖତ କରି କମ୍ପାନୀରୁ ୧.୨୭ କୋଟି ଟଙ୍କା ହଡ଼ପ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେହେଲେ ରଙ୍ଗମାଟିଆସ୍ଥିତ ଏକ ଆପାର୍ଟମେଣ୍ଟରେ ରହୁଥିବା କୋକ୍କରା ରବି (୩୮)। କୋର୍ଟ ଚାଲାଣ ପରେ କୋକ୍କରାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ କବିର ତନେଜା ହେଉଛନ୍ତି ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ହାମେଲମ୍ୟାନ୍ ଇଣ୍ଡିଆ ବ୍ୟବସାୟ ପ୍ରତିଷ୍ଠାନର ପରିଚାଳନା ଅଂଶୀଦାର। ଏହି ବ୍ୟବସାୟିକ ପ୍ରତିଷ୍ଠାନ ଦେଶରେ ହାଇ ପ୍ରେସର ୱାଟର ଜେଟ୍ ପମ୍ପ, ଆସେସୋରିଜ୍ ଏବଂ ସ୍ପେୟାର ପାର୍ଟସର ବିକ୍ରି ସହ ମରାମତି ସେବା ଯୋଗାଇଥାଏ। କୋକ୍କରାଙ୍କୁ ୨୦୧୩ ସେପ୍ଟେମ୍ବର ୨୭ରେ କବିର ନିଜ ବ୍ୟବସାୟ ପ୍ରତିଷ୍ଠାନରେ ଆକାଉଣ୍ଟାଣ୍ଟ ଭାବରେ ନିଯୁକ୍ତି ଦେଇଥିଲେ। ୨୦୨୪ ଏପ୍ରିଲ ୧ରୁ କୋକ୍କରା ତାଙ୍କ ବ୍ୟବସାୟ ପ୍ରତିଷ୍ଠାନର ସମ୍ପୂର୍ଣ୍ଣ ଆକାଉଣ୍ଟସ୍ ବିଭାଗ ଦେଖାଶୁଣା କରୁଥିଲେ। କବିରଙ୍କ ମା' ଅଲକା ମଧ୍ୟ କମ୍ପାନୀର ଅଂଶୀଦାର ହୋଇଥିବାରୁ ସେ ମଧ୍ୟ ବ୍ୟାଙ୍କର ଦରମା ପ୍ରଦାନ ପାଇଁ ଅଧିକୃତ ସ୍ୱାକ୍ଷରକାରୀଙ୍କ ମଧ୍ୟରୁ ଜଣେ ଥିଲେ। ଅଲକାଙ୍କ ଦସ୍ତଖତକୁ କୋକ୍କରା ଜାଲ୍ କରି ୨୦୨୦ ଏପ୍ରିଲ ୨ରୁ ୨୦୨୩ ଜୁନ ୮ ମଧ୍ୟରେ କମ୍ପାନୀ ଆକାଉଣ୍ଟରୁ ୧.୨୭ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ନେଇଯାଇଥିଲେ। ବାପା ଓ ଅନ୍ୟ ପରିବାର ସଦସ୍ୟଙ୍କ ସହିତ ନିଜର ଅନ୍ୟ ଏକ ଆକାଉଣ୍ଟକୁ କୋକ୍କରା ଟଙ୍କା ଟ୍ରାନ୍ସଫର କରି ନେଇଥିଲେ। ଅଭିଯୋଗ ହେବା ପୂର୍ବରୁ କୋକ୍କରା କିଛି ଟଙ୍କା ଫେରସ୍ତ ଦେଇଥିବା ବେଳେ ବାକି ଆଉ ଦେଇ ନ ଥିଲେ। ଏନେଇ ମଞ୍ଚେଶ୍ୱର ପୋଲିସ ୨୦୨୪ ଏପ୍ରିଲ ୨୧ରେ ମାମଲା (ନଂ.୨୦୪/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ଆର୍‌ପିଆଇର ଭାରତ ଜିନ୍ଦାବାଦ୍ ଶୋଭାଯାତ୍ରା



ମାଷ୍ଟରକ୍ୟାଣ୍ଟିନ ଛକରେ ଲୋୟର ପିଏମ୍‌ଜି ଯାଉଥିବା ଶୋଭାଯାତ୍ରା।

ଭୁବନେଶ୍ୱର, ୨।୬(ସୌମ୍ୟରଞ୍ଜନ ରାଉତ)

ରିପବ୍ଲିକାନ ପାର୍ଟି ଅଫ୍ ଇଣ୍ଡିଆ (ଆର୍‌ପିଆଇ) ପକ୍ଷରୁ ଭାରତ ଜିନ୍ଦାବାଦ ଶୋଭାଯାତ୍ରା (ଅପରେଶନ ସିନ୍ଦୂର) ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ମାଷ୍ଟର କ୍ୟାଣ୍ଟିନ ଛକରୁ ବାହାରି ଲୋୟର ପିଏମ୍‌ଜିକୁ ଯାଇଥିଲା। ଧର୍ମ ନିରପେକ୍ଷତା ଓ ସାମାଜିକ ନ୍ୟାୟ ଏକତା ପାଇଁ ଭାରତ ଜିନ୍ଦାବାଦ ଅନୁଷ୍ଠିତ ହୋଇଥିଲା। ଶେଖ ଅବଦୁଲ ୱାଲି, ପ୍ରଦୀପ ଶତପଥୀ, ମାନସ ରଞ୍ଜନ ବେହେରା, ଚରଣ ନାୟକ, ଅର୍ଜୁନ ନାୟକ, ଶ୍ରୀନିବାସ ନାୟକ, ମୁନା ପଟ୍ଟନାୟକ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ଓମ୍‌ପ୍ରକାଶ ସିଂହଙ୍କ 'ଲୋହାଣ୍ଡି ଟୁ ଲଦାଖ' ଉନ୍ମୋଚିତ

ଭୁବନେଶ୍ୱର, ୨।୬
(ସୌମ୍ୟରଞ୍ଜନ ରାଉତ)

ଓମ୍‌ପ୍ରକାଶ ସିଂହଙ୍କ ଦ୍ୱାରା ଲିଖିତ କେତକୀ ବୁକ୍ସ ଦ୍ୱାରା ପ୍ରକାଶିତ 'ଲୋହାଣ୍ଡି ଟୁ ଲଦାଖ'-ଏକ ଭ୍ରମଣ କାହାଣୀ ପୁସ୍ତକ ସୋମବାର ଅରଣ୍ୟ ଭବନ ଅଡିଟୋରିୟମ୍‌ଠାରେ ଉନ୍ମୋଚିତ ହୋଇଯାଇଛି। ଫରେଷ୍ଟ ମୁଖ୍ୟାଳୟର ଡିଏଫ୍‌ଓ ସୁନିତା ଜୀ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପିସିସିଏଫ୍ ସୁରେଶ ପନ୍ତ, ପୂର୍ବତନ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ, ପିସିସିଏଫ୍ ଉମା ନାନ୍ଦୁରୀ, ପିସିସିଏଫ୍ ପ୍ରେମକୁମାର ଝା ପ୍ରମୁଖ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଓମ୍‌ପ୍ରକାଶ ଧନ୍ୟବାଦ ଦେଇଥିଲେ।

# ବାରଙ୍ଗ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ



ବାରଙ୍ଗ,୨।୬(ଲିଙ୍ଗରାଜ ରାଉତ)

କଟକ-ବାରବାଟୀ ନିର୍ବାଚନମଣ୍ଡଳୀ ଅଧୀନ ୩ ନଂ. ୱାର୍ଡର ବିଦ୍ୟାଧରପୁର ଗ୍ରାମ ନିକଟରୁ ସୋମବାର ବାରଙ୍ଗ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି।

ସୂଚନା ମୁତାବକ, କାଠଯୋଡ଼ି ନଦୀବନ୍ଧ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଛି। ଏହି ସମ୍ପ୍ରସାରଣ କାର୍ଯ୍ୟ ନରାଜ ବ୍ୟାରେଜ ନିକଟରୁ ତ୍ରିଶୂଳିଆ ସୁବାଷ ବୋଷ ସେତୁ ପର୍ଯ୍ୟନ୍ତ ପ୍ରାୟ ୭ କି.ମି. ରାସ୍ତାକୁ ସୁଦୃଢ଼ କରାଯିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୮ କୋଟି ଟଙ୍କାର ବ୍ୟୟବରାଦ କରାଯିବା ସହ ରାସ୍ତାକୁ ୧୦ ମିଟର ଚଉଡ଼ା କାର୍ଯ୍ୟ କରାଯାଉଛି। ଏହି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟରେ ଅଦ୍ୟାବଧି ପ୍ରାୟ ୫ କି.ମି. ଲମ୍ବାର ପ୍ରାଥମିକ ପର୍ଯ୍ୟାୟ କାର୍ଯ୍ୟ ସରିଯାଇଛି। ଏହା ଭିତରେ ବାରବାଟୀ ନିର୍ବାଚନମଣ୍ଡଳୀର ୩ ନଂ. ୱାର୍ଡ ବିଦ୍ୟାଧରପୁର ଗ୍ରାମ ନିକଟ କାଠଯୋଡ଼ି ନଦୀବନ୍ଧ ରାସ୍ତାକୁ ଗ୍ରାମର କେତେଜଣ ଲୋକ ଜବରଦଖଲ କରି ରଖିଥିବାରୁ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। ଏ ସମ୍ପର୍କରେ ବାରଙ୍ଗ ତହସିଲଦାର ତୁଷାର ଜ୍ୟୋତିରଞ୍ଜନ ଓ ସହକାରୀ ରାଜସ୍ୱ ଅଧିକାରୀ ଛବୀନ୍ଦ୍ର ସେଠୀଙ୍କ ପକ୍ଷରୁ ଜବରଦଖଲକାରୀଙ୍କୁ ପୂର୍ବରୁ ସୂଚନା ଦିଆଯାଇଥିଲେ ମଧ୍ୟ କେହି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ସୋମବାର ବାରଙ୍ଗ ତହସିଲଦାର ବାରଙ୍ଗ ଥାନା ପୋଲିସ ସହାୟତାରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ଧରି ଜେସିବି ଲଗାଇ ଜବରଦଖଲରେ ଥିବା ୫ ମନ୍ଦିର, ୩ କ୍ଲବ ଘର ଓ ବହୁତ ଦୋକାନ ଘରକୁ ଭାଙ୍ଗିଥିବା ଦେଖିବାକୁ ମିଳିଛି।

# ପ୍ରାଣକୃଷ୍ଣ ପରିଜାଙ୍କ ଗବେଷଣା ସମାଜ ପାଇଁ ଅମୂଲ୍ୟ ପୁଞ୍ଜି


ପ୍ରାଣକୃଷ୍ଣ ପରିଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୨।୬(ସୌମ୍ୟରଞ୍ଜନ ରାଉତ)

ବୈଜ୍ଞାନିକ ତଥା ଶିକ୍ଷାବିତ୍ ପ୍ରାଣକୃଷ୍ଣ ପରିଜାଙ୍କ ୪୭ତମ ମହାପ୍ରୟାଣ ଦିବସ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ସୋମବାର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଯାଇଛି। ପ୍ରାଣକୃଷ୍ଣଙ୍କ ଉଦ୍ଭିଦ ବିଜ୍ଞାନ ଉପରେ ଗବେଷଣା ଓ ଶିକ୍ଷାଦାନ କରିବାର ଅଦ୍ଭୁତ ପ୍ରବଣତା ତାଙ୍କୁ ଚିର ଅମର କରି ରଖିବ। ଏଥିସହ ତାଙ୍କ ଗବେଷଣା ସମାଜ ପାଇଁ ଏକ ଅମୂଲ୍ୟ ପୁଞ୍ଜି ହୋଇ ରହିଥିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ସୁବ୍ରତ ନାୟକ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂ, ଅଶ୍ୱିନୀ ପଟ୍ଟନାୟକ, ଘାସି ରାମ, ପ୍ରମୋଦ କୁମାର ସାହୁ, ବିଜନ ପ୍ରଧାନ, ଶିବ ଖଣ୍ଡା, ଅମର ପ୍ରଧାନ ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅମିତ୍ ପାତାଳସିଂ ଧନ୍ୟବାଦ ଦେଇଥିଲେ।

# ବୈଦିକ ଶିକ୍ଷାର ପ୍ରସାର ପାଇଁ ଆଧ୍ୟାତ୍ମିକ ଗୁରୁକୁଳ ପ୍ରତିଷ୍ଠା

ପୁରୁଣା ଭୁବନେଶ୍ୱର,୨।୬(ସୁବାସ ଚନ୍ଦ୍ର ପ୍ରଧାନ)

ସମ୍ପ୍ରତି ଶିକ୍ଷା ବ୍ୟବସ୍ଥା ଇଂରାଜୀ ମାଧ୍ୟମ ଆଡ଼କୁ ମୁହାଁଉଥିବା ବେଳେ ନିଜର ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରା ଠାରୁ ଦୂରେଇ ଯାଉଛନ୍ତି ଆଜିର ଯୁବପିଢ଼ି। ଏଭଳି ସମୟରେ ସ୍ଥାନୀୟ ଶ୍ୟାମା ଶଙ୍କର ମଠ ପରିସରରେ ବୈଦିକ ଶିକ୍ଷା ଏବଂ ଯୋଗାସନ ଆଦି ଶିକ୍ଷା ଲାଭ କରିବା ନିମନ୍ତେ ଏକ ନୂତନ ପ୍ରଚେଷ୍ଟା ଆରମ୍ଭ ହୋଇଛି। ଏନେଇ ଅଧ୍ୟାତ୍ମିକ ଗୁରୁକୁଳ ପ୍ରତିଷ୍ଠା କରାଯାଇଛି। ଏଥିରେ ବ୍ରାହ୍ମଣ ବାଳକଙ୍କୁ ଶିକ୍ଷା ଦିଆଯିବା ସହ ଭାରତୀୟ ସଂସ୍କୃତି ଉପରେ ଅଧିକରୁ ଅଧିକ ଜ୍ଞାନ ଛାତ୍ରୀଛାତ୍ରମାନେ କିଭଳି ପାଇପାରିବେ ତାହା ମୂଳ ଉଦ୍ଦେଶ୍ୟ ବୋଲି ମଠ ମୁଖ୍ୟ ପରିଚାଳକ ଅରୁଣ କୁମାର ଗାଙ୍ଗୁଲି ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି। ସୂଚନାଥାଉକି, ଠାକୁର ଶ୍ରୀସୀତାରାମ ଦାସ ଓଁକାର ନାଥଙ୍କ ସାନ୍ନିଧ ଲାଭ ପାଇଁ ଏଠାରେ ସାଧୁ ଏବଂ ଶ୍ରଦ୍ଧାଳୁମାନେ ଚତୁଃମାସ୍ୟା ଭଳି ଅନେକ ଆଧ୍ୟାତ୍ମିକ ପର୍ବପର୍ବାଣୀ ପାଳିତ ହୋଇଆସୁଛି। ନିକଟରେ ପ୍ରଫେସର ପ୍ରଭାକର ମିଶ୍ରଙ୍କ ଦ୍ୱାରା ଗୀତା ଜ୍ଞାନ ଓ କାର୍ଯ୍ୟକ୍ରମ ମାସର ପ୍ରତ୍ୟେକ ପୂର୍ଣ୍ଣିମାରେ ଅନୁଷ୍ଠିତ ହେଉଛି। ଏହି ବୈଦିକ ଶିକ୍ଷା ପାଇଁ ଶ୍ରଦ୍ଧାଳୁମାନେ ସେମାନଙ୍କ ପିଲାମାନଙ୍କୁ ପ୍ରେରିତ କରିବା ପାଇଁ ଗାଙ୍ଗୁଲି ଅନୁରୋଧ କରିଛନ୍ତି।

# ସାକ୍ଷୀ ଶ୍ରମିକଙ୍କୁ ୭ବର୍ଷ ଜେଲ

ଭୁବନେଶ୍ୱର,୨।୬(ସତ୍ୟଜିତ୍ ରାଉତ)

### ଇଲେକ୍ଟ୍ରିସିଆନ୍ ଦୀପକ ହତ୍ୟା ମାମଲା

ଚନ୍ଦକା ଥାନା ଅନ୍ତର୍ଗତ ତୁଳସୀଦେଇପୁରସ୍ଥିତ ସୋଲ୍ ସୋକ୍ ଫାର୍ମ ହାଉସରେ ଇଲେକ୍ଟ୍ରିସିଆନ୍ ଦୀପକ କୁମାର ସ୍ୱାଇଁଙ୍କୁ ହତ୍ୟା ମାମଲାର ୨ବର୍ଷ ପରେ ରାୟ ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲ୍ଲା ଓ ଦୌରାଜଜ୍ ବିରଞ୍ଚି ନାରାୟଣ ମହାନ୍ତି ରାୟ ପ୍ରକାଶ କରି ଅଭିଯୁକ୍ତ ଶୁଭେନ୍ଦୁ କୁମାର ଦାସ ଓରଫ ବାପିଙ୍କୁ ଆଇପିସି ୩୦୪ (ପାର୍ଟ-୨) (ଉଦ୍ଦେଶ୍ୟ ବିହୀନ ହତ୍ୟା) ଆଧାରରେ ୭ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ବାପିଙ୍କ ଘର ଜଗତ୍‌ସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଧୀନ ସାଫିପୁର ଗ୍ରାମରେ। ୧୪ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ବିଚାରପତି ରାୟ ପ୍ରକାଶ କରିଛନ୍ତି। ଏହି ମାମଲାରେ ପୋଲିସ ଆଇପିସି ଦଫା ୩୦୨(ହତ୍ୟା)ରେ ମାମଲା ରୁଜୁ କରି ଚାର୍ଜଶିଟ୍ ଦାଖଲ କରିଥିଲା। ହେଲେ ଏହା କୋର୍ଟରେ ପ୍ରମାଣ ହୋଇପାରି ନ ଥିଲା।

ମାମଲାର ବିବରଣୀ ଅନୁଯାୟୀ, ଦୀପକଙ୍କ ଘର ରାଉରକେଲା ବାସନ୍ତି କଲୋନୀରେ। ସେ ୭ବର୍ଷ ହେବ ଉକ୍ତ ଫାର୍ମ ହାଉସରେ ବୈଦ୍ୟୁତିକ ସହାୟକ ଭାବେ କାର୍ଯ୍ୟ କରୁଥିଲେ। ସେଠାରେ ଏକ ନିର୍ମାଣାଧୀନ କୋଠାରେ ଦୀପକ ଓ ବାପି ଅନ୍ୟମାନଙ୍କ ସହ ରହୁଥିଲେ। ୨୦୨୩ ମାର୍ଚ୍ଚ ୧ରେ ଅନ୍ୟ ଶ୍ରମିକମାନେ ଦୋଳ ପୂର୍ଣ୍ଣିମା ପାଇଁ ଛୁଟିରେ ଘରକୁ ପଳାଇଯାଇଥିବାବେଳେ ଦୀପକ ଓ ବାପି ଥିଲେ। କୌଣସି ଏକ କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କ୍ରୋଧର ବଶବର୍ତ୍ତୀ ହୋଇ ଦୀପକଙ୍କ ବେକକୁ ବାପି ଏକ ଟାୱେଲରେ ଭିଡି ଧରିବାରୁ ଦୀପକଙ୍କ ମୃତ୍ୟୁ ହୋଇଯାଇଥିଲା। ଏନେଇ ଭଉଣୀ ରଶ୍ମିତାଙ୍କ ଏତଲା ଆଧାରରେ ଚନ୍ଦକା ଥାନା (ନଂ.୬୫/୨୦୨୩)ମାମଲା ରୁଜୁ କରି ତଦନ୍ତ କରି ବାପିଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସଲିଳ କୁମାର ପ୍ରଧାନ ମାମଲା ପରିଚାଳନା କରୁଥିଲେ। ମେ' ୩୦ରେ ରାୟ ପ୍ରକାଶ ପାଇଥିଲା। ବାପିଙ୍କ ଘରେ ବୃଦ୍ଧ ବାପା, ପତ୍ନୀ ଏବଂ ୧୨ ବର୍ଷ ପୁଅ ଅଛନ୍ତି ଏବଂ ପରିବାର ପ୍ରତିପୋଷଣ ପାଇଁ ବାପି ହିଁ ଏକ ମାତ୍ର ରୋଜଗାରକ୍ଷମ। ଏହାକୁ ଦୃଷ୍ଟିରେ ରଖି କୋର୍ଟ ବାପିଙ୍କ ଉପରେ ନରମ ମନୋଭାବ ପୋଷଣ କରି ଦଣ୍ଡିତ କରିଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ରାଜ୍ୟରେ ଅର୍ଦ୍ଧ ନ୍ୟାୟିକ ବ୍ୟବସ୍ଥା ପଙ୍ଗୁ:କଂଗ୍ରେସ

ଭୁବନେଶ୍ୱର,୨।୬(ରବିନାରାୟଣ ଜେନା)



ରାଜ୍ୟରେ ନାରୀ ନିର୍ଯାତନା ଦୈନନ୍ଦିନ ବଢ଼ି ଚାଲିଛି। ଏନ୍‌ସିଆର୍‌ବି ରିପୋର୍ଟରେ ମଧ୍ୟ ରାଜ୍ୟରେ ନାରୀ ନିର୍ଯାତନାର ବିକଳ ଚିତ୍ର ଝଲସୁଛି। ଇତିମଧ୍ୟରେ ରାଜ୍ୟ ସରକାରକୁ ୧ବର୍ଷ ପୂରିବାକୁ ଯାଇଥିଲେ ହେଁ ଏପର୍ଯ୍ୟନ୍ତ ମହିଳା କମିଶନ ପଦ ଖାଲିପଡ଼ିଛି। ପୂର୍ବରୁ ନାରୀ ହିଂସା ନେଇ ବିଜେଡିକୁ ଘେରୁଥିବା ଭାଜପା ଏବେ ନିଜେ ମହିଳା କମିଶନ ନିଯୁକ୍ତି କରିପାରୁନି ବୋଲି କଂଗ୍ରେସ କହିଛି। ସୋମବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ତଥା ବରିଷ୍ଠ ଆଇନଜୀବୀ ନିଶିକାନ୍ତ ମିଶ୍ର କହିଛନ୍ତି ଯେ,ପରିସ୍ଥିତି ଏପରି ହୋଇଛି ଯେ, ଏପର୍ଯ୍ୟନ୍ତ ଜଣେ ହେଲେ ବି ସଭ୍ୟ ନିଯୁକ୍ତ ହୋଇନାହାନ୍ତି। ସେହିପରି ରାଜ୍ୟରେ ଶିଶୁ ନିଖୋଜ ସଂଖ୍ୟା ବଢ଼ି ଚାଲିଛି। ତଥାପି ଗତ ମାର୍ଚ୍ଚରୁ ଶିଶୁ ସୁରକ୍ଷା ଆୟୋଗ ପଦବୀ ଖାଲି ପଡ଼ିଛି। ଲୋକାୟୁକ୍ତ ବି ନିଯୁକ୍ତି ହେଉନି। ରାଜ୍ୟରେ ଅର୍ଦ୍ଧନ୍ୟାୟିକ ବ୍ୟବସ୍ଥା ପଙ୍ଗୁ ପାଲଟିଗଲାଣି ବୋଲି ସେ କହିଛନ୍ତି।

ନିଶିକାନ୍ତ କହିଛନ୍ତି, ଲୋକଙ୍କ ସରକାର କହୁଥିବା ଭାଜପା ସରକାର ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦେଇ ଅର୍ଦ୍ଧନ୍ୟାୟିକ ପଦବୀ ପୂରଣ କରନ୍ତୁ ବୋଲି ଦାବି କରିଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏହି ସାମ୍ବାଦିକ ସମ୍ମିଳନୀରେ ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ ସଭାପତି ହିମାଂଶୁ ଲେଙ୍କା, ମନୀଷା ଦାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କ ସେନାପଟା ପାଇଁ ପୁରୀକୁ ଆସିଲା ବଉଳ କାଠ

ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୧୧ ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ସହ ୨୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ତେବେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ଘୋଷଯାତ୍ରା ସମୟରେ ଦଇତାପତି ସେବକଙ୍କ ଦ୍ୱାରା ଅନେକ ଗୁପ୍ତ ନୀତି ସମ୍ପାଦନ ହୋଇଥାଏ। ଗୁପ୍ତ ନୀତି ମଧ୍ୟରେ ସେନାପଟା ଲାଗି ନୀତି ପ୍ରମୁଖ ନୀତି ଅଟେ। ଏହି ନୀତି ପାଇଁ ବଉଳ କାଠ ଆବଶ୍ୟକ ହୋଇଥାଏ। ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦେବା ନିମନ୍ତେ ଲାଗିବାକୁ ଥିବା ବାହୁଟ ଏବଂ ସେନାପଟା ପାଇଁ ବଉଳ କାଠ ଚଳିତବର୍ଷ ପ୍ରଥମଥର ପାଇଁ ଭୁବନେଶ୍ୱରରୁ ଆସିଛି। ଭୁବନେଶ୍ୱର ଜୟଦେବ ବିହାର ଅଞ୍ଚଳର ଗଣେଶ ପଣ୍ଡାଙ୍କ ଘରୁ ମହାପ୍ରଭୁଙ୍କ ଲାଗି ବଉଳ କାଠକୁ ଛେଦନ କରାଯାଇଛି। ପୁରୀରୁ ଭୋଇ ସର୍ଦ୍ଦାର, ବରିଷ୍ଠ ତତ୍ତ୍ୱାବଧାରକ ଏବଂ ପ୍ରତିନିଧିମାନେ ଯାଇ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରିବା ସହ ବଉଳ ଗଛକୁ ଛେଦନ କରିଥିଲେ। ଏନେଇ ଗଣେଶ ପଣ୍ଡା କହିଛନ୍ତି, ସେ ପ୍ଲଟ କିଣି ଘର ତୋଳିଥିଲେ। ୧୯୯୩ ମସିହାରେ ତାଙ୍କ ବାରିରେ ଏକ ବଉଳ ଗଛ ଲଗାଇଥିଲେ। ସେହି ବଉଳ କାଠ ଆଜି ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିବାକୁ ଯାଉଛି, ଯାହାକୁ ନେଇ ସେ ନିଜକୁ ଧନ୍ୟ ମନେକରୁଛନ୍ତି। ତେବେ ଗତ ମାସ ୭ ତାରିଖରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ଯାହା ବାରିରେ ବଉଳ କାଠ ରହିଛି, ସେମାନେ ଚାହିଁଲେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦେଇପାରିବେ। ବିଜ୍ଞପ୍ତିରେ ଗଛର ଗୋଲେଇ ୪ ଫୁଟ ଏବଂ ଭୂମିରୁ ୧୦ ଫୁଟ ଉଚ୍ଚତା ମଧ୍ୟରେ ଗଛରେ ଶାଖା ପ୍ରଶାଖା ନ ଥିବା ପଡ଼ି ୧୦ ତାରିଖରେ ପ୍ରଶାସନ ନିକଟରେ ଆବେଦନ କରିଥିଲେ। ପରେ ୧୬ ତାରିଖରେ ଶ୍ରୀମନ୍ଦିର ପ୍ରଶାସନର ଏକ ଟିମ୍ ଆସି ଗଛକୁ ଦେଖି ତାହା ମହାପ୍ରଭୁଙ୍କ ସେବାରେ ଲାଗିପାରିବ ବୋଲି ସୂଚନା ଦେଇଥିଲେ। ତେବେ ସମସ୍ତେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗଛ ଲଗାନ୍ତୁ ବୋଲି ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ପ୍ରତ୍ୟେକ ବର୍ଷ ସାକ୍ଷୀଗୋପାଳସ୍ଥିତ ବକୁଳ ବନରୁ ଗଛ ଛେଦନ କରାଯାଇ ଶ୍ରୀମନ୍ଦିରକୁ ବଉଳ କାଠ ଆସିଥାଏ। ତେବେ କାଠ ଅଭାବ ହେବାରୁ ଚଳିତବର୍ଷ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା।

## ଫଟୋରେ ଖବର



ମଶା ଉପଦ୍ରବ, ଖୋଲା ଡ୍ରେନ୍, ଜଳବନ୍ଦୀ ଓ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଏସ୍‌ୟୁସିଆଇ ପକ୍ଷରୁ ବିଏମ୍‌ସି ଅଫିସ୍ ସମ୍ମୁଖରେ ବିକ୍ଷୋଭ।


ଭତ୍ତା ସହାୟତା ସହ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ କରିବାକୁ ଭୁବନେଶ୍ୱର ଆସିଥିବା ସୋନପୁର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳର ମହିଳାଙ୍କୁ ପୋଲିସ ଲୋୟର ପିଏମ୍‌ଜିରେ ଅଟକାଇ ପଚରାଉଚରା କରୁଛି।

**୨ କୋଟି ୨୬ ଲକ୍ଷ ଟଙ୍କାର ପ୍ରକଳ୍ପ ବାତିଲ**

କଟକ ସଦର, (ସୁଶାନ୍ତ କୁମାର ଜେନା): କଟକ ସଦର ପୂର୍ବତନ ବିଧାୟକ ଚନ୍ଦ୍ର ସାରଥୀ ବେହେରାଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୨୦୧୯ - ୨୦୨୪ ମଧ୍ୟରେ ବିଭିନ୍ନ ପ୍ରକଳ୍ପ ପାଇଁ ଦିଆଯାଇଥିବା ଅନୁଦାନ ନିର୍ଦ୍ଧାରିତ ସମୟରେ କାର୍ଯ୍ୟକାରୀ ହୋଇ ପାରିନାହିଁ। ଫଳରେ ଏହି ଅର୍ଥ ଜିଲା ଯୋଜନା ଓ ସଂଯୋଜନା କାର୍ଯ୍ୟାଳୟକୁ ଫେରି ଯାଇଛି। ଏବେ ଏହି ଅର୍ଥରେ ବର୍ତ୍ତମାନର ବିଧାୟକ ପ୍ରକାଶ ଚନ୍ଦ୍ର ସେଠି ନୂଆ ପ୍ରକଳ୍ପ ତାଲିକା ପ୍ରଦାନ କରିବେ। କାର୍ଯ୍ୟକାରୀ ହୋଇ ପାରି ନ ଥିବା ପ୍ରକଳ୍ପ ମଧ୍ୟରେ ରାସ୍ତା ଆଲୋକି କରଣ ଅନ୍ତର୍ଭୁକ୍ତ ଥିଲା। ଏହାଛଡା ବ୍ଲକରେ ସିଭିଲ ଯନ୍ତ୍ରୀ ରହିଛନ୍ତି। କିନ୍ତୁ ବିଦ୍ୟୁତ୍ ବିଭାଗର କୌଣସି ଯନ୍ତ୍ରୀ ନାହାନ୍ତି। ତେଣୁ ରାସ୍ତା ଆଲୋକ ପାଇଁ ପ୍ରକଳ୍ପ ମଞ୍ଜୁର ବେଳେ ଏହି ଟ୍ରେଡର ଯନ୍ତ୍ରୀଙ୍କର ଆବଶ୍ୟକତା ରହିଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଅନୁରୋଧ କରାଯାଇଛି।



## ସଂକ୍ଷେପରେ

### ବିକିରଣ ବିଭାଗୀୟ ମୁଖ୍ୟ ଭାବେ ଦାୟିତ୍ୱ ନେଲେ ପ୍ରଫେସର ଡା. ସଂଯୁକ୍ତା

କଟକ,୨ ।୬(ଶିଳ୍ପା ପ୍ରିୟଦର୍ଶନୀ)



ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ଅନୁଷ୍ଠାନର ବିକିରଣ ବିଭାଗୀୟ ମୁଖ୍ୟ ଭାବେ ପ୍ରଫେସର ଡା. ସଂଯୁକ୍ତା ପାଢୀ ଯୋଗ ଦେଇଛନ୍ତି। କର୍କଟ ରୋଗ ଚିକିତ୍ସା ଓ ଶିକ୍ଷାଦାନ କ୍ଷେତ୍ରରେ ଡା. ପାଢ଼ୀଙ୍କ ୨୫ବର୍ଷରୁ ଅଧିକ ଅନୁଭୂତି ରହିଛି। ଡା. ପାଢ଼ୀ ୩ଟି ଆନ୍ତର୍ଜାତିକ ଫେଲୋସିପ ସମ୍ମାନ ଓ ଫିକ୍ରୋ ସମ୍ମାନିତ ହୋଇଛନ୍ତି।

### କମ୍ପାନୀର ପ୍ରତିଶ୍ରୁତି ପରେ ଶ୍ରମିକଙ୍କ ଧାରଣା ପ୍ରତ୍ୟାହୃତ

ଚୌଦ୍ୱାର,୨।୬(ଆଶୁତୋଷ ଦାସ)

ଚୌଦ୍ୱାର ନିକଟ କଜଳକଣାଠାରେ ଥିବା ଏକ କମ୍ପାନୀରେ ବିଭିନ୍ନ ସମସ୍ୟା ନେଇ କର୍ମଚାରୀମାନେ ଗତ ୩ଦିନ ହେବ ଧାରଣାରେ ବସିଥିଲେ। ସୋମବାର କମ୍ପାନୀର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି। କମ୍ପାନୀରେ କାର୍ଯ୍ୟରତ କର୍ମଚାରୀମାନେ କମ୍ପାନୀର ମନୋମୁଖୀ କାର୍ଯ୍ୟ, ବିନା ନୋଟିସରେ କର୍ମଚାରୀ ଛଟେଇ ସମେତ ୧୧ଦଫା ଦାବି କରି ଶୁକ୍ରବାରଠାରୁ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ବର୍ତ୍ତମାନ ପାଇଁ କିଛି ଦାବି ପୂରଣ କରିବା ସହିତ ଆଗାମୀ ଦିନରେ ଅନ୍ୟ ଦାବିଗୁଡିକ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି।

### ଚନ୍ଦନେଶ୍ୱର ମହାଦେବଙ୍କ ବିବାହ ଉତ୍ସବ

ଚୌଦ୍ୱାର,୨।୬ (ଆଶୁତୋଷ ଦାସ)

ଶୀତଳ ଷଷ୍ଠୀ ଅବସରରେ ଟାଙ୍ଗୀ–ଚୌଦ୍ୱାର ବ୍ଲକ୍ ଇନ୍ଦ୍ରାଣୀପାଟଣା ପଞ୍ଚାୟତର ଚଷାପଡ଼ାସ୍ଥିତ ଶ୍ରୀଶ୍ରୀ ଚନ୍ଦନେଶ୍ୱର ମହାପ୍ରଭୁ ଓ ମାତା ପାର୍ବତୀଙ୍କ ଶୁଭ ବିବାହ ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଚନ୍ଦନେଶ୍ୱର ମନ୍ଦିରରେ ଆୟୋଜିତ କାର୍ଯକ୍ରମରେ ପ୍ରଭୁଙ୍କ ଚଳନ୍ତି ପ୍ରତିମାକୁ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଆୟୋଜିତ ବିବାହ ଉତ୍ସବରେ ମୁଣ୍ଡମାଳ ନିବାସୀ ପ୍ରତାପ ରାଉତ ଓ ସୁକାନ୍ତି ରାଉତ ବର ପିତାମାତା ଏବଂ ରାମଚନ୍ଦ୍ର ସାହୁ ଓ ସଂଯୁକ୍ତା ସାହୁ କନ୍ୟା ପିତାମାତା ଭାବେ ବିବାହ କର୍ମ ସମ୍ପନ୍ନ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ତ୍ରିବିକ୍ରମ ଚରଣ ବେହେରା, ସମ୍ପାଦକ ତ୍ରିଲୋଚନ ରାଉତ, ବ୍ରଜେନ୍ଦ୍ର ନାୟକ, ଲକ୍ଷ୍ମୀଧର ଦାସ, ଅଭିରାମ ରାଉତ, କୃଷ୍ଣଚନ୍ଦ୍ର ସ୍ୱାଇଁ, ନୀଳମଣି ଗୋଚ୍ଛାୟତ, ରସାନନ୍ଦ ପ୍ରଧାନ, କାଳନ୍ଦୀ ଗୋଚ୍ଛାୟତ ପ୍ରମୁଖଙ୍କ ସମେତ ଚଷାପଡ଼ା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କଦମ୍ବେଶ୍ୱର ମନ୍ଦିରରେ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ

କଟକ ସଦର,୨।୬(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ କଳପଡ଼ାସ୍ଥିତ କଦମ୍ବେଶ୍ୱର ମନ୍ଦିରରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ରବିବାର ଉଦ୍‌ଘାଟିତ ହୋଇଛି। ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟର ସଭାପତି ମନୋଜ କୁମାର ନାୟକ ଏହା ଉଦଘାଟନ କରିଥିଲେ। ପ୍ରତ୍ୟେକ ଦିନ ମନ୍ଦିରକୁ ଆସୁଥିବା ଭକ୍ତମାନେ ଏହାଦ୍ୱାରା ଉପକୃତ ହୋଇ ପାରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ଦିର କମିଟି ସଭାପତି ରାଜ କିଶୋର ପତିଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସ୍ୱଚ୍ଛ ସହର ହେବ କଟକ: ମନ୍ତ୍ରୀ କୃଷ୍ଣଚନ୍ଦ୍ର

## ନଗର ଉନ୍ନୟନ ମନ୍ତ୍ରୀଙ୍କ କଟକ ପରିଦର୍ଶନ

### ଓଭରବ୍ରିଜ କାନ୍ଥଗୁଡ଼ିକୁ ସଫା କରି ରଙ୍ଗ ଲଗାଯିବ

କଟକ,୨।୬ (କାର୍ତ୍ତିକ ସାହୁ)



ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ମେୟର ସୁବାସ ସିଂ ଏବଂ ଅନ୍ୟମାନେ କଟକ ସହରର ଏକ ଅଞ୍ଚଳ ପରିଦର୍ଶନ କରି ସମୀକ୍ଷା କରୁଛନ୍ତି।

ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ସୋମବାର କଟକ ସହରର ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଆଗାମୀ ବର୍ଷାଦିନ ଆରମ୍ଭ ହେବା ପୂର୍ବରୁ ସହରକୁ ଜଳବନ୍ଦୀଜନିତ ସମସ୍ୟାରୁ ନିରାକରଣ ପାଇଁ କେତେକ ଦିଗ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସିଡିଏ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ମହାପାତ୍ର ସହରର ସମସ୍ୟାଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି।

ବର୍ଷାଜଳ ନିଷ୍କାସନ ପାଇଁ ସହରରେ ସ୍ୱତନ୍ତ୍ର ଡ୍ରେନେଜ ବ୍ୟବସ୍ଥାର ଆବଶ୍ୟକତା ରହିଥିବା ମନ୍ତ୍ରୀ କହିଛନ୍ତି। ଡ୍ରେନେଜ ବ୍ୟବସ୍ଥା ନିମନ୍ତେ ଜମି ଅଧିଗ୍ରହଣ ଯୋଜନାର ପ୍ରକଳ୍ପ ଅନୁମୋଦନ ନିମନ୍ତେ ସରକାରଙ୍କ ନିକଟକୁ ପଠାଯିବା ଦରକାର। କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଆଇଆଇଟି ରୁର୍କି ସହ ଯୋଗସୂତ୍ର ରଖି ଏ ଦିଗରେ ଯୋଜନା ପ୍ରସ୍ତୁତ କରାଯିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବକ୍ସଡ୍ରେନ୍‌କୁ ସମ୍ପ୍ରସାରଣ କରାଯିବା ଆବଶ୍ୟକ। ସହରର ବିଭିନ୍ନ ଅଞ୍ଚଳ ପରିଦର୍ଶନ ବେଳେ ମନ୍ତ୍ରୀ କେତେକ ଅଞ୍ଚଳରେ ଆବର୍ଜନାଗୁଡ଼ିକୁ ଯଥାଯଥ ଭାବେ ଜମା କରାଯାଉ ନ ଥିବା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ କୋଠାଘର ନିର୍ମାଣରୁ ବାହାରୁଥିବା ଆବର୍ଜନାଗୁଡ଼ିକ ବିଶେଷ କରି ଛତ୍ରବଜାର, ବକ୍ସିବଜାର ପାନ୍ଥ ନିବାସ ଆଦି ନିକଟରେ ପଡ଼ିଥିବା ମନ୍ତ୍ରୀ ଦେଖିଥିଲେ। କଟକ ସହରକୁ ଏକ ସ୍ୱଚ୍ଛ ସହରରେ ପରିଣତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସହରରରେ ବ୍ୟକ୍ତିଗତ ଭାବେ ଚାଲିଥିବା ନିର୍ମାଣ କାର୍ଯ୍ୟଗୁଡ଼ିକର ଆବର୍ଜନା ସଫା କରିବା ନିମନ୍ତେ ଦିନେ ବା ଦୁଇଦିନ ମଧ୍ୟରେ ଦେୟ ଦାଖଲ ଜରିଆରେ କରାଇବାକୁ ସିଏମ୍‌ସି ପକ୍ଷରୁ ନୋଟିସ କରାଇବାକୁ ମନ୍ତ୍ରୀ କହିଛନ୍ତି। ସିଏମ୍‌ସି ଦ୍ୱାରା ନିଯୁକ୍ତ ହୋଇଥିବା ସର୍ଭିସ୍ ପ୍ରୋଭାଇଡର ଏଜେନ୍ସିଗୁଡ଼ିକର କାର୍ଯ୍ୟାବଳୀ ସନ୍ତୋଷଜନକ ନ ଥିଲେ ସେଗୁଡ଼ିକୁ ବ୍ଲାକ୍ ଲିଷ୍ଟ କରିବାକୁ ମନ୍ତ୍ରୀ କହିଛନ୍ତି। ସହରରେ ଥିବା ଓଭରବ୍ରିଜ କାନ୍ଥଗୁଡ଼ିକୁ ସଫାସୁତରା କରି ରଙ୍ଗ ଲଗାଇବାକୁ ମନ୍ତ୍ରୀ କହିଛନ୍ତି। ଛୋଟ ଛୋଟ ନିର୍ମାଣ କାର୍ଯ୍ୟଗୁଡ଼ିକ ବିଭାଗୀୟ ଭାବେ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ ଓ ଟିପିସିଓଡିଏଲ ଓ ଡବ୍ଲ୍ୟୁଆର ବିଭାଗ ଦ୍ୱାରା ମିଳିତ ଭାବେ ଜବରଦଖଲ ଉଚ୍ଛେଦ କରାଯିବା କାର୍ଯ୍ୟ ଖୁବଶିଘ୍ର କରିବାକୁ ମନ୍ତ୍ରୀ କହିଥିଲେ। ରାସ୍ତାରେ କୌଣସି ଧୂଳି ରହିବ ନାହିଁ। ଏଥିପାଇଁ ଆବଶ୍ୟକ ମେଶିନ କିଣିବାକୁ ସିଏମ୍‌ସିକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସହରର ଆବର୍ଜନା ସଫା ୨ ଦିନ ମଧ୍ୟରେ କରାଯିବା ନେଇ ୨ ଦିନ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ମନ୍ତ୍ରୀ ତାଙ୍କ ଓଏସ୍‌ଡିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାର୍କେଟ ଅଞ୍ଚଳରେ ଅଧିକ ଟଏଲେଟ ବସାଇବାକୁ ମନ୍ତ୍ରୀ ଯୋଜନା ପ୍ରସ୍ତୁତ କରିବାକୁ କହିଛନ୍ତି। ଏହାବାଦ ଆହୁରି ଅନେକ ସମସ୍ୟା ଉପରେ ମନ୍ତ୍ରୀ ଆଲୋଚନା କରିଥିଲେ। ସିଏମ୍‌ସି ଓ ସିଡିଏ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର



ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ସମ୍ପର୍କରେ ତାଲିମ ଦିଆଯାଉଛି।

କଟକ,୨।୬ (କାର୍ତ୍ତିକ ସାହୁ)

ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟର ବିଚାରପତି ସଙ୍ଗମ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ଆଇନ ସେବା ପ୍ରାଧିକରଣର ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ଓ ଆଗ୍ନିକ ଦୁର୍ବିପାକରୁ ନିଜକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କଟକ, ବିଡ଼ାନାସୀ ଦମକଳ ବାହୀନୀର ଆଗ୍ନିକ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ବିଭିନ୍ନ ଅଗ୍ନି ନିର୍ବାପକ ଯନ୍ତ୍ରର ପରୀକ୍ଷଣ ଏବଂ ପ୍ରତୀକାତ୍ମକ ଅଭ୍ୟାସ କାର୍ଯ୍ୟକ୍ରମର ଆୟୋଜନ କରି ରାଜ୍ୟ ଆଇନ ସେବା ପ୍ରାଧିକରଣର ଅଧିକାରୀ ଓ କର୍ମଚାରୀମାନଙ୍କୁ ଅଗ୍ନି ଦୁର୍ବିପାକରୁ ନିଜକୁ ସୁରକ୍ଷିତ କରିବା ସହିତ ଅନ୍ୟମାନଙ୍କୁ ସୁରକ୍ଷା ପ୍ରଦାନ କରିବା ସମ୍ପର୍କରେ ସଚେତନତା ସୃଷ୍ଟି କରାଇଥିଲେ। ଉକ୍ତ ସଚେତନତା/ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ, ଉପ ସଚିବ, ସହ ସଚିବ ଓ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ପ୍ରଫେସର ଶଶଧର ସାମଲଙ୍କୁ 'ପ୍ରାଣକୃଷ୍ଣ ପରିଜା ସମ୍ମାନ'



ପ୍ରଫେସର ପ୍ରାଣକୃଷ୍ଣ ପରିଜା ଶ୍ରାଦ୍ଧ ବାର୍ଷିକୀ ଅବସରରେ ପ୍ରଫେସର ଶଶଧର ସାମଲଙ୍କୁ 'ପ୍ରାଣକୃଷ୍ଣ ପରିଜା ସମ୍ମାନ' ପ୍ରଦାନ କରାଯାଉଛି।

## ପ୍ରଫେସର ପ୍ରାଣକୃଷ୍ଣ ପରିଜା ଶ୍ରାଦ୍ଧ ବାର୍ଷିକୀ

କଟକ,୨।୬ (କାର୍ତ୍ତିକ ସାହୁ)

ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ପ୍ରଫେସର ପ୍ରାଣକୃଷ୍ଣ ପରିଜାଙ୍କର ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସାରସ୍ୱତ ସମାରୋହ ଓ ସମ୍ମାନ ପ୍ରଦାନ ଉତ୍ସବ ସାରଳା ଭବନଠାରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ପରିଜା ମେମୋରିଆଲ ସୋସାଇଟି ପକ୍ଷରୁ ଆୟୋଜିତ ଉତ୍ସବକୁ ହାଇକୋର୍ଟ ଅବସରପ୍ରାପ୍ତ ବିଚାରପତି ଡ. ଦୁର୍ଗାପ୍ରସନ୍ନ ଚୌଧୁରୀ ଉଦ୍‌ଘାଟନ କରି ପ୍ରଫେସର ପରିଜା ଜଣେ ବିଶିଷ୍ଟ ଉଦ୍ଭିଦ ବିଜ୍ଞାନୀ ଭାବେ ବିଶ୍ୱରେ ସୁଖ୍ୟାତି ଅର୍ଜନ କରିଥିଲେ ବୋଲି କହିଥିଲେ। ମୁଖ୍ୟଅତିଥି ଡ. ପ୍ରଭାତ କୁମାର ମିଶ୍ର କହିଲେ, ଓଡ଼ିଶାରେ ଶିକ୍ଷାର ପ୍ରଚାର ପ୍ରସାର ସହ ବିଜ୍ଞାନ ସୃଷ୍ଟି କରିବାରେ ପ୍ରାଣକୃଷ୍ଣଙ୍କ ଅବଦାନ ଅବିସ୍ମରଣୀୟ। ସମ୍ମାନିତ ଅତିଥି ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ଡ. ଇଂ. ପ୍ରଭାକର ସ୍ୱାଇଁ କହିଲେ, ପ୍ରଫେସର ପରିଜା ଥିଲେ ବିଜ୍ଞାନ, ସାହିତ୍ୟ ଓ ସଂସ୍କୃତିର ପରମ ଉପାସକ। ପରିଷଦ ସଭାପତି ପ୍ରଫେସର ଡକ୍ଟର ନିରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ରସାୟନ ବିଜ୍ଞାନୀ ପ୍ରଫେସର ଡାକ୍ତର ଶଶଧର ସାମଲଙ୍କୁ ଚଳିତ ବର୍ଷର ପ୍ରାଣକୃଷ୍ଣ ପରିଜା ସମ୍ମାନ ପ୍ରଦାନ କରାଯାଇଥିଲା। ପରିଷଦ ସାଧାରଣ ସମ୍ପାଦକ ଡ. ଚୌଧୁରୀ ସତ୍ୟ ଦାସ ବିବରଣୀ ପାଠ ଓ ସଂଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଷଦର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ଦଳାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପରିଜାଙ୍କ ସ୍ମୃତିଚାରଣ କରିଥିଲେ। ଡ. ମଞ୍ଜୁଶ୍ରୀ ଶାସ୍ତ୍ରୀ ମାନପତ୍ର ପାଠ କରିଥିଲେ। ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# କବି ରଞ୍ଜିତା ନାୟକ ପାଇବେ ଚେଲିତୋଳ ପୁରସ୍କାର

କଟକ,୨।୬ (ଶିଳ୍ପା ପ୍ରିୟଦର୍ଶିନୀ)



ବିଶିଷ୍ଟ କବି ପ୍ରଫେସର ଡ. ରଞ୍ଜିତା ନାୟକ ଚଳିତବର୍ଷର ମର୍ଯ୍ୟାଦାଜନକ 'ଚେଲିତୋଳ ପୁରସ୍କାର' ପାଇବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ୫ ତାରିଖ ସନ୍ଧ୍ୟାରେ ଏକାଡେମୀର ୩୪ତମ ବାର୍ଷିକ ଉତ୍ସବରେ ଏକାଡେମୀ ପକ୍ଷରୁ ଡ. ନାୟକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ୨୫ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ଦିଆଯିବ ବୋଲି ଏକାଡେମୀ ସଭାପତି ପ୍ରଫେସର ଡା. ନିମାଇଁ ଚରଣ ପରିଜା ଓ ସମ୍ପାଦକ କୈଳାସ ଚନ୍ଦ୍ର ଦଳାଇ ଏକ ମିଳିତ ବିବୃତିରେ ଶନିବାର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଡ. ନାୟକ ୧୯୫୫ ଜୁନ୍ ୬ରେ କେନ୍ଦ୍ରାପଡ଼ା ଜିଲା ପାଟସୁରା ଗ୍ରାମରେ ଜନ୍ମ। ଏକାଧାରରେ ଜଣେ ଉଚ୍ଚକୋଟୀର କବି ଓ ସାହିତ୍ୟ ସମାଲୋଚକ। ସେ ଏଗାର ଖଣ୍ଡ କବିତା ଗ୍ରନ୍ଥ ଓ ସାତଖଣ୍ଡ ସାହିତ୍ୟ ସମୀକ୍ଷା ଗ୍ରନ୍ଥର ସ୍ରଷ୍ଟା। ତାଙ୍କ କୃତୀ ମଧ୍ୟରେ ଅତଳତଳ, ଝଡ଼ର ଆକାଶ, ପତ୍ରଝରା ଋତୁ, ପତନର ଛନ୍ଦ, ଏଇ କେତେ ଦିନ ହେବ, କାନ୍ଥଖରା, ନିଜ ଝର୍କାରୁ ଆକାଶ, ଓଡ଼ିଆ ସାହିତ୍ୟରେ ନାରୀ, କୁନ୍ତଳା କଥା ପ୍ରତିଭା, ସମାଲୋଚନା ସମ୍ଭାର ଓ ସମୟରୁ ସମୟକୁ ଇତ୍ୟାଦି ଉଲ୍ଲେଖନୀୟ। ତାଙ୍କ ସାହିତ୍ୟ କୃତୀ ପାଇଁ ସେ ୧୯୯୭ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, କୁନ୍ତଳା କୁମାରୀ ସାବତ ପୁରସ୍କାର, ସରଳାଦେବୀ ପୁରସ୍କାର, ଗଙ୍ଗାଧର ମେହେର ସମ୍ମାନ, ଉପେନ୍ଦ୍ର ଭଞ୍ଜ ସମ୍ମାନ, ସଚ୍ଚି ରାଉତରାୟ ସମ୍ମାନ, ରାଉରକେଲା ଆଦର୍ଶ ପାଠାଗାର ବିଷୁବ କବିତା ପୁରସ୍କାର ଇତ୍ୟାଦି ଅନେକ ସମ୍ମାନପ୍ରାପ୍ତ।

# ସାଥୀ ଅଭିଯାନରେ ଚିହ୍ନଟ ହେବେ ନିରାଶ୍ରୟ ଶିଶୁ

କଟକ,୨।୬ (କାର୍ତ୍ତିକ ସାହୁ)

ଜାତୀୟ ଆଇନସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ସାଥି ଅଭିଯାନର ସଫଳ ରୂପାୟନ ପାଇଁ ଏକ ନିର୍ଦ୍ଦେଶନା କାର୍ଯ୍ୟକ୍ରମ ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଆୟୋଜନ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଜଗଦୀଶ ଚନ୍ଦ୍ର ଜେନା ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ତହସିଲଦାର, ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, କିଶୋର ନ୍ୟାୟ ଆଇନ ସମ୍ପର୍କିତ ମାମଲା ପରିଚାଳନା କରୁଥିବା ପୋଲିସ ଅଧିକାରୀ, ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନର ଅଧିକ୍ଷକ, ପ୍ୟାନେଲ ଆଇନଜୀବୀ, ଆଇନ ସହଯୋଗୀ ସ୍ୱେଚ୍ଛାସେବୀମାନେ ଯୋଗଦାନ କରିଥିଲେ। ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ସାଥି ଅଭିଯାନ ମାଧ୍ୟମରେ ୧୮ବର୍ଷରୁ କମ ବୟସର ନିରାଶ୍ରୟ ଶିଶୁଙ୍କୁ ଚିହ୍ନଟ ସହ ସେମାନଙ୍କ ଆଧାର ସଂଯୋଗୀକରଣ କରାଯିବ। ଯୋଗ୍ୟ ହିତାଧିକାରୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରିବା ଏବଂ ଆବଶ୍ୟକସ୍ଥଳେ ସମସ୍ତ ପ୍ରକାରର ନିଃଶୁଳ୍କ ଆଇନ ସେବା ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ସର୍ବେକ୍ଷଣ ମେ' ୨୬ରୁ ଜୁନ ୨୬ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜଣାଯାଇଛି।



ଓଡ଼ିଶା ଲ' କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କୁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ସୋମବାର ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ଦ୍ୱିବେଦୀ ସାମ୍ପ୍ରତିକ ବିଚାର ବ୍ୟବସ୍ଥାରେ ଆଇନଜୀବୀ ପରିଷଦ ଓ ଆଇନଜୀବଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।

# ଅନ୍‌ଲାଇନ ଯୋଗେ ରୋଗୀଙ୍କୁ ମିଳିବ ସୁବିଧା

## ଓକାକ୍ ଟିମ୍‌ର ଏସ୍‌ସିବି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା

କଟକ,୨।୬ (ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସସିବି)କୁ ଓଡ଼ିଶା କମ୍ପ୍ୟୁଟର ଏକାଡେମୀ (ଓକାକ୍)ର ୪ ଜଣିଆ ଟିମ ଗସ୍ତରେ ଆସିଥିଲେ। ମେଡିକାଲ ଅଧୀକ୍ଷକଙ୍କ ସମ୍ମିଳନୀ କକ୍ଷରେ ଏସ୍‌ସିବି ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ, ପ୍ରଶାସନିକ ଅଧିକାରୀ ସୁବାସ ରାୟ, ଓକାକ୍ ସିଇଓଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏସସିବିର ସମସ୍ୟା ଓ ମୁଖ୍ୟତଃ ଭାବେ ଅନ୍‌ଲାଇନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ମେଡିକାଲରେ ପାଥୋଲ୍ୟାବ ରିପୋର୍ଟ ଅନ୍‌ଲାଇନ ବ୍ୟବସ୍ଥା ସହ ଡିଭିଡିଏମ ସଫ୍ଟୱେର ବ୍ୟବସ୍ଥା, ଲ୍ୟାଣ୍ଡ ଫୋନ ବ୍ୟବସ୍ଥା, ଇଣ୍ଟରନେଟ ବ୍ୟବସ୍ଥା, ଜେରକ୍ସ ବ୍ୟବସ୍ଥା କାର୍ଯ୍ୟ କରିବା ଦିଗରେ ଅଲୋଚନା କରାଯାଇଛି। ତେବେ ଆଗାମୀ ଦିନରେ ରୋଗୀଙ୍କ ମୋବାଇଲକୁ ଯିବ ପରୀକ୍ଷା ରିପୋର୍ଟ। ପରୀକ୍ଷା ସମୟରେ ଦିଆଯାଇଥିବା ମୋବାଇଲ ନମ୍ବରରେ କିମ୍ବା ଇ–ମେଲ ଆଇଡିକୁ ରିପୋର୍ଟ ପଠାଯିବ। ସେହିପରି ଇ–ନିରାମୟ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଇଣ୍ଟିଗ୍ରେଟେଡ କମ୍ପ୍ୟୁଟର ବ୍ୟବସ୍ଥା ରହିବ। ସେଣ୍ଟ୍ରାଲ ଷ୍ଟୋରରୁ କେଉଁ ବିଭାଗକୁ କେତେ ମେଡିସିନ ଦିଆଗଲା। କେଉଁ ବିଭାଗରେ କେତେ ମେଡିସିନ ରହିଛି। ରୋଗୀ କେତେ ମେଡିସିନ ନେଲେ। କେଉଁ ମେଡିସିନ ଶେଷ ହେଲା। ଏସବୁ ଅନ୍‌ଲାଇନରେ ତଥ୍ୟ ମିଳିବ। କଟକ ବଡ଼ ଡାକ୍ତରଖାନାରେ ଅନଲାଇନ ବ୍ୟବସ୍ଥା ନ ଥିବାରୁ ଅନେକ ଔଷଧ ହେରଫେର ହେଉଥିଲା। ଏପରି କି ବହୁ ଔଷଧ ବିଭାଗରେ ପଡ଼ି ରହି ଏକ୍ସପାରି ମଧ୍ୟ ହେଉଥିଲା। ତେବେ ଏହି ସମସ୍ୟାକୁ ଦୂର କରିବା ପାଇଁ ଡିଭିଡିଏ ସଫ୍ଟୱେର ବ୍ୟବସ୍ଥା କରାଯାଉଛି। ଏହି ସଫ୍ଟୱେରରେ ସବୁ ତଥ୍ୟ ଉପଲବ୍ଧ ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ଏବଂ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି।

# ବିଳମ୍ବ ହେଉଛି ଡ୍ରେନ୍ ନିର୍ମାଣ, ଲୋକେ ହନ୍ତସନ୍ତ

ଚୌଦ୍ୱାର,୨।୬(ଆଶୁତୋଷ ଦାସ)



ଡ୍ରେନ କାର୍ଯ୍ୟ ଚାଲିଛି।

ଜାତୀୟ ରାଜପଥ ୫୫ ନଂ.ର ଫୁଟପାଥ୍ କଡକୁ ଲାଗି ନିର୍ମାଣ ଡ୍ରେନ କାର୍ଯ୍ୟ ମନ୍ଥର ଗତିରେ ଚାଲୁଛି। ବିଭିନ୍ନ ସ୍ଥାନରେ ରାସ୍ତା ଖୋଳା ହୋଇ ରହିଥିବାରୁ ଯିବାଆସିବାରେ ଲୋକେ ହଇରାଣ ହେଉଛନ୍ତି। ବିଶେଷ କରି କଳିଙ୍ଗ ଛକଠାରୁ ଚୌଦ୍ୱାର କଲେଜ ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ମନ୍ଥର ହେଉଥିବାରୁ ପୌରପାଳିକା ୧୭ ନଂ ୱାର୍ଡବାସୀ ଅସୁବିଧା ଭୋଗ କରୁଛନ୍ତି। ଏହି ୱାର୍ଡର ପ୍ରବେଶ ପଥରେ ନୂତନ ଡ୍ରେନ ନିର୍ମାଣ ପାଇଁ ଠିକାଦାର ଦୀର୍ଘଦିନ ହେବ ଗାତ ଖୋଳି କାମ ନ କରି ପକାଇ ରଖିଦେଇଛନ୍ତି। ଫଳରେ ଯାନାବାହନ ଚଳାଚଳଠୁ ଆରମ୍ଭ କରି ସାଧାରଣ ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଏବେ ବର୍ଷାଜଳ ନିକଟରେ ଥିବା ସୁଇପର କଲୋନୀ ବସ୍ତିରେ ପଶିବାକୁ ଥିବାରୁ ଲୋକେ ଆଶଙ୍କାରେ ଅଛନ୍ତି। ଠିକାଦାରଙ୍କୁ ପଚାରିବାରୁ ବିଭିନ୍ନ କାରଣ ଯୋଗୁ କାମ ବିଳମ୍ବ ହେଉଥିବା ସେ କହିଥିଲେ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ବର୍ଷାରତୁ ପୂର୍ବରୁ ଡ୍ରେନ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ତହସିଲଦାର

ମଙ୍ଗୁଳି–ଜଗତପୁର,୨।୬ (ମାନସ ସାମଲ)

## ଧରିତ୍ରୀ ପ୍ରଭାବ

### ଚାଷ ଜମିକୁ ବର୍ଜ୍ୟଜଳ ଛାଡ଼ିବା, ହେଉଥିଲା ଭୂତଳ ଜଳ ବ୍ୟବହାର

ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ କହ୍ନେଇପୁର ପଞ୍ଚାୟତ ବରପଦାସ୍ଥିତ ଏକ ବିୟର କମ୍ପାନୀ ଚାଷ ଜମିକୁ ବର୍ଜ୍ୟଜଳ ଛାଡିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଟାଙ୍ଗୀ–ଚୌଦ୍ୱାର ତହସିଲଦାର ଚୌଧରୀ ପ୍ରଜ୍ଞାନନ୍ଦ ଦାସ। ଆସନ୍ତା ୪ ତାରିଖରେ ଏହାର ତଦନ୍ତ ହେବ ବୋଲି ଜଣାପଡ଼ିଛି। ଉକ୍ତ କମ୍ପାନୀ ଦୀର୍ଘ ବର୍ଷ ହେବ ନିଶାଯୁକ୍ତ ବର୍ଜ୍ୟଜଳ ନିକଟସ୍ଥ ଚାଷଜମିରେ ଛାଡିବା ସହ ଶତାଧିକ ବୋରୱେଲ ଖୋଳି ଭୂତଳ ଜଳ ବ୍ୟବହାର କରୁଥିବା ନେଇ ସ୍ଥାନୀୟ ଚାଷୀ ଅମିତ ସିଙ୍କୁ ଅତିରିକ୍ତ ତହସିଲଦାରଙ୍କଠାରେ ଅଭିଯୋଗ କରିଥିଲେ। ଫଳରେ ଚାଷଜମି ନଷ୍ଟ ହେବା ସହ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏପରି କି ନିଶାଯୁକ୍ତ ବର୍ଜ୍ୟଜଳ ପିଇବା ଦ୍ୱାରା ବନ୍ୟଜନ୍ତୁଙ୍କ ଜୀବନହାନି ହେଉଛି। ଅପରପକ୍ଷେ କମ୍ପାନୀ ଭୂତଳ ଜଳ ବ୍ୟବହାର ଦ୍ୱାରା ଆଖପାଖ ଅଞ୍ଚଳରେ ଦିନଦିନକୁ ଦିନ ଜଳସ୍ତର କମୁଛି। ଏଭଳି ସମ୍ବେଦନଶିଳ ଘଟଣା ଗତ ମାର୍ଚ୍ଚ ୨୭ ଓ ଏପ୍ରିଲ ୭ ତାରିଖରେ ଧରିତ୍ରୀରେ 'ଚାଷଜମିରେ ବର୍ଜ୍ୟଜଳ, ବିପଦରେ ବନ୍ୟଜନ୍ତୁ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାକୁ ଗୁରୁତ୍ୱ ସହିତ ନେଇ ତହସିଲଦାର ଦାସ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗରେ ଅଧିକ୍ଷଣ ଯନ୍ତ୍ରୀ, ଜିଲା ଶିଳ୍ପ ଅଧିକାରୀ, କାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶାଳୟ ଓଡ଼ିଶା, ଅବକାରୀ ଅଧୀକ୍ଷକ ୫ଟି ବିଭାଗୀୟ ଅଧିକାରୀଙ୍କୁ ଚିଠି (ନଂ. ୪୬୧୪)ରେ ନିର୍ଦ୍ଦେଶ ଦେଇଛନ୍ତି।



OFFICE OF TAHASILDAR: TANGI-CHOUDWAR, JAGATPUR

Phone 0671-2491742

Letter No: 4614 /Date: 13-05-25

To

The Regional Officer, SPCB, Odisha
The Superintending Engineer, RWSS
The District Industrial Officer, DIC, Cuttack
The Superintendent, Excise
The Deputy Director of Factories & Boilers, Cuttack, Odisha

Sub:- Regarding joint field verification.

Sir,

In enclosing the copy of the Grievance petition filed by Amit kumar Sinku of Bada-pokhari, Kanheipur, Tangi- Choudwar, Cuttack regarding usage of underground water, discharge of wastage water to the agricultural land, pollution and damage of crop by SOM Distilleries & Breweries Odisha Pvt. Ltd., At- Barapada, Po- Garadagaon, Ps- Tangi, Cuttack. In this context a joint field verification is scheduled to be held on 04.06.2025 at 11 A.M. along with the undersigned.

You are therefore requested to depute your authorised officials to remain present in the field on the date and time fixed for the above purpose.

Yours faithfully

Tahasildar, Tangi-Choudwar

Memo no 4615 dt 13-05-25

Copy submitted to the Deputy Collector( Grievance), Collectorate, Cuttack for favour of information and necessary action.

Tahasildar, Tangi-Choudwar

Memo no 4616 Dt 13-05-25

Copy forwarded to Amit kumar Sinku of Bada-pokhari, Kanheipur, Tangi- Choudwar, Cuttack for information. (CMO2025151058)

Tahasildar, Tangi-Choudwar

# ଜମି ଅଧିଗ୍ରହଣ ପ୍ରକ୍ରିୟା ମନ୍ଥର, ଆଗଉନି କାମ

ଖୋର୍ଦ୍ଧା,୨।୬(ପ୍ରଭାତ ପାଣିଗ୍ରାହୀ)


ଜିଲାପାଳ ଚଞ୍ଚଳ ରାଣାଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

## ନିରାକାରପୁର ରେଳ ଓଭରବ୍ରିଜ୍ ନିର୍ମାଣ ପ୍ରସଙ୍ଗ

■ ତ୍ୱରାନ୍ୱିତ ପାଇଁ ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ନିରାକାରପୁରଠାରେ ରେଲ୍‌ୱେ ଓଭରବ୍ରିଜ୍ ନିର୍ମାଣ ପାଇଁ ସ୍ଥାନୀୟ ଗ୍ରାମବାସୀ ଦୀର୍ଘ ବର୍ଷ ହେବ ଦାବି କରିଆସୁଛନ୍ତି। ଅର୍ଥ ମଞ୍ଜୁର ସତ୍ତ୍ୱେ ନିର୍ମାଣ କାର୍ଯ୍ୟରେ ମନ୍ଥରତା ନେଇ ବଢୁଛି ଅସନ୍ତୋଷ। ଜମି ଅଧିଗ୍ରହଣ ପ୍ରକ୍ରିୟାରେ ମନ୍ଥରତା ଯୋଗୁ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଜମି ଅଧିଗ୍ରହଣକୁ ତ୍ୱରାନ୍ୱିତ ସହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଦାବିରେ ନିରାକାରପୁରର ଏକାଧିକ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଉଲ୍ଲେଖ ରହିଛି, ଶରଣକୁଳ-ପୁରୀକୁ ସଂଯୋଗ କରୁଥିବା ଏହି ନୂଆ ଜଗନ୍ନାଥ ସଡ଼କ ନିରାକାରପୁର ବଜାର ମଧ୍ୟ ଦେଇ ଯାଇଛି। ପୂର୍ବତଟ ରେଳପଥ ବିଭାଗର ୨୧୯ନଂ. ରେଳ ଲାଇନ ପାର୍ଶ୍ୱରେ ରେଳ ଫାଟକ ରହିଛି। ଏହି ରାସ୍ତାଦେଇ ଦୈନିକ ହଜାର ହଜାର ଯାନବାହନ ଯାତାୟାତ କରୁଛି। ନିରାକାରପୁରରେ ହାଟବଜାର, ଡାକ୍ତରଖାନା, ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ରହିଛି । ଫଳରେ ଲୋକେ ଯାତାୟାତ ସମୟରେ ହଇରାଣ ହେଉଛନ୍ତି। ଏହି ରାସ୍ତା ଶ୍ରୀକ୍ଷେତ୍ରକୁ ସଂଯୋଗ କରୁଥିବାରୁ ବ୍ରହ୍ମପୁର ପଟୁ ଆସୁଥିବା ଶ୍ରଦ୍ଧାଳୁ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ଏଥିସହିତ ୧୫ଖଣ୍ଡ ଗ୍ରାମବାସୀଙ୍କ ଏହା ନିର୍ଭରଯୋଗ୍ୟ ରାସ୍ତା। ନିରାକାରପୁର କଲେଜକୁ ଯାତାୟାତ କରୁଥିବା ଛାତ୍ରୀଛାତ୍ର ଏହି ରେଳଲାଇନ୍ ଦେଇ ପାରି ହେଉଛନ୍ତି । ପ୍ରତ୍ୟେକ ଦଶ ମିନିଟ୍ ବ୍ୟବଧାନରେ ଟ୍ରେନ୍ ଯାତାୟାତ ଯୋଗୁ ରେଳ ଫାଟକ ବନ୍ଦ ରହୁଛି । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ୧କିମି ପର୍ଯ୍ୟନ୍ତ ଯାନବାହନ ଘଣ୍ଟା ଘଣ୍ଟା ଅଟକି ରହୁଛି। ଫଳରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଏହି ସମୟରେ ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ଅଟକି ରହୁଛି। ରେଳ ଫାଟକର ଉଭୟ ପାର୍ଶ୍ୱରେ ଦୋକାନ ବଜାର ଗଢ଼ିଉଠିଛି। ନିରାକାରପୁର ବଜାର ଉପରେ ନିର୍ଭର କରୁଥିବା ଲୋକେ ଏହି ଟ୍ରାଫିକ୍ ଜାମ ଭିତରେ ଫସି ରହୁଛନ୍ତି। କୌଣସି ଜରୁରୀ ସେବାରେ ଯାଉଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଅନେକ ସମୟରେ ଧନଜୀବନ ମଧ୍ୟ କ୍ଷତି ଘଟୁଛି। ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକେ ରେଳଲାଇନ୍ ଉପରେ ଏକ ଓଭରବ୍ରିଜ୍ ନିର୍ମାଣ ପାଇଁ ଦୀର୍ଘଦିନ ହେବ ଦାବି କରିଆସୁଛନ୍ତି। ଲୋକଙ୍କ ଦାବି ମୁତାବକ ପୂର୍ବ ରାଜ୍ୟ ସରକାର ଏଠାରେ ଓଭରବ୍ରିଜ୍ ନିର୍ମାଣ ଲାଗି ୫୮କୋଟି ଟଙ୍କା ମଞ୍ଜୁର କରିଥିଲେ। ପୂର୍ତ୍ତ ବିଭାଗ ଏବଂ ରେଲ୍‌ୱେ ବିଭାଗ ମିଳିତଭାବେ ଏହି ସ୍ଥାନ ନିରୀକ୍ଷଣ ସହ ଏଠାରେ ଆପ୍ରୋଚ୍ ରୋଡ ନିର୍ମାଣ ଲାଗି ନିଷ୍ପତ୍ତି ନେଇଥିଲେ। ଏଥିସହିତ ସୀମା ନିର୍ଦ୍ଧାରଣ ଚିହ୍ନଟ ସରିଛି। ରାଜସ୍ୱ ବିଭାଗ ପକ୍ଷରୁ ଏହାର ନକ୍ସା ପ୍ରସ୍ତୁତ କରାଯାଇ ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ରେଲୱେ ବିଭାଗ ପକ୍ଷରୁ ଓଭରବ୍ରିଜ୍ ନିର୍ମାଣ ଲାଗି ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଜମି ଅଧିଗ୍ରହଣରେ ବିଳମ୍ବ ହେଉଛି। ପୂର୍ବରୁ ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁ କାମ ଅଟକିଥିଲା। ଗତ ବିଧାନସଭା ଅଧିବେଶନରେ ସ୍ଥାନୀୟ ବିଧାୟକ ଏହି ଓଭରବ୍ରିଜ୍ ପ୍ରସଙ୍ଗ ଉଠାଇଥିଲେ। ଖୁବ୍‌ଶୀଘ୍ର ଜମି ଅଧିଗ୍ରହଣ କରାଯାଇ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମନ୍ତବ୍ୟ ରଖିଥିଲେ। ଏହା ସତ୍ତ୍ୱେ ଜମି ଅଧିଗ୍ରହଣ ପ୍ରକ୍ରିୟା ମନ୍ଥର ଗତିରେ ଚାଲିଛି। ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜମି ଅଧିଗ୍ରହଣ ପ୍ରକ୍ରିୟା ତୁରନ୍ତ ଶେଷ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗକୁ ଗୁରୁତ୍ୱ ଦିଆଯାଇ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି।

# ୨୫୮ଗ୍ରାମ୍ ବ୍ରାଉନ୍‌ସୁଗାର ସହ ବୁଲେଟ୍ ଜବତ, ୨ଗିରଫ

## ଛଣଗିରିରୁ ଖୋର୍ଦ୍ଧା ଆସୁଥିବାବେଳେ ଧାଡ଼ିବସିଲା ପୋଲିସ


ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଉଛନ୍ତି।

ଖୋର୍ଦ୍ଧା,୨।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର ବାରବାର ଦିନକୁଦିନ ବଢ଼ିଚାଲିଛି। ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧାକୁ ବ୍ରାଉନ୍‌ସୁଗାର ଆସୁଛି। ଏଠାରୁ ଗ୍ରାମାଞ୍ଚଳ ଏବଂ ପଡ଼ୋଶୀ ଜିଲାକୁ ପଠାଯାଉଛି। କମ୍ ସମୟରେ ଅଧିକ ଟଙ୍କା ରୋଜଗାର ଲାଳସାରେ ଏହି କାରବାରରେ ଯୁବପିଢ଼ି ପଶି ବିପଦଗାମୀ ହେଉଛନ୍ତି। ସୋମବାର ଜଙ୍କିଆ ପୋଲିସ ୧୬ନଂ. ଜାତୀୟ ରାଜପଥର ଛଣଗିରି ଛକରେ ଚଢ଼ାଉ କରି ୨୫୮ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଭାଲିଆବାଡ଼ି ଗ୍ରାମର ରାକେଶ ପଟ୍ଟନାୟକ ଓରଫ ହାପି ଏବଂ ସୂର୍ଯ୍ୟକାନ୍ତ ନାୟକ ଓରଫ ଗୁଡୁ। ଏମାନଙ୍କ ନିକଟରୁ ଏକ ବୁଲେଟ୍(ଓଡି ୦୨ଏଚ୍ ୧୨୫୪) ଜବତ ହୋଇଛି। ଏହି ବୁଲେଟ୍ ହାପିଙ୍କ ନାମରେ ରହିଛି। ଏମାନେ ବ୍ରାଉନ୍‌ସୁଗାର କେଉଁଠାରୁ ଆଣୁଥିଲେ, କାହା ପାଖକୁ ନେଉଥିଲେ ତାହାର ତଦନ୍ତ ଜାରି ରହିଛି ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି। ଏସ୍‌ପି ଆହୁରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଗତ ୩୧ ତାରିଖରେ ଘୋଷଣା କରିଥିଲେ 'ଆମ ସଙ୍କଳ୍ପ ନିଶା ନୁହଁ ଆମ ଜୀବନ'। ସେହି ଆଧାରରେ ଖୋର୍ଦ୍ଧା ସ୍ପେଶାଲ ଡ୍ରାଇଭ ଆରମ୍ଭ କରାଯାଇଛି। ସୋମବାର ସକାଳ ୭ଟାରେ ଛଣଗିରି ଛକରେ ଦୁଇ ଜଣ ଯୁବକ ବ୍ରାଉନ୍‌ସୁଗାର ଧରି ଖୋର୍ଦ୍ଧା ଅଭିମୁଖେ ଆସୁଥିବା ଖବରପାଇ ଜଙ୍କିଆ ଥାନା ଅଧିକାରୀ ସୁଶାନ୍ତ ବେହେରା, ଏସ୍‌ଆଇ ତୁଷାରକାନ୍ତ ପରିଡା ଏବଂ ଅନ୍ୟମାନଙ୍କୁ ନେଇ ଏକ ଟିମ୍ ଛଣଗିରି ଛକରେ ଚଢ଼ାଉ କରି ବ୍ରାଉନ୍‌ସୁଗାର ପ୍ୟାକେଟ ଜବତ କରିଥିଲେ। ହାପି ଏବଂ ଗୁଡୁଙ୍କ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ଏନଡିପିଏସ ଏବଂ ଅନ୍ୟ ଘଟଣାରେ ମାମଲା ରହିଛି। ଏମାନେ ଛଣଗିରି, ଜଙ୍କିଆ ଦେଇ ଖୋର୍ଦ୍ଧା ଆସୁଥିଲେ। ଖୋର୍ଦ୍ଧାରେ ଧରାପଡ଼ିଯିବା ଆଶଙ୍କାରେ ଛୋଟ ଛୋଟ ପୁଡ଼ିଆ କରି ବିକ୍ରି କରିବା ପାଇଁ ଯୋଜନା କରିଥିଲେ। ତେବେ ସେମାନଙ୍କ ଯୋଜନାକୁ ପୋଲିସ ପଣ୍ଡ କରିଥିବା ବେଳେ ଆଗକୁ ଏହି ଅଭିଯାନ ଜାରି ରହିବ ବୋଲି ଏସ୍‌ପି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ।

# ୬ରେ ରଙ୍ଗନାଥ ଦେବଙ୍କ ପୀଠରେ ରୁକ୍ମିଣୀ ବିବାହ ଉତ୍ସବ

ବାଣପୁର,୨।୬(ଦିଲୀପ କୁମାର ସ୍ୱାଇଁ)

## ଲଗ୍ନ ସ୍ଥିର କଲେ ମନ୍ଦିର ଖଡ଼ୀରତ୍ନ

ବାଣପୁରର ଆରାଧ୍ୟ ଶ୍ରୀରଙ୍ଗନାଥ ଦେବଙ୍କ ପୀଠରେ ରୁକ୍ମିଣୀ ବିବାହ ଉତ୍ସବ ଆସନ୍ତା ୬ତାରିଖରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ପାଳନ କରାଯିବା ପାଇଁ ମନ୍ଦିର କମିଟି ପକ୍ଷରୁ ସ୍ଥିର କରାଯାଇଛି। ଉକ୍ତଦିନ ଠାକୁରଙ୍କ ସକାଳର ସମସ୍ତ ନୀତିକାନ୍ତି ପରେ ମଧ୍ୟାହ୍ନ ଧୂପ, ଅପରାହ୍ନରେ ବେଶ ପରେ ଶିଶୁପାଳ ପରାଜୟ, ରୁକ୍ମିଣୀ ହରଣ ନୀତି, ଦେବଦେବୀ ନିମନ୍ତ୍ରଣ, ସୂର୍ଯ୍ୟାସ୍ତ ପରଠାରୁ ରାତି ୮ଟା ୪୯ ମଧ୍ୟରେ ଦେବଦେବୀଙ୍କ କନକ ବେଦିରେ ବିବାହ କାର୍ଯ୍ୟ ଆରମ୍ଭ ଏବଂ ହସ୍ତ ଗଣ୍ଠି ପଡ଼ିବ ବୋଲି ମନ୍ଦିର ଖଡ଼ୀରତ୍ନ ଶରତ ଚନ୍ଦ୍ର ପଣ୍ଡିତରାୟ ଲଗ୍ନସ୍ଥିର କରିଛନ୍ତି। ପୂର୍ବ ବର୍ଷ ପରି ଚଳିତବର୍ଷ ମଧ୍ୟ ବର ପିତା ଭାବେ ଅଧ୍ୟାପକ ଦେବଦତ୍ତ ପାଣି ଓ କନ୍ୟାପିତା ଭାବେ ବରିଷ୍ଠ ଓକିଲ ଶ୍ୟାମସୁନ୍ଦର ମିଶ୍ର ଦାୟିତ୍ୱ ତୁଲାଇବେ। ବରିଷ୍ଠ ସଭ୍ୟ ବାଳମୁକୁନ୍ଦ ଦାସ, ପଦ୍ମଚରଣ ମହାପାତ୍ର, ରବି ପ୍ରଧାନ, ସୋମନାଥ ହୋତା, ଚନ୍ଦ୍ରଶେଖର ହୋତା, ନରସିଂହ ମହାପାତ୍ରଙ୍କ ସହିତ କମିଟିର ସମସ୍ତ ସଭ୍ୟାସଭ୍ୟ ଏହି ମାଙ୍ଗଳିକ କାର୍ଯ୍ୟ ପରିଚାଳନା କରିବେ। ଜୁନ ୭ ଶନିବାର ସନ୍ଧ୍ୟା ୬ଟାରେ ବାଜା ରୋଷଣି, ଥାଟ ପଟୁଆରରେ ନବବିବାହିତ ଦେବଦମ୍ପତିଙ୍କ ଗୁଆଲି ଯାତ୍ରା, ଦକ୍ଷେଶ୍ୱର ଦେବ ମନ୍ଦିରକୁ ବିଜେ, ଶିବଦର୍ଶନ, ହରିହର ଭେଟ, ପନ୍ତି ଓ ଭୋଗଲାଗି ଶୀତଳ ମଣୋହି ପରେ ନଗର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

# ୧୧୨ ଅଭିଯୋଗରୁ ୧୧ ଗ୍ରାମୀଣ ସମସ୍ୟା


ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଖୋର୍ଦ୍ଧା,୨।୬(ପ୍ରଭାତ ପାଣିଗ୍ରାହୀ)

## ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ଜିଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଖୋର୍ଦ୍ଧା ଉପଜିଲାପାଳ କିଶୋର କୁମାର ପଣ୍ଡା, ଡେପୁଟି କଲେକ୍ଟର(ଜରୁରୀ) ଶ୍ରିତପା ମିଶ୍ର, ସହକାରୀ ଜିଲାପାଳ(ଅଭିଯୋଗ) ଭୁବନେଶ୍ୱରୀ କୁଅଁର ଯୋଗ ଦେଇଥିଲେ। ଶିବିରରେ ମୋଟ ୧୧୨ଟି ଅଭିଯୋଗ ହୋଇଥିଲା। ତନ୍ମଧ୍ୟରୁ ୯୨ଟି ବ୍ୟକ୍ତିଗତ ଏବଂ ୧୧ଟି ଅଭିଯୋଗ ଗ୍ରାମୀଣ ସମସ୍ୟା ରହିଥିଲା। ତତ୍କାଳ ୪ଟି ଅଭିଯୋଗର ସମାଧାନ କରାଯାଇଛି। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ବରହମପୁରର ପ୍ରତିମା ବେହେରା, ତାପଙ୍ଗର ଚରଣ ଭୋଇ, ଟିଙ୍କିନା ଦାସ ଏବଂ ବାଣପୁରର ଛାୟାକାନ୍ତ ମହାରଣାଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ମୋଟ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ଗୋଲବାଇର ରାଜ କିଶୋର କୁଣ୍ଡୁଙ୍କୁ ଜିଲା ରେଡ୍‌କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରୁ ଆସିଥିବା ଦରଖାସ୍ତ ଏବଂ ମିଳିତ ଅଭିଯୋଗ ଶୁଣାଣି ଶିବିରର ଅଭିଯୋଗଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରି ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ରାଜ୍ୟଶ୍ରୀ ପଟ୍ଟନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ, ଜିଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ଦାଶ, ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ମୁଖ୍ୟ ଜିଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲା ବେସାମରିକ ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁ, ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ସ୍ମିତା ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଦେଢ଼ ଘଣ୍ଟା ବିଳମ୍ବରେ ଆରମ୍ଭ ହେଲା ଅଭିଯୋଗ ଶୁଣାଣି

ଖୋର୍ଦ୍ଧା,୨।୬(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟ ସରକାର ଲୋକଙ୍କ ଅଭିଯୋଗ ଶୁଣାଣି ଉପରେ ଗୁରୁତ୍ୱ ଦେଉଛନ୍ତି। ପ୍ରତ୍ୟେକ ମାସର ପ୍ରଥମ ସୋମବାର ଜିଲା ସଦର ମହକୁମାରେ ଜିଲାପାଳଙ୍କ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ହେଉଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ୭ଟା ୩୦ରୁ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି କରାଯାଉଛି। ତେବେ ଖୋର୍ଦ୍ଧା ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ସୋମବାର ସକାଳ ୭ଟାରୁ ଅଭିଯୋଗକାରୀମାନେ ଆସି ନାମ ପଞ୍ଜୀକରଣ କରି ଧାଡ଼ିରେ ଅପେକ୍ଷା କରି ରହିଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କ ଦେଖା ମିଳି ନ ଥିଲା। ଘଣ୍ଟାଏ ବିଳମ୍ବରେ ଅର୍ଥାତ୍ ୮ଟା ୩୦ରେ ଜଣଙ୍କ ପରେ ଜଣେ ପ୍ରଶାସନିକ ଅଧିକାରୀ ଆସି ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚିଥିଲେ। ସେହିପରି ସକାଳ ୯ଟାରେ ଜିଲାପାଳ ପହଞ୍ଚିବା ପରେ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଥିଲା। ତେବେ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ଦିବ୍ୟାଙ୍ଗଙ୍କଠାରୁ ବରିଷ୍ଠ ନାଗରିକ, ବୃଦ୍ଧାବୃଦ୍ଧ ସମସ୍ତେ ଧାଡ଼ିରେ ଅପେକ୍ଷା କରି ରହିଥିଲେ। ବିଳମ୍ବରେ ଶୁଣାଣିକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଅନ୍ୟପଟେ ଅଭିଯୋଗ ପ୍ରକୋଷ୍ଠ ବାହାରେ ଅଭିଯୋଗକାରୀଙ୍କ ବସିବା ଲାଗି କୌଣସି ବ୍ୟବସ୍ଥା ନ ଥିବାରୁ ସେମାନେ ତଳେ ବସିଥିଲେ। ପ୍ରକୋଷ୍ଠ ବାହାରେ ଥଣ୍ଡା ପାନୀୟଜଳ ଏବଂ ଅଭିଯୋଗକାରୀଙ୍କ ବସିବା ଲାଗି ଚୌକିର ବ୍ୟବସ୍ଥା କରିବା ଲାଗି ସାଧାରଣରେ ଦାବି ହେଉଛି।


ଅଭିଯୋଗ କରିବାକୁ ଆସିଥିବା ଲୋକମାନେ ପ୍ରକୋଷ୍ଠ ଆଗରେ ଅପେକ୍ଷା କରି ରହିଛନ୍ତି।

# ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ଦାବି


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀ।

ଖୋର୍ଦ୍ଧା,୨।୬(ପ୍ରଭାତ ପାଣିଗ୍ରାହୀ)

ବେଗୁନିଆ ବ୍ଲକ ହଜ୍ ପଞ୍ଚାୟତ ଅନ୍ତର୍ଗତ ନିଧିପୁର ଗ୍ରାମର ଏକାଧିକ ଚାଷୀ ସୋମବାର ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଚାଷକାର୍ଯ୍ୟ ପାଇଁ ଜଳସେଚନ ସୁବିଧା ନ ଥିବାରୁ ଚାଷୀମାନେ କେବଳ ମୌସୁମୀ ବର୍ଷା ଏବଂ ବର୍ଷାଜଳ ଉପରେ ନିର୍ଭର କରିଥାନ୍ତି। ବିଳମ୍ବିତ ମୌସୁମୀ ପାଇଁ ଚାଷୀ ହଇରାଣ ହେଉଛନ୍ତି। ତେଣୁ ଦୀର୍ଘଦିନ ଧରି ଉଠାଜଳସେଚନ ପ୍ରକଳ୍ପ ପାଇଁ ଦାବି ହୋଇ ଆସୁଅଛି। ଚାଷଜମିରେ ପାଣି ଅଭାବରୁ ଫସଲ ନଷ୍ଟ ହୋଇଯାଇଛି । ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଧିପୁର ଗ୍ରାମରେ ଏକ ନୂତନ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରିବା ନିମନ୍ତେ କେତେଜଣ ଗ୍ରାମବାସୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଏ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇବାକୁ ଚେତାବନୀ

ବେଗୁନିଆ,୨।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କାର୍ଯ୍ୟାଳୟରେ ଗତ ଏପ୍ରିଲ ୩୦ରୁ ସ୍ଥାୟୀ ବିଡିଓ ନାହାନ୍ତି। କାର୍ଯ୍ୟରତ ବିଡିଓଙ୍କ ଅବସର ଗ୍ରହଣ କରିବାର ଦୁଇଦିନ ପରେ ଖୋର୍ଦ୍ଧା ବିଡିଓ କ୍ଷୀରାବ୍ଧି ତନୟା ସାହୁ ବେଗୁନିଆ ବ୍ଲକର ଅତିରିକ୍ତ ଦାୟିତ୍ୱଭାର ନେଇଥିଲେ। ତେବେ ଦାୟିତ୍ୱ ନେବାର ଏକ ମାସ ବିତିଥିଲେ ମଧ୍ୟ ସେ ଏଠାକୁ ଆସୁ ନ ଥିବା ଅଭିଯୋଗ ହେଉଛି। ଫଳରେ ଉନ୍ନୟନମୂଳକ କାର୍ଯ୍ୟ ଆଗେଇ ପାରୁନାହିଁ। ସେହିପରି ବିଡିଓଙ୍କ ଅନୁପସ୍ଥିତି ଯୋଗୁ ବ୍ଲକ କାର୍ଯ୍ୟାଳୟକୁ ବିଭିନ୍ନ ପାଇଁ ଆସୁଥିବା ଜନସାଧାରଣ ନିରାଶ ହୋଇ ଫେରୁଛନ୍ତି। ଏନେଇ ମେ'୩୧ରେ କେତଜଣ ଜନପ୍ରତିନିଧି ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ପ୍ରତିବାଦ କରିବା ସହ ଆଗାମୀ ଦିନରେ ଯଦି ବିଡିଓ ଏଠାକୁ ନ ଆସନ୍ତି ତାଲା ବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ସୋମବାର ସୁଦ୍ଧା ବିଡିଓ ସାହୁ ବେଗୁନିଆ ବ୍ଲକ କାର୍ଯ୍ୟାଳୟକୁ ନ ଆସିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲାପରିଷଦ ସଭ୍ୟ ଏବଂ ବିଜେଡି କର୍ମୀମାନେ ପୁରୀ ଜିଲାର ଶିରୁଳା ମହାବୀର ମନ୍ଦିରରେ ଏକତ୍ରିତ ହୋଇଥିଲେ। ଆଗାମୀ ଦିନରେ କ'ଣ ପଦକ୍ଷେପ ଗ୍ରହଣ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବାରୁ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# କେମିକାଲ କମ୍ପାନୀ ନିର୍ମାଣକୁ ବିରୋଧ

ଖୋର୍ଦ୍ଧା,୨।୬(ପ୍ରଭାତ ପାଣିଗ୍ରାହୀ)


ଜିଲାପାଳଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଗ୍ରାମବାସୀ ଏବଂ ଜନପ୍ରତିନିଧି।

■ ଗ୍ରାମବାସୀ, ଜୀବଜନ୍ତୁ ପ୍ରଭାବିତ ହେବେ

■ ମଞ୍ଜୁରୀ ବାତିଲ ନ ହେଲେ ଆନ୍ଦୋଳନ

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗେଡ଼ିଆପଲ୍ଲୀ ପଞ୍ଚାୟତ ସାହାସପୁର ମୌଜାରେ ନିର୍ମାଣାଧୀନ କେମିକାଲ କମ୍ପାନୀକୁ ସ୍ଥାନୀୟ ଗ୍ରାମବାସୀ, ଜନପ୍ରତିନିଧି ବିରୋଧ କରିଛନ୍ତି। ଏଠାରେ କେମିକାଲ କମ୍ପାନୀ ହେଲେ ଜୀବଜନ୍ତୁ ଏବଂ ଗ୍ରାମବାସୀ ବିଶେଷଭାବେ ପ୍ରଭାବିତ ହେବେ। ଏଥିସହିତ ଜଳାଶୟ, ବାୟୁମଣ୍ଡଳ ପ୍ରଦୂଷିତ ହେବା ସହ ଲୋକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟିହେବା ସମ୍ଭାବନା ରହିଛି ବୋଲି ଉକ୍ତ ବ୍ଲକର ସ୍ଥାନୀୟ ଜନପ୍ରତିନିଧି, ଗ୍ରାମବାସୀ, ବୁଦ୍ଧିଜୀବୀ ପ୍ରମୁଖ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି। କମ୍ପାନୀକୁ ଦିଆଯାଇଥିବା ମଞ୍ଜୁରୀ ବାତିଲ ପାଇଁ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ମୁତାବକ, ସାହାସପୁର ମୌଜାରେ ଶିଳ୍ପ ସଂସ୍ଥା ଗଢ଼ିବା ପାଇଁ ଏକାଧିକ ସରକାରୀ ଜମି ଇଡ୍‌କୋକୁ ହସ୍ତାନ୍ତର କରାଯାଇଛି। ଇଡ୍‌କୋ ସେଠାରେ ବହୁବିଧ ଶିଳ୍ପ ପ୍ରତିଷ୍ଠା ଯୋଜନା କରିଛି। ଏଠାରେ ଶିଳ୍ପ ପ୍ରତିଷ୍ଠା ହେଲେ ଅଞ୍ଚଳବାସୀଙ୍କ ଆର୍ଥିକ ବିକାଶ ଘଟିବ। ଶିଳ୍ପାନୁଷ୍ଠାନ ପାଇଁ ଗ୍ରାମବାସୀଙ୍କ ମହଲରେ ଖୁସି ଖେଳିଯାଇଛି। ତେବେ ଏଠାରେ କେମିକାଲ କମ୍ପାନୀ ନିର୍ମାଣ ଚାଲିଥିବା ଜଣାପଡ଼ିବା ପରେ ସ୍ଥାନୀୟ ଗ୍ରାମବାସୀ ଏବଂ ଜନପ୍ରତିନିଧିଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି କମ୍ପାନୀ ଦ୍ୱାରା ବୋଲଗଡ଼ ଏବଂ ବାଙ୍କୀ ବ୍ଲକ ଅନ୍ତର୍ଗତ ଗେଡିଆପଲ୍ଲୀ, ସାଲତରା, ସାହାସପୁର, ଶାମୁକାପାଟଣା, ଗେଡିଆପଲିପାଟଣା, ଗୁରୁପାଙ୍ଗି, ରଘୁନାଥପୁର, ବଡ଼ ନୂଆଗାଁ, ମାଣିବନ୍ଧ, ଠଣାପଲି, ଆରିକମା, ଗିରିଧାରିପୁର, ଧଳାପଥର, କୋଦୁଅବେରଣି, କଦାମଲ୍ଲ, ପାଣିଗ୍ରାହୀପୁରପାଟଣା, ପୂର୍ବଗାଡିଆ, ପୁଇଁଚା, ଗହିରଗାଡିଆ, ପଣ୍ଡାଳମ, ପାଣିକୋଇଡ ଆଦି ଗ୍ରାମର ଗ୍ରାମବାସୀ କ୍ଷତିଗ୍ରସ୍ତ ହେବେ। ପୂର୍ବରୁ ଏହି ମୌଜାରେ ଶହେ ଏକର ବିଶିଷ୍ଟ ଜାଗାରେ କମ୍ପାନୀ ନିର୍ମାଣ ପାଇଁ କୌଣସି ଜନଶୁଣାଣି କରାଯାଇନାହିଁ। ଜନସାଧାରଣଙ୍କ ଅଗୋଚର ଏବଂ ପଞ୍ଚାୟତର ବିନା ମଞ୍ଜୁର ପ୍ରମାଣପତ୍ରରେ ଦିଆଯାଇଛି। ଏହି କମ୍ପାନୀ ନିର୍ମାଣ ହେଲେ ଜୀବଜନ୍ତୁ, ଗୋରୁଗାଇ, ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ପ୍ରଭାବିତ ହେବେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏହାର ତର୍ଜମା କରାଯାଇ ଏହି କମ୍ପାନୀ ମଞ୍ଜୁର ବାତିଲ ଦାବି କରିଛନ୍ତି। ବୋଲଗଡ଼ ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଜିଲାପରିଷଦ ପ୍ରଦୀପ୍ତ ଛୋଟରାୟ, ସୁବାଷ ରାୟଗୁରୁ, ଧଳାପଥର ପୂର୍ବତନ ସରପଞ୍ଚ ସୁରଜ ସୁବୁଦ୍ଧି, ରଞ୍ଜନ ପଣ୍ଡା, ବୋଲଗଡ଼ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ ଚରଣ ବେହେରାଙ୍କ ସମେତ ଅନ୍ୟମାନେ ଅଭିଯୋଗପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, ଗ୍ରାମବାସୀ ଏବଂ ଜନପ୍ରତିନିଧି ଅଭିଯୋଗ କରିଛନ୍ତି। ଜନସଭା ଓ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## ସଂକ୍ଷେପରେ

### ଭଏସ୍ ଅଫ୍ ମିଡିଆ ସଦସ୍ୟଙ୍କୁ ମିଳିଲା ପରିଚୟପତ୍ର

**ବୋଲଗଡ଼,୨।୬(ଦେବବ୍ରତ ହୋତା):** ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଭଏସ୍ ଅଫ୍ ମିଡିଆ ସଂଘର ପରିଚୟପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ବ୍ଲକ ଶାଖା ସଭାପତି ନିରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ରାଜ୍ୟ ସଭାପତି ପ୍ରଭାତ କୁମାର ମିଶ୍ର, ସମ୍ପାଦକ ସୁକାନ୍ତ କୁମାର ପରିଡା, ଉପସଭାପତି ପି.ବାଲାଜୀ ପାତ୍ର, ଖୋର୍ଦ୍ଧା ଜିଲା ସଭାପତି ଧନେଶ୍ୱର ବିଧାର, ସଞ୍ଜୀବ କୁମାର ସାଏ, ନାରୀନେତ୍ରୀ ଉର୍ମିଳା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସଂଘ ସଦସ୍ୟଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସଂଘର ନବନିଯୁକ୍ତ ନୟାଗଡ଼ ଜିଲା ସଭାପତି ଭାବେ ସତ୍ୟ ନାରାୟଣ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦେବବ୍ରତ ହୋତା, ଜିଲା କାର୍ଯ୍ୟକାରିଣୀ ସଦସ୍ୟଭାବେ ପ୍ରଫୁଲ୍ଲ କୁମାର ସିଂହ ପ୍ରମୁଖଙ୍କ ସମେତ ବୋଲଗଡ଼ ବ୍ଲକ ଶାଖାର ସଦସ୍ୟମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଶାଖା ସଭାପତି ନାୟକ ସ୍ୱାଗତ ଭାଷଣ, ଉପସଭାପତି ଅବଦୁଲ ଖାଲିକ ଖାଁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଖବରଦାତା ପାଣ୍ଡବ ସାହୁ, ରବି ଦୋରା, ଦୀପକ ପାହାଡସିଂହ, ନିରଞ୍ଜନ ସେଠୀ, ସୁଶାନ୍ତ ପ୍ରଧାନ, ଅଶୋକ ପ୍ରଧାନ, କାର୍ତ୍ତିକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ବୋଲଗଡ଼ ବ୍ଲକ ସମ୍ପାଦକ ସତ୍ୟନାରାୟଣ ବାରିକ ଧନ୍ୟବାଦ ଦେଇଥିଲେ।

### ଓମ୍‌ପ୍ରକାଶ ସିଂହଙ୍କ 'ଲୋହାଣ୍ଡି ଟୁ ଲଦାଖ' ଉନ୍ମୋଚିତ

**ଭୁବନେଶ୍ୱର, ୨।୬(ସୌମ୍ୟରଞ୍ଜନ ରାଉତ):** ଓମ୍‌ପ୍ରକାଶ ସିଂହଙ୍କ ଦ୍ୱାରା ଲିଖିତ କେତକୀ ବୁକ୍ସ ଦ୍ୱାରା ପ୍ରକାଶିତ 'ଲୋହାଣ୍ଡି ଟୁ ଲଦାଖ'– ଏକ ଭ୍ରମଣ କାହାଣୀ ପୁସ୍ତକ ସୋମବାର ଅରଣ୍ୟ ଭବନ ଅଡିଟୋରିୟମ୍‌ଠାରେ ଉନ୍ମୋଚିତ ହୋଇଯାଇଛି। ଫରେଷ୍ଟ ମୁଖ୍ୟାଳୟର ଡିଏଫ୍‌ଓ ସୁନିତା ଜୀ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପିସିସିଏଫ୍ ସୁରେଶ ପନ୍ତ, ପୂର୍ବତନ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ, ପିସିସିଏଫ୍ ଉମା ନାନ୍ଦୁରୀ, ପିସିସିଏଫ୍ ପ୍ରେମକୁମାର ଝା ପ୍ରମୁଖ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଓମ୍‌ପ୍ରକାଶ ଧନ୍ୟବାଦ ଦେଇଥିଲେ।

### ବୈଦିକ ଶିକ୍ଷାର ପ୍ରସାର ପାଇଁ ଆଧ୍ୟାତ୍ମିକ ଗୁରୁକୁଳ ପ୍ରତିଷ୍ଠା

**ପୁରୁଣା ଭୁବନେଶ୍ୱର,୨।୬(ସୁବାସ ଚନ୍ଦ୍ର ପ୍ରଧାନ):** ସମ୍ପ୍ରତି ଶିକ୍ଷା ବ୍ୟବସ୍ଥା ଇଂରାଜୀ ମାଧ୍ୟମ ଆଡ଼କୁ ମୁହାଁଉଥିବା ବେଳେ ନିଜର ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରା ଠାରୁ ଦୂରେଇ ଯାଉଛନ୍ତି ଆଜିର ଯୁବପିଢ଼ି। ଏଭଳି ସମୟରେ ସ୍ଥାନୀୟ ଶ୍ୟାମା ଶଙ୍କର ମଠ ପରିସରରେ ବୈଦିକ ଶିକ୍ଷା ଏବଂ ଯୋଗାସନ ଆଦି ଶିକ୍ଷା ଲାଭ କରିବା ନିମନ୍ତେ ଏକ ନୂତନ ପ୍ରଚେଷ୍ଟା ଆରମ୍ଭ ହୋଇଛି। ଏନେଇ ଆଧ୍ୟାତ୍ମିକ ଗୁରୁକୁଳ ପ୍ରତିଷ୍ଠା କରାଯାଇଛି। ଏଥିରେ ବ୍ରାହ୍ମଣ ବାଳକଙ୍କୁ ଶିକ୍ଷା ଦିଆଯିବା ସହ ଭାରତୀୟ ସଂସ୍କୃତି ଉପରେ ଅଧିକରୁ ଅଧିକ ଜ୍ଞାନ ଛାତ୍ରୀଛାତ୍ରମାନେ କିଭଳି ପାଇପାରିବେ ତାହା ମୂଳ ଉଦ୍ଦେଶ୍ୟ ବୋଲି ମଠ ମୁଖ୍ୟ ପରିଚାଳକ ଅରୁଣ କୁମାର ଗାଙ୍ଗୁଲି ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି। ସୂଚନାଥାଉକି, ଏଠାରେ ଚତୁଃମାସ୍ୟା ଭଳି ଅନେକ ଆଧ୍ୟାତ୍ମିକ ପର୍ବପର୍ବାଣୀ ପାଳିତ ହୋଇଆସୁଛି। ବୈଦିକ ଶିକ୍ଷା ପାଇଁ ଶ୍ରଦ୍ଧାଳୁମାନେ ସେମାନଙ୍କ ପିଲାମାନଙ୍କୁ ପ୍ରେରିତ କରିବା ପାଇଁ ଗାଙ୍ଗୁଲି ଅନୁରୋଧ କରିଛନ୍ତି।

# ଶୀତଳଷଷ୍ଠୀ ମହୋତ୍ସବ 'ସମ୍ପର୍କ' ଉଦ୍‌ଘାଟିତ

**ବେଗୁନିଆ,୨।୬(ହର ପ୍ରସନ୍ନ ପଣ୍ଡା)**



ଶୀତଳଷଷ୍ଠୀ ମହୋତ୍ସବ 'ସମ୍ପର୍କ' ଉଦ୍‌ଘାଟନୀ ଦିବସରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଶୀତଳଷଷ୍ଠୀ ମହୋତ୍ସବ 'ସମ୍ପର୍କ' ୨୦୨୫ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପୁରୋଧା ଅଶୋକ ମିଶ୍ରଙ୍କ ଓଁ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣରୁ ମଞ୍ଚ ଆରମ୍ଭ ହୋଇଥିଲା। ପରେ କଳା, ସଂସ୍କୃତି ଓ ପାରମ୍ପରିକ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। କମିଟି ସଭାପତି ସରୋଜ ବେହେରାଙ୍କ ଅଧ୍ୟକ୍ଷତାରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ବେଗୁନିଆର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବଡ଼ବେରଣା ପଞ୍ଚାୟତର ସରପଞ୍ଚ ଅସିତ୍ ତ୍ରିପାଠୀ, ଆୟୋଜକ କମିଟି ସମ୍ପାଦକ ରଞ୍ଜିତ ତ୍ରିପାଠୀ, କୋଷାଧ୍ୟକ୍ଷ ବିଶ୍ୱଜିତ୍ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାରମାସରେ ତେରପର୍ବ ଭଳି ବର୍ଷତମାମ ଗାଁରେ ପାଳନ କରାଯାଉଛି ଅନେକ ପରମ୍ପରାଭିତ୍ତିକ ପର୍ବ। ଅତ୍ୟାଧୁନିକ ଛାପରେ ଯୁବବର୍ଗମାନେ ବିଶେଷକରି ଆୟୋଜନ କରୁଛନ୍ତି ମହୋତ୍ସବ। ପଡ଼ିଆରେ ଭାଇଚାରାର ଭାବଧାରା ଏବଂ ମଞ୍ଚରେ କଳା, ଐତିହ୍ୟ, ସାହିତ୍ୟ, ସଂସ୍କୃତି ଓ ନୃତ୍ୟ ସଙ୍ଗୀତ ପରିବେଷଣ ମନକୁ ଗୁଞ୍ଜରିତ କରେ ବୋଲି ଅତିଥି ସାହୁ କହିଥିଲେ। ସେହିପରି ପ୍ରଥମ ସନ୍ଧ୍ୟାରେ ଆୟୋଜକ କମିଟି ଆନୁକୂଲ୍ୟରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ବଲାଙ୍ଗୀରର ପଞ୍ଚମ ଗ୍ରୁପ ପକ୍ଷରୁ କଳାକାରଙ୍କ ଦ୍ୱାରା ପରିବେଷିତ ବାଦ୍ୟ ଓ ନୃତ୍ୟ ସଙ୍ଗୀତର ତାଳେତାଳେ ଦର୍ଶକ ବିଭୋର ହୋଇଥିଲେ। ପରେ କଣ୍ଠ ଶିଳ୍ପୀ ଶକ୍ତି ମିଶ୍ର ଓ ସାଥିଙ୍କ ସଙ୍ଗୀତ ଆଭାସ ଏବଂ ହାସ୍ୟାଭିନେତାଙ୍କ 'ଭାତଟେ ହେବ..ଡାଲିଟେ ହେବ' ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସୂଚନାଥାଉ କି, ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଗ୍ରାମର ଆରାଧ୍ୟ ବାଲୁଙ୍କେଶ୍ୱର ଦେବଙ୍କ ଶୀତଳଷଷ୍ଠୀ ଯାତ୍ରା ରବିବାରଠାରୁ ଆରମ୍ଭ ହୋଇଯାଇଛି। ବାଲୁଙ୍କେଶ୍ୱରଙ୍କୁ ଦୋଳ ବିମାନରେ ବସାଇ ଶ୍ରଦ୍ଧାଳୁମାନେ ଗ୍ରାମ ପରିକ୍ରମା କରିବା ସହ ଚାଟେରି ଭୋଗ ଲାଗି କରିଥିଲେ। ପୀଠ ପରିସରରେ ଶାନ୍ତି ମହାଯଜ୍ଞ ସମ୍ପନ୍ନ ହୋଇଯାଇଛି।

# ଜାଲ୍ ଦସ୍ତଖତ କରି କମ୍ପାନୀରୁ ୧.୨୭ କୋଟି ହଡ଼ପ

**ଭୁବନେଶ୍ୱର,୨।୬(ସତ୍ୟଜିତ୍ ରାଉତ)**

## ଆକାଉଣ୍ଟାଣ୍ଟ ଗିରଫ

ଜାଲ୍ ଦସ୍ତଖତ କରି କମ୍ପାନୀରୁ ୧.୨୭ କୋଟି ଟଙ୍କା ହଡ଼ପ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେହେଲେ ରଙ୍ଗମାଟିଆସ୍ଥିତ ଏକ ଆପାର୍ଟମେଣ୍ଟରେ ରହୁଥିବା କୋକ୍କରା ରବି (୩୮)। କୋର୍ଟ ଚାଲାଣ ପରେ କୋକ୍କରାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ କବିର ତନେଜା ହେଉଛନ୍ତି ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ହାମେଲମ୍ୟାନ୍ ଇଣ୍ଡିଆ ବ୍ୟବସାୟ ପ୍ରତିଷ୍ଠାନର ପରିଚାଳନା ଅଂଶୀଦାର। ଏହି ବ୍ୟବସାୟିକ ପ୍ରତିଷ୍ଠାନ ଦେଶରେ ହାଇ ପ୍ରେସର ୱାଟର ଜେଟ୍ ପମ୍ପ, ଆସେସୋରିଜ୍ ଏବଂ ସ୍ପେୟାର ପାର୍ଟସର ବିକ୍ରି ସହ ମରାମତି ସେବା ଯୋଗାଇଥାଏ। କୋକ୍କରାଙ୍କୁ ୨୦୧୩ ସେପ୍ଟେମ୍ବର ୨୭ରେ କବିର ନିଜ ବ୍ୟବସାୟ ପ୍ରତିଷ୍ଠାନରେ ଆକାଉଣ୍ଟାଣ୍ଟ ଭାବରେ ନିଯୁକ୍ତି ଦେଇଥିଲେ। ୨୦୨୪ ଏପ୍ରିଲ ୧ରୁ କୋକ୍କରା ତାଙ୍କ ବ୍ୟବସାୟ ପ୍ରତିଷ୍ଠାନର ସମ୍ପୂର୍ଣ୍ଣ ଆକାଉଣ୍ଟସ୍ ବିଭାଗ ଦେଖାଶୁଣା କରୁଥିଲେ। କବିରଙ୍କ ମା' ଅଳକା ମଧ୍ୟ କମ୍ପାନୀର ଅଂଶୀଦାର ହୋଇଥିବାରୁ ସେ ମଧ୍ୟ ବ୍ୟାଙ୍କର ଦରମା ପ୍ରଦାନ ପାଇଁ ଅଧିକୃତ ସ୍ୱାକ୍ଷରକାରୀଙ୍କ ମଧ୍ୟରୁ ଜଣେ ଥିଲେ। ଅଳକାଙ୍କ ଦସ୍ତଖତକୁ କୋକ୍କରା ଜାଲ୍ କରି ୨୦୨୦ ଏପ୍ରିଲ ୨ରୁ ୨୦୨୩ ଜୁନ ୮ ମଧ୍ୟରେ କମ୍ପାନୀ ଆକାଉଣ୍ଟରୁ ୧.୨୭ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ନେଇଯାଇଥିଲେ। ବାପା ଓ ଅନ୍ୟ ପରିବାର ସଦସ୍ୟଙ୍କ ସହିତ ନିଜର ଅନ୍ୟ ଏକ ଆକାଉଣ୍ଟକୁ କୋକ୍କରା ଟଙ୍କା ଟ୍ରାନ୍ସଫର କରି ନେଇଥିଲେ। ଅଭିଯୋଗ ହେବା ପୂର୍ବରୁ କୋକ୍କରା କିଛି ଟଙ୍କା ଫେରସ୍ତ ଦେଇଥିବା ବେଳେ ବାକି ଆଉ ଦେଇ ନ ଥିଲେ। ଏନେଇ ମଞ୍ଚେଶ୍ୱର ପୋଲିସ ୨୦୨୪ ଏପ୍ରିଲ ୨୧ରେ ମାମଲା (ନଂ.୨୦୪/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# 'ପରମ୍ପରାକୁ ଉଜ୍ଜୀବିତ କରିଥାଏ ମହୋତ୍ସବ'



କୁଶପଲା ଶୀତଳ ଷଷ୍ଠୀ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ନୃତ୍ୟ ପରିବେଷଣ କରାଯାଉଛି।

**ବେଗୁନିଆ,୨।୬(ସନ୍ଧ୍ୟାରାଣୀ ମିଶ୍ର)**

## କୁଶପଲା ଶୀତଳ ଷଷ୍ଠୀ ମହୋତ୍ସବର ତୃତୀୟ ସନ୍ଧ୍ୟା

ବେଗୁନିଆ ବ୍ଲକ କୁଶପଲା ଗ୍ରାମରେ ଅନୁଷ୍ଠିତ ଶୀତଳ ଷଷ୍ଠୀ ମହୋତ୍ସବର ସୋମବାର ଥିଲା ତୃତୀୟ ସନ୍ଧ୍ୟା। ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମୋହିଉଦ୍ଦିନ ଅହମ୍ମଦଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷକ ସୁଧାକର ସେଠୀଙ୍କ ସଂଯୋଜନାରେ ପୂର୍ବତନ ଏମ୍‌ପି ରଞ୍ଜୀବ ବିଶ୍ୱାଳ ମୁଖ୍ୟ ଅତିଥି, ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମୁଖ୍ୟ ବକ୍ତା, କଂଗ୍ରେସ ନେତା ୟାସିର ନୱାଜ, ପିସିସି ସଦସ୍ୟ ମହମ୍ମଦ ଇଞ୍ଜାମାମ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ପରମ୍ପରାକୁ ଉଜ୍ଜୀବିତ କରିଥାଏ ବୋଲି ମତପ୍ରକାଶ କରିଥିଲେ। ସଭା ପ୍ରାରମ୍ଭରେ ସମ୍ପାଦକ ଲଡ୍ଡୁ କିଶୋର ପଟ୍ଟନାୟକ ଅତିଥି ପରିଚୟଏବଂ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ କଳା ସଂସ୍କୃତି ବିଭାଗ ପକ୍ଷରୁ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା।

## ସାଇକେଲ୍ ଚଲାନ୍ତୁ, ସୁସ୍ଥ ରୁହନ୍ତୁ

### ଆଜି ବିଶ୍ୱ ସାଇକେଲ ଦିବସ

**ପୁରୁଣା ଭୁବନେଶ୍ୱର,୨।୬(ସୁବାସ ଚନ୍ଦ୍ର ପ୍ରଧାନ)** ମଙ୍ଗଳବାର ବିଶ୍ୱ ସାଇକେଲ ଦିବସ। ପ୍ରତିବର୍ଷ ଜୁନ୍ ୩ତାରିଖରେ ପାଳନ କରାଯାଇଥାଏ। ସାଇକେଲ୍ ଚଲାଇବା ଦ୍ୱାରା ସ୍ୱାସ୍ଥ୍ୟ ଫିଟ୍ ରହିବା ସହିତ ପରିବେଶ ପ୍ରଦୂଷଣ ହୋଇ ନ ଥାଏ। ଜଳବାୟୁ ପରିବର୍ତ୍ତନ ଜ୍ୱାଳାରୁ ମୁକ୍ତି, ପରିବେଶ ପ୍ରଦୂଷଣ ରୋକିବା ଏବଂ ସାଇକେଲ୍ ଚଲାଇବା ନେଇ ଲୋକଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ଏହି ଦିବସ ପରିକଳ୍ପନା କରାଯାଇଛି। ଏହି ଅବସରରେ ଲୋକଙ୍କୁ ସାଇକେଲ୍ ଚଲାଇବା ଓ ସଚେତନ ପାଇଁ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗତୂଳୀରେ ଉଦ୍ୟମ କରିଛନ୍ତି। ନିଖୁଣଭାବେ ଆଙ୍କିଛନ୍ତି ଏକ ସୁନ୍ଦର ସାଇକେଲିଂ ଚିତ୍ରକଳାକୃତି। ଶାନ୍ତନୁଙ୍କୁ ଏଭଳି ଚିନ୍ତାଧାରାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଇଛି।

# ଆମ ସଂକଳ୍ପ ନିଶା ମୁହେଁ, ଜୀବନ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା,୨।୬(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଆମ ସଂକଳ୍ପ ନିଶା ମୁହେଁ, ଜୀବନ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମାଦକ ତଥା ନିଶାଦ୍ରବ୍ୟ ବ୍ୟବହାରର କୁ ପରିଣାମ ବିଷୟରେ ଲୋକଙ୍କୁ ଅବଗତ କରାଇବା ସହିତ ଅପମିଶ୍ରିତ, ବିଷାକ୍ତ ଏବଂ ଚୋରାମଦ କାରବାର ସମ୍ପୂର୍ଣ୍ଣ ରୋକିବା ଦିଗରେ ଜିଲାବ୍ୟାପୀ ତୃଣମୂଳସ୍ତରରୁ, ସହରାଞ୍ଚଳ ସମସ୍ତ ସ୍ଥାନରେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପାରମ୍ପରିକ ନୃତ୍ୟଗୀତ ମାଧ୍ୟମରେ ଜିଲା କଳାକାର ସଂଘ ଏବଂ ବ୍ଲକ କଳାକାର ସଂଘ ଦ୍ୱାରା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ମଧ୍ୟ ପ୍ରଚାର କରାଯିବ। ବୈଠକରେ ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲାପାଳ କିଶୋର କୁମାର ପଣ୍ଡା, ଭୁବନେଶ୍ୱର ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲ, ଖୋର୍ଦ୍ଧା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ ପ୍ରମୁଖ ଯୋଗଦେଇ ଜିଲାରେ ଉକ୍ତ ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ସଚେତନତା ରଥ ଗାଁ ଗାଁରେ ସଚେତନତା ବାର୍ତ୍ତା ପହଞ୍ଚାଇବ। ଛାତ୍ରୀଛାତ୍ର ଏବଂ ଯୁବପିଢ଼ିଙ୍କୁ ଅଭିଯାନରେ ସାମିଲ କରାଯିବ। ଅପମିଶ୍ରିତ, ବିଷାକ୍ତ ଏବଂ ବେଆଇନ ମଦ କାରବାର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଧାରା ୨୫,୫୨,୫୫,୫୯(କ), ୫୯(ଖ), ୫୯(ଗ) ଓ ଧାରା ୫୯(ଘ) ତଥା ନାର୍କୋଟିକ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରପିକ ସବ୍‌ଷ୍ଟାନ୍ସେସ ଆଇନର ବ୍ୟାପକ ପ୍ରଚାର ପ୍ରସାର ଯୋଜନା କାର୍ଯ୍ୟକ୍ରମ ମାଧ୍ୟମରେ 'ସଚେତନ ରୁହନ୍ତୁ, ସୁସ୍ଥ ଓ ସୁରକ୍ଷିତ ରୁହନ୍ତୁ' ବାର୍ତ୍ତା ପ୍ରଚାର କରାଯିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜ୍ୟଶ୍ରୀ ପଟ୍ଟନାୟକ, ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ ହିଆଲ ପ୍ରମୁଖ ଉପସ୍ଥିତ ଥିଲେ।

# 'ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରତ୍ୟାହାର କରାଯାଉ'

**ଭୁବନେଶ୍ୱର,୨।୬(ସୁଚିସ୍ମିତା ସାହୁ)**

ଜାତୀୟ ଶିକ୍ଷାନୀତି ୨୦୨୦ ଦେଶର ଶିକ୍ଷା ବ୍ୟବସ୍ଥାର ବ୍ୟବସାୟୀକରଣ ଓ ଘରୋଇକରଣ ହୋଇଯିବ। ଏହା ଦେଶର ସଙ୍ଘୀୟ ଢାଞ୍ଚା ଓ ସାଂସ୍କୃତିକ ବିବିଧତାକୁ ଦୁର୍ବଳ କରିବ ବୋଲି ଷ୍ଟୁଡେଣ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ)ର ସର୍ବଭାରତୀୟ ଯୁଗ୍ମ ସମ୍ପାଦିକା ଦିପସିତା ଧର କହିଛନ୍ତି। ମହାସଂଘର ରାଜ୍ୟ ସାଂଗଠନିକ ସମ୍ମିଳନୀ ସୋମବାର ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଥିଲା। ଏହା ଉଦଘାଟନ କରି ଦିପସିତା କହିଲେ, ବ୍ରିଟିଶ କବଳରୁ ମୁକ୍ତ ହେବା ପରେ ଯୁବପିଢ଼ିମାନେ ଉତ୍ତମ ଶିକ୍ଷା ଏବଂ ନିଯୁକ୍ତି ପାଇବେ ବୋଲି ସ୍ୱପ୍ନ ଦେଖିଥିଲେ। ଦେଶରେ ସରକାର ପରେ ସରକାର ବଦଳୁଛନ୍ତି, କିନ୍ତୁ ଆଦିବାସୀ, ଦଳିତ ଓ ଗରିବ ଛାତ୍ରୀଛାତ୍ରଙ୍କ ଶିକ୍ଷାପ୍ରତି ଧ୍ୟାନ ଦେଉନାହାନ୍ତି। ଦେଶର ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଓ ଭାରତୀୟ ସମାଜର ସାଂସ୍କୃତିକ ବିବିଧତା ସୁରକ୍ଷା ପାଇଁ ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରତ୍ୟାହାର ପାଇଁ ସେ ଦାବି କରିଛନ୍ତି। ଏହି ଅବସରରେ 'ଓଡିଶା ଶିକ୍ଷାର ସ୍ଥିତି ଓ ଜାତୀୟ ଶିକ୍ଷାନୀତି ୨୦୨୦' ପୁସ୍ତିକା ଉନ୍ମୋଚନ ହୋଇଥିଲା। ଏସ୍‌ଏଫ୍‌ଆଇର ରାଜ୍ୟ ଉପଦେଷ୍ଟା ସୁରେନ୍ଦ୍ର କୁମାର ଜେନା କହିଲେ, ଓଡ଼ିଶାରେ ସରକାରୀ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ିଗଲାଣି । ସବୁ ସରକାରୀ, ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜରେ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଶିକ୍ଷା ପାଇଁ ଛାତ୍ର ସମାଜ ସଂଗଠିତ ହେବା ସହ ରାଜ୍ୟକୁ ଉଭୟ କର୍ପୋରେଟ ଲୁଟ ଓ ସାଂପ୍ରଦାୟିକ ରାଜନୀତିରୁ ରକ୍ଷା ପାଇଁ ଆଗେଇ ଆସିବାକୁ ସେ ପରାମର୍ଶ ଦେଇଥିଲେ। ରାଜ୍ୟ ଆବାହକ ଶୁଭ୍ରାଂଶୁ ଶେଖର ଉଦଗାତା ପହଲଗ୍ରାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିବା ସହିତ ମୃତକଙ୍କ ପ୍ରତି ଶୋକ ପ୍ରକାଶ କରିଥିଲେ। ଏହି ଅବସରରେ ସଂଗଠନର ପୂର୍ବତନ ସର୍ବଭାରତୀୟ ସଭାପତି ସିତାରାମ ୟେଚୁରି, ସାଧାରଣ ସମ୍ପାଦକ ନେପାଳ ଦେବ ଭଟ୍ଟାଚାର୍ଯ୍ୟ, କୃଷକ ନେତା ଜଗନ୍ନାଥ ମିଶ୍ରଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଏହି ଅବସରରେ ୧୩ ଜଣିଆ ରାଜ୍ୟ କମିଟି ନିର୍ବାଚନ ହୋଇଥିଲା।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ଟାଙ୍ଗୀ,୨।୬(ରଘୁନାଥ ସାହୁ):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୋବରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବିଶ୍ୱରଞ୍ଜନ ପ୍ରଧାନଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସଲିଳ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ପ୍ରଧାନ, ବ୍ଲକ ସମ୍ପାଦକ ସନ୍ତୋଷ କୁମାର ବେହେରା, ବଡ଼ପାରି କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଦୁଃଶାସନ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦଣ୍ଡପାଣି ପରିଡ଼ା, ଶ୍ୟାମସୁନ୍ଦର ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଅବ୍ୟବହୃତ ଛୁଟି ଓ ଗ୍ରୁପ ବୀମାର ସମସ୍ତ ପ୍ରାପ୍ୟ ଶିକ୍ଷକଙ୍କୁ ପ୍ରଦାନ କରାଯାଇଥିଲା। ସଂଘ ଏବଂ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଉପଢୌକନ ଶିକ୍ଷକଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ସର୍ବେଶ୍ୱର ପାତ୍ର ଧନ୍ୟବାଦ ଦେଇଥିଲେ।

# ରେଳଭଡ଼ା ରିହାତି ପୁନଃ ପ୍ରଚଳନ ପାଇଁ ପୋଷ୍ଟକାର୍ଡ ଅଭିଯାନ




କାର୍ଯ୍ୟକମ୍ରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ଟାଙ୍ଗୀ,୨।୬(ରଘୁନାଥ ସାହୁ)**

ସର୍ବଭାରତୀୟ ବରିଷ୍ଠ ନାଗରିକ ମହାସଂଘର ଆହ୍ୱାନକ୍ରମେ ସୋମବାର ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପୋଷ୍ଟକାର୍ଡ ଅଭିଯାନ ଆରମ୍ଭ କରାଯାଇଛି। କୋଭିଡ–୧୯ ସମୟରେ ବରିଷ୍ଠ ନାଗରିକଙ୍କୁ ମିଳୁଥିବା ରେଳଭଡ଼ା ରିହାତି ରେଳ ମନ୍ତ୍ରଣାଳୟ ପ୍ରତ୍ୟାହାର କରିନେଇଥିଲେ। ଏବେ ଏହି ରିହାତି ସୁବିଧା ପୁନଃ ପ୍ରଚଳନ କରିବା ପାଇଁ ସମସ୍ତ ରାଜ୍ୟର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ପୋଷ୍ଟକାର୍ଡ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରାଯାଉଛି। ଏହିକ୍ରମରେ ଟାଙ୍ଗୀ ବଳରାମ ଦେବ ମନ୍ଦିରଠାରେ ଆୟୋଜିତ ପୋଷ୍ଟକାର୍ଡ ଅଭିଯାନ ଅବସରରେ ମଞ୍ଚ ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେଏକ ବୈଠକ ହୋଇଥିଲା। ଏଥିରେ ସମ୍ପାଦକ ବିଜୟ କୁମାର ରାଉତ, ଉପସଭାପତି ଡ.ଚନ୍ଦ୍ର ଶେଖର ଦାଶ, ଡା.ମଧୁସୂଦନ ସେନାପତି, ରମେଶ ଚନ୍ଦ୍ର ରାଉତ, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, ବଡ଼ପାରୀ କମିଟି ସଭାପତି ବିଛେନ୍ଦ ଜୟସିଂ, ସମ୍ପାଦକ ସାରଙ୍ଗଧର ପାଲଟାସିଂ, ଉପସଭାପତି ଶରତ ଚନ୍ଦ୍ର ପଟ୍ଟନାୟକ, ଚାନ୍ଦପୁର କମିଟି କୋଷାଧ୍ୟକ୍ଷ ପଦ୍ମ ଚରଣ ସେଠୀ, ତାରା ପ୍ରସାଦ ପଟ୍ଟନାୟକ, ଲକ୍ଷ୍ମୀଧର ପାଇକରାୟ, ଘନଶ୍ୟାମ ମହାନ୍ତି, ସାମ୍ବାଦିକ ରଘୁନାଥ ସାହୁ ପ୍ରମୁଖ ଯୋଗଦେଇ କହିଥିଲେ, ସୁସ୍ଥ ସମାଜ ପାଇଁ ବରିଷ୍ଠ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ସେମାନଙ୍କର ସମସ୍ୟାକୁ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ସମାଧାନ କରିବା ଆବଶ୍ୟକ। ସମସ୍ତ ସଦସ୍ୟ ପୋଷ୍ଟକାର୍ଡରେ ଲେଖି ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇଥିଲେ। କୃଷ୍ଣ ଚନ୍ଦ୍ର ପ୍ରଧାନ, ତ୍ରିନାଥ ସ୍ୱାଇଁ, ନିମାଇଁ ଚରଣ ସାହୁ, ବିଜୟ କୁମାର ନାୟକ, ଦୁଃଶାସନ ରାଉତରାୟ, ସୁରେନ୍ଦ୍ର ସାହୁ, ଏକାଦଶୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

**ବେଗୁନିଆ,୨।୬(ସନ୍ଧ୍ୟାରାଣୀ ମିଶ୍ର)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଧୀନ ସିକୋ, ହୀରାପୁର ଏବଂ ଶଗଡ଼ଭଙ୍ଗା ପଞ୍ଚାୟତକୁ ନେଇ ଶଗଡ଼ଭଙ୍ଗା ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସଚେତନତା ନିମନ୍ତେ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଆଶିଷ କୁମାର ରାଉଳ, ତାରିଣୀ ଦେଓ, ପ୍ରଜ୍ଞା ସାହୁ, ପଙ୍କଜ ତିୱାରୀ, ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ, ସହକାରୀ କୃଷି ଅଧିକାରୀ ସୁବର୍ଣ୍ଣ କୁମାର ରାଉଳ, ଚିନ୍ମୟୀ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଉନ୍ନତ ଜ୍ଞାନକୌଶଳ ତଥା ସରକାରଙ୍କର ବିଭିନ୍ନ କୃଷକ କଲ୍ୟାଣ ଯୋଜନା ବିଷୟରେ ଆଲୋଚନା କରିଥିଲେ। କୃଷି ଓ କୃଷକଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ନୂତନ ପରିକଳ୍ପନା ବିକଶିତ କୃଷି ସଂକଳ୍ପ ଅଭିଯାନ ଓ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ କୃଷିର ଉନ୍ନତି ଉପରେ ଆଲୋକପାତ କରିଥଲେ। ବିକାଶ କୁମାର ମହାନ୍ତି ଏବଂ ଶ୍ରୀନିବାଶ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାସିକିଆ ଚାନ୍ଦା ନ ଦେଲେ ବେପାର ମନା

**ଖୋର୍ଦ୍ଧା,୨।୬(ପ୍ରଭାତ ପାଣିଗ୍ରାହୀ)**

## ଜିଲାପାଳଙ୍କ ନିକଟରେ ବ୍ୟବସାୟୀଙ୍କ ଅଭିଯୋଗ

- ଅଭିଯୋଗକୁ ଖଣ୍ଡନ କଲେ ପୌରନିର୍ବାହୀ ଅଧିକାରୀ

ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ସହରର ସୌନ୍ଦର୍ଯ୍ୟକରଣ ଓ ଟ୍ରାଫିକ୍ ସମସ୍ୟା ସମାଧାନ ଲାଗି ଉଠାଦୋକାନୀଙ୍କୁ ରାସ୍ତାପାର୍ଶ୍ୱରୁ ଉଚ୍ଛେଦ କରାଯାଇ ଟିଏଲ୍‌ସି ରୋଡ୍ ସ୍ଥିତ ଭେଣ୍ଡିଂଜୋନ୍ ଏବଂ ପରିବା ମଣ୍ଡିରେ ଥଇଥାନ କରାଯାଇଛି। ତେବେ ସହରଠାରୁ ଦୂର ଏବଂ ବେପାର ଭଲ ନ ହେବାରୁ କେତେଜଣ ବେପାରୀ ନିଜ ଘର ପାଖ, ସାହି, ଗଳିରେ ପରିବା ଦୋକାନ ଖୋଲିଛନ୍ତି। ମାସିକିଆ ଚାନ୍ଦା ନ ଦେଲେ ଏଠାରେ ବେପାର କରିପାରିବ ନାହିଁ ବୋଲି ପୌର ପ୍ରଶାସନର କେତେଜଣ କର୍ମଚାରୀ ଧମକ ଦେଉଛନ୍ତି। ଏନେଇ ସୋମବାର ଜଣେ ବ୍ୟବସାୟୀ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ।

ଅଭିଯୋଗ ଅନୁସାରେ, ଖୋର୍ଦ୍ଧା ସାମନ୍ତରାପୁର ଅଞ୍ଚଳର ବାସୁଦେବ ପ୍ରଧାନ। ପୂର୍ବରୁ ହାବେଳି ପଡିଆ ରାସ୍ତାପାର୍ଶ୍ୱରେ ପରିବା ଦୋକାନ ଦେଇଥିଲେ। ଗତ ଡିସେମ୍ବରରେ ପୌର ପ୍ରଶାସନ ପକ୍ଷରୁ ରାସ୍ତାପାର୍ଶ୍ୱ ପରିବା ଓ ଫଳ ଦୋକାନୀଙ୍କୁ ଉଚ୍ଛେଦ କରାଯାଇ ଟିଏଲ୍‌ସି ପରିବା ମଣ୍ଡିରେ ଥଇଥାନ କରାଯାଇଥିଲା। ବାସୁଦେବ ମଧ୍ୟ ସେଠାରେ ବେପାର ପାଇଁ ସୁଯୋଗ ପାଇଥିଲେ। ଶାରୀରିକ ଅସୁସ୍ଥତା ଏବଂ ଆଗଭଳି ବେପାର ହେଉ ନ ଥିବାରୁ ସେ ନିଜ ଘରଠାରେ କିଛିଦିନ ହେବ ପରିବା ବ୍ୟବସାୟ କରୁଛନ୍ତି। ମାସିକିଆ ହାତଖର୍ଚ୍ଚ ନ ଦେଲେ ଏଠାରେ ବେପାର କରିପାରିବ ନାହିଁ ବୋଲି ପୌର ପ୍ରଶାସନର କେତେଜଣ କର୍ମଚାରୀ ଧମକ ଦେଉଛନ୍ତି ବୋଲି ବାସୁଦେବ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅସୁସ୍ଥତା କାରଣରୁ ସେ ମଣ୍ଡିରେ ଖରାରେ ଦିନସାରା ଦୋକାନ ଖୋଲି ନ ପାରି ପରିବାର ପ୍ରତିପୋଷଣ ପାଇଁ ଏଠାରେ ଛୋଟ ପରିବା ଦୋକାନଟିଏ ଦେଇଥିବା କହିବା ସତ୍ତ୍ୱେ ପୌର କର୍ମଚାରୀମାନେ ଦୈନିକ ଆସି ହଇରାଣ କରୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି । ଅନ୍ୟପକ୍ଷରେ ଏଭଳି ଅଭିଯୋଗକୁ ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବ ଖଣ୍ଡନ କରିଛନ୍ତି। ସହରର ରାସ୍ତାକଡରେ ବେପାର କରୁଥିବା ଉଠାଦୋକାନୀଙ୍କୁ ସହମତିଭିତ୍ତିରେ ଟିଏଲ୍‌ସି ପରିବା ମାର୍କେଟରେ ଥଇଥାନ କରାଯାଇଛି। ସେଠାରେ ବେପାର ପାଇଁ ଅସ୍ଥାୟୀ ଭାବେ ପିଣ୍ଡି ଆବଣ୍ଟନ ସତ୍ତ୍ୱେ କେତେଜଣ ବେପାରୀ ପୁଣି ବିଭିନ୍ନ ସ୍ଥାନରେ ବେପାର କରୁଥିବା ଜଣାପଡିଛି। ଏମାନଙ୍କୁ ସେଠାରେ ବେପାର କରିବାକୁ ମନା କରିବାରେ ବିଭିନ୍ନ ଆଳ ଦେଖାଇ ପ୍ରଶାସନକୁ ବଦନାମ କରିବାକୁ ଅପପ୍ରଚାର କରୁଛନ୍ତି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ମାଧବାନନ୍ଦ ମନ୍ଦିରରୁ ଚୋରି, ଜଣେ ଅଟକ

କାକଟପୁର/ଅସ୍ତରଙ୍ଗ,୨।୬ (ଶୁଭ ଦର୍ଶନ ମିଶ୍ର/ପ୍ରଶାନ୍ତ କୁମାର ଦୀକ୍ଷିତ)

କାକଟପୁର ଥାନା ଅଧୀନ ମାଧବାନନ୍ଦ ମନ୍ଦିରରୁ ରବିବାର ବିଳମ୍ବିତ ରାତ୍ରିରେ ଠାକୁରଙ୍କ ରୁପା ଅଳଙ୍କାର ସହ ନିକଟରେ ଥିବା ଏକ ପୂଜା ସାମଗ୍ରୀ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ୧୨୯/୨୫ରେ ମାମଲା ରୁଜୁ କରି ସନ୍ଦେହରେ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ମାଧବାନନ୍ଦ ମନ୍ଦିର ପୂଜକ ବିଜୟ କୁମାର ଦାଶ ମନ୍ଦିରର ନୀତିକାନ୍ତି କରିବା ନିମନ୍ତେ ସୋମବାର ପ୍ରାତଃରେ ପହଞ୍ଚିଥିବାବେଳେ ମନ୍ଦିର ଫାଟକ ମୁଖ୍ୟ ଦ୍ୱାର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଭିତରେ ପ୍ରଭୁ ମାଧବାନନ୍ଦଙ୍କ ବେକରେ ଥିବା ରୁପାହାର ଏବଂ ରୁପା ଆଖି ନ ଥିବା ଦେଖି ଏ ସମ୍ପର୍କରେ ସ୍ଥାନୀୟ ଲୋକ ଓ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ପରେ ନୀଳକଣ୍ଠପୁର ଗ୍ରାମର ପଦ୍ମନାଭ ମହାରଣାଙ୍କ ପୂଜା ସାମଗ୍ରୀ ଦୋକାନରୁ ମଧ୍ୟ ଅନେକ ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଥିଲା। ପୂର୍ବରୁ ୩ ଥର ଚୋରି ହୋଇଥିବାବେଳେ ପୁଣି ଚୋରି ହୋଇଛି।

### ଭ୍ୟାନ ଧକ୍କାରେ ୩ ଗୁରୁତର

ବଳଙ୍ଗା,୨।୬(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତାରେ ସୋମବାର ମଧ୍ୟାହ୍ନରେ ଗୋଡ଼ିମାଳ ପେଟ୍ରୋଲ ପମ୍ପ ନିକଟରେ ଏକ ପିକ୍ଅପ୍ ଭ୍ୟାନ ଧକ୍କାରେ ୩ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ବଳଙ୍ଗା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ତେବେ ଆହତମାନଙ୍କ ପରିଚୟ ମିଳି ନ ଥିବାବେଳେ ସେମାନେ ଯଶୁଆପୁର, ହରିପୁର, ନିମାପଡ଼ା ଅଞ୍ଚଳର ହୋଇଥିବା ସୂଚନା ମିଳିଛି। ସୂଚନା ମୁତାବକ, ନିମାପଡ଼ା ପଟୁ ୩ ଜଣ ସାଙ୍ଗ ବାଇକ୍ ଯୋଗେ ପିପିଲି ଆସୁଥିଲେ। ଏହି ସମୟରେ ପିପିଲିପଟୁ ଦ୍ରୁତ ଗତିରେ ଆସୁଥିବା ପିକ୍ଅପ୍ ଭ୍ୟାନ ସେମାନଙ୍କୁ ଧକ୍କା ଦେଇ ସେଠାରୁ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ପହଞ୍ଚି ସମସ୍ତଙ୍କୁ ପିପିଲି ଡାକ୍ତରଖାନାକୁ ପଠାଇଥିଲେ। ପରେ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

### ବାନା ବାବାଙ୍କୁ ମଠ ହସ୍ତାନ୍ତର

ଯୋଗେଶ୍ୱରପୁର,୨।୬(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ଇସାଣପୁର ପଞ୍ଚାୟତସ୍ଥ ବାନା ବାବା ମଠରେ ଜମିଜମା ସମସ୍ୟାକୁ ନେଇ ପୋଲିସ ତାଲା ପକାଇଥିବାବେଳେ ସୋମବାର ଉକ୍ତ ତାଲାକୁ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଖୋଲିଛନ୍ତି। ଏଥିସହ ବାନା ବାବାଙ୍କୁ ମଠ ହସ୍ତାନ୍ତର କରାଯାଇଛି। ପ୍ରକାଶ ଯେ, ଗତ ୩୦ ତାରିଖରେ ୪ ଜଣ ବ୍ୟକ୍ତି ମଠ ଭିତରେ ପଶି ମାତା ଅନୁରାଧା ସ୍ୱାଇଁଙ୍କୁ ଆକ୍ରମଣ କରି ବାମହାତ ହାଡ଼ ଭାଙ୍ଗି ଦେଇଥିଲେ। ସ୍ଥାନୀୟ ଗ୍ରାମବାସୀ ୨ ଜଣ ଆକ୍ରମଣକାରୀଙ୍କୁ ମଠ ଘରେ ପୁରାଇ ତାଲା ପକାଇ ଦେଇଥିଲେ। ଗୋପ ଥାନା ଏସ୍ଆଇ ବୁଲୁ ସେଠି ଘଟଣାସ୍ଥଳରେ ପହଞ୍ଚି ୨ ଜଣଙ୍କୁ ଉଦ୍ଧାର କରି ଫାଣ୍ଡିକୁ ନେଇଥିଲେ। ବାନା ବାବା ଉକ୍ତ ସରକାରୀ ଜାଗା ଉପରେ ଦୀର୍ଘ ୨୦ ବର୍ଷ ହେଲା ରହି ଆସୁଥିବା ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ଗଣ୍ଡଗୋଳକାରୀ ୪ଜଣଙ୍କଠାରୁ ଆଗକୁ ଗଣ୍ଡଗୋଳ ନ କରିବା ଓ ମଠକୁ ନ ଯିବାକୁ ନେଇ ଏକ ଲିଖିତ ଅଭିଯୋଗ ରଖି ଛାଡ଼ିଦେଇଛି। ଏଥିସହ ଉଭୟଙ୍କୁ ଗଣ୍ଡଗୋଳ ନ କରିବା ପାଇଁ ଏକ ମାମଲା ରୁଜୁ କରିଛି।

# ମଙ୍ଗଳା ନଈର ପୁନରୁଦ୍ଧାର ହେବ

## ସ୍ଥିତି ପରଖିଲା ଏକ୍ସପର୍ଟ କମିଟି

ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)



ଏକ୍ସପର୍ଟ କମିଟିର ସଦସ୍ୟ ଏବଂ ଅଧିକାରୀ ମଙ୍ଗଳା ନଈର ସ୍ଥିତି ଅଧ୍ୟୟନ କରୁଛନ୍ତି।

ମଙ୍ଗଳା ନଈର ପୁନରୁଦ୍ଧାର ହେବ। ଏଥିପାଇଁ ସୋମବାର ଏକ୍ସପର୍ଟ କମିଟି ସୋମବାର ନଦୀର ସ୍ଥିତି ପରଖିଛି। ତୃତୀୟ ବୈଷୟିକ କମିଟିର ରିପୋର୍ଟ ପରେ ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ ଦିଲୀପ କୁମାର ରାଉତ ନଦୀ ପରିଦର୍ଶନ କରିଛନ୍ତି। ରାଉତ ପ୍ରଥମେ ଓମ୍କାରେଶ୍ୱର ମନ୍ଦିର ନିକଟ ଅଞ୍ଚଳ ପରିଦର୍ଶନ କରିଥିଲେ। ଏଠାରେ ବ୍ୟାରେଜ ନିର୍ମାଣ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ସମୁଦ୍ରରୁ ମଙ୍ଗଳା ନଈକୁ ପ୍ରବେଶ କରୁଥିବା ଲୁଣି ପାଣିକୁ କିଭଳି ରୋକାଯାଇପାରିବ ଓ କିପରି ପୁନଃ ବ୍ୟବହାରଯୋଗ୍ୟ କରାଯିବ ସେ ସମ୍ପର୍କରେ ସ୍ଥାନୀୟ ଭାଗବତପାଟଣା ଗ୍ରାମବାସୀଙ୍କ ସହ ଆଲୋଚନା ହୋଇଥିଲା। ପରେ ଏକ୍ସପର୍ଟ କମିଟି କଣ୍ଢପୁର ଗ୍ରାମ ପାଖ ଜଳଭଣ୍ଡାର ନିକଟକୁ ଯାଇ ସେଠାରେ ସ୍ଲୁଇସ ଗେଟ୍ଗୁଡ଼ିକ ନିରୂପଣ କରିଥିଲେ। ମଙ୍ଗଳା ନଦୀରେ ୩୬୫ ଦିନ ଯେପରି ପାଣିସ୍ରୋତର ପ୍ରବାହ ଚାଲୁରହିବ ସେନେଇ କାମ କରିବାକୁ ନିଷ୍ପତ୍ତି ହୋଇଛି। ଯଥାଶୀଘ୍ର ଏ ସମସ୍ୟା କିଭଳି ଦୂର ହେବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ଟିମ୍ କହିଛି। ସମୁଦ୍ରରୁ ମଙ୍ଗଳା ନଦୀ ମଧ୍ୟକୁ ପଶୁଥିବା ଲୁଣି ପାଣି ରୋକାଯାଇ, କିପରି ସେହି ପାଣିକୁ ବ୍ୟବହାର କରାଯାଇପାରିବ ସେ ସମ୍ପର୍କରେ ନିକଟସ୍ଥ ଭାଗବତ ପାଟଣା ଗ୍ରାମର ବାସିନ୍ଦାଙ୍କ ସହିତ ଆଲୋଚନା କରିଥିଲେ। ପରେ ଏହି ଟିମ୍ ମୁହାଣ ନିକଟକୁ ଯାଇ, ପ୍ରକୃତ ସ୍ଥିତି ପରଖିଥିଲେ। ବର୍ଷା ଦିନ ପୂର୍ବରୁ କାମ ଆରମ୍ଭ କରିବା ପାଇଁ ସେମାନେ ପ୍ରତିଶ୍ରୁତି ଦେଇଥିଲେ। ପୁରୀ ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ ଅମୀୟ କୁମାର ସେଠ୍, କନିଷ୍ଠ ଯନ୍ତ୍ରୀ ସିରିକା ପ୍ରଧାନ, ପ୍ରଦ୍ୟୁମ୍ନ ଦୁଆଁରୀ, ଜଗବନ୍ଧୁ କୃପାଳୁ ଧାମ, ମଙ୍ଗଳା ନଦୀ କ୍ରିୟାନୁଷ୍ଠାନ ତଥା ପୁନରୁଦ୍ଧାର କମିଟି ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି ଉପସ୍ଥିତ ଥିଲେ। ମଙ୍ଗଳା ନଦୀକୁ ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପରେ ସାମିଲ କରିବା ପାଇଁ ଜନସାଧାରଣଙ୍କ ଦସ୍ତଖତ ଆରମ୍ଭ ହୋଇଛି ବୋଲି ଅଧ୍ୟାପକ ସୁକାନ୍ତ ମହାନ୍ତି ଜଣାଇଛନ୍ତି। ଅଧିକାରୀମାନେ କହିଛନ୍ତି, ସରକାର ମଙ୍ଗଳା ନଦୀ ପାଇଁ ସକାରାତ୍ମକ ଅଭିମୁଖ୍ୟ ରଖି ଆସିଛନ୍ତି। ସେଥିପାଇଁ ମଙ୍ଗଳା ନଦୀ ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରୋଜେକ୍ଟରେ ସାମିଲ ହେବ। ପ୍ରକଳ୍ପରେ ସାମିଲ ହେବା ପରେ ନଦୀ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ହେବ। ମହାପ୍ରଭୁଙ୍କ ନୀତିକାନ୍ତି ପାଇଁ ସୁବିଧା ହେବ। ଯମୁନା ଗାଧୁଆ ପାଇଁ ପୁଣି ଲୋକେ ସୁଯୋଗ ପାଇବେ। ପର୍ଯ୍ୟଟକମାନେ ମଧ୍ୟ ଏହାର ଭରପୂର ସୁଯୋଗ ନେଇପାରିବା ନେଇ ସେ ଆଶା ପ୍ରକଟ କରିଛନ୍ତି। ମଙ୍ଗଳା ନଦୀ ରିଭର ଫ୍ରଣ୍ଟ ପ୍ରୋଜେକ୍ଟରେ ସାମିଲ ହେଲେ ନଦୀ ପଠାରୁ ଜବରଦଖଲ ଉଚ୍ଛେଦ ହୋଇପାରିବ। ମଙ୍ଗଳା ନଦୀରେ ହେଉଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ପୁନଃପ୍ରଚଳନ ହୋଇପାରିବ ବୋଲି ମହାନ୍ତି ମତ ଦେଇଛନ୍ତି।

# ଉତ୍କର୍ଷ ନିମାପଡ଼ା ସମ୍ମିଳନୀ ସ୍ଥଳ ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ

ନିମାପଡ଼ା,୨।୬(ବିଶ୍ୱରଞ୍ଜନ ସାହୁ)

ନିମାପଡ଼ାଠାରେ ଆୟୋଜିତ ହେଉଥିବା ୨ ଦିନିଆ ଉତ୍କର୍ଷ ନିମାପଡ଼ା ସମ୍ମିଳନୀ ଆସନ୍ତା ୪ ଓ ୫ ତାରିଖରେ ସ୍ଥାନୀୟ ଇନ୍ଡୋର ଷ୍ଟାଡିୟମସ୍ଥିତ ନୂଆ ବାଉଁବାଟୀ ପଡ଼ିଆରେ ଅନୁଷ୍ଠିତ ହେବ। ଏନେଇ ଉପମୁଖ୍ୟମନ୍ତ୍ରୀ ସୋମବାର ସମ୍ମିଳନୀ ପଡ଼ିଆ ଓ ଟାଉନ ହଲ୍ ପଡ଼ିଆ ପରିଦର୍ଶନ କରିଛନ୍ତି। ବିଭିନ୍ନ ପ୍ରସ୍ତୁତି କାର୍ଯ୍ୟର ତଦାରଖ ଓ ସମୀକ୍ଷା କରିଛନ୍ତି। ସମ୍ମିଳନୀର ସଫଳ ରୂପାୟନ ଓ ରାଜ୍ୟପାଳ ହରିବାବୁ କମ୍ଭମ୍ପାଟିଙ୍କ ନିମାପଡ଼ା ଗସ୍ତର ସଫଳତା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ତ କାର୍ଯ୍ୟ ନିଷ୍ଠାର ସହ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଉକ୍ତ ସମ୍ମିଳନୀକୁ ସଫଳ କରିବା ନିମନ୍ତେ ବ୍ଲକ ସଭାକକ୍ଷରେ ପ୍ରଶାସନିକ ଅଧିକାରୀଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୪ ତାରିଖରେ ରାଜ୍ୟପାଳ ସମ୍ମିଳନୀକୁ ଉଦ୍ଘାଟନ କରିବାକୁ ଥିବାବେଳେ ଏଥି ନିମନ୍ତେ ପ୍ରଶାସନିକ ତତ୍ପରତା ବୃଦ୍ଧି ପାଇବା ସହ ରାସ୍ତାଘାଟ, ଡ୍ରେନ୍ ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ସମ୍ମିଳନୀରେ ପୁରୀ ଓ ଜଗତସିଂହପୁରର ଏମ୍ପି, ବିଧାୟକ, ପ୍ରତିଷ୍ଠିତ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ବିକଶିତ ନିମାପଡ଼ା ଗଠନ, ନିମାପଡ଼ାର ସାମଗ୍ରିକ ବିକାଶ ଉତ୍କର୍ଷ ନିମାପଡ଼ା ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସମ୍ମିଳନୀ ସ୍ଥଳରେ ସୁଭଦ୍ରା ଶକ୍ତିମେଳା, ପାରମ୍ପରିକ ଖାଦ୍ୟସାମଗ୍ରୀର ଷ୍ଟଲ୍ ପ୍ରଦର୍ଶିତ ହେବା ସହ ଆକର୍ଷଣୀୟ କାର୍ଯ୍ୟକ୍ରମ ପରିବେଷିତ ହେବ ବୋଲି ସମ୍ମିଳନୀ କମିଟି ଅର୍ଗାନାଇଜିଂ ସମ୍ପାଦକ ବିଡିଓ ଅଭିଜିତ୍ ଷଡ଼ଙ୍ଗୀ କହିଛନ୍ତି।

# ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

ଡେଲାଙ୍ଗ,୨।୬(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ସିଂହବ୍ରହ୍ମପୁର ଓ ବାସନ୍ତପୁର ଗ୍ରାମରେ ସୋମବାର ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ମାନସୀ ମୃଦୁଭାଷିନୀ ପଶାୟତଙ୍କ ତତ୍ତ୍ୱାବଧାନରେ ଅଭିଯାନରେ ପୁରୀ କୃଷି ବିଜ୍ଞାନ କେନ୍ଦ୍ରର ସୁମିତା ଆଚାର୍ଯ୍ୟ, କୃଷି ବୈଜ୍ଞାନିକ ରାଜେଶ ମହାପାତ୍ର, ସିଫାର ଡ. ପୁଷ୍ପା ଚୌଧୁରୀ, ଡ. ରାଜେଶ କୁମାର ପ୍ରଧାନ, ବ୍ଲକ ବୈଷୟିକ ପରିଚାଳକ ଜ୍ଞାନରଞ୍ଜନ ହରିଚନ୍ଦନ, ସ୍ଥାନୀୟ ସରପଞ୍ଚ ରଶ୍ମିତା ବେହେରା, ସମିତିସଭ୍ୟ ନରେନ୍ଦ୍ର ପ୍ରଧାନ, ବ୍ଲକ ଆତ୍ମା ଅଧ୍ୟକ୍ଷ ଲଡୁକିଶୋର ରାୟ ପ୍ରମୁଖ ପରିବର୍ତ୍ତିତ ଜଳବାୟୁ, ମୃତ୍ତିକାର ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ରଖି ଫସଲ ଖସଡ଼ା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ସିଂହବ୍ରହ୍ମପୁରର ସୁକାନ୍ତି ପ୍ରଧାନ, ମଳି ଗାଁର ସୁବାସ ଚନ୍ଦ୍ର ପ୍ରଧାନ, ରୋହିତ ପ୍ରଧାନ ପ୍ରମୁଖ ସରକାରୀ କୃଷି ଯୋଜନାର ହିତାଧିକାରୀ ଚୟନରେ ପକ୍ଷପାତିତା ହେଉଥିବା ସମ୍ପର୍କରେ କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବସନ୍ତପୁରଠାରେ ଚନ୍ଦ୍ରଶେଖର ଦେବଙ୍କ ମନ୍ଦିର ପରିସରରେ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଆତ୍ମାର ପୂର୍ବତନ ଅଧ୍ୟକ୍ଷ ସୁଧାକର ମାର୍ଥା କୃଷକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକ କୃଷି ଅଧିକାରୀ ପଶାୟତ ଧନ୍ୟବାଦ ଦେଇଥିଲେ। କୃଷି ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ ହୋଇଥିଲା

# ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଖୁବ୍ଶୀଘ୍ର ବିଶେଷଜ୍ଞ ପଦବୀ ପୂରଣ



ବୈଠକରେ ବିଧାୟକ ଓମ୍ ପ୍ରକାଶ ମିଶ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଦେବାଶିଷ ନାୟକଙ୍କ ସହ ଆଲୋଚନା କରୁଛନ୍ତି।

ସାକ୍ଷୀଗୋପାଳ,୨।୬(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଦ୍ୱିତୀୟ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରର ଭେଷଜ ବିଶେଷଜ୍ଞ, ଅସ୍ତ୍ରୋପଚାର ବିଶେଷଜ୍ଞ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ସ୍ୱାସ୍ଥ୍ୟକେନ୍ଦ୍ରର ଅବସରପ୍ରାପ୍ତ ଡ୍ରେସର ଦାଶରଥୀ ପ୍ରଧାନଙ୍କୁ ପୁନଃ ନିଯୁକ୍ତି, ସ୍ୱାସ୍ଥ୍ୟକେନ୍ଦ୍ର ଅସ୍ତ୍ରୋପଚାର ଗୃହ, ଏକ୍ସରେ ମେସିନ ଠିକ୍ କାର୍ଯ୍ୟକାରୀ, ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ମିଶନ ଶକ୍ତି କାଫେର ଠିକ୍ ପରିଚାଳନା ନିମନ୍ତେ ପ୍ରତ୍ୟେକ ୨ ମାସରେ ବୈଠକ କରି ସମସ୍ୟାର ସମାଧାନ କରାଯିବାକୁ ନେଇ କମିଟିର ସଦସ୍ୟ ବିଧାୟକ ମିଶ୍ର ଓ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତ ସମସ୍ୟାକୁ ଖୁବ୍ କମ୍ ଦିନ ମଧ୍ୟରେ ସମସ୍ୟା କରାଯିବା ପାଇଁ ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ମଣ୍ଡଳ ଉନ୍ନୟନ ଅଧିକାରୀ ଦେବାଶିଷ ନାୟକ, ଭାଜପା ନେତା ତ୍ରିଲୋଚନ ରଥ, ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଦେବାଶିଷ ନାୟକ, କମିଟି ସଦସ୍ୟ ବିଶ୍ୱଜିତ୍ ଶତପଥୀ, ସସ୍ମିତା ପ୍ରଧାନ, ରଞ୍ଜନ ବରାଳ, ବୀଣାପାଣି ମିଶ୍ର, ପେଣ୍ଠପଡ଼ା ସରପଞ୍ଚ ଚିନ୍ମୟ ରାଉତ, ବିଭାଗୀୟ ଅଧିକାରୀ ମୁକ୍ତିକାନ୍ତ ପାଲ, ସୁଜାତା ପରିଡ଼ା, ମେଡିକାଲ ଅଫିସର ପ୍ରିତମ ବାଗ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁରେଶ ପ୍ରଧାନ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଜିତେନ୍ଦ୍ର ପ୍ରଧାନଙ୍କ ସମେତ ଅନେକ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ସତ୍ୟବାଦୀର ଅଲଗୁମ, ଶୁକଳ, ଗବକୁଣ୍ଡ ଓ ପାଣିଛତ୍ର ପ୍ରମୁଖ ଡାକ୍ତରଖାନାରେ ରହିଥିବା ସମସ୍ୟା ଖୁବ୍ଶୀଘ୍ର ସମାଧାନ କରାଯିବ ବୋଲି ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ।

# ପୋଖରୀରେ ବୁଡ଼ି ଦେଢ଼ବର୍ଷର ଶିଶୁ କନ୍ୟା ମୃତ

କୋଣାର୍କ,୨।୬(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ପଞ୍ଚାୟତ ଭାଣପୁର ଗ୍ରାମରେ ପୋଖରୀରେ ବୁଡ଼ି ଦେଢ଼ ବର୍ଷର ଶିଶୁ କନ୍ୟା ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, କୁରୁଜଙ୍ଗ ପଞ୍ଚାୟତର ଭାଣପୁର ଗ୍ରାମର ସିଲୁ କାଣ୍ଡିଙ୍କ ସ୍ତ୍ରୀ ଘରେ ରୋଷେଇ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ପାଖରେ ଥିବା ଦେଢ଼ ବର୍ଷର ଶିଶୁକନ୍ୟା ଚାଲି ଚାଲି ଘର ନିକଟରେ ଥିବା ପୋଖରୀରେ ପଡ଼ି ବୁଡ଼ି ଯାଇଥିଲେ। ସମ୍ପୃକ୍ତ ପରିବାର ସଦସ୍ୟଙ୍କ ପକ୍ଷରୁ ଶିଶୁକନ୍ୟାଙ୍କୁ ବହୁ ଖୋଜାଖୋଜି କରିବା ପରେ ଘର ପାଖରେ ଥିବା ପୋଖରୀରେ ଭାସୁଥିବା ଦେଖି ପରିବାର ଲୋକେ ଶିଶୁଟିକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ନିମନ୍ତେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଘଟଣାକୁ ନେଇ ମୃତ ଶିଶୁକନ୍ୟାର ପରିବାର ସଦସ୍ୟଙ୍କ ସମେତ ସମଗ୍ର ଭାଣପୁର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ପୃଥକ ମାମଲାରେ ବଟି ମାଗି ୪ ଗିରଫ

ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)

ଦାଦାବଟି ମାଗିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ପିକେଆର୍ଆଇଟି କଲୋନୀର କାଲୁ ପଟ୍ଟନାୟକ। ତାଙ୍କ ନିକଟରୁ ଗୋଟିଏ କଟୁରୀ ଓ ୬୦୦ ଟଙ୍କା ଜବତ ହୋଇଛି। ଏନେଇ କେସ୍ ନଂ. ୧୦୫/୨୫ ରୁଜୁ ହୋଇଛି। ସେ ଭୂଦାନ ଜଙ୍ଗଲ ନିକଟ ରାସ୍ତାରେ ଲୋକଙ୍କୁ ଭୟଭୀତ କରାଯାଇ ଟଙ୍କା ଆଦାୟ କରୁଥିଲେ। ସେହିପରି ବଳିଆପଣ୍ଡା ଥାନା ପୋଲିସ କୁମ୍ଭାରପଡା ଥାନା ଅନ୍ତର୍ଗତ ଫ୍ରେଣ୍ଡସ୍ କ୍ଲବ ଗଳିର ବାବୁନି ପରିଡ଼ାଙ୍କୁ ଗିରଫ କରିଛି। ତାଙ୍କଠାରୁ ଗୋଟିଏ ଛୁରି ଓ ୨୩୦ ଟଙ୍କା ଜବତ ହୋଇଛି। ଏନେଇ ବଳିଆପଣ୍ଡା ଥାନାରେ କେସ୍ ନଂ. ୯୭/୨୫ ରୁଜୁ ହୋଇଛି। ସେ ଲାଇଟ ହାଉସ ନିକଟରେ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କଠାରୁ ବଟି ଅଦାୟ କରୁଥିଲେ। ଟାଉନ ଥାନା ପୋଲିସ ବଟି ଆଦାୟ କରିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୌଡ଼ବାଡ଼ ସାହିର ଦିବାକର ପଣ୍ଡା ଓ ଗଞ୍ଜାମ ଜିଲାର ହିନା ବାରିକ୍। ସେମାନଙ୍କ ନିକଟରୁ ରଡ୍ ଓ ୨୫୦ ଟଙ୍କା ଜବତ ହୋଇଛି। ଏ ନେଇ ଟାଉନ ଥାନାରେ କେସ୍ ନଂ. ୨୨୦/୨୫ ରୁଜୁ ହୋଇଛି। ଅଭିଯୁକ୍ତଦ୍ୱୟ ନରେନ୍ଦ୍ରକୋଣ ପାର୍କଠାରେ ଯାତ୍ରୀଙ୍କଠାରୁ ଟଙ୍କା ଆଦାୟ କରୁଥିବା ଖବର ପାଇ ସ୍ୱତନ୍ତ୍ର ପୋଲିସ ଘଟଣାସ୍ଥଳକୁ ଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

# ଜଳଛତ୍ରରେ ଦୁର୍ନୀତି ହୋଇଛି: ଭାଜପା ଯୁବମୋର୍ଚ୍ଚା

ଅସ୍ତରଙ୍ଗ,୨।୬(ମମତା ଜେନା)

କାକଟପୁର ବ୍ଲକରେ ଜଳଛତ୍ର ନାଁରେ ଆର୍ଥିକ କେଲେଙ୍କାରୀ ହୋଇଥିବା ନେଇ ପୁରୀ ଜିଲା ଭାଜପା ଯୁବମୋର୍ଚ୍ଚାର ସଂଯୋଜକ ଇଂ. ପ୍ରିୟବ୍ରତ ବିଶ୍ୱାଳ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

ଘଟଣାରୁ ପ୍ରକାଶ, ୨୦୨୩ରୁ ଆଜିପର୍ଯ୍ୟନ୍ତ କାକଟପୁର ବ୍ଲକର ୧୬ଟି ପଞ୍ଚାୟତରେ ଜଳଛତ୍ରର ବ୍ୟବସ୍ଥା ହୋଇଥାଏ। ଗୋଟିଏ ଜଳଛତ୍ର କେନ୍ଦ୍ର ପାଇଁ ଦୈନିକ ମଜୁରି ବାବଦକୁ ୨୨୦ ଟଙ୍କା ପ୍ରଦାନ କରାଯାଏ। କିନ୍ତୁ ଅଧିକାଂଶ ପଞ୍ଚାୟତରେ ଜଳଛତ୍ର କେନ୍ଦ୍ରରେ ଶ୍ରମିକ ଭାବେ କାମ କରୁଥିବା ବ୍ୟକ୍ତିଙ୍କର ମଜୁରି ଅର୍ଥକୁ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଜାଲ କାଗଜପତ୍ର ପ୍ରସ୍ତୁତ କରି ଟଙ୍କା ଉଠାଇ ନେଉଥିବା ଅଭିଯୋଗ କରିଛନ୍ତି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, କାକଟପୁର ବ୍ଲକ ଅନ୍ତର୍ଗତ ଓଥକା ପଞ୍ଚାୟତରେ ୨୦୨୩ ଏପ୍ରିଲ୍ ୧ରୁ ଜୁନ୍ ୧୩ ତାରିଖ ପର୍ଯ୍ୟନ୍ତ ମୋଟ ୭୪ ଦିନ ପଞ୍ଚାୟତର ୩ଟି ଭିନ୍ନ ଭିନ୍ନ ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଥିଲା। ଏହି ଜଳଛତ୍ର ପାଇଁ ଦୈନିକ ମଜୁରି ବାବଦକୁ ୨୨୦ ଟଙ୍କା ହିସାବରେ ୭୪ ଦିନ ପାଇଁ କେନ୍ଦ୍ର ପିଛା ୧୬ ହଜାର ୨୮୦ ଟଙ୍କା ଓ ୩ଟି କେନ୍ଦ୍ର ପାଇଁ ୩ ଜଣ ଶ୍ରମିକଙ୍କ ମଜୁରି ବାବଦକୁ ମୋଟ ୪୮ ହଜାର ୮୪୦ ଟଙ୍କା ଉଠାଣ କରାଯାଇଥିଲା। ସେହିପରି ୩ଗୋଟି କେନ୍ଦ୍ରକୁ ୩ଟି ବ୍ୟାନର ବାବଦକୁ ମୋଟ ୧୧୬୦ ଟଙ୍କା ପ୍ରଦାନ କରାଯାଇଥିଲା। ଜଳଛତ୍ର କେନ୍ଦ୍ରରେ ଶ୍ରମିକଙ୍କୁ ମଜୁରି ପ୍ରଦାନ ନିମନ୍ତେ ଅର୍ଥ ଉଠାଯାଇଥିଲେ ମଧ୍ୟ ଦିଆଯାଇ ନାହିଁ। ରାମଚନ୍ଦ୍ର କାଣ୍ଡି ୨୦୨୨ରେ ଜଳଛତ୍ର କେନ୍ଦ୍ରରେ ଶ୍ରମିକ ଭାବେ କାର୍ଯ୍ୟ କରିଥିଲେ ମଧ୍ୟ ତାଙ୍କୁ ଟଙ୍କାଟିଏ ମଧ୍ୟ ପ୍ରଦାନ କରାଯାଇ ନାହିଁ ବୋଲି ସେ କହିଛନ୍ତି। ଏହି ପଞ୍ଚାୟତର ଶବର କାଣ୍ଡି ଓ ପତିତପାବନ ଷଡ଼ଙ୍ଗୀ ୨୦୨୩ ଓ ୨୦୨୪ରେ ଶ୍ରମିକ ଭାବେ କାର୍ଯ୍ୟ କରିଥିବା ଦର୍ଶାଇ ଅର୍ଥ ଉଠାଯାଇଥିଲେ ମଧ୍ୟ ଶବରଙ୍କୁ ଆଦୌ ଅର୍ଥ ପ୍ରଦାନ କରାଯାଇ ନ ଥିବା ବେଳେ ପତିତପାବନଙ୍କୁ ୨ ବର୍ଷ ପାଇଁ ମୋଟ ୨ ହଜାର ଟଙ୍କା ଦିଆଯାଇଥିବା ଅଭିଯୋଗ କରିଛନ୍ତି। ସରକାରୀ କାଗଜପତ୍ରକୁ ଜାଲିଆତି କରି ଅର୍ଥ ଆତ୍ମସାତ କରିଥିବା ଓ ଶ୍ରମିକଙ୍କ ନାଁରେ ମଜୁରି ଅର୍ଥ ଉଠାଣ କରିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାଜପା ଯୁବମୋର୍ଚ୍ଚା ଦାବି କରିଛି। ଖବରଦାତା ସମ୍ମିଳନୀରେ ରାଜ୍ୟ ସଂଯୋଜକ ରଜନୀ ରଞ୍ଜନ ମଲ୍ଲିକ, କାକଟପୁର ଭାଜପା ମଣ୍ଡଳ ସଭାପତି କାଳନ୍ଦୀ ଦୀକ୍ଷିତ, ଲଳିତ ରଥ, ସୁବ୍ରତ ସ୍ୱାଇଁ, ଜ୍ୟୋତି ବିନାୟକ ପ୍ରଧାନ, ଶିବ ଶଙ୍କର ସାହୁ, ବାପି ସ୍ୱାଇଁ, ଲିକୁ ଲେଙ୍କା, ନ୍ୟାୟବ୍ରତ ମୁଦୁଲି, ଆଦିତ୍ୟ ରାଉତଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ। ଏନେଇ ବିଡିଓଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଜିଲାପାଳଙ୍କ ଜନଶୁଣାଣି ଶିବିର

କଣାସ,୨।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ପଞ୍ଚାୟତ ସମିତି ସଭାଗୃହରେ ପୁରୀ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଯୋଗଦେଇ ନ ଥିବାରୁ ଅଭିଯୋଗକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ସକାଳ ୭ଟାରେ ଅଭିଯୋଗ ଶୁଣାଣି ଶିବିର ଆରମ୍ଭ ହୋଇଥିଲା। ଶିବିରରେ ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ, ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ, କଣାସ ଥାନାଧିକାରୀ ପ୍ରଦୀପ କୁମାର ଜୁଝାରସିଂହ, ଅତିରିକ୍ତ ବିଡିଓ ମଙ୍ଗଳ ସିଂହ ହେମ୍ବ୍ରମ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ୯୦ଟି ଅଭିଯୋଗ ଦାଖଲ କରାଯାଇଥିଲା। ନୂତନ ଭାବେ ରାଶନକାର୍ଡ ପାଇବା ପାଇଁ ଅଧିକ ଅଭିଯୋଗ ଦାଖଲ କରାଯାଇଥିବାବେଳେ ବନବିଭାଗ ପକ୍ଷରୁ ଗଛ ଲଗା ନ ଯାଇ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଥିଲା। ଧାନମଣ୍ଡି ଖୋଲାଯାଇ ନ ଥିବାରୁ ଚାଷୀମାନେ ଶାଗମାଛ ଦରରେ ଦଲାଲଙ୍କ ମାଧ୍ୟମରେ ଆନ୍ଧ୍ର ବେପାରୀଙ୍କୁ ବିକ୍ରି କରୁଥିବା ଅନେକ ଅଭିଯୋଗ ଦାଖଲ ହୋଇଥିଲା। ଆଡି ନଦୀରୁ ପଙ୍କୋଦ୍ଧାର ଏବଂ ସ୍ଲୁଇସ୍ ଗେଟ ନିର୍ମାଣ କରିବା ପାଇଁ ଅଭିଯୋଗ ହେବା ସହିତ ଭତ୍ତାରୁ ବଞ୍ଚିତ ହୋଇଥିବା କେତେଜଣ ବ୍ୟକ୍ତି ମଧ୍ୟ ଅଭିଯୋଗ କରିଥିଲେ।

# ମହାପ୍ରଭୁଙ୍କ ସେନାପଟା ପାଇଁ ପୁରୀକୁ ଆସିଲା ବଉଳ କାଠ

ପୁରୀ,୨।୬(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୧୧ ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ସହ ୨୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ତେବେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ଘୋଷଯାତ୍ରା ସମୟରେ ଦଇତାପତି ସେବକଙ୍କ ଦ୍ୱାରା ଅନେକ ଗୁପ୍ତ ନୀତି ସମ୍ପାଦନ ହୋଇଥାଏ। ଗୁପ୍ତ ନୀତି ମଧ୍ୟରେ ସେନାପଟା ଲାଗି ନୀତି ପ୍ରମୁଖ ନୀତି ଅଟେ। ଏହି ନୀତି ପାଇଁ ବଉଳ କାଠ ଆବଶ୍ୟକ ହୋଇଥାଏ। ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ଦେବା ନିମନ୍ତେ ଲାଗିବାକୁ ଥିବା ବାହୁଟ ଏବଂ ସେନାପଟା ପାଇଁ ବଉଳ କାଠ ଚଳିତବର୍ଷ ପ୍ରଥମଥର ପାଇଁ ଭୁବନେଶ୍ୱରରୁ ଆସିଛି। ଭୁବନେଶ୍ୱର ଜୟଦେବ ବିହାର ଅଞ୍ଚଳର ଗଣେଶ ପଣ୍ଡାଙ୍କ ଘରୁ ମହାପ୍ରଭୁଙ୍କ ଲାଗି ବଉଳ କାଠକୁ ଛେଦନ କରାଯାଇଛି। ପୁରୀରୁ ଭୋଇ ସର୍ଦ୍ଦାର, ବରିଷ୍ଠ ତତ୍ତ୍ୱାବଧାରକ ଏବଂ ପ୍ରତିନିଧିମାନେ ଯାଇ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରିବା ସହ ବଉଳ ଗଛକୁ ଛେଦନ କରିଥିଲେ। ଏନେଇ ଗଣେଶ ପଣ୍ଡା କହିଛନ୍ତି, ସେ ପ୍ଲଟ କିଣି ଘର ତୋଳିଥିଲେ। ୧୯୯୩ ମସିହାରେ ତାଙ୍କ ବାରିରେ ଏକ ବଉଳ ଗଛ ଲଗାଇଥିଲେ। ସେହି ବଉଳ କାଠ ଆଜି ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିବାକୁ ଯାଉଛି, ଯାହାକୁ ନେଇ ସେ ନିଜକୁ ଧନ୍ୟ ମନେକରୁଛନ୍ତି। ତେବେ ଗତ ମାସ ୭ ତାରିଖରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ଯାହା ବାରିରେ ବଉଳ କାଠ ରହିଛି, ସେମାନେ ଚାହିଁଲେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦେଇପାରିବେ। ବିଜ୍ଞପ୍ତିରେ ଗଛର ଗୋଲେଇ ୪ ଫୁଟ ଏବଂ ଭୂମିରୁ ୧୦ ଫୁଟ ଉଚ୍ଚତା ମଧ୍ୟରେ ଗଛରେ ଶାଖା ପ୍ରଶାଖା ନ ଥିବା ପଡ଼ି ୧୦ ତାରିଖରେ ପ୍ରଶାସନ ନିକଟରେ ଆବେଦନ କରିଥିଲେ। ପରେ ୧୬ ତାରିଖରେ ଶ୍ରୀମନ୍ଦିର ପ୍ରଶାସନର ଏକ ଟିମ୍ ଆସି ଗଛକୁ ଦେଖି ତାହା ମହାପ୍ରଭୁଙ୍କ ସେବାରେ ଲାଗିପାରିବ ବୋଲି ସୂଚନା ଦେଇଥିଲେ। ତେବେ ସମସ୍ତେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗଛ ଲଗାନ୍ତୁ ବୋଲି ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ପ୍ରତ୍ୟେକ ବର୍ଷ ସାକ୍ଷୀଗୋପାଳସ୍ଥିତ ବକୁଳ ବନରୁ ଗଛ ଛେଦନ କରାଯାଇ ଶ୍ରୀମନ୍ଦିରକୁ ବଉଳ କାଠ ଆସିଥାଏ। ତେବେ କାଠ ଅଭାବ ହେବାରୁ ଚଳିତବର୍ଷ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା।

# 'ମାତୃଭୂମିର ସଂସ୍କୃତିକୁ ଆଚରଣରେ ପ୍ରତିଫଳନ କର'

## ମାଟ୍ରିକ ମେଧା ସମ୍ମାନ - ୨୦୨୫

କୋଣାର୍କ,୨।୬(ଜ୍ୟୋତିରାଜ ମହାନ୍ତି)



ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

କୋଣାର୍କ ସାହିତ୍ୟ ସଂସଦ ଓ ବସନ୍ତମଞ୍ଜରୀ ପାଠାଗାର ପକ୍ଷରୁ କୋଣାର୍କସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ମାଟ୍ରିକ ମେଧା ସମ୍ମାନ-୨୦୨୫ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ଲାଭକରି ଯଶସ୍ୱୀ ହୁଅ, ଜଣେ ସ୍ୱାଭିମାନୀ ଓଡ଼ିଆ ଭାବେ ନିଜର ମାତୃଭୂମି ଓ ମାତୃଭାଷାର ସଂସ୍କୃତିକୁ ଆଚରଣରେ ପ୍ରତିଫଳନ କର ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ବାଲିଗୁଆଳିର ପ୍ରିୟଙ୍କା ଦେବୀ ସ୍କୁଲ ଅଫ୍ ନର୍ସିଂ ଓ କୋଣାର୍କର ମହୋଦଧି ଏଜୁକେଶନ ଏକାଡେମୀ ସହଯୋଗ କରିଥିଲେ। କୋଣାର୍କ ସାହିତ୍ୟ ସଂସଦର ଉପଦେଷ୍ଟା ଶିକ୍ଷାବିତ୍ ଗୋପୀନାଥ କରଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ ଯୋଗଦେଇ ମେଧାବୀ ଛାତ୍ରୀଛାତ୍ର ଓ ସେମାନଙ୍କ ପ୍ରଧାନଶିକ୍ଷକଙ୍କୁ ପ୍ରଶଂସାପତ୍ର, ପଦକ ଓ ପାଠ୍ୟୋପକରଣ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ପିଏମ୍ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ଖିଲାର, ଶିଶୁପତ୍ରିକା ବାନର ସେନାର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ଓଷ୍ଟାର ପୁରୀ ଜିଲା ସମ୍ପାଦକ ବିଭୁଦତ୍ତ ନାୟକ, କବୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, ପ୍ରଧାନଶିକ୍ଷକ ଈଶ୍ୱର ଚନ୍ଦ୍ର ପୃଷ୍ଟି, ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସମ୍ପାଦକ ଗୁଣନିଧି ମୁଦୁଲି ଓ କବି ଚିତ୍ତରଞ୍ଜନ ବିଶ୍ୱାଳ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ।

କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଗତ ୨୦୨୧ ମସିହାରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ବସନ୍ତମଞ୍ଜରୀ ପାଠାଗାରର ସମ୍ପାଦକ ରାମକୃଷ୍ଣ ମହାନ୍ତି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରାରମ୍ଭରେ କୋଣାର୍କ ସାହିତ୍ୟ ସଂସଦ ଓ ବସନ୍ତମଞ୍ଜରୀ ପାଠାଗାରର ଦିବଂଗତ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସାମାଜିକ କର୍ମୀ ରବୀନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ମେଧା ସମ୍ମାନ କାର୍ଯ୍ୟକ୍ରମରେ ୨୧ଟି ବିଦ୍ୟାଳୟର ୨୬ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ ସାମାଜିକ କର୍ମୀ ନିରଞ୍ଜନ ତ୍ରିପାଠୀ, ଖବରଦାତା ଦୁର୍ଗାପ୍ରସାଦ ମହାପାତ୍ର, ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଧାନଶିକ୍ଷକ ବଳରାମ ପଣ୍ଡା ଓ ସହକର୍ମୀ ଶିକ୍ଷୟିତ୍ରୀଶିକ୍ଷକମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପୁଣି ଡ୍ରୋନ ଉଡ଼ିବା ଚର୍ଚ୍ଚା

ବାରଙ୍ଗ,୨।୬(ଲିଙ୍ଗରାଜ ରାଉତ)

ଗତ ୨୭ ତାରିଖ ରାତିରେ ବାରଙ୍ଗର ବିଭିନ୍ନ ଅଞ୍ଚଳରେ ମାଳମାଳ ଡ୍ରୋନ ଉଡ଼ିବା ଘଟଣା ଉପରୁ ପୋଲିସ ପରଦା ଉଠାଇ ନ ଥିବାବେଳେ ପୁଣି ଡ୍ରୋନ ଉଡ଼ିବା ଖବର ମିଳିଛି। ସୋମବାର ରାତି ୮ଟା ପାଖାପାଖି ରତାଗଡ଼ ନୂଆସାହି ଗାଁ ପାଖରେ ୨ଟି ଡ୍ରୋନ ଉଡୁଥିବାର ପୋଲିସ ପାଖରେ ଖବର ଆସି ପହଞ୍ଚିଥିଲା। ଖବର ପାଇ ଗୋଡ଼ିସାହି ଫାଣ୍ଡି ଅଧିକାରୀ ବିଚିତ୍ର ପ୍ରଧାନ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଗ୍ରାମବାସୀଙ୍କୁ ପଚରାଉଚରା କରିଥିଲେ। ୨ଟି ଡ୍ରୋନ କିଛି ସମୟ ପାଇଁ ଉଡ଼ି ଭୁବନେଶ୍ୱର ପଟକୁ ପଳାଇ ଯାଇଥିଲା ବୋଲି କିଛି ଗ୍ରାମବାସୀ କହିଥିଲେ। ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ପୁଣି ଭୟର ବାତାବରଣ ଖେଳିଯାଇଛି। ଅନ୍ୟପଟେ ଡ୍ରୋନକୁ ନ ଦେଖି ପାରି ପୋଲିସକୁ ଖାଲି ଫେରିବାକୁ ପଡିଛି। ଏହା ଗୁଜବ ନା ଆଉ କ'ଣ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

### କୃଷି ସଂକଳ୍ପ ଅଭିଯାନର ତାଲିମ ଶିବିର

ବାରଙ୍ଗ,୨।୬(ଲିଙ୍ଗରାଜ ରାଉତ)

ମେଣ୍ଢାଶାଳ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ବିକଶିତ କୃଷି ସଂକଳ୍ପ ଅଭିଯାନର ଏକ ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳରେ କୃଷକମାନେ କିଭଳି ନୂତନ ପ୍ରଯୁକ୍ତି ବିଦ୍ୟା ଓ ସରକାରୀ ଯୋଜନାର ଲାଭ ପାଇପାରି ସଶକ୍ତ ହୋଇପାରିବେ, ସେନେଇ ତାଲିମ ଦିଆଯାଇଥିଲା। ଶିବିରରେ ଭାରତୀୟ କୃଷି ଗବେଷଣା ସିଫାର ନିର୍ଦ୍ଦେଶକ ଡ. ପିକେ ସାହୁ, ସିଫାର ସିଏଓ ଏଚ୍. ଏଲ୍. ମିନା, ଡ. ହରପ୍ରିୟା ନାୟକ, ପ୍ରଫେସର କେସି ଦାସ, ଡ.ରେଖା ଦାସ, ସୁକାନ୍ତି ବେହେରା, ଖୋର୍ଦ୍ଧା ଜିଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ସେନାପତି ପ୍ରମୁଖ ଯୋଗଦେଇ ଉପଯୁକ୍ତ ଜ୍ଞାନ କୌଶଳରେ ଉନ୍ନତମାନର ଚାଷ କରିବା ଦିଗରେ ଚାଷୀଙ୍କୁ ବୁଝାଇଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷି ଯାନ୍ତ୍ରିକକରଣ, ଶୀତଳଭଣ୍ଡାର ପ୍ରତିଷ୍ଠା, ଆଳୁ ଚାଷକୁ ପ୍ରୋତ୍ସାହନ, କୃଷି ଉତ୍ପାଦନ କ୍ଲଷ୍ଟର ଓ ଜଳଧାରା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଉପସ୍ଥିତ ଚାଷୀଙ୍କୁ ବୁଝାଇଥିଲେ। ଶିବିରରେ ପ୍ରାୟ ୩୦୦ ମହିଳା ଓ ପୁରୁଷ କୃଷକ ଅଂଶଗ୍ରହଣ କରିଥିଲେ।

# 'ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରତ୍ୟାହାର କରାଯାଉ'

ଭୁବନେଶ୍ୱର,୨।୬(ସୁଚିସ୍ମିତା ସାହୁ)



'ଓଡିଶା ଶିକ୍ଷାର ସ୍ଥିତି ଓ ଜାତୀୟ ଶିକ୍ଷାନୀତି ୨୦୨୦' ପୁସ୍ତିକା ଉନ୍ମୋଚିତ।

ଜାତୀୟ ଶିକ୍ଷାନୀତି ୨୦୨୦ ଦେଶର ଶିକ୍ଷା ବ୍ୟବସ୍ଥାର ବ୍ୟବସାୟୀକରଣ ଓ ଘରୋଇକରଣ ହୋଇଯିବ। ଏହା ଦେଶର ସଙ୍ଘୀୟ ଢାଞ୍ଚା ଓ ସାଂସ୍କୃତିକ ବିବିଧତାକୁ ଦୁର୍ବଳ କରିବ ବୋଲି ଷ୍ଟୁଡେଣ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍ଏଫ୍ଆଇ)ର ସର୍ବଭାରତୀୟ ଯୁଗ୍ମ ସମ୍ପାଦିକା ଦୀପସିତା ଧର କହିଛନ୍ତି। ମହାସଂଘର ରାଜ୍ୟ ସାଂଗଠନିକ ସମ୍ମିଳନୀ ସୋମବାର ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଥିଲା। ଏହା ଉଦଘାଟନ କରି ଦିପସିତା କହିଲେ, ବ୍ରିଟିଶ କବଳରୁ ମୁକ୍ତ ହେବା ପରେ ଯୁବପିଢ଼ିମାନେ ଉତ୍ତମ ଶିକ୍ଷା ଏବଂ ନିଯୁକ୍ତି ପାଇବେ ବୋଲି ସ୍ୱପ୍ନ ଦେଖିଥିଲେ। ଦେଶରେ ସରକାର ପରେ ସରକାର ବଦଳୁଛନ୍ତି, କିନ୍ତୁ ଆଦିବାସୀ, ଦଳିତ ଓ ଗରିବ ଛାତ୍ରୀଛାତ୍ରଙ୍କ ଶିକ୍ଷାପ୍ରତି ଧ୍ୟାନ ଦେଉନାହାନ୍ତି। ଦେଶର ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଓ ଭାରତୀୟ ସମାଜର ସାଂସ୍କୃତିକ ବିବିଧତା ସୁରକ୍ଷା ପାଇଁ ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରତ୍ୟାହାର ପାଇଁ ସେ ଦାବି କରିଛନ୍ତି। ଏହି ଅବସରରେ 'ଓଡିଶା ଶିକ୍ଷାର ସ୍ଥିତି ଓ ଜାତୀୟ ଶିକ୍ଷାନୀତି ୨୦୨୦' ପୁସ୍ତିକା ଉନ୍ମୋଚନ ହୋଇଥିଲା। ଏସ୍ଏଫଆଇର ରାଜ୍ୟ ଉପଦେଷ୍ଟା ସୁରେନ୍ଦ୍ର କୁମାର ଜେନା କହିଲେ, ଓଡ଼ିଶାରେ ସରକାରୀ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ିଗଲାଣି । ସବୁ ସରକାରୀ, ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜରେ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଶିକ୍ଷା ପାଇଁ ଛାତ୍ର ସମାଜ ସଂଗଠିତ ହେବା ସହ ରାଜ୍ୟକୁ ଉଭୟ କର୍ପୋରେଟ ଲୁଟ ଓ ସାମ୍ପ୍ରଦାୟିକ ରାଜନୀତିରୁ ରକ୍ଷା ପାଇଁ ଆଗେଇ ଆସିବାକୁ ସେ ପରାମର୍ଶ ଦେଇଥିଲେ। ରାଜ୍ୟ ଆବାହକ ଶୁଭ୍ରାଂଶୁ ଶେଖର ଉଦଗାତା ପହଲଗ୍ରାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିବା ସହିତ ମୃତକଙ୍କ ପ୍ରତି ଶୋକ ପ୍ରକାଶ କରିଥିଲେ। ଏହି ଅବସରରେ ସଂଗଠନର ପୂର୍ବତନ ସର୍ବଭାରତୀୟ ସଭାପତି ସିତାରାମ ୟେଚୁରି, ସାଧାରଣ ସମ୍ପାଦକ ନେପାଳ ଦେବ ଭଟ୍ଟାଚାର୍ଯ୍ୟ, କୃଷକ ନେତା ଜଗନ୍ନାଥ ମିଶ୍ରଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଏହି ଅବସରରେ ୧୩ ଜଣିଆ ରାଜ୍ୟ କମିଟି ନିର୍ବାଚନ ହୋଇଥିଲା। ଚନ୍ଦନ କାମିଲା ସଭାପତି , ନରେନ୍ଦ୍ର ହେମ୍ବ୍ରମ ଉପସଭାପତି, ଚନ୍ଦନ ସାହୁ ସମ୍ପାଦକ, ରାକ୍ଷୀ ସ୍ୱାଇଁ କୋଷାଧ୍ୟକ୍ଷ ଓ ଲିପୁ ବଳିଆର ସିଂହ ଯୁଗ୍ମ ସମ୍ପାଦକ, ଅଭିଳାଷ ମଲ୍ଲିକ, ମାନସ ରଞ୍ଜନ ଦଳବେହେରା, ପ୍ରୀତି ବାର୍ଲା ଓ ଅନିଲ କୁମାର ସାହୁ ସଭ୍ୟ ରହିଛନ୍ତି। ଜୁନ ୨୭ ରୁ ୩୦ରେ କେରଳ କୋଝିକୋଡଠାରେ ଆୟୋଜିତ ହେଉଥିବା ୧୮ତମ ସର୍ବଭାରତୀୟ ସମ୍ମିଳନୀରେ ଯୋଗଦେବାକୁ ଓଡ଼ିଶାର ତିନି ଜଣ ପ୍ରତିନିଧି ଓ ଜଣେ ଦର୍ଶକ ମନୋନୀତ ହୋଇଥିବା ସୂଚନା ଦିଆଯାଇଛି।

# ଜିଲା ଖଣିଜ ପାଣ୍ଠିର ବିନିଯୋଗ, ପ୍ରକଳ୍ପ କାର୍ଯ୍ୟକାରିତାର ମୂଲ୍ୟାୟନ ନେଇ କର୍ମଶାଳା

ଭୁବନେଶ୍ୱର, ୨।୬
(ସୌମ୍ୟରଞ୍ଜନ ରାଉତ)

ଅନୁଗୋଳ, ଯାଜପୁର ଓ ଝାରସୁଗୁଡ଼ା ଜିଲାରେ ଜିଲା ଖଣିଜ ପାଣ୍ଠି (ଡିଏମ୍ଏଫ୍)ରେ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ପ୍ରକଳ୍ପ କାର୍ଯ୍ୟକାରିତା ଏବଂ ମୂଲ୍ୟାୟନ ସମ୍ପର୍କିତ କର୍ମଶାଳା ସୋମବାର ଲୋକସେବା ଭବନରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ କରାଯାଇଛି। ବୈଠକରେ ଆଭାସୀ ମାଧ୍ୟମରେ ୩ ଜିଲାପାଳ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଲୋକସେବା ଭବନରେ ଯୋଜନା ଓ ସଂଯୋଜନ, ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ଓ ସଂପୃକ୍ତ ବିଭିନ୍ନ ବିଭାଗର ନିର୍ଦ୍ଦେଶକ ତଥା ପଦାଧିକାରୀଙ୍କ ସମେତ ଆନ୍ତର୍ଜାତୀୟ ସ୍ତରର ମୂଲ୍ୟାୟନ ଦକ୍ଷତା ରଖୁଥିବା ଗାଣ୍ଟ ଥର୍ଣ୍ଟନ ସଂସ୍ଥା କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ଜିଲା ଖଣିଜ ପାଣ୍ଠିର ଉପଯୋଗ ଓ ପରିଚାଳନା ବ୍ୟବସ୍ଥା, ପ୍ରକଳ୍ପ ଲକ୍ଷ୍ୟ ସାଧନରେ ସଫଳତା, ପ୍ରକଳ୍ପ କିପରି ହିତାଧିକାରୀଙ୍କ ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହେଉଛି ଓ ତାହାକୁ କିପରି ମୂଲ୍ୟାୟନ କରାଯିବ, ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସମୟସୀମା ମଧ୍ୟରେ ପ୍ରକଳ୍ପ ଶେଷ କରାଯବା ସମ୍ପର୍କରେ ଜିଲାପାଳମାନେ ମତ ରଖିଥିଲେ। ଅନ୍ୟପକ୍ଷରେ ମୂଲ୍ୟାୟନରେ ସ୍ଥାନୀୟ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାର ଉପଲବ୍ଧତା, ଗୁଣାତ୍ମକ ଶିକ୍ଷା, ପିଇବା ପାଣିର ଉପଲବ୍ଧତା, ରାସ୍ତା ଓ ଗମନାଗମନ, ଜଳ ଓ ପରିମଳ ବ୍ୟବସ୍ଥା, ଗୃହ ନିର୍ମାଣ ଓ ଭିତ୍ତିଭୂମି ବ୍ୟବସ୍ଥା, ଜୀବିକା ନିର୍ବାହ, ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ, ପରିବେଶ ପ୍ରଭାବଜନିତ କାର୍ଯ୍ୟକ୍ରମରେ ଉକ୍ତ ସଂସ୍ଥା ଅନୁସନ୍ଧାନ ଓ ସର୍ବେକ୍ଷଣ କରିବ ବୋଲି ବୈଠକରୁ ଜଣାଯାଇଛି। ଆଗାମୀ ସେପ୍ଟେମ୍ବର ସୁଦ୍ଧା ଏହି ମୂଲ୍ୟାୟନ କାର୍ଯ୍ୟ ସାରିବାକୁ ପରାମର୍ଶ ଦିଆଯାଇଛି। ଏହି କାର୍ଯ୍ୟରେ ସହଯୋଗ କରିବାକୁ ପୂର୍ତ୍ତ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମିଶନ ଶକ୍ତି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଜିଲାସ୍ତରରେ ଜିଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି।

# ଭିଏତ୍ନାମର ମାଇ ସନ ମନ୍ଦିର ପରିଦର୍ଶନ କଲେ ରାଜ୍ୟପାଳ



ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ମାଇ ସନ ମନ୍ଦିର ବୁଲି ଦେଖିବା ସହ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ଭୁବନେଶ୍ୱର, ୨।୬(ସୌମ୍ୟରଞ୍ଜନ ରାଉତ)

## ଭାରତ ପକ୍ଷରୁ ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟର କଲେ ତଦାରଖ

ଭାରତରୁ ଭିଏତ୍ନାମ ନିଆଯାଇଥିବା ଭଗବାନ୍ ବୁଦ୍ଧଙ୍କ ପବିତ୍ର ଅବଶେଷ ଆଣିବା ପାଇଁ ଏବେ ଭିଏତ୍ନାମରେ ଥିବା ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ରବିବାର କ୍ୱାଙ୍ଗ ପ୍ରଦେଶର ପ୍ରସିଦ୍ଧ ମାଇ ସନ ମନ୍ଦିର ପରିଦର୍ଶନ କରିଥିଲେ। ଏହି ୟୁନେସ୍କୋ ବିଶ୍ୱ ଐତିହ୍ୟସ୍ଥଳକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ସହାୟତାରେ ପୁନରୁଦ୍ଧାର କରାଯାଉଥିବାବେଳେ ରାଜ୍ୟପାଳଙ୍କ ପରିଦର୍ଶନ ଗୁରୁତ୍ୱ ବହନ କରୁଛି। ରାଜ୍ୟପାଳ ଏହି ପରିଦର୍ଶନ ସମୟରେ ଭାରତ ସହାୟତାରେ ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ତଦାରଖ କରିଥିଲେ ଏବଂ ସଂପୃକ୍ତ ଅଧିକାରୀମାନେ ଏହି ସ୍ଥାନର ପ୍ରାଚୀନ ଢାଞ୍ଚାକୁ ସୁରକ୍ଷା ଦେବା ପାଇଁ ବ୍ୟବହୃତ ସ୍ୱତନ୍ତ୍ର କୌଶଳ ବିଷୟରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ବର୍ତ୍ତମାନ ପ୍ରାୟ ୭୦ଟି ମନ୍ଦିରର ସ୍ଥିତି ମାଇ ସନ୍‌ଠାରେ ରହିଛି। ମନ୍ଦିରଗୁଡ଼ିକର ଅନନ୍ୟ ନିର୍ମାଣଶୈଳୀ ଖୋଲ ରେଖାକୁ ଲୁଚାଇ ରଖୁଛି ଏବଂ ମନ୍ଦିରଗୁଡ଼ିକ ଶତାବ୍ଦୀ ଶତାବ୍ଦୀ ଧରି ଦୃଢ଼ ରହି ଐତିହାସିକ ସ୍ଥପତିମାନଙ୍କର ଆକର୍ଷଣ ସାଜିଛି। ଏହି ସ୍ଥାନଟି ଚମ୍ପା ରାଜ୍ୟ ଏବଂ ଭାରତ ଓ ଚାଇନା ଭଳି ମହାନ୍ ସଭ୍ୟତା ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ଦର୍ଶାଉଛି। ରାଜ୍ୟପାଳଙ୍କ ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ଘନିଷ୍ଠ ସାଂସ୍କୃତିକ ଏବଂ ସହଭାଗୀ ଐତିହ୍ୟକୁ ସୁରକ୍ଷା ଦେବାରେ ଭାରତର ଭୂମିକାକୁ ସୂଚାଉଥିବା କୁହାଯାଉଛି।

## ୨୫୮ ଗ୍ରାମ୍ ବ୍ରାଉନ୍‌ସୁଗାର ସହ ବୁଲେଟ୍ ଜବତ, ୨ ଗିରଫ

ଖୋର୍ଦ୍ଧା,୨।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର ବାରବାର ଦିନକୁଦିନ ବଢ଼ିଚାଲିଛି। ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧାକୁ ବ୍ରାଉନ୍‌ସୁଗାର ଆସୁଛି। ଏଠାରୁ ଗ୍ରାମାଞ୍ଚଳ ଏବଂ ପଡ଼ୋଶୀ ଜିଲାକୁ ପଠାଯାଉଛି। କମ୍ ସମୟରେ ଅଧିକ ଟଙ୍କା ରୋଜଗାର ଲାଳସାରେ ଏହି କାରବାରରେ ଯୁବପିଢ଼ି ପଶି ବିପଦଗାମୀ ହେଉଛନ୍ତି। ସୋମବାର ଜଙ୍କିଆ ପୋଲିସ ୧୬ନଂ. ଜାତୀୟ ରାଜପଥର ଛଣଗିରି ଛକରେ ଚଢ଼ାଉ କରି ୨୫୮ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଭାଲିଆବାଡ଼ି ଗ୍ରାମର ରାକେଶ ପଟ୍ଟନାୟକ ଓରଫ ହାପି ଏବଂ ସୂର୍ଯ୍ୟକାନ୍ତ ନାୟକ ଓରଫ ଗୁଡୁ। ଏମାନଙ୍କ ନିକଟରୁ ଏକ ବୁଲେଟ୍(ଓଡି ୦୨ଏଚ୍ ୧୨୫୪) ଜବତ ହୋଇଛି। ଏହି ବୁଲେଟ୍ ହାପିଙ୍କ ନାମରେ ରହିଛି। ଏମାନେ ବ୍ରାଉନ୍‌ସୁଗାର କେଉଁଠାରୁ ଆଣୁଥିଲେ, କାହା ପାଖକୁ ନେଉଥିଲେ ତାହାର ତଦନ୍ତ ଜାରି ରହିଛି ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।



ଓଡ଼ିଶା ଲ' କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କୁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ସୋମବାର ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ଦ୍ୱିବେଦୀ ସାମ୍ପ୍ରତିକ ବିଚାର ବ୍ୟବସ୍ଥାରେ ଆଇନଜୀବୀ ପରିଷଦ ଓ ଆଇନଜୀବଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।

# ସାଇକେଲ୍ ଚଲାନ୍ତୁ, ସୁସ୍ଥ ରୁହନ୍ତୁ

ପୁରୁଣା ଭୁବନେଶ୍ୱର,୨।୬
(ସୁବାସ ଚନ୍ଦ୍ର ପ୍ରଧାନ)




ମଙ୍ଗଳବାର ବିଶ୍ୱ ସାଇକେଲ ଦିବସ। ପ୍ରତିବର୍ଷ ଜୁନ୍ ୩ତାରିଖରେ ଏହି ଦିବସ ପାଳନ କରାଯାଇଥାଏ। ସାଇକେଲ୍ ଚଳାଇବା ଦ୍ୱାରା ସ୍ୱାସ୍ଥ୍ୟ ଫିଟ୍ ରହିବା ସହିତ ପରିବେଶ ପ୍ରଦୂଷଣ ହୋଇ ନ ଥାଏ। ଜଳବାୟୁ ପରିବର୍ତ୍ତନ ଜ୍ୱାଳାରୁ ମୁକ୍ତି, ପରିବେଶ ପ୍ରଦୂଷଣ ରୋକିବା ଏବଂ ସାଇକେଲ୍ ଚଳାଇବା ନେଇ ଲୋକଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ଏହି ଦିବସ ପରିକଳ୍ପନା କରାଯାଇଛି। ଏହି ଅବସରରେ ଲୋକଙ୍କୁ ସାଇକେଲ୍ ଚଳାଇବା ଓ ସଚେତନ ପାଇଁ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗତୁଳୀରେ ଉଦ୍ୟମ କରିଛନ୍ତି। ନିଖୁଣଭାବେ ଆଙ୍କିଛନ୍ତି ଏକ ସୁନ୍ଦର ସାଇକେଲିଂର ଚିତ୍ରକଳା କୃତୀ। ଶାନ୍ତନୁଙ୍କୁ ଏଭଳି ଚିନ୍ତାଧାରାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଉଛି।

# ଅଭିନେତା ସୁବୋଧ ପଟ୍ଟନାୟକ, ଛାତ୍ର ରାକେଶ ସାହୁ ସମ୍ମାନିତ

## ନୃତ୍ୟାଞ୍ଜଳି ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୨।୬
'(ସୌମ୍ୟରଞ୍ଜନ ରାଉତ)



ନୃତ୍ୟାଞ୍ଜଳି ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଙ୍କ ଗହଣରେ ସମ୍ମାନିତ ଦୁଇ ବ୍ୟକ୍ତିତ୍ୱ।

ନୃତ୍ୟାଞ୍ଜଳି ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୩୩ତମ ନୃତ୍ୟାଞ୍ଜଳି ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ୧୫୦ରୁ ଊର୍ଦ୍ଧ୍ୱ ନବୀନ ଓ ପ୍ରବୀଣ ଓଡ଼ିଶୀ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ। ତେବେ ଶେଷ ସନ୍ଧ୍ୟାରେ ସମବାୟ ଓ ହସ୍ତତନ୍ତ ତଥା ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ନ୍ୟୁଜ୍ ୭ର ସମ୍ପାଦକ ଦେବନାରାୟଣ ସେଠୀ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ ବିଜୟ କୁମାର ଜେନା, ନୃତ୍ୟାଞ୍ଜଳି ସଭାପତି ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ସମ୍ପାଦକ ଗୁରୁ ପୁଷ୍ପରଞ୍ଜନ ମଙ୍ଗରାଜ, କାର୍ଯ୍ୟକାରୀ ସଭାପତି ରଞ୍ଜନ ମଙ୍ଗରାଜ ଅତିଥି ରୂପେ ଯୋଗଦେଇ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅଭିନେତା ସୁବୋଧ ପଟ୍ଟନାୟକଙ୍କୁ 'ନୃତ୍ୟାଞ୍ଜଳି ନାଟ୍ୟପୁରୁଷ ସମ୍ମାନ' ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ନାଟ୍ୟ ବିଭାଗର ସର୍ବୋଚ୍ଚ ନମ୍ବରଧାରୀ ଛାତ୍ର ରାକେଶ ସାହୁଙ୍କୁ 'ପୂର୍ଣ୍ଣଚନ୍ଦ୍ର ମଙ୍ଗରାଜ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ଗୁରୁ ଗୀତା ମଞ୍ଜରୀ ବେହେରା ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିବାବେଳେ ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କ ଶଙ୍ଖନାଦ ଏବଂ ଗୁରୁ ପୁଷ୍ପରଞ୍ଜନ ମଙ୍ଗରାଜଙ୍କ ସଂଯୋଜନାରେ ଅନୁଷ୍ଠାନର ଶିଳ୍ପୀ ଦଳଗତ ଓଡ଼ିଶୀ ଓ ଅନ୍ୟାନ୍ୟ ନୃତ୍ୟ ପରିବେଷଣ କରିଥିଲେ।

## ଫଟୋରେ ଖବର



ଝାରପଡ଼ା ଜେଲ ରୋଡ୍‌ରେ କାମ ଚାଲିଥିବାବେଳେ ପାଣି ପକାଯାଉ ନ ଥିବାରୁ ଧୂଳି ଉଡି ପରିବେଶ ପ୍ରଦୂଷଣ ହେବା ସହ ଲୋକେ ହନ୍ତସନ୍ତ ହେଉଛନ୍ତି।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ନାଟ୍ୟଧାରା ପକ୍ଷରୁ ସୋମବାର ପରିବେଷିତ ନାଟକ 'ମେଳି'ର ଏକ ଦୃଶ୍ୟ।

# ସ୍ନାତକ ପାସ୍ ହାର ୮୪.୭୫, ସ୍ନାତକୋତ୍ତର ୮୬.୯୯

## ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପରୀକ୍ଷାଫଳ ପ୍ରକାଶ

କଟକ,୨।୬(ଶିଳ୍ପା ପ୍ରିୟଦର୍ଶିନୀ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ, ସ୍ନାତକୋତ୍ତର ଓ ବିଏଡ୍ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ସ୍ନାତକ ଶ୍ରେଣୀରେ ମୋଟ ୬୫୭ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୫୫୬ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ୍ ହାର ୮୪.୭୫ ରହିଛି। ସ୍ନାତକୋତ୍ତରରେ ୪୯୨ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪୨୮ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ ହାର ୮୬.୯୯ ରହିଛି। ସେହିପରି ବିଏଡ୍ ପାଠ୍ୟକ୍ରମରେ ୪୫ଜଣ କୃତକାର୍ଯ୍ୟ ହୋଇ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ସ୍ନାତକରେ ରସାୟନ ବିଜ୍ଞାନର ଛାତ୍ରୀ ସୋନାଲି ନାୟକ ବିଜ୍ଞାନରେ ଶ୍ରେଷ୍ଠ ସ୍ନାତକ, ହିନ୍ଦୀ ବିଭାଗର କରିନା ସୁଲତାନା, କଳା ବିଭାଗରେ ଶ୍ରେଷ୍ଠ ସ୍ନାତକ, ଚାରୁଲ ରାଠୀ ବାଣିଜ୍ୟ ବିଭାଗରେ ଶ୍ରେଷ୍ଠ ସ୍ନାତକ ହାସଲ କରିଛନ୍ତି। ବିଏଡ୍‌ର କଳା ବିଭାଗରେ ଅନିନ୍ଦିତା ପାତ୍ର ଓ ବିଜ୍ଞାନ ବିଭାଗରେ ଏଆର ଶୁଭ୍ରାଞ୍ଜଳୀ ଦାଶ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ସ୍ନାତକ ଶ୍ରେଣୀର ୨୩ଟି ବିଭାଗରୁ ନୃବିଜ୍ଞାନରେ ସୁଦୀପ୍ତା ନାୟକ, ଅର୍ଥନୀତିରେ ନିବେଦିତା ବେହେରା, ଶିକ୍ଷାରେ ଅଙ୍କିତା ମହାନ୍ତି, ଇଂଲିଶରେ ସଂସ୍କୃତି ମହାନ୍ତି, ହିନ୍ଦୀରେ କରିନା



ଶୈଳବାଳା ମହିଳା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରାଯାଉଛି।

ସୁଲତାନା, ଇତିହାସରେ ଅଲିଭା ନାୟକ, ଓଡ଼ିଆରେ ଅନୁସୟା ନାଥ, ସଂସ୍କୃତରେ ମଧୁମିତା ଦାଶ, ବାଣିଜ୍ୟରେ ଚାରୁଲ ରାଠୀ, ଉଦ୍ଭିଦ ବିଜ୍ଞାନରେ ଦେବସ୍ମିତା ରାଉତ, ରସାୟନ ବିଜ୍ଞାନରେ ସୋନାଲି ନାୟକ, ପଦାର୍ଥ ବିଜ୍ଞାନରେ ଲକ୍ଷ୍ମୀପ୍ରିୟା ସାହୁ ଓ ପ୍ରାଣୀ ବିଜ୍ଞାନରେ ଅଲିଶା ବିଶ୍ୱାଳ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସ୍ନାତକୋତ୍ତରରେ ୧୯ଟି ବିଭାଗରେ ଅର୍ଥନୀତିରେ ସନ୍ଧ୍ୟାରାଣୀ ପ୍ରଧାନ, ଶିକ୍ଷାରେ ରୁପାଲୀ ନାୟକ, ଇଂଲିଶରେ ସୁପ୍ରଭା ସାହୁ, ହିନ୍ଦୀରେ ସୁଶ୍ରୀ ରୋଜି ସାହୁ, ଇତିହାସରେ ଆଇରିନ ଆଚ୍ଛା, ଗୃହ ବିଜ୍ଞାନରେ ସାଗରୀକା ସାହୁ, ଓଡ଼ିଆରେ ଶର୍ମିଷ୍ଠା ସାହୁ, ରାଜନୀତି ବିଜ୍ଞାନରେ ଲକ୍ଷ୍ମୀପ୍ରିୟା ଲେଙ୍କା, ରସାୟନ ବିଜ୍ଞାନରେ ସୁଭଦ୍ରିକା ବେହେରା, କମ୍ପ୍ୟୁଟର ବିଜ୍ଞାନରେ ଅନେନ୍ଦ୍ରା ବସକ, ପଦାର୍ଥ ବିଜ୍ଞାନରେ ସୁମିତ୍ରା ନାୟକ ଓ ପ୍ରାଣୀ ବିଜ୍ଞାନରେ ବାରିରା ଉକବା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଆଇଟିଏମରେ ପଲକପ୍ରିୟା ସ୍ୱାଇଁ, ଏମ୍‌ବିଏରେ ନିକିତା ପ୍ରିୟଦର୍ଶିନୀ, ଏମ୍‌କମ୍‌ରେ ଲିଜା ବେହେରା ଓ ଏମ୍‌ଏସଡବ୍ଲୁରେ ଶ୍ୱେତାଶ୍ରୀ ପାଢ଼ୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କୃତକାର୍ଯ୍ୟ ଛାତ୍ରୀଙ୍କୁ ଅଧ୍ୟକ୍ଷା ପ୍ରଫେସର ଡ. ବିଚିତ୍ରା ପାଣିଙ୍କ ସମେତ ପରୀକ୍ଷା ନିୟନ୍ତ୍ରକ ଡ. ନର୍ମଦା କୁମାରୀ ପରିଡା, ଡ. ଅନିତା ମେକାପ, ଡ. ଗାୟତ୍ରୀ କର, ପ୍ରତାପ ସାମଲ ଓ ପ୍ରଣତୀ ପ୍ରିୟଦର୍ଶିନୀ ଶୁଭେଚ୍ଛା ଜଣାଇଛନ୍ତି। ଫଳ ପ୍ରକାଶନ ଅବସରରେ ମହାବିଦ୍ୟାଳୟ ଅଧାପକ ଡ. ଅନିରୁଦ୍ଧ ଖୁଲାର, ଡ. ପ୍ରଶାନ୍ତ ସାମନ୍ତରାୟ, ଡ. ବିକାଶ ଦାଶ, ଡ. ବିଶ୍ୱଦାସ ମହାନ୍ତି, ଡ. ବନ୍ଦନା ପାଠକ, ଡ. ମୌସୁମୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ସଂକ୍ଷେପରେ

### ୩୬ ପେଟି କେନ ବିୟର, ବୋଲେରୋ ସହ ବାଇକ୍ ଜବତ, ୩ ଗିରଫ

ମଙ୍ଗୁଳି-ଜଗତପୁର/ଚୌଦ୍ୱାର, ୨।୬ (ମାନସ ସାମଲ /ଆଶୁତୋଷ ଦାସ)

ଚୌଦ୍ୱାର ଅବକାରୀ ବିଭାଗ ବେଆଇନ କେନ ବିୟର ଚାଲାଣ ଅଭିଯୋଗରେ ୩ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚୌଦ୍ୱାର ଥାନା ଅଧୀନ ଶଙ୍କରପୁର ଗ୍ରାମର ସୁମନ୍ତ ପାଇକରାୟ, ଦେବେନ୍ଦ୍ର ରାଉତ ଏବଂ ଟାଙ୍ଗୀ ଥାନା ଅଧୀନ ସପନପୁର ଗ୍ରାମର ଅନିଲ ବେହେରା। ସେମାନଙ୍କ ନିକଟରୁ ଗୋଟିଏ ବାଇକ୍, ବୋଲେରୋ ସହ ୩୬ ପେଟି କେନ ବିୟର ଜବତ ହୋଇଛି। ସୂଚନା ମୁତାବକ, ରବିବାର ରାତିରେ ଇନ୍ସପେକ୍ଟର ମାନସୀ ନାୟକଙ୍କ ନିର୍ଦ୍ଦେଶକ୍ରମେ ଚୌଦାର ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ ଗାନ୍ଧୀଛକରେ ଏକ ବୋଲେରୋ (ନଂ. ଓଡି-୧୯କେ ୪୮୬୯)କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଗାଡିରୁ ବେଆଇନ ଭାବେ ୩୬ ପେଟି କେନ ବିୟର ଜବତ କରିବା ସହ ବୋଲେରୋ ସୁରକ୍ଷା ଦେଉଥିବା ବାଇକ୍ (ନଂ. ଓଡି୦୫ଏଇ ୨୩୨୯) ମଧ୍ୟ ଜବତ କରିଥିଲା। ଚଢ଼ାଉରେ ଓଆଇସି ବାପି ସାହୁ, ଆଶୁତୋଷ ଜେନାଙ୍କ ସମେତ ୪ କନଷ୍ଟେବଲ ରାଜକୃଷ୍ଣ ବିଶାଳ, ଲକ୍ଷ୍ମଣ ବେହେରା, ତୃପ୍ତିମୟୀ ପରିଡ଼ା, ଦେବବ୍ରତ ଓଝା ସାମିଲ ଥିଲେ।

### ଦେବସ୍ନାନ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି

ନିଶ୍ଚିନ୍ତକୋଇଲି ୨।୬ (ଅଶୋକ କୁମାର ମହାପାତ୍ର):

କଟକ ଉପଜିଲାପାଳଙ୍କ ସଭାପତିତ୍ୱରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ଦେବସ୍ନାନ ପୂର୍ଣ୍ଣିମା ପାଇଁ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଟକ ସଦର ବିଧାୟକ ପ୍ରକାଶ ସେଠୀ ଯୋଗଦେଇ ଚଳିତ ବର୍ଷ କିଭଳି ଶାନ୍ତି ଶୃଙ୍ଖଳା ସହ ଉତ୍ସବ ପାଳନ କରାଯିବ ସେନେଇ ସମସ୍ତଙ୍କୁ ନିବେଦନ କରିଥିଲେ। ଏହି ବୈଠକରେ ତହସିଲଦାର ଅନିତା ନାୟକ,ଏସଡିପିଓ ବିରଞ୍ଚିନାରାୟଣ ପତି, ନେମାଳ ଥାନା ଅଧିକାରୀ ସୁଶିଲ କୁମାର ନାୟକ, ପ୍ରାକ୍ତନ ଜିଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ ଯୋଗଦେଇଥିଲେ। ଦେବସ୍ନାନ ପୂର୍ଣ୍ଣିମାରେ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା, ଉଜ୍ଜ୍ୱଳ ଆଲୋକ, ପାନୀୟ ଜଳ, ପରିମଳ ଓ ବାଲିଯାତ୍ରା ପଡିଆରେ ଆଇନ ଶୃଙ୍ଖଳା କିଭଳି ତ୍ୱରାନ୍ୱିତ ହୋଇପାରିବ ସେନେଇ ଆଲୋଚନା କରାଯାଇଥିଲା। ଅଗ୍ନିଶମ ସଂସ୍ଥା, ଆମ୍ବୁଲାନ୍ସ ସେବା ଓ ଆପାତକାଳୀନ ସେବାକୁ ତ୍ୱରିତ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗର ଅଧିକାରୀ ସେବାୟତ, ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହଯୋଗରେ ଏହି ଉତ୍ସବଟିକୁ ସରସ ସୁନ୍ଦର କରିବା ପାଇଁ ତହସିଲଦାର ଶ୍ରୀମତୀ ନାୟକ ନିବେଦନ ରଖିଥିଲେ।

## ଝରକା ଭାଙ୍ଗି ଏକ ଲକ୍ଷ ଟଙ୍କା ସହ ସୁନା, ରୁପା ଅଳଙ୍କାର ଚୋରି

ବାଙ୍କୀ,୨।୬(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଥାନା ଅନ୍ତର୍ଗତ ସୁବର୍ଣ୍ଣପୁର ବିଟ୍ ହାଉସ୍ ଅଧୀନ କନ୍ତପହଁରା ଗ୍ରାମରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଗ୍ରାମର ଶଙ୍କର ବେହେରାଙ୍କ ଘରେ ପଶି ସୁନା, ରୁପା ଅଳଙ୍କାର ସହ ନଗଦ ଏକ ଲକ୍ଷ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରିକରି ନେଇଛନ୍ତି। ଏନେଇ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ରାତିରେ ଶଙ୍କରଙ୍କ ଘରେ ତାଙ୍କ ସ୍ତ୍ରୀଙ୍କ ବ୍ୟତୀତ ଆଉ କେହି ନ ଥିଲେ। ସେ ଘରେ ଏକୁଟିଆ ଶୋଇଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଝରକା ଗ୍ରୀଲ ଭାଙ୍ଗି ଘରେ ପଶି କଳାକନା ବୁଲାଇଛନ୍ତି। ଅଭିଯୋଗ ପାଇବା ପରେ ସୁବର୍ଣ୍ଣପୁର ବିଟ୍ ହାଉସ୍ ଅଧିକାରୀ ପ୍ରସନ୍ନ କୁମାର ମାହାଳି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବାଙ୍କୀ ଥାନା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂଇଁଙ୍କୁ ଜଣାଇଥିଲେ। ଏହାପରେ ସେ ସାଇଣ୍ଟିଫିକ୍ ଟିମ୍ ସହ ସେଠାରେ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ବାଙ୍କୀ ଥାନାରେ ଏକ ମାମଲା(ନଂ.୧୯୬/୬) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଭୂଇଁ କହିଛନ୍ତି।

# ବିଜ୍ଞାନରେ ମାମାଲି, କଳାରେ ମୋନାଲିସା, ବାଣିଜ୍ୟରେ ବେଦାନ୍ତ ଶ୍ରେଷ୍ଠ

## ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ପରୀକ୍ଷାଫଳ ପ୍ରକାଶିତ

ବାଙ୍କୀ,୨।୬ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର +୩ ଡିଗ୍ରୀ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। କଲେଜ ସଭାଗୃହରେ ପରୀକ୍ଷା ଫଳକୁ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ସମୀର କୁମାର ମହାପାତ୍ର ପରୀକ୍ଷା ଫଳ ପୁସ୍ତିକାକୁ ଉନ୍ମୋଚନ କରିଥିଲେ । ବିଜ୍ଞାନରେ ମାମାଲି ପାତ୍ର, କଳାରେ ମୋନାଲିସା ବେହେରା ଓ ବାଣିଜ୍ୟରେ ବେଦାନ୍ତ ପୂଣ୍ୟଶ୍ଳୋକ ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ଜୈବବିଜ୍ଞାନରେ ସ୍ନେହା ଚକ୍ରବର୍ତ୍ତୀ, ଉଦ୍ଭିଦ ବିଜ୍ଞାନରେ ଦୀପ୍ତିମୟୀ ରାଉତ, ରସାୟନ ବିଜ୍ଞାନରେ ସୁପ୍ରପରନ ପାଣି, ଗଣିତରେ ମାମାଲି ପାତ୍ର, କମ୍ପ୍ୟୁଟର ବିଜ୍ଞାନରେ ସୁପ୍ରିତି ମହାପାତ୍ର ଓ ଭୂତତ୍ତ୍ୱରେ ତପସ୍ୱନୀ ବେହେରା ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି ।



ମାମାଲି ପାତ୍ର



ମୋନାଲିସା ବେହେରା



ବେଦାନ୍ତ ପୂର୍ଣ୍ୟଶ୍ଳୋକ

ସେହିପରି ପଦାର୍ଥ ବିଜ୍ଞାନରେ କାଦମ୍ବିନୀ ପାଲ , ପ୍ରାଣୀ ବିଜ୍ଞାନରେ ରୁଦ୍ରପ୍ରତାପ ପ୍ରଧାନ, ଅର୍ଥନୀତିରେ ମଧୁସ୍ମିତା ନାୟକ, ଶିକ୍ଷାରେ ମୋନାଲିସା ବେହେରା, ଇଂରାଜୀରେ ନିବେଦିତା ସାହୁ, ଇତିହାସରେ ସୋନାଲି ସେନାପତି, ଓ ସ୍ନେହାଞ୍ଜିନୀ ସ୍ୱାଇଁ, ଗୃହ ବିଜ୍ଞାନରେ ସୋନଲି ବାରିକ, ରାଜନୀତି ବିଜ୍ଞାନରେ ଲକ୍ଷ୍ମୀପ୍ରିୟା ସାହୁ, ମନୋବିଜ୍ଞାନରେ ଲେସ୍ଲି ରାଉତ, ସଂସ୍କୃତରେ ଗାୟତ୍ରୀ ସ୍ୱାଇଁ, ସାମାଜିକ ବିଜ୍ଞାନରେ ଆୟୁଷ ଦାସ ଓ ବାଣିଜ୍ୟରେ ବେଦାନ୍ତ ପୂଣ୍ୟଶ୍ଳୋକ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପରୀକ୍ଷାଫଳ ପ୍ରକାଶ ବେଳେ ପରୀକ୍ଷା ନିୟନ୍ତ୍ରକ ଓ ପ୍ରାଧାପିକା ଗାୟତ୍ରୀ ନାୟକ, ପୂର୍ବତନ ଉପାଧ୍ୟକ୍ଷ ତଥା ପ୍ରାଧାପକ ମନୋଜ କୁମାର ମହାପାତ୍ର, ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଅମରେନ୍ଦ୍ର ମିଶ୍ର, ଡକ୍ଟର ଶ୍ରୀକାନ୍ତ ଦାଶ, ଡକ୍ଟର ନିବାସିନୀ ପଣ୍ଡା, ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ମହେଶ ପ୍ରସାଦ ବେହେରା, ପ୍ରଶାନ୍ତ ଭୋଇ, ଚିନ୍ମୟୀ ଚିତ୍ତରଞ୍ଜନ, ରଞ୍ଜିତ କୁମାର ରାଉତ, ହରେକୃଷ୍ଣ ତ୍ରିପାଠୀ, ଡକ୍ଟର ସନ୍ଧ୍ୟାରାଣୀ ମହାନ୍ତି, ସେଲ୍ଫ ଫାଇନାନ୍ସ ସଂଯୋଜକ ଅଧାପକ ଆଶିଷ କୁମାର, ପରିଚାଳନା କମିଟି ସଦସ୍ୟ ସମରେନ୍ଦ୍ର ମହାପାତ୍ର, ସନାତନ ବେହେରା, ସନ୍ତୋଷ କୁମାର ରଣା, ଭାଗୀରଥି ବିଶ୍ୱାଳ, ସହକାରୀ ପରୀକ୍ଷା ନିୟନ୍ତ୍ରକ କୁମୁନ୍ଦ ରଞ୍ଜନ ମହାରଣା, ନକୁଳ ବେହେରା, ଭୂପତି ଭୂଷଣ ପ୍ରଧାନ, ସୁଜିତ୍ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । କଳାରେ ଶତକ ୮୫ ଭାଗ, ବିଜ୍ଞାନରେ ଶତକ ୮୭ ଭାଗ ଓ ବାଣିଜ୍ୟରେ ୮୧ ଭାଗ ଛାତ୍ରଛାତ୍ରୀ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ପରୀକ୍ଷା ନିୟନ୍ତ୍ରକ ତଥା ପ୍ରାଧାପିକା ଗାୟତ୍ରୀ ନାୟକ ପ୍ରକାଶ କରିଛନ୍ତି ।

## ରାସ୍ତାକୁ ମଡ଼ାଇ ପାଚେରି ନିର୍ମାଣର ପ୍ରତିବାଦ

### ଜିଲାପାଳଙ୍କୁ ଦାବିପତ୍ର

କଟକ ସଦର,୨।୬ (ସୁଶାନ୍ତ କୁମାର ଜେନା)

କିଶନ ନଗର ତହସିଲ ଅନ୍ତର୍ଗତ ଥୋରିଆ ପଡ଼ା ଗ୍ରାମ କଂକ୍ରିଟ ରାସ୍ତାକୁ ମଡ଼ାଇ ଜଣେ ବ୍ୟକ୍ତି ପାଚେରୀ ନିର୍ମାଣ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ସୋମବାର କଟକ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅମିନ ଓ ଆରଆଇ ମାପଚୁପ ପାଇଁ ଗଲେ ମଧ୍ୟ ସମ୍ପୃକ୍ତ ଅବରୋଧକାରୀ ଧମକ ଚମକ ଦେଇ ଘଉଡାଇ ଦେଉଛି। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥିରେ କୌଣସି ରାଜନୈତିକ ଅଭିସନ୍ଧି ରହିଥିବା ଗ୍ରାମବାସୀ ଅନୁମାନ କରୁଛନ୍ତି। ତେଣୁ ଜଣେ ଜିଲାସ୍ତରୀୟ ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦେବାପାଇଁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କୁ ଅନୁରୋଧ କରାଯାଇଛି। ସମସ୍ୟା ସମ୍ପର୍କରେ କିଶନ ନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶଙ୍କୁ ପଚାରିବାରୁ ଶୀଘ୍ର ମାପ ଚୁପ କରାଯାଇ ପାଚେରୀ ନିର୍ମାଣ ଉପରେ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ।

## ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି

### ନରସିଂହପୁର ବ୍ଲକ

କଟକ,୨।୬(କାର୍ତ୍ତିକ ସାହୁ)

ନରସିଂହପୁର ବ୍ଲକଠାରେ ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲାପାଳ ଶିବ ଟପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ସମୁଦାୟ ୧୩୦ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ୧୨୫ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୫ଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୧୨ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଜିଲାପାଳଙ୍କ ପରବର୍ତ୍ତୀ ଜନଶୁଣାଣି ଆସନ୍ତା ୯ (ସୋମବାର) ସକାଳ ୭ ଘଟିକାରେ ଡମପଡ଼ା ତହସିଲଠାରେ ଅନୁଷ୍ଠିତ ହେବ।

# ଅଧ୍ୟକ୍ଷାଙ୍କ ବିଜୟ ଶୋଭାଯାତ୍ରା

### ବ୍ଲକ କାର୍ଯ୍ୟାଳୟ ପରିସରରେ ଅଦିନିଆ ଦୀପାବଳି

ନିଶ୍ଚିନ୍ତକୋଇଲି,୨।୬ (ଅଶୋକ କୁମାର ମହାପାତ୍ର):

ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀଙ୍କ ବିରୋଧରେ ଆସିଥିବା ଅନାସ୍ଥା କାଟ୍ ଖାଇବା ପରେ ସୋମବାର ବିଜୟ ଶୋଭାଯାତ୍ରା କରିଛନ୍ତି। ନିର୍ବାଚିତ ଲୋକପ୍ରତିନିଧି ଓ ସମର୍ଥକଙ୍କୁ ନେଇ ସେ ବୁହାଲୋ ଗୋପୀନାଥ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ପଞ୍ଚାୟତ ସମିତି ପରିସରରେ ପହଞ୍ଚିଥିଲେ। ସେଠାରେ ନାରାବାଜି ସହ ବିରୋଧୀଙ୍କୁ କଡ଼ା ଚେତାବନୀ ଦେଇଥିଲେ। ମଧ୍ୟାହ୍ନରେ ବ୍ଲକ କାର୍ଯ୍ୟାଳୟ ପରିସରରେ ବହୁ ଆତସବାଜି ଫୁଟାଯାଇଥିଲା,ଯାହା ଦୀପାବଳିର ଭ୍ରମ ସୃଷ୍ଟି କରିଥିଲା। ଏହି ଅବସରରେ ଅଧ୍ୟକ୍ଷା ଓ ତାଙ୍କ ସହଯୋଗୀମାନେ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଧନ୍ୟବାଦ ସଭା ଆୟୋଜନ କରିଥିଲେ। ଅଧ୍ୟକ୍ଷା ସେଠୀ ଏଥିରେ ଅଧ୍ୟକ୍ଷତା କରି ତାଙ୍କ ବିରୋଧରେ କରାଯାଇଥିବା ଚକ୍ରାନ୍ତକୁ ନିନ୍ଦା କରିବା ସହ ଆଗାମୀ ଦିନରେ ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ



ସମର୍ଥକଙ୍କ ଗହଣରେ ଅଧ୍ୟକ୍ଷା ରୋଜି ସେଠୀ।

କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବ୍ଲକରେ ଦୀର୍ଘ ୩ ମାସ ହେବ ରାଜନୈତିକ ଅସ୍ଥିରତା ଯୋଗୁ ଉନ୍ନୟନମୂଳକ କାର୍ଯ୍ୟରେ ବାଧାସୃଷ୍ଟି ହୋଇଥିଲା। ଏପରି କରିଥିବା ବ୍ୟକ୍ତିଙ୍କୁ ଉଚିତ୍ ଜବାବ ଦିଆଯିବ ବୋଲି ଜିଲା ପରିଷଦ ସଭ୍ୟ ବିପ୍ଳବ କେଶରୀ କାପ ସୂଚନା ଦେଇଛନ୍ତି। ଆୟୋଜିତ ସଭାରେ ଜ୍ୟୋତିପ୍ରକାଶ ସ୍ୱାଇଁ, ବିନୋଦ ସାମଲ, ମନୋଜ ସେଠୀ, ପ୍ରଦୋଷ ସାହୁ, ଜୟରାମ ରାଉତ ସମେତ ବହୁ ଲୋକପ୍ରତିନିଧି ଉପସ୍ଥିତ ଥିଲେ।

# ଗୋଟିଏ ଆପ୍‌ରେ ମିଳିବ ୧୩ ସରକାରୀ ଯୋଜନାର ସୁବିଧା

### ଜିଲାସ୍ତରୀୟ ଭ୍ରାମ୍ୟମାଣ ସହାୟକ କାର୍ଯ୍ୟକ୍ରମ ଆରମ୍ଭ

ବାଙ୍କୀ୨।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ରାଜ୍ୟର ସହରାଞ୍ଚଳରେ ବାସ କରୁଥିବା ସାଧାରଣ ଜନତାଙ୍କ ମଧ୍ୟରୁ କୌଣସି ଯୋଗ୍ୟ ହିତାଧିକାରୀ ଯେପରି ସରକାରୀ ସୁବିଧା ପାଇବାରୁ ବଞ୍ଚିତ ନହେବେ ସେହି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ସହଯୋଗ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ଜରିଆରେ ଅଧିକାରୀମାନେ ଜନସାଧାରଣଙ୍କ ନିକଟକୁ ଯାଇ ସୁବିଧା ଅସୁବିଧା ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ସହିତ ସେମାନଙ୍କ ଠାରୁ କାଗଜପତ୍ର ସଂଗ୍ରହ କରିବେ। ଏହି ସହଯୋଗ କାର୍ଯ୍ୟକ୍ରମକୁ ଗୋଟିଏ ଆପ୍ ମାଧ୍ୟମରେ ୧୩ ସରକାରୀ ଯୋଜନାର ସୁବିଧା ପାଇଁ ଆବେଦନ କରିପାରିବେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରେସନକାର୍ଡ, ପାନୀୟ ଜଳ ସଂଯୋଗ, ଆୟୁଷ୍ମାନକାର୍ଡ, ଭିନ୍ନକ୍ଷମ ପରିଚୟ ପତ୍ର, ସୁଭଦ୍ରା ଯୋଜନା, ଲେବରକାର୍ଡ, ଇ-ଶ୍ରମ କାର୍ଡ , ଗାରିମା ଯୋଜନା, ପି.ଏମ୍.ବିଶ୍ୱକର୍ମା ଯୋଜନା, ମଧୁବାବୁ



ଜିଲାସ୍ତରୀୟ ଭ୍ରାମ୍ୟମାଣ ସହାୟକ କାର୍ଯ୍ୟକ୍ରମକୁ ନଗରପାଳ ମାଣିକ ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ପେନସନ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା ଓ ପି.ଏମ୍. ସୁରକ୍ଷା ବୀମା ଆଦି ଏହି ଆପ୍ ମାଧ୍ୟମରେ ଆବେଦନ କରାଯାଇପାରିବା ପାଇଁ କର୍ମଚାରୀମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି।

ପାରମ୍ଭିକ ଭାବେ ଏହି ସହାୟତା କାର୍ଯ୍ୟକ୍ରମ ଜିଲା ସ୍ତରରେ ସୋମବାର ବାଙ୍କୀ ଏନ.ଏ.ସିରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ନଗରପାଳ ମାଣିକ ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରଥମେ ଅଞ୍ଚଳର ୧୧ନମ୍ବର ୱାର୍ଡ ଭୋଇ ସାହି ଯାଇ ସେଠାରେ ଜନସାଧାରଣଙ୍କ ଠାରୁ ଆବେଦନ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପନଗରପାଳ ସନ୍ତୋଷ କୁମାର ରଣା, କାଉନସିଲର ସନାତନ ବେହେରା, ରାଜେନ୍ଦ୍ର ବେହେରା, ସହରାଞ୍ଚଳ ଉନ୍ନୟନ ସଂସ୍ଥାର ଲିଡର ଅକ୍ଷୟ କୁମାର ମିଶ୍ର, ମୂଲ୍ୟାଙ୍କନ ବିଶେଷଜ୍ଞ ନିହାର ରଞ୍ଜନ ନାୟକ, ଟାଉନ ପ୍ଲାନିଂ ପରାମର୍ଶଦାତା ପୁନ୍ନି ପଟ୍ଟନୟକ, ଗୋଷ୍ଠି ସଂଗଠିକା ମଧୁସ୍ମିତା ଦାସ, ସୁଶାନ୍ତ କୁମାର ବେହେରା, ରଶ୍ମିତା ରାଉତ, ସାନ୍ତନୁ ବେହେରା , ସୁନୀଲ ସେଠୀ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନଗରବାସୀଙ୍କ ସହଯୋଗ ଓ ସୁବିଧା ନେବା ପାଇଁ ନଗରପାଳ ନିବେଦନ କରିଛନ୍ତି ।

# ଶୃଙ୍ଖଳିତ ରଥଯାତ୍ରା ପରିଚାଳନା ଉପରେ ଗୁରୁତ୍ୱ

■ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଲାଗିବ ସିସିଟିଭି

■ଅତି ବିଶିଷ୍ଟ ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ହେଲିପ୍ୟାଡ୍

କଟକ,୨।୬(କାର୍ତ୍ତିକ ସାହୁ)



ବୈଠକରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ସହ ଅନ୍ୟ ଅଧିକାରୀମାନେ।

ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଚଳିତ ଜୁନ ୨୭ରେ ଅନୁଷ୍ଠିତ ହେବ। ପୋଲିସ ପ୍ରଶାସନ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ବୈଠକରେ ଅଧ୍ୟକ୍ଷତା କରି ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସକ୍ରିୟ ତଥା ସଜାଗ ରହିବାକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଶୃଙ୍ଖଳିତ ରଥଯାତ୍ରା ପରିଚାଳନା ପାଇଁ ଗୁରୁତ୍ୱ ଦିଆଯାଇଛି।

ଦେଶ ବିଦେଶରୁ ବହୁସଂଖ୍ୟକ ଭକ୍ତଙ୍କ ପୁରୀରେ ସମାଗମ ହେବାକୁ ଦୃଷ୍ଟିରେ ରଖି ସୁରକ୍ଷା ବନ୍ଦୋବସ୍ତ ବ୍ୟାପକ କରିବା ସହ ବରିଷ୍ଠ ପୋଲିସ ଅଧିକାରୀମାନେ ସ୍ୱତନ୍ତ୍ର କାର୍ଯ୍ୟ ପାଇଁ ନିୟୋଜିତ ହେବେ। ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସିସିଟିଭି ସ୍ଥାପନ, ଟ୍ରାଫିକ ସୁପରିଚାଳନା ନିମନ୍ତେ ରୋଡ୍ ଡିଭାଇଡର, ଟ୍ରାଫିକ୍ ଜୋନ, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା, ଶୃଙ୍ଖଳିତ ଟ୍ରାଫିକ ପରିଚାଳନା ଆଦି ଉପରେ ଗୁରୁତ୍ୱାରୋପ କରାଯାଇଛି। ରେଲୱେ ପୋଲିସ ପକ୍ଷରୁ ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା, ଜଟଣୀ ଆଦି ରେଳ ଷ୍ଟେଶନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ଆର୍‌ପିଏଫ୍ ସହ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି। ଦଳାଚକଟା ଭଳି ପରିସ୍ଥିତିକୁ ଏଡ଼ାଇବା ନିମନ୍ତେ ସଜାଗ ତଥା ସ୍ୱତନ୍ତ୍ର ବ୍ୟବସ୍ଥା, ଅତି ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ପାଇଁ ସ୍ୱତନ୍ତ୍ର ହେଲିପ୍ୟାଡ୍, ପୋଲିସ ଫୋର୍ସଙ୍କ ରହଣି ନିମନ୍ତେ ସ୍ୱତନ୍ତ୍ର ସୁବିଧା, ଶୃଙ୍ଖଳିତ ରଥଟଣା, ବ୍ୟାରିକେଡ୍ ବ୍ୟବସ୍ଥା, ଜିଲା ପ୍ରଶାସନ ସହ ମିଶି ବିଭିନ୍ନ ଅସୁବିଧାର ଆଶୁ ସମାଧାନ ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ସୁବିଧା ଆଦି ସମ୍ପର୍କରେ ଡିଜିପି ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସେହିପରି ଆପାତକାଳୀନ ପରିସ୍ଥିତିର ମୁକାବିଲାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

ବୈଠକରେ ଆଭାସି ମାଧ୍ୟମରେ ନିର୍ଦ୍ଦେଶକ (ଗୋଇନ୍ଦା) ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳ ଏବଂ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କମ୍ୟୁନିକେଶନ) ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍ଏପି) ରାଜେଶ କୁମାର, ଆଇଜି (କେନ୍ଦ୍ରାଞ୍ଚଳ) ଏସ. ପ୍ରବୀଣ କୁମାର, ଆଇଜି (ଅପରେଶନ) ଡ. ଦୀପକ କୁମାର, ଆଇଜି (ବିପିଏସ୍‌ପିଏ) ଅନୁପ ସାହୁ, ଆଇଜି (କ୍ରାଇମବ୍ରାଞ୍ଚ) ଡ. ସାର୍ଥକ ଷଡଙ୍ଗୀ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜି (ଏସ୍ଆଇଡବ୍ଲୁ) ଡ. କନୱର ବିଶାଳ ସିଂ, ଡିଆଇଜି (ଏସଟିଏଫ) ପିନାକ ମିଶ୍ର, ଏସ୍‌ପି (ରେଲୱେ) ବିବେକାନନ୍ଦ ଶର୍ମା, ଏସ୍‌ପି (ପୁରୀ) ବିନୀତ ଅଗ୍ରୱାଲଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।




ସଡ଼କ ସୁରକ୍ଷା ସଚେତନତା ନେଇ ପୁରୀ ବେଳାଭୂମିରେ ସୋମବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ସିଙ୍ଗାପୁରରେ ନିଯୁକ୍ତି ଆଳରେ କୋଟିଏରୁ ଊର୍ଦ୍ଧ୍ୱ ଠକେଇ

## ଦୁଇ ଗିରଫ, ଦୁଇ ମୁଖ୍ୟ ଅଭିଯୁକ୍ତ ଫେରାର

ଭୁବନେଶ୍ୱର,୨।୬(ସତ୍ୟଜିତ୍ ରାଉତ)



ଗିରଫ ନିର୍ମଳ ଓ କମଳଲୋଚନ।

ସିଙ୍ଗାପୁରରେ ନିଯୁକ୍ତି ଦେବା ଆଳରେ ବହୁ ଆଶାୟୀଙ୍କୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେମାନେ ହେଲେ ଯାଜପୁର ଟାଉନର ନିର୍ମଳ ଚନ୍ଦ୍ର ସାହୁ (୨୮) ଓ ବ୍ରହ୍ମପୁରର କମଳଲୋଚନ ଦାସ (୩୬)। କୋର୍ଟ ଚାଲାଣ କରାଯିବାପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ସଞ୍ଜୟ କୁମାର ଓ ଅଜୟ କୁମାରଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ସଞ୍ଜୟ ଓ ଅଜୟ ଜୟଦେବ ବିହାରରେ (Vtrecruti) ନାମରେ ଏକ ଇମିଗ୍ରେଶନ୍ ପରାମର୍ଶଦାତା ସଂସ୍ଥା କରିଥିଲେ। ବେରୋଜଗାର ଯୁବତୀଯୁବକଙ୍କ ପାଇଁ ସିଙ୍ଗାପୁରରେ ନିଯୁକ୍ତି ସୁଯୋଗ ଯୋଗାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସଞ୍ଜୟ ଓ ଅଜୟ ବିଦେଶରେ ନିଯୁକ୍ତିର ମିଛ ପ୍ରତିଶ୍ରୁତି ଦେଇ ବହୁ ଆଶାୟୀ ପ୍ରାର୍ଥୀଙ୍କ ନିକଟରୁ ବିପୁଳ ପରିମାଣର ଟଙ୍କା ସଂଗ୍ରହ କରି ନେଇଥିଲେ। ସିଙ୍ଗାପୁରରେ ସିକ୍ୟୁରିଟି ଗାର୍ଡ, ରୋଷେୟା, ସଫେଇ କର୍ମଚାରୀ ଆଦି ଚାକିରିରେ ଭଲ ଦରମା ମିଳିବ ବୋଲି ଲୋଭ ଦେଖାଇଥିଲେ। ସେମାନେ ଆଶାୟୀଙ୍କୁ ନିର୍ମଳଙ୍କ ଆକାଉଣ୍ଟରେ ଟଙ୍କା ଜମା କରିବାକୁ କହୁଥିଲେ। ଏହାପରେ ନିର୍ମଳ ଉକ୍ତ ଟଙ୍କାକୁ କମଳଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଦେଉଥିଲେ। ଆଶାୟୀମାନେ ନିର୍ମଳ ଓ କମଳଙ୍କୁ ଚିହ୍ନୁ ନ ଥିଲେ। ସଞ୍ଜୟ ଓ ଅଜୟ ପରେ ଉକ୍ତ ଟଙ୍କାକୁ ନେଇ ଯାଉଥିଲେ। ଯୋଜନାବଦ୍ଧ ଭାବେ ଅଭିଯୁକ୍ତଦ୍ୱୟ ଏଭଳି କରିଥିଲେ। ସଞ୍ଜୟ ଓ ଅଜୟ ଆଶାୟୀଙ୍କୁ ପ୍ରାୟ ୨୦ ହଜାର ଟଙ୍କା ମୂଲ୍ୟର ବିମାନ ଟିକେଟ ଦେଇଥିବାବେଳେ ସିଙ୍ଗାପୁର ଯାତ୍ରା ପାଇଁ କୌଣସି ବୈଧ ଭିସା ପ୍ରଦାନ କରି ନ ଥିଲେ। ଫଳରେ ପ୍ରାର୍ଥୀମାନେ ସିଙ୍ଗାପୁର ଯାଇପାରି ନ ଥିଲେ। ସେମାନେ କନ୍ସଲଟାନ୍ସି ଅଫିସ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ହେଲେ ତାହା ସ୍ଥାୟୀ ଭାବରେ ବନ୍ଦକରି ଦିଆଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ଅମୂଲ୍ୟ ସ୍ୱାଇଁଙ୍କ ରିପୋର୍ଟ ଆଧାରରେ ପୋଲିସ ଏପ୍ରିଲ ୫ରେ ମାମଲା (ନଂ.୨୧୮/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ୩୫ଜଣ ଆଶୀୟ ଲକ୍ଷେ ଟଙ୍କା ଲେଖାଏ ୩୫ ଲକ୍ଷ ଠକେଇର ଶିକାର ହୋଇଥିବା ପୋଲିସ ଜାଣିବାକୁ ପାଇଛି। ଅଭିଯୁକ୍ତମାନେ ରାଜ୍ୟ ବାହାରର ଲୋକଙ୍କୁ ମଧ୍ୟ ଏଭଳି ଚୂନ ଲଗାଇଥିବା ଅଭିଯୋଗ ହୋଇଥିବାବେଳେ ମୋଟ ଠକେଇର ପରିମାଣ କୋଟିଏରୁ ଊର୍ଦ୍ଧ୍ୱ ହେବ ବୋଲି ଥାନାଧିକାରୀ ସୁଚିତ୍ର ଦାସ କହିଛନ୍ତି।

# ଏସ୍‌ସିବିରେ ଯୁବକଙ୍କୁ ପୋଲିସ୍‌ର ମାଡ଼: ଓଏଚ୍‌ଆର୍‌ସିରେ ମାମଲା

କଟକ,୨।୬(କାର୍ତ୍ତିକ ସାହୁ)

ଏସ୍‌ସିବି ମେଡିକାଲ ଟିକେଟ କାଉଣ୍ଟର ନିକଟରେ ଧାଡ଼ିରେ ଛିଡ଼ା ହୋଇଥିବା ଜଣେ ଯୁବକଙ୍କ ଶାର୍ଟ ଚିରି ମାଡ଼ ମାରିବା ଏବଂ ଦୁର୍ବ୍ୟବହାର କରିବା ଘଟଣା ନେଇ ଓଡ଼ିଶା ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି)ରେ ଏକ ମାମଲା ରୁଜୁ ହୋଇଛି। ସଂପୃକ୍ତ ପୋଲିସ୍ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ପୀଡ଼ିତ ଯୁବକଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି। ଆବେଦନକାରୀ ଆଇନଜୀବୀ ଶିବ ଶଙ୍କର ମହାନ୍ତିଙ୍କ ପକ୍ଷରୁ ଏହି ମାମଲା ଓଏଚ୍‌ଆର୍‌ସିରେ ରୁଜୁ କରାଯାଇଛି।

ମାମଲାର ବିବରଣୀ ଅନୁସାରେ, ଆଶୁତୋଷ ସ୍ୱାଇଁ ନାମକ ଯୁବକ ଚିକିତ୍ସା ପାଇଁ ଜୁନ୍ ୧ରେ ଏସ୍‌ସିବି ମେଡିକାଲର ଇଏନ୍‌ଟି ଓପିଡି ଟିକେଟ କାଉଣ୍ଟରରେ ଟିକେଟ କାଟିବାକୁ ଧାଡ଼ିରେ ଛିଡ଼ା ହୋଇଥିଲେ। ସେଠାରେ ଉପସ୍ଥିତ ଥିବା ଜଣେ ପୋଲିସ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ସମ୍ପୃକ୍ତ ପୋଲିସ କର୍ମଚାରୀ ଆଶୁତୋଷଙ୍କୁ ବାଡ଼ିଆପିଟା କରିବା ସହ ତାଙ୍କ ଶାର୍ଟ ଚିରିଦେଇଥିଲେ। ପୋଲିସ କର୍ମଚାରୀ ଜଣକ ମଧ୍ୟ ଆଶୁତୋଷଙ୍କ କାଗଜପତ୍ର ଚିରିଦେବା ସହ ତାଙ୍କୁ ଘଟଣାସ୍ଥଳରୁ ଉଠାଇ ନେଇ ବେଆଇନ ଭାବେ ଥାନାରେ ଅଟକ ରଖିଥିଲେ। ସ୍ପଷ୍ଟ ଦିବାଲୋକରେ ପୋଲିସର ଏପରି ଦୁର୍ବ୍ୟବହାର ଘଟଣା ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ ହେବା ସହ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ପୋଲିସର ଏପରି ଘୃଣ୍ୟ କାର୍ଯ୍ୟ ଯୋଗୁ ସମ୍ପୃକ୍ତ ଯୁବକଙ୍କ ମୌଳିକ ଅଧିକାର ଏବଂ ମାନବିକ ଅଧିକାର ଉଲ୍ଲଂଘନ ହୋଇଥିବା ଦର୍ଶାଇ ଆବେଦନକାରୀ ମହାନ୍ତି ରାଜ୍ୟ ମାନବାଧିକାର ଆୟୁକ୍ତ ଘଟଣାର ତଦନ୍ତ କରିବା ନିମନ୍ତେ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି। ସେହିପରି ଏହି ଘଟଣାରେ ନିଜ କ୍ଷମତାର ଅପବ୍ୟବହାର କରିଥିବା ସମ୍ପୃକ୍ତ ପୋଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କମିଶନଙ୍କ ନିକଟରେ ପ୍ରାର୍ଥନା କରାଯାଇଛି। ଏଥିସହ ପୀଡ଼ିତଙ୍କ ମାନବାଧିକାର ଉଲ୍ଲଂଘନ ହୋଇଥିବାରୁ ତାଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀ ରାଜ୍ୟ ସରକାରଙ୍କ ଗୃହ ବିଭାଗ ସଚିବ, ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ଓ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ୍‌ର ଅଧୀକ୍ଷକ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରିଛନ୍ତି।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ

ସାକ୍ଷୀଗୋପାଳ,୨।୬(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ସାଣ୍ଡରା ସରପଞ୍ଚଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ସୋମବାର ଭୋଟ ଗ୍ରହଣ ହୋଇଯାଇଛି। ସ୍ଥାନୀୟ ପ୍ରଶାସନର ସୁରକ୍ଷା ବଳୟ ମଧ୍ୟରେ ଅନୁଷ୍ଠିତ ଏହି ଭୋଟ ଗ୍ରହଣ କେନ୍ଦ୍ରରେ ପଞ୍ଚାୟତର ୧୧ ଜଣ ୱାର୍ଡ ସଭ୍ୟଙ୍କ ମଧ୍ୟରୁ ୯ ଜଣ ୱାର୍ଡ ସଭ୍ୟ ନିଜ ମତାମତ ସାବ୍ୟସ୍ତ କରିଥିଲେ। ଭୋଟ ଗ୍ରହଣରେ ୨ ଜଣ ୱାର୍ଡ ସଭ୍ୟଙ୍କ ସହ ସରପଞ୍ଚ ଅନୁପସ୍ଥିତ ରହିଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ଅନୁସାରେ ବାଲଟ ପେପରଗୁଡ଼ିକ ସିଲ୍ କରାଯାଇ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜମା କରାଯାଇଛି। ଉଚ୍ଚ ନ୍ୟାୟାଳୟର ପରବର୍ତ୍ତୀ ନିର୍ଦ୍ଦେଶନାମା ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ନିର୍ବାଚନ ଅଧିକାରୀ ଓ ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ। ବିଡିଓ ଦେବାଶିଷ ନାୟକ ଭୋଟ ଗ୍ରହଣ ସମୟରେ ଉପସ୍ଥିତ ଥିଲେ। ଶୃଙ୍ଖଳା ରକ୍ଷା ନିମନ୍ତେ ସତ୍ୟବାଦୀ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଫୁଲ ଦୋକାନୀ ହେଲେ କୋଟିପତି

## ବିନୋଦଙ୍କ ଭାଗ୍ୟ ବଦଳାଇଲା ଆଇପିଏଲ ଗେମ୍

କଟକ,୨।୬(ଶିଳ୍ପା ପ୍ରିୟଦର୍ଶିନୀ)



ପରିବାରବର୍ଗଙ୍କ ସହ ବିନୋଦ ଦାସ।

କଟକ ନୂଆପଡ଼ା ଅଞ୍ଚଳର ବିନୋଦ ଦାସ ଚଳିତ ଆଇପିଏଲ-୨୦୨୫ ସଂସ୍କରଣର ଅନଲାଇନ ଫାଣ୍ଟାସି କ୍ରିକେଟରେ ବାଜିମାତ୍ କରିଛନ୍ତି। ବିନୋଦ ମଧ୍ୟବିତ୍ତ ପରିବାରରୁ ଆସିଥିବା ବେଳେ ଫୁଲ ଦୋକାନ କରି ଗୁଜରାଣ ମେଣ୍ଟାଉଛନ୍ତି। କଟକ ସହରରୁ ପ୍ରଥମକରି ବିନୋଦ ମାଇଁ ୧୧-ସର୍କଲ ବିଜୟୀ ହୋଇଛନ୍ତି। ରବିବାର ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ ଏବଂ ପଞ୍ଜାବ କିଙ୍ଗ୍ସ ଭଳି ଏକ ରୋମାଞ୍ଚକର ମ୍ୟାଚ୍‌ରେ କଟକର ବିନୋଦ ‘ମାଇଁ ୧୧-ସର୍କଲ’ରେ ଟିମ୍ ଗଢ଼ିଥିଲେ। ବିନୋଦଙ୍କ କହିବା ମୁତାବକ, ଚଳିତ ଆଇପିଏଲ୍ ସଂସ୍କରଣରେ ସେ ୧୧-ସର୍କଲ ଗେମ୍ ସମ୍ପର୍କରେ ତାଙ୍କର ଜଣେ ବନ୍ଧୁଙ୍କ ନିକଟରୁ ଜାଣିବାକୁ ପାଇଥିଲେ। ସେ ଟିମ୍ ଗଠନ କରିବା ମଧ୍ୟ ଜାଣି ନ ଥିଲେ। କିଭଳି ଟିମ୍ ଗଢ଼ିବେ ଏବଂ କିଭଳି ଏହି ଅନଲାଇନ ଗେମ୍ ଖେଳିବେ ତାହା ସେ ସାଙ୍ଗ ନିକଟରୁ ଜାଣିବାକୁ ପାଇଥିଲେ। ଏହାପରେ ସେ ଦିନକୁ ବା ଗୋଟିଏ ମ୍ୟାଚ୍ ବାବଦରେ ୩୦ରୁ ୪୦ଟି ଟିମ୍ ଗଠନ କରୁଥିଲେ। ପ୍ରାୟଃ ଦୈନିକ ୧୫୬୦ଟଙ୍କା ଖର୍ଚ୍ଚ କରୁଥିଲେ। ରବିବାର ମ୍ୟାଚ୍‌ରେ ସେ ୨୦ଟି ଟିମ ଗଠନ କରି ୪୯ ଟଙ୍କା ହିସାବରେ ୯୮୦ଟଙ୍କା ଖର୍ଚ୍ଚ କରିଥିଲେ ଏବଂ ୪ର୍ଥ ନମ୍ବର ଟିମ୍‌ରେ ତାଙ୍କର ସଫଳ ହୋଇଥିଲା। ଏହାପରେ ସେ ଓ ତାଙ୍କ ପରିବାର ରାତିସାରା ଉଜାଗର ରହି ସେଲିବ୍ରେଶନ କରିଥିଲେ। ବିନୋଦ କହିଛନ୍ତି ଯେ, ଏହା ମାଇଣ୍ଡ ଗେମ୍ ନ ଥିଲା, ଏହାଥିଲା ଭାଗ୍ୟ। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ମୁଁ ୩ କୋଟି ଟଙ୍କା ଜିତିବା ସହିତ ଏକ ମହିନ୍ଦ୍ରା ଥାର୍ ଗାଡି ପାଇବାରେ ଯୋଗ୍ୟ ହୋଇଛି। ଯଦିଓ ଟିକସ ବାବଦରେ ୯୦ ଲକ୍ଷ ଟଙ୍କା ମିଳିବ ନାହିଁ ଏବଂ ଜମା ଖାତାକୁ ୨ କୋଟି ୧୦ଲକ୍ଷ ଟଙ୍କା ପ୍ରାପ୍ତ ହେବ। ଏହି ଖବର ପ୍ରଚାରିତ ହେବା ପରେ ଅନଲାଇନ୍‌ରେ ଏହି ଗେମ ଖେଳୁଥିବା ସଂଖ୍ୟାଧିକ ଆଶାୟୀ ମୋ ଘରକୁ ଆସି ପରାମର୍ଶ ନେଉଛନ୍ତି। ଆଇପିଏଲ-୨୦୨୫ ସଂସ୍କରଣ ଫାଇନାଲ ମ୍ୟାଚ ବାକି ରହିଛି। ଏହି ଦିନ କିଏ କେମିତି ଟିମ ଗଠନ କରିବ, ସେ ସମ୍ପର୍କରେ ଅନ୍ୟଙ୍କୁ ପରାମର୍ଶ ଦେଉଛି ବୋଲି ସେ କହିଛନ୍ତି।

# ବାଥ୍‌ରୁମ୍‌ରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ମଞ୍ଚେଶ୍ୱର ଥାନାରେ ସ୍ୱାମୀ ଅଟକ

## ପରିବାର ଲୋକଙ୍କ ହତ୍ୟା ଅଭିଯୋଗ

ଭୁବନେଶ୍ୱର,୨।୬(ସତ୍ୟଜିତ୍ ରାଉତ)



ସ୍ୱାମୀ ଗୁପ୍ତେଶ୍ୱରଙ୍କ ସହ ମୃତା ନନ୍ଦିତା।

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣିରେ ଜଣେ ମହିଳାଙ୍କ ସୋମବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ନନ୍ଦିତା ବେହେରା(୨୮)। ନନ୍ଦିତାଙ୍କୁ ଶାରୀରିକ ନିର୍ଯାତନା ଦିଆଯାଇ ହତ୍ୟା କରାଯାଇଥିବା ପରିବାର ଲୋକ ସନ୍ଦେହ କରି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଗୁପ୍ତେଶ୍ୱର ବେହେରାଙ୍କୁ ଅଟକ ରଖି ପଚରାଉଚରା କରୁଛି।

ମିଳିଥିବା ସୂଚନା ଅନୁଯାୟୀ, କଟକ ଜିଲା ଗୋବିନ୍ଦପୁରର ରମେଶ ବେହେରା ଓ ଗୋଲାପ ବେହେରାଙ୍କ ଝିଅ ନନ୍ଦିତା ୨୦୧୮ରେ ଗୁପ୍ତେଶ୍ୱରଙ୍କୁ ବିବାହ କରିଥିଲେ। ଦମ୍ପତିଙ୍କ ୫ବର୍ଷର ପୁଅ ଥିବା ବେଳେ କିଛିମାସ ହେବ ଉଭୟଙ୍କ ମଧ୍ୟରେ ସମ୍ପର୍କ ଭଲ ରହୁ ନ ଥିଲା। ଏଥିପାଇଁ ନନ୍ଦିତା ମାନସିକ ଚାପରେ ଥିଲେ। ରବିବାର ରାତିରେ ଝଗଡ଼ା ହେବା ପରେ ଗୁପ୍ତେଶ୍ୱର ନନ୍ଦିତାଙ୍କୁ ମାରପିଟ୍ କରିଥିଲେ ବୋଲି ସୂଚନା ମିଳିଛି। ଗୁପ୍ତେଶ୍ୱର ପୋଲିସକୁ ଦେଇଥିବା ସୂଚନା ଅନୁଯାୟୀ, ସୋମବାର ସେ ସକାଳେ ଉଠିବା ପରେ ବାଥ୍‌ରୁମ୍ ରେଲିଂରେ ନନ୍ଦିତା ଲୁଗା ଦ୍ୱାରା ଝୁଲୁଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକମାନେ ନନ୍ଦିତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପଟେ ଗୁପ୍ତେଶ୍ୱର ଶ୍ୱଶୁର ଘର ଲୋକଙ୍କୁ କଲ୍ କରି ନନ୍ଦିତାଙ୍କ ମୃତ୍ୟୁ ଖବର ଜଣାଇଥିଲେ। ତେବେ ନନ୍ଦିତାଙ୍କ ମୃତ୍ୟୁକୁ ବାପ ଘର ଲୋକ ସହଜରେ ଗ୍ରହଣ କରିପାରିନାହାନ୍ତି। ଏନେଇ ମା’ ଗୋଲାପ କହିଛନ୍ତି, ଜ୍ୱାଇଁ ଗୁପ୍ତେଶ୍ୱର ଉମକୋଟରେ ଅନ୍ୟ ଜଣେ ଯୁବତୀଙ୍କୁ ପ୍ରେମ କରୁଛନ୍ତି। ୧୫ଦିନ ତଳେ ଗୁପ୍ତେଶ୍ୱରଙ୍କ ମୋବାଇଲକୁ କଲ୍ ଆସିଥିବା ବେଳେ ନନ୍ଦିତା ରିସିଭ୍ କରିଥିଲା। ଏଥିପାଇଁ ଗୁପ୍ତେଶ୍ୱର ତାଙ୍କ ଝିଅକୁ ମାଡ଼ ମାରିଥିଲେ। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ପରେ ନନ୍ଦିତାଙ୍କ ମୃତଦେହକୁ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସ୍ମିତିରଞ୍ଜନ



@ ରଶ୍ମିତା



@ ସୁରଜ



@ ନୁର୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାପାଙ୍କ ସହ ମିଶି ସ୍ୱାମୀଙ୍କୁ ଛୁରି ଭୁସି ହତ୍ୟା କଲେ ସ୍ତ୍ରୀ

**ବଢ଼ିବାରେ ଲାଗିଛି ପାରିବାରିକ ହିଂସା। କୌଣସି ଘଟଣାକୁ ସହ୍ୟ କରିବାର ମାନସିକତା ଲୋକଙ୍କ ମଧ୍ୟରେ ଆଉ ଦେଖିବାକୁ ମିଳୁନାହିଁ। ଯାହାଫଳରେ ନିଜର ସମ୍ପର୍କୀୟଙ୍କୁ ମଧ୍ୟ ହତ୍ୟା କରିବାକୁ ପଛାଉ ନାହାନ୍ତି। ଗତ ୩ ଦିନ ତଳେ ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜର ଫରେଷ୍ଟର ଶିଶିର କୁମାର ସାହୁଙ୍କୁ ସ୍ତ୍ରୀ ଏବଂ ପୁଅ ପେଟ୍ରୋଲ୍ ଢାଳି ଜିଅନ୍ତା ଜାଳି ଦେଇଥିଲେ। ସୋମବାର ଆଉ ଏକ ଘଟଣା ସାମ୍ନାକୁ ଆସିଛି। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ରବିବାର ରାତିରେ ଜଣେ ଯୁବକଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ସ୍ତ୍ରୀ ଓ ଶ୍ୱଶୁର(ବାପଝିଅ) ମିଶି ତାଙ୍କୁ ଏପରି ହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ କାଳିଆ ସେଠୀ। ପୋଲିସ ମୃତଦେହ ଜବତ କରିଛି। ପରକୀୟା ପ୍ରୀତିକୁ ବିରୋଧ କରିବାରୁ ସ୍ୱାମୀଙ୍କୁ ହତ୍ୟା କରିବାକୁ ସ୍ତ୍ରୀ ପଛାଇଲେ ନାହିଁ ବୋଲି ଅଭିଯୋଗ ହୋଇଛି।**

## ପରକୀୟା ପ୍ରୀତିକୁ ବିରୋଧ କରିବାରୁ ହତ୍ୟାକାଣ୍ଡ


ପୋଲିସ ତଦନ୍ତ କରୁଥିବା ବେଳେ ଅଭିମନ୍ୟୁ ଏତଲାପତ୍ର ଦେଉଛନ୍ତି।

କବିସୂର୍ଯ୍ୟନଗର, ୨।୬(କୃପାସିନ୍ଧୁ ସ୍ୱାଇଁ)

ଗୋବିନ୍ଦପୁର ଗ୍ରାମର କାଳିଆ ସେଠୀ ଗତ ୧୩ ବର୍ଷ ତଳେ ପୋଲସରା ଥାନା ଡିମ୍ବିରିଆ ଗ୍ରାମର ମୋଚିରାମ ସେଠୀଙ୍କ ଝିଅ ପୂଜା ସେଠୀଙ୍କୁ ଭଲ ପାଇ ବିବାହ କରିଥିଲେ । କିଛି ଦିନ ଭଲରେ ଚଳିବା ପରେ ଉଭୟଙ୍କ ମଧ୍ୟରେ ଅଶାନ୍ତି ଆରମ୍ଭ ହୋଇଥିଲା। ସ୍ୱାମୀ କାମ କରିବାକୁ ଯିବା ପରେ ପୂଜା ଅନ୍ୟ କାହା ସହ ଫୋନରେ ଦୀର୍ଘ ସମୟ ଧରି କଥା ହେଉଥିବା ଜାଣି କାଳିଆ ବାରଣ କରିଥିଲେ। ଏହାକୁ ନେଇ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ହୋଇଥିଲା। ଏପରି କି ଦୁଇଥର ବାଲିଛାଇ ଫାଣ୍ଡିରେ ଘଟଣା ପହଞ୍ଚି ସମାଧାନ ମଧ୍ୟ ହୋଇଥିଲା। ତଥାପି କଥା ସେତିକିରେ ସରି ନ ଥିଲା। ସ୍ୱାମୀଙ୍କୁ ଜୀବନରୁ ମାରିଦେବାକୁ ଚିନ୍ତା କରିଥିଲେ ସ୍ତ୍ରୀ ଏବଂ ଶ୍ୱଶୁର। ଶେଷରେ କାଳିଆଙ୍କ ସ୍ତ୍ରୀ ପୂଜା ଓ ଶ୍ୱଶୁର ମୋଚିରାମ ପୁଅକୁ ହତ୍ୟା କରିଥିବା ବାପା ଅଭିମନ୍ୟୁ ସେଠୀ କହିଛନ୍ତି।

ଅଭିମନ୍ୟୁଙ୍କ ଅଭିଯୋଗ ଅନୁସାରେ, ଗତ ଫେବୃଆରୀ ମାସରେ ପୂଜା ବାପଘରକୁ ଯାଇ ଆଉ ଶାଶୁଘରକୁ ଫେରି ନ ଥିଲେ। ସେ ବାରମ୍ବାର ଫୋନରେ କାଳିଆଙ୍କୁ ଧମକଚମକ ଦେଉଥିଲେ। ଗତ ରବିବାର ରାତିରେ କାଳିଆ ଘରେ ଶୋଇଥିଲେ। ଘରର କବାଟ ଆଉଜା ହୋଇଥିଲା। ଏହାର ସୁଯୋଗ ନେଇ ବିଳମ୍ବିତ ରାତିରେ ପୂଜା ଓ ତାଙ୍କ ବାପା ଆସି ଛୁରିରେ କାଳିଆଙ୍କ ଛାତି ଏବଂ ହାତକୁ ଭୁସି ଫେରାର ହୋଇଯାଇଥିଲେ। ଖବର ପାଇ କବିସୂର୍ଯ୍ୟନଗର ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଅଭିମନ୍ୟୁଙ୍କ ଅଭିଯୋଗ ଆଧାରରେ ପୋଲିସ ବିଏନ୍ଏସ୍ ଦଫା ୧୦୩(ହତ୍ୟା) ର ଏକ ମାମଲା(ନଂ. ୩୯୫/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁରୁଷୋତ୍ତମପୁର ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ବାପା ନିଜ ଝିଅର ସିନ୍ଦୂର ପୋଛିଦେବା ପରି ସ୍ୱର୍ଶକାତର ଘଟଣା ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି। ମୃତ କାଳିଆଙ୍କ ୧୦ ବର୍ଷର ଏକ ପୁଅ ରହିଛି।

# ୫୦ ଲକ୍ଷ ଟଙ୍କାର ୨ ହାତୀଦାନ୍ତ ଜବତ, ଜଣେ ଗିରଫ

ବୌଦ୍ଧ,(ଅଜିତ କୁମାର ବାରିକ)/
ଭୁବନେଶ୍ୱର,୨।୬ (ସତ୍ୟଜିତ୍ ରାଉତ)


ଅଭିଯୁକ୍ତ ପ୍ରମୋଦ ପରିଡ଼ା ଧରିଥିବା ହାତୀ ଦାନ୍ତ।

## ବୌଦ୍ଧରେ ଏସ୍‌ଟିଏଫ୍ ଚଢ଼ାଉ

କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ବୌଦ୍ଧରେ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କଠାରୁ ୫୦ଲକ୍ଷ ଟଙ୍କାର ଦୁଇଟି ହାତୀଦାନ୍ତ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲା ଚରଦା ଗ୍ରାମର ପ୍ରମୋଦ ପରିଡ଼ା (୪୫)। ଜବତ ହାତୀଦାନ୍ତ ମଧ୍ୟରେ ଗୋଟିଏ ୪୨ ଇଞ୍ଚ ଓ ଅନ୍ୟଟି ୪୮ ଇଞ୍ଚ ବୋଲି ଜଣାପଡ଼ିଛି। ବୌଦ୍ଧ-ସୋନପୁର ରୋଡ(ଜାତୀୟ ରାଜପଥ-୫୭)ର ତେଲିବନ୍ଧ ଛକ ନିକଟରେ ରବିବାର ସନ୍ଧ୍ୟାରେ ଏସ୍‌ଟିଏଫ୍ ଟିମ୍ ବୌଦ୍ଧ ଫରେଷ୍ଟ ରେଞ୍ଜ ଅଧିକାରୀଙ୍କ ସହ ମିଳିତ ଚଢ଼ାଉରେ ଏହି ସଫଳତା ପାଇଛି। ଅଭିଯୁକ୍ତ ପ୍ରମୋଦଙ୍କୁ ବୌଦ୍ଧ ବନ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ବନ ବିଭାଗ ପକ୍ଷରୁ ଏନେଇ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତ ପ୍ରମୋଦଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ପ୍ରମୋଦ କିଛିଦିନ ହେଲା ହାତୀଦାନ୍ତ ଦୁଇଟିକୁ ବିକ୍ରି କରିବାକୁ ଗ୍ରାହକ ଖୋଜୁଥିଲେ। ଏନେଇ ଏସ୍‌ଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ପ୍ରମୋଦ ହାତୀଦାନ୍ତକୁ ନେଇ ଜାତୀୟ ରାଜପଥ ପାର୍ଶ୍ୱରେ ଯାଉଥିବାବେଳେ ମିଳିତ ଟିମ୍ ଚଢ଼ାଉ କରିଥିଲା। ତେବେ ହାତୀଦାନ୍ତ ଦୁଇଟି କେତେବର୍ଷ ହାତୀର ଓ କେଉଁ ହାତୀର ଦାନ୍ତ ତାହା ଜଣାପଡ଼ିନାହିଁ। ଏପରିକି ବହୁ ପୁରୁଣା ଦାନ୍ତ ବୋଲି ସନ୍ଦେହ କରାଯାଉଛି। ଏନେଇ ଏସ୍‌ଟିଏଫ୍ ଡିଆଇଜି ପିନାକ ମିଶ୍ର କହିଛନ୍ତି, ଜବତ ହାତୀଦାନ୍ତକୁ ଫରେନ୍‌ସିକ୍ ଲ୍ୟାବକୁ ପଠାଯାଇ ତଥ୍ୟ ହାସଲ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଲିଙ୍କ୍‌ରେ ଅନ୍ୟ କାହାର ସମ୍ପୃକ୍ତି ରହିଛି, ସେନେଇ ତଦନ୍ତ ହେବାପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ପଡ଼ୋଶୀଙ୍କୁ ଖଣ୍ଡାରେ ହାଣିଦେଲେ

ବାଙ୍କୀ,୨।୬(ଶୁଭେନ୍ଦୁ ମହାପାତ୍ର)

## ଜମି ଜବରଦଖଲକୁ ନେଇ ମରଣାନ୍ତକ ଆକ୍ରମଣ

କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ବାଆଁରା ପଞ୍ଚାୟତର ରାମଚଣ୍ଡୀ ଗାଁରେ ସରକାରୀ ଜମି ଜବରଦଖଲକୁ ନେଇ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ପଡ଼ୋଶୀଙ୍କ ଖଣ୍ଡା ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଏହି ଗ୍ରାମର ସନ୍ତୋଷ କୁମାର ସାହୁ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ସନ୍ତୋଷଙ୍କ ସାନଭାଇ ବନମାଳୀ ସାହୁ ବାଙ୍କୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଗ୍ରାମର କେଳୁଚରଣ ଲେଙ୍କା।

ବନମାଳୀଙ୍କ ଅଭିଯୋଗ ମୁତାବକ, ସନ୍ତୋଷ ନିଜ ଘର୍‌କୁ ଲାଗି ରହିଥିବା ସରକାରୀ ଜମିକୁ ବ୍ୟବହାର କରିଆସୁଥିଲେ। ପଡ଼ୋଶୀ କେଳୁଚରଣ ସେହି ସରକାରୀ ଜମିରେ ଶନିବାର ମୋରମ ଆଣି ଗଦା କରିଥିଲେ। ଏହାକୁ ସନ୍ତୋଷଙ୍କ ପରିବାର ଲୋକେ ବିରୋଧ କରିଥିଲେ। ଏନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ଓ ବଚସା ହୋଇଥିଲା। ସୋମବାର ସକାଳେ ସନ୍ତୋଷ ଓ ତାଙ୍କ ସାନଭାଇ ଘର ନିକଟରେ ଛିଡ଼ା ହୋଇଥିବାବେଳେ କେଳୁଚରଣ ଏକ ଖଣ୍ଡା ଆଣି ସନ୍ତୋଷଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ବେକରେ ଗୁରୁତର ଆଘାତ ଲାଗିଛି। ନିକଟରେ ଛିଡ଼ା ହୋଇଥିବା ସାନଭାଇ ବନମାଳୀ ଏହାକୁ ବିରୋଧ କରିବାକୁ ତାଙ୍କୁ ମଧ୍ୟ କେଳୁଚରଣ ଆକ୍ରମଣ କରିଥିଲେ। ବନମାଳୀ ଦୌଡ଼ିଯାଇ ଘରେ ଭିତରେ ପଶିଯିବାରୁ ରକ୍ଷା ପାଇଯାଇଥିଲେ। ଏନେଇ ବନମାଳୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୧୯୧/୨୫) ରୁଜୁ କରି ତଦନ୍ତ ଚଳାଇଛି।

# ହତ୍ୟାର ଡେମୋ ଦେଖାଇଲେ ଅଭିଯୁକ୍ତ ବୁଲୁ

ଭୁବନେଶ୍ୱର,୨।୬(ସତ୍ୟଜିତ୍ ରାଉତ)

## ବିଲ୍ଡର ସସ୍ମିତ ବିଶ୍ୱାଳ ହତ୍ୟା ଘଟଣା

ଜମି ବିବାଦକୁ କେନ୍ଦ୍ର କରି ଗତ ମାର୍ଚ୍ଚ ୧୧ରେ ଏୟାରଫିଲ୍ଡ ଥାନା ଅଞ୍ଚଳ ପ୍ରଧାନସାହି ନିକଟ କାଜୁ ଜଙ୍ଗଲରେ ବିଲ୍ଡର ସସ୍ମିତ ବିଶ୍ୱାଳ ଓରଫ ଚିନୁ(୪୭)ଙ୍କୁ ହତ୍ୟା ଘଟଣାରେ ପୋଲିସ ଅଧିକ ଖୋଳତାଡ଼ କରୁଛି। ଏହି ଘଟଣାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପ୍ରଧାନସାହିର ଦେବଦତ୍ତ ପରିଡ଼ା ଓରଫ ବୁଲୁଙ୍କୁ ପୋଲିସ ହତ୍ୟାକାଣ୍ଡସ୍ଥଳକୁ ନେଇ ସୋମବାର କ୍ରାଇମ୍ ସିନ୍ ରିକ୍ରିଏଟ୍ କରିଛି। ବୁଲୁ ହତ୍ୟାକାଣ୍ଡ ପରେ ଫେରାର ହୋଇଯାଇଥିଲେ। ସେ ଗତ ୨୭ ତାରିଖରେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ପୋଲିସ ତାଙ୍କୁ ଦୁଇଦିନିଆ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିବାରେ ଲାଗିଛି। ବୁଲୁଙ୍କୁ ପୋଲିସ ଟିମ୍ କାଜୁଜଙ୍ଗଲକୁ ନେଇଥିଲା। ବୁଲୁ ହାତଠାରି ହତ୍ୟାର ଡେମୋ ଦେଖାଇଥିଲେ। ଏଥିସହ ହତ୍ୟାରେ ବ୍ୟବହୃତ ବାଡ଼ିକୁ ସେ ଯେଉଁଠି ଫିଙ୍ଗିଥିଲେ, ଉକ୍ତ ସ୍ଥାନ ଚିହ୍ନାଇଥିଲେ। ପୋଲିସ ସେଠାରୁ ଉକ୍ତ ବାଡ଼ିକୁ ଜବତ କରିଛି।

ଏୟାରଫିଲ୍ଡ ଥାନାଧିକାରୀ ଶଶିକାନ୍ତ ରାଉତ କହିଛନ୍ତି, କେମିକାଲ୍ ଟେଷ୍ଟ ପାଇଁ ଜବତ ବାଡ଼ିକୁ ଷ୍ଟେଟ୍ ଫରେନ୍‌ସିକ୍ ସାଇନ୍ସ ଲାବରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)କୁ ପଠାଯିବ। ଏହି ମାମଲାରେ ଗତ ମାର୍ଚ୍ଚ ୧୨ରେ ହୋମଗାର୍ଡ ସୁକାନ୍ତ ବେହେରାଙ୍କ ସମେତ ୪ଜଣ ଗିରଫ ହୋଇ ଜେଲରେ ଥିବାବେଳେ ଗିରଫଦାରି ସଂଖ୍ୟା ୫ରେ ପହଞ୍ଚିଛି। ତେବେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପ୍ରଧାନସାହିର ଟୁଲୁ ମହାନ୍ତିଙ୍କ ସମେତ ୮ରୁ ୯ ଜଣ ଅଦ୍ୟାବଧି ଫେରାର ଅଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଜମି ବ୍ୟବସାୟରେ ସସ୍ମିତଙ୍କ ପାର୍ଟନର ଥିଲେ ଟୁଲୁ। କିଛିମାସ ତଳେ ପ୍ରଧାନସାହି ମୌଜାରେ ସସ୍ମିତ ଏକ ବଡ଼ ଜମି କିଣିଥିଲେ। ଉକ୍ତ ଜମିକୁ ଲାଗି ହୋମଗାର୍ଡ ସୁକାନ୍ତଙ୍କ ଏକ ପ୍ଲଟ୍ ଥିବା ବେଳେ ସେଥିରୁ ସସ୍ମିତଙ୍କୁ ରାସ୍ତା ଦେବେ ବୋଲି ଏଗ୍ରିମେଣ୍ଟ ହୋଇଥିଲା। ଏଥିପାଇଁ ସୁକାନ୍ତ ଲକ୍ଷାଧିକ ଟଙ୍କା ଦାବି କରି ନେଇଥିଲେ। ହେଲେ ଟୁଲୁଙ୍କ କଥାରେ ପଡ଼ି ସୁକାନ୍ତ ଆଉ ଧରା ଛୁଆଁ ଦେଇ ନ ଥିଲେ। ସସ୍ମିତ ସେଠାରେ ରାସ୍ତା ସହ ପାଚେରି କରିବା ବେଳେ ସୁକାନ୍ତ ଓ ଟୁଲୁ ବିରୋଧ କରିଥିଲେ। ଘଟଣା ଦିନ ସକାଳେ ସସ୍ମିତ ସ୍କୁଟି ଯୋଗେ ସେଠାକୁ ଯାଇଥିବାବେଳେ ସୁକାନ୍ତ, ଟୁଲୁ, ବୁଲୁ ଓ ଅନ୍ୟମାନେ ତାଙ୍କୁ ପିଟି ହତ୍ୟା କରିଥିଲେ।

## BUSINESS

# ଦୁଇଚକିଆ ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି

**୨୦୨୫-୨୬ ଆର୍ଥିକବର୍ଷରେ ୪ରୁ ୭% ବୃଦ୍ଧି ଆକଳନ**

ନୂଆଦିଲ୍ଲୀ,୨।୬:



କ୍ରମାଗତ ଭାବେ ଘରୋଇ ବଜାରରେ ଦୁଇଚକିଆ ଯାନ ବିକ୍ରିରେ ବୃଦ୍ଧି ପରିଲକ୍ଷିତ କରାଯାଉଛି। ଏପରି କି ୨୦୨୪ ପାର୍ବଣଠାରୁ ଦୁଇ ଚକିଆ ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖିବାକୁ ମିଳିଥିଲା। ବିଶେଷ କରି ଦେଶର ଗ୍ରାମାଞ୍ଚଳରେ ଦୁଇଚକିଆ ଯାନର ବିକ୍ରି ପରିମାଣ ଅଟୋ ଶିଳ୍ପର ମାସିକ ଯାନ ବିକ୍ରି ଫଳାଫଳରୁ ସ୍ପଷ୍ଟ ଜଣାପଡିଛୁ। ଅପରପକ୍ଷରେ ଦୁଇ ଚକିଆ ଯାନ ବ୍ରାଣ୍ଡ ବଜାଜ, ଟିଭିଏସ, ହିରୋ, ହୋଣ୍ଡା, ସୁଜୁକି, ରୟାଲ ଏନ୍‌ଫିଲ୍ଡ, ୟାମାହା ଏବଂ ଅନ୍ୟ ପ୍ରମୁଖ ଦୁଇ ଚକିଆ ଗାଡ଼ିର ଚାହିଦା ଓ ବଜାର ଆବଶ୍ୟକତା ବୃଦ୍ଧି ପାଇଛି। ସେହିଭଳି ଦୁଇ ଚକିଆର ଦର ଓ ଅଫର ସାଙ୍ଗକୁ ଆବଶ୍ୟକ ସୁବିଧା ଓ ସରଞ୍ଜାମ ସହଜରେ ଉପଲବ୍ଧ ହେଉଥିବାରୁ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ଗ୍ରାହକ ଦୁଇ ଚକିଆ ଯାନର ବ୍ୟବହାର ଓ କ୍ରୟକୁ ସର୍ବାଧିକ ପସନ୍ଦ କରୁଛନ୍ତି। ଏପରି କି ଗାଡି ବିକ୍ରି ପରବର୍ତ୍ତୀ ସେବା ଓ ସହଜରେ ଗାଡିର ଆବଶ୍ୟକ ସେବା ଓ ସୁବିଧା ଉପଲବ୍ଧ ହେଉଥିବାରୁ ଗ୍ରାହକ ଦୁଇ ଚକିଆ ଯାନକୁ ବେଶି ପସନ୍ଦ କରୁଥିବାବେଳେ ଉପଭୋକ୍ତ (ଗ୍ରାହକ)ଙ୍କର ଆବଶ୍ୟକତା ମଧ୍ୟ ପୂରଣ ହୋଇପାରୁଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ଦୁଇ ଚକିଆ ଯାନର ଚାହିଦା ବୃଦ୍ଧି ସାଙ୍ଗକୁ ଏହି ଅବଧି ମଧ୍ୟରେ ୪ରୁ ୭% ଗାଡି ବିକ୍ରି ବୃଦ୍ଧିର ଆକଳନ ଶିଳ୍ପ ପକ୍ଷରୁ କରାଯାଉଛି। ଏପରି କି ଆଉ କିଛି ମାସ ପରେ ପାର୍ବଣ ଋତୁ ସାଙ୍ଗକୁ ଅନ୍ୟାନ୍ୟ ମହୋତ୍ସବ ଆସିବ। ଅପରପକ୍ଷରେ ୨୦୨୫-୨୬ରେ ଉପରୋକ୍ତ ବ୍ରାଣ୍ଡର ନୂଆ ମଡେଲ ବଜାର ପ୍ରବେଶ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଶିଳ୍ପ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୨।୬

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୭ (୭୭.୨୬) ପଏଣ୍ଟ ହ୍ରାସ ଘଟି ୮୧,୩୭୪ (୮୧,୩୭୩.୭୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୪ (୩୪.୧୦) ପଏଣ୍ଟ କମି ୨୪,୭୧୭ (୨୪,୭୧୬.୬୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଏଲ୍‌ଆଇସିଏଚ୍‌ଏଫ୍‌ଏଲ୍‌ର ଆଞ୍ଚଳିକ କାର୍ଯ୍ୟାଳୟ ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨।୬

ଏଲଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ (ଏଲଆଇସିଏଚ୍‌ଏଫ୍‌ଏଲ୍)ର ୧୦ମ ଆଞ୍ଚଳିକ କାର୍ଯ୍ୟାଳୟ 'ପୂର୍ବତଟ ଆଞ୍ଚଳିକ କାର୍ଯ୍ୟାଳୟ' ସୋମବାର ଭୁବନେଶ୍ୱରର ରୂପାଲିଛକ ନିକଟସ୍ଥ ଇପିକଲ ବିଲ୍ଡିଂରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏଲ୍‌ଆଇସିଏଚଏଫ୍‌ଏଲ୍ ବୋର୍ଡର ଅଧ୍ୟକ୍ଷ ଏବଂ ଏଲ୍‌ଆଇସିର ଏମ୍‌ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଲ୍‌ଆଇସିଏଚ୍‌ଏଫ୍‌ଏଲ୍ ବୋର୍ଡର ସଦସ୍ୟଙ୍କ ସମେତ ଏଲ୍‌ଆଇସି ଏଚ୍‌ଏଫ୍‌ଏଲର ଏମ୍‌ଡି ତଥା ସିଇଓ ତ୍ରିଭୁବନ ଅଧିକାରୀ ଓ ନୂତନ ଭାବେ ଗଠିତ ପୂର୍ବତଟ ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପରିଚାଳକ ଶଙ୍କର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏଲଆଇସି ଏଚ୍‌ଏଫଏଲର ପୂର୍ବତଟ ଅଞ୍ଚଳରେ ବର୍ତ୍ତମାନ ୧୦ଟି କ୍ଷେତ୍ର କାର୍ଯ୍ୟାଳୟ ଓ ୧ଟି କ୍ଲଷ୍ଟର କାର୍ଯ୍ୟାଳୟ ଏବଂ ୧ଟି ବ୍ୟାକ୍ ଅଫିସ ରହିଛି, ଯାହା ସାରା ଓଡ଼ିଶା ରାଜ୍ୟର ଲୋକଙ୍କ ଦ୍ୱାରଦେଶରେ ଗୃହ ଆବଶ୍ୟକତାକୁ ବୃଦ୍ଧି ଏବଂ ପହଞ୍ଚାଇବା ପାଇଁ ରଣନୀତିକ ଭାବେ ସଂଲଗ୍ନ ହୋଇଛି।

# ଟ୍ରାଇଡେଣ୍ଟର ପ୍ରତିଭା ବିକାଶ ସମ୍ମିଳନୀ

ଭୁବନେଶ୍ୱର,୨।୬

ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜି (ଟିଏଟି) ପକ୍ଷରୁ ଓଡ଼ିଶା ଘରୋଇ ଇଞ୍ଜିନିୟରିଂ କଲେଜ ସଂଘ (ଓପେକା) ସହଯୋଗରେ ପ୍ରତିଭା ବିକାଶ ସମ୍ମିଳନୀ-୨୦୨୫ ଆୟୋଜିତ ହୋଇଯାଇଛି। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହାକୁ ଉଦ୍‌ଘାଟନ କରି ଶିଳ୍ପ ଅଭିବୃଦ୍ଧିରେ ଦକ୍ଷତା ବିକାଶର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଗ୍ରୁପ ସଭାପତି (ଷ୍ଟ୍ରାଟେଜିକ୍ ଏଚ୍‌ଆର୍) ବିଜୟ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱ ମାନବ ସମ୍ବଳ ଦୁନିଆରେ ହେଉଥିବା ପରିବର୍ତ୍ତନ ଏବଂ ସେଥିପାଇଁ ଆବଶ୍ୟକ ତାଲିମ ଓ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ଟିଏଟିର ପ୍ରିନ୍‌ସିପାଲ୍ ପ୍ରଫେସର ଡିଏନ୍ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଡିନ୍ (ସ୍କୁଲ୍ ଅଫ୍ ବିଜ୍‌ନେସ୍) ଡ. ପିକେମହାନ୍ତି ଅଧିବେଶନଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ। ସିଏସ୍‌ଆର୍ ସମ୍ପର୍କିତ ଅଧିବେଶନରେ ଏଚ୍‌ସିଏଲ୍ ଟେକ୍‌ର ପ୍ରଶାନ୍ତ ପନୀରସେଲମ୍, କ୍ୟାମ୍ପସ୍ ନିଯୁକ୍ତି ଅଧିବେଶନରେ 'କମ୍‌ଭାଇଭା'ର ଅନନ୍ୟା ଗୁପ୍ତା ଯୋଗଦେଇଥିଲେ। ସମ୍ମିଳନୀର ସଂଯୋଜକ ମୋହିନୀ ପି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଜେଇଇ-ଆଡ୍‌ଭାନ୍ସଡ୍‌ରେ ଆଲେନର ବାଜିମାତ


ସମ୍ବର୍ଦ୍ଧିତ ଛାତ୍ରଙ୍କ ସମେତ ଆଲେନ ଭୁବନେଶ୍ୱର କେନ୍ଦ୍ରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨।୬ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତବର୍ଷ ମଧ୍ୟ ଆଲେନ (ଆଲେନ କ୍ୟାରିଅର ଇନ୍‌ଷ୍ଟିଚ୍ୟୁଟ ପ୍ରାଇଭେଟ ଲିମିଟେଡ୍)ର ଛାତ୍ରୀଛାତ୍ରମାନେ ଜେଇଇ-ଆଡ୍‌ଭାନ୍ସଡ୍ ୨୦୨୫ର ଫଳାଫଳରେ ବାଜିମାତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆଇଆଇଟି କାନପୁର ପକ୍ଷରୁ ସୋମବାର ଜେଇଇ-ଆଡ୍‌ଭାନ୍ସଡ୍ ୨୦୨୫ର ଫଳାଫଳ ଘୋଷଣା କରାଯାଇଛି। ଏହି ଫଳାଫଳ ଅନୁଯାୟୀ ଆଲେନ ଉଭୟ ସର୍ବଭାରତୀୟସ୍ତର ଓ ଭୁବନେଶ୍ୱର ଓଡ଼ିଶାରେ ଉତ୍କୃଷ୍ଟ ଫଳାଫଳ ପ୍ରଦାନ କରିଛି। ଏହି ପରିପ୍ରେକ୍ଷୀରେ ଆଲେନ ଭୁବନେଶ୍ୱର ସେଣ୍ଟର ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ସେଣ୍ଟର ଏବଂ ଷ୍ଟେଟ ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ନେଇ ଆଲେନ ଭୁବନେଶ୍ୱରର କେନ୍ଦ୍ର ମୁଖ୍ୟ ରଜନୀଶ ଶ୍ରୀବାସ୍ତବ କହିଛନ୍ତି, ଆମେ ଆମର ଶ୍ରେଷ୍ଠ ଫଳାଫଳ ହାସଲ କରି ବେଶ୍ ଉତ୍ସାହିତ ଅଛୁ। ଆଲେନ ଭୁବନେଶ୍ୱର କେନ୍ଦ୍ରର ହଂସ ଦାରୁକା ଜେଇଇ-ଆଡ୍‌ଭାନ୍ସଡ୍ ୨୦୨୫ ଫଳାଫଳରେ ଅଲ୍ ଇଣ୍ଡିଆ ର୍‌ୟାଙ୍କ (ଏଆଇଆର) ୩୯ ହାସଲ କରିଛନ୍ତି। ସେହିପରି ଏହି କେନ୍ଦ୍ରରୁ ନବନୀତ ପ୍ରିୟଦର୍ଶୀ ଏଆଇଆର-୯୭, ସମନ ପୋଦ୍ଦାର ଏଆଇଆର-୭୧୧ ଏବଂ ଶ୍ରେୟସ ସାମନ୍ତରୀ ଏଆଇଆର-୧୦୦୦ ହାସଲ କରିଛନ୍ତି। ସେହିଭଳି ଆଲେନ କ୍ୟାରିଅର ଇନ୍‌ଷ୍ଟିଚ୍ୟୁଟର ସିଇଓ ନୀତିନ କୁକ୍ରେଜା କହିଛନ୍ତି, ଆଲେନ କେବଳ ଅଲ୍ ଇଣ୍ଡିଆ ଟପ୍ପର୍ ସୃଷ୍ଟି କରିନାହିଁ ବରଂ ଟପ୍-୧୦ରେ ମଧ୍ୟ ୪ଟି ସ୍ଥାନ ହାସଲ କରିଛି। ଅପରପକ୍ଷରେ ଆଲେନର କୋଟା ସେଣ୍ଟର ଛାତ୍ର ଲଗାତର ୨ୟ ବର୍ଷ ପାଇଁ ଅଲ୍ ଇଣ୍ଡିଆ ଟପ୍ପର ତାଲିକାରେ ସାମିଲ ହୋଇଛନ୍ତି।

# ଦିନେଶ ଏଲ୍‌ଆଇସିର ନୂଆ ଏମ୍‌ଡି

ମୁମ୍ବାଇ,୨।୬


ଦିନେଶ ପନ୍ତ

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ର ନୂଆ ଏମ୍‌ଡି (ମ୍ୟାନେଜିଂ ଡାଇରେକ୍ଟର) ଭାବେ ଦିନେଶ ପନ୍ତ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୨୦୨୫ ଜୁନ୍ ୧ରେ ଦିନେଶ ପନ୍ତଙ୍କୁ ଏଲ୍‌ଆଇସିର ଏମ୍‌ଡି ପଦବୀକୁ ଉନ୍ନୀତ କରାଯାଇଛି। ୨୦୨୫ ମେ ୧୪ରେ ଭାରତ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ ତାଙ୍କୁ ଏଲ୍‌ଆଇସିର ନୂଆ ଏମ୍‌ଡି ଭାବେ ନିଯୁକ୍ତ କରାଯାଇଥିଲା।

ସେହିଭଳି ଦିନେଶ ପନ୍ତ ଏମ୍‌ଡି ଭୂମିକା ଗ୍ରହଣ କରିବା ପୂର୍ବରୁ ଏଲ୍‌ଆଇସିର ନିଯୁକ୍ତ ଆକଚୁଆରି ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆକଚୁଆରିଆଲ୍) ଥିଲେ। ସେ ଇଣ୍ଡିଆର ଇନଷ୍ଟିଚ୍ୟୁଟ୍ ଅଫ୍ ଆକଚୁଆରିଜ୍ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଫାକଲ୍ଟି ଅଫ୍ ଆକଚୁଆରିଜ୍, ୟୁକେର ଜଣେ ଫେଲୋ ସଦସ୍ୟ । ଏହା ସହିତ ସେ ଇଞ୍ଜିନିୟରିଂ ଏବଂ ଆଇନରେ ଡିଗ୍ରୀ ସହିତ ବ୍ୟବସାୟ ପ୍ରଶାସନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି।

୨୦୧୭ରେ ନିଯୁକ୍ତ ଆକଚୁଆରି ଭାବେ ନିଯୁକ୍ତି ପାଇବା ପୂର୍ବରୁ ପନ୍ତ ଏଲ୍‌ଆଇସିରେ ଅନ୍ତର୍ଜାତୀୟ କାର୍ଯ୍ୟ ପାଇଁ ପ୍ରଡକ୍ଟ ଆକଚୁଆରି ଏବଂ ଆକଚୁଆରି ଭାବେ ପ୍ରାୟ ୫ ବର୍ଷର ଅଭିଜ୍ଞତା ହାସଲ କରିଥିଲେ। ଏହି ସମୟ ମଧ୍ୟରେ ଏକ ଚେୟାରମ୍ୟାନ୍ ଭାବେ ସେ କର୍ପୋରେଶନର ବ୍ୟବସାୟ ଢାଞ୍ଚା ସହିତ ସାମଗ୍ରିକ ଉତ୍ପାଦ ଏବଂ ଆକଚୁଆରିଆଲ୍ ରଣନୀତିର ନେତୃତ୍ୱ ନେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗୁକେଶଙ୍କଠାରୁ ହାରି ଟେବୁଲକୁ ମୁଥମାରିଲେ କାର୍ଲସେନ

ଷ୍ଟାଭାଙ୍ଗର,୨।୬(ପି.ଟି.)

ୱାର୍ଲ୍ଡ ଚାମ୍ପିୟନ ଡି ଗୁକେଶ ନରୱେ ଚେସ୍ ଟୁର୍ନାମେଣ୍ଟର ଷଷ୍ଠ ରାଉଣ୍ଡରେ ୱାର୍ଲ୍ଡ ନଂ-୧ ମାଗ୍ନସ କାର୍ଲସେନଙ୍କୁ ହରାଇଛନ୍ତି। କ୍ଲାସିକ ଫର୍ମାଟରେ କାର୍ଲସେନଙ୍କ ବିପକ୍ଷରେ ଗୁକେଶଙ୍କ ଲାଗି ଏହା ପ୍ରଥମ ବିଜୟ। ପରାଜୟ ପରେ କାର୍ଲସେନ ବିରକ୍ତ ହୋଇ ଟେବୁଲକୁ ମୁଥ ମାରିଥିଲେ। ଏହି ବିଜୟ ଯୋଗୁ ୧୯ ବର୍ଷୀୟ ଗୁକେଶ ୮.୫ ପଏଣ୍ଟ ସହ ପଏଣ୍ଟ ଟେବଲର ତୃତୀୟ ସ୍ଥାନକୁ ଉଠିଛନ୍ତି। ସେ ଏବେ ଶୀର୍ଷରେ ଥିବା କାର୍ଲସେନ ଓ ଆମେରିକୀୟ ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନଙ୍କଠାରୁ ୧ ପଏଣ୍ଟ ପଛରେ ରହିଛନ୍ତି।

ମାଗ୍ନସଙ୍କ ବିପକ୍ଷରେ ଏହା ମୋର କ୍ଲାସିକାଲ ଫର୍ମାଟରେ ପ୍ରଥମ ବିଜୟ। ମୁଁ ଯେଉଁ ଭଳି ବିଜୟ ଚାହୁଁଥିଲି, ଏହା ସେଭଳି ନ ଥିଲା। କିନ୍ତୁ ମୁଁ ଏହି ବିଜୟରେ ଖୁସି। ଆଜି କାର୍ଲସେନଙ୍କ ଲାଗି ଟ୍ରିକି ଗୋଟି ଚାଳନା କରିବାକୁ ଉଦ୍ୟମ କରିଥିଲି। ଏଭଳି ଖେଳିଲେ ମୁଁ ୧୦୦ରୁ ୯୯ ଥର ପରାଜିତ ହେବି। ଏହା ମୋ ପାଇଁ ଆଜି କେବଳ ଏକ ଶୁଭ ଦିନ ଥିଲା ବୋଲି ଗୁକେଶ କହିଛନ୍ତି। ପ୍ରାୟ ସାଢ଼େ ୪ ଘଣ୍ଟା ଧରି ଚାଲିଥିବା ମ୍ୟାଚ୍‌ରେ ପାଞ୍ଚ ଥରର ୱାର୍ଲ୍ଡ ଚାମ୍ପିୟନ କାର୍ଲସେନ ପୂରା ମ୍ୟାଚ୍‌ରେ ଆଗୁଆ ରହିଥିଲେ। ହେଲେ ତାଙ୍କର ଏକ ତ୍ରୁଟି ଗୁକେଶଙ୍କୁ ମ୍ୟାଚର ଭାଗ୍ୟ ବଦଳାଇବାକୁ ସୁଯୋଗ ଦେଇଥିଲା। କାର୍ଲସେନ ନିଜ ଭୁଲ୍ ବୁଝିପାରିଥିଲେ। କିନ୍ତୁ ସେତେବେଳକୁ ବିଳମ୍ବ ହୋଇଯାଇଥିଲା। ଫଳରେ କାର୍ଲସେନ ବିରକ୍ତ ହୋଇ ଟେବଲକୁ ମୁଥ ମାରିଥିଲେ। ତାଙ୍କ ମୁଥ ଯୋଗୁ ବୋର୍ଡର ସବୁ ଗୋଟି ପଡ଼ିଯାଇଥିଲା। ଶେଷରେ ଗୁକେଶଙ୍କ ସହ ହାତ ମିଳାଇଥିଲେ ପାଞ୍ଚ ଥରର ଚାମ୍ପିୟନ କାର୍ଲସେନ। ଏହି ବିଜୟ ଗୁକେଶ ପ୍ରଥମ ରାଉଣ୍ଡରେ କ୍ଲାସେନଙ୍କଠାରୁ ମିଳିଥିବା ପରାଜୟର ପ୍ରତିଶୋଧ ନେଇଛନ୍ତି। ଅନ୍ୟ ଭାରତୀୟ ଜିଏମ୍ ଅର୍ଜୁନ ଇରିଗାସି ଆର୍ମାଗେଡନ ଟାଇ-ବ୍ରେକରେ ଚାଇନାର ୱେଇ ୟିଙ୍କୁ ପରାସ୍ତ କରିଛନ୍ତି। ୭.୫ ଲେଖାଏ ପଏଣ୍ଟ ସହ ସେ ଓ ହିକାରୁ ନାକାମୁରା ମିଳିତ ଚତୁର୍ଥ ସ୍ଥାନରେ ଅଛନ୍ତି।




ଡି. ଗୁକେଶଙ୍କଠାରୁ ହାରିବା ପରେ ପ୍ରତିକ୍ରିୟାଶୀଳ ମ୍ୟାଗ୍ନସ କାର୍ଲସେନ।

### ନରୱେ ଚେସ୍ ଟୁର୍ନାମେଣ୍ଟ

# ସେପ୍ଟେମ୍ବର ୩୦ରୁ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

ଦୁବାଇ,୨।୬(ପି.ଟି.)

ଭାରତରେ ହେବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ହେବ। ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଏହି ବିଶ୍ୱକପ୍‌ର ଆୟୋଜନ ଅଧିକାର ଭାରତ ପାଖରେ ରହିଛି। କିନ୍ତୁ ପାକିସ୍ତାନ ଆଇସିସି ଇଭେଣ୍ଟ ଲାଗି ଭାରତ ଗସ୍ତ କରିବାକୁ ରାଜି ନ ଥିବାରୁ ଚାମ୍ପିୟନ୍ସ ଟ୍ରଫି ଭଳି ଏହି ଟୁର୍ନାମେଣ୍ଟ ମଧ୍ୟ ହାଇବ୍ରିଡ ମଡେଲରେ ଖେଳାଯିବ। ଏଥିଯୋଗୁ କଲମ୍ବୋକୁ ବିକଳ୍ପରେ ଅତିରିକ୍ତ ନ୍ୟୁଟ୍ରାଲ ଭେନ୍ୟୁ ଭାବେ ସାମିଲ କରାଯାଇଛି। ୮ ଦଳ ବିଶିଷ୍ଟ ଏହି ଇଭେଣ୍ଟ ବେଙ୍ଗାଲୁରୁ, ଗୁଆହାଟି, ଇନ୍ଦୋର, ବିଶାଖାପାଟଣାରେ ଖେଳାଯିବ।

୧୨ ବର୍ଷ ପରେ ଭାରତକୁ ଫେରିବାକୁ ଯାଉଥିବା ମହିଳା ଦିନିକିଆ ବିଶ୍ୱକପ୍ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଭାରତ ଖେଳିବ। ପ୍ରଥମ ସେମିଫାଇନାଲ ଅକ୍ଟୋବର ୨୯ ତାରିଖରେ ଗୁଆହାଟି କିମ୍ବା କଲମ୍ବୋରେ ହେବ। ଦ୍ୱିତୀୟ ସେମିଫାଇନାଲ ଅକ୍ଟୋବର ୩୦ରେ ବେଙ୍ଗାଲୁରୁରେ ହେବ। ଫାଇନାଲ ମ୍ୟାଚ୍ ପୂର୍ବରୁ ଦୁଇ ଫାଇନାଲିଷ୍ଟଙ୍କୁ ଦୁଇ ଦିନର ସମୟ ମିଳିବ। ଫାଇନାଲ ମ୍ୟାଚ୍ ବେଙ୍ଗାଲୁରୁ କିମ୍ବା କଲମ୍ବୋରେ ନଭେମ୍ବର ୨ ତାରିଖରେ ଖେଳାଯିବ। ଆୟୋଜକ ଭାରତ ବ୍ୟତୀତ ଏହି ଟୁର୍ନାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ, ବାଂଲାଦେଶ, ପାକିସ୍ତାନ, ଇଂଲଣ୍ଡ, ଶ୍ରୀଲଙ୍କା, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଭାଗନେବେ। ଗତ ଏପ୍ରିଲରେ ଅନୁଷ୍ଠିତ ୬ ଦଳ ବିଶିଷ୍ଟ କ୍ୱାଲିଫାୟରରେ ପାକିସ୍ତାନ ଓ ବାଂଲାଦେଶ ଶ୍ରେଷ୍ଠ ଦୁଇ ଦଳ ବିବେଚିତ ହୋଇ ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଥିଲେ।

### କଲମ୍ବୋ ନ୍ୟୁଟ୍ରାଲ ଭେନ୍ୟୁ

# ୟୁନିୟନ ସ୍ପୋର୍ଟିଂ ବିଜୟୀ

**ଭୁବନେଶ୍ୱର, ୨।୬ (ତପନ ସ୍ୱାଇଁ):** ପାରାମାଉଣ୍ଟ ପଡ଼ିଆରେ ଚାଲିଥିବା ଅରବିନ୍ଦ ସ୍ମାରକୀ ସିନିୟର କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ୟୁନିୟନ ସ୍ପୋର୍ଟିଂ ୯ ଉଇକେଟରେ ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ପ୍ରଗତି ୩୦.୧ ଓଭରରେ ମାତ୍ର ୯୧ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ଦଳର ବାଦଲ ବିଶ୍ୱାଳ ୪ଟି ଏବଂ ବିନାୟକ ସାହୁ ଓ ଶେଖର ମାଝି ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ୟୁନିୟନ ସ୍ପୋର୍ଟିଂ ୧୮.୩ ଓଭରରେ ମାତ୍ର ୧ ଉଇକେଟ ହରାଇ ୯୪ ରନ୍ ସଂଗ୍ରହ କରିନେଇଥିଲା। ଓପ୍‌ନର ବିଶ୍ୱଜିତ୍ ପ୍ରଧାନ ୫୪ ଓ ଅନିଲ ପରିଡ଼ା ୨୯ ରନ୍‌କରି ଅପରାଜିତ ରହିଥିଲେ।

# ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ଦଳ ଘୋଷିତ

**ଭୁବନେଶ୍ୱର, ୨।୬ (ତପନ ସ୍ୱାଇଁ):** ହରିୟାଣାର ଗୁରଗାଓଁଠାରେ ଚଳିତ ମାସ ୪ରୁ ୬ ପର୍ଯ୍ୟନ୍ତ ଓଡ଼ିଶା ଓ ଦିଲ୍ଲୀ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦୃଷ୍ଟିବାଧିତ ଆନ୍ତଃରାଜ୍ୟ ଟି୨୦ କ୍ରିକେଟ ସିରିଜ ଅନୁଷ୍ଠିତ ହେବ। ଏଥିପାଇଁ କେଟି ଗ୍ଲୋବାଲ ସ୍କୁଲ ପରିସରରେ ୧୦ ଦିନର ଟ୍ରେନିଂ କ୍ୟାମ୍ପ ପରେ ସୋମବାର ୧୬ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଦଳରେ ସ୍ଥାନ ପାଇଥିବା ୪ ନୂଆ ଖେଳାଳି ଚିରଞ୍ଜୀବ ମଲିକ, ପ୍ରତାପ ସାମନ୍ତ, ଅଭିଜିତ ଦାସ ଓ କିଶନ ମଲିକ ଡେବ୍ୟୁ କରିବେ।

# ମହୀତୋଷଙ୍କୁ ତୃତୀୟ ଆଇଏମ୍ ନର୍ମ

ଭୁବନେଶ୍ୱର, ୨।୬ (ତପନ ସ୍ୱାଇଁ)

ଓଡ଼ିଶାର ପ୍ରତିଭାସମ୍ପନ୍ନ ଚେସ୍ ଖେଳାଳି ମହୀତୋଷ ଦେ ତୃତୀୟ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍ ନର୍ମ) ହାସଲ କରିଛନ୍ତି। ନରୱେ ଅପନ୍ ଚେସ୍ ଟୁର୍ନାମେଣ୍ଟରେ ସେ ୨୨୫୦ ଏଲୋରେଟିଂରେ ୪୨ତମ ସ୍ଥାନରେ ରହି ଖେଳ ଆରମ୍ଭ କରିଥିଲେ ଏବଂ ୧୮ତମ ସ୍ଥାନକୁ ଉନ୍ନୀତ ହୋଇ ଏହି ସଫଳତା ପାଇଛନ୍ତି। ପ୍ରତିଯୋଗିତାରେ ସେ ମୋଟ ୬୧.୪୦ ଏଲୋରେଟିଂ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ମହୀତୋଷ ୨ ଗ୍ରାଣ୍ଡମାଷ୍ଟର (ଜିଏମ୍)ଙ୍କୁ ପରାସ୍ତ କରିବା ସହିତ ଅନ୍ୟ ୨ଜଣଙ୍କ ସହିତ ବାଜି ଡ୍ର କରିଛନ୍ତି। ଅନୁରୂପଭାବେ ଜଣେ ଆଇଏମ୍‌ଙ୍କୁ ହରାଇବା ସହିତ ଆଉ ଜଣେ ଆଇଏମ୍‌ଙ୍କ ସହିତ ଖେଳ ଡ୍ର କରିଛନ୍ତି। ମହିଳା ଗ୍ରାଣ୍ଡମାଷ୍ଟର ଜିନଝୁ (୨୫୪୧ ଏଲୋରେଟିଂ)ଙ୍କୁ ହରାଇ ସେ ନିଜ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ଚେସ୍‌ରେ ଆଇଏମ୍ ଟାଇଟଲ ପାଇଁ ୩ଟି ନର୍ମ ଓ ୨୪୦୦ ଏଲୋରେଟିଂ ହାସଲ କରିବାକୁ ପଡ଼ିଥାଏ। ମହୀତୋଷ ସର୍ବିୟାର ଆରେଣ୍ଡ ଜେଲୋଭାକ୍‌ଠାରେ ପ୍ରଥମ ଏବଂ ପୋଲାଣ୍ଡର କ୍ରାକୋ ଅନ୍ତର୍ଜାତୀୟ ଚେସ ଟୁର୍ନାମେଣ୍ଟରେ ଦ୍ୱିତୀୟ ଆଇଏମ୍ ନର୍ମ ପାଇଥିଲେ। ମେ ୨୬ରୁ ଜୁନ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ନରୱେ ଓପନ ଚେସ -୨୦୨୫ରେ ଭାଗ ନେଇ ନିଜର ବହୁ ପ୍ରତୀକ୍ଷିତ ତୃତୀୟ ଆଇଏମ୍ ନର୍ମ ହାସଲ କରିଛନ୍ତି। ନରୱେ ଚେସ୍ ପରେ ତାଙ୍କର ଏଲୋରେଟିଂ ୨୩୨୨ରେ ପହଞ୍ଚିଛି। ୨୪୦୦ ଏଲୋରେଟିଂ ଛୁଇଁଲେ ସେ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ହାସଲ କରିବେ। ଭୁବନେଶ୍ୱର ବମିଖାଲ ସାଇ ବିହାରରେ ରହୁଥିବା ମହୀତୋଷଙ୍କ ମା'ଙ୍କ ନାମ ଅପର୍ଣ୍ଣା ସାମଲ ଓ ବାପା ମଧୁସୂଦନ ଦେ।



ମହୀତୋଷ ଦେ

# ଭାରତ ଦ୍ୱିତୀୟ ସ୍ଥାନରେ

ନୂଆଦିଲ୍ଲୀ, ୨।୬ (ପି.ଟି.)

ଡୋପିଂ ଅପରାଧ ପାଇଁ ଯେଉଁ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟମାନେ ପ୍ରତିଯୋଗିତାରେ ଭାଗନେବା ଲାଗି ଅଯୋଗ୍ୟ ସେମାନଙ୍କର ଏକ ତାଲିକା ପ୍ରକାଶ ପାଇଛି। ଏଥିରେ ଭାରତ ଦ୍ୱିତୀୟ ସ୍ଥାନ ବଜାୟ ରଖିଥିବା ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ପ୍ରକାଶ କରିଛି। ଏଆଇୟୁ ତରଫରୁ ମେ ୩୧ରେ ପ୍ରକାଶିତ ତାଲିକାରେ ଭାରତର ୧୨୮ଜଣ ଆଥ୍‌ଲେଟଙ୍କ ନାମ ରହିଛି। ଏଥିରେ କେନିଆ (୧୩୪) ପ୍ରଥମ ସ୍ଥାନରେ ରହିଛି। ଏଆଇୟୁ ମେ ମାସରେ ଯେଉଁ ୧୪ ଜଣ ଆଥଲେଟଙ୍କୁ ଦଣ୍ଡିତ କରିଛି ସେମାନଙ୍କ ମଧ୍ୟରେ କେନିଆର ୫ଜଣ ଓ ଭାରତର ୩ଜଣ ରହିଛନ୍ତି। ଭାରତୀୟ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଆଥ୍‌ଲେଟମାନଙ୍କ ମଧ୍ୟରେ ଡୋପିଂ ମାମଲା ବୃଦ୍ଧି ପାଉଥିବା ଉଦ୍‌ବେଗର ବିଷୟ। ଏହି ପରିସ୍ଥିତି ଯଦି ଜାରି ରୁହେ ତେବେ ଦେଶ ବାସନ୍ଦର ସମ୍ମୁଖୀନ ହେବା ଆଶଙ୍କା ରହିଛି। ଡୋପିଂ ମାମଲାର ଦେଖାଚାହାଁ କରିବା ଲାଗି ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଗତବର୍ଷ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିଥିଲା। ଦିଲ୍ଲୀ ସ୍ପେଶାଲ ସେଲ୍ କମିଶନର ସାଗରପ୍ରୀତ୍ ହୁଡା ଏହାର ମୁଖ୍ୟ ରହିଥିଲେ। କମିଟିର ସୁପାରିସ କ୍ରମେ ଡୋପିଂରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଥିବା କୋଚ୍ ଓ ତାଲିମ କେନ୍ଦ୍ରଗୁଡ଼ିକୁ ଠାବ କରିବା ଲାଗି ଏକ ଆଣ୍ଟି-ଡୋପିଂ ସେଲ୍ ଗଠନ କରିବା ଏଏଫ୍‌ଆଇ ନିଷ୍ପତ୍ତି ନେଇଥିଲା।

### ଡୋପିଂ ଅପରାଧ


# Classified Everyday
0674-2580101, 9692975378



REAL ESTATE
SALE

**Ready to move 1/2 BHK flat for sale @ 13/24 lakh and Sundarpada and Gudiapokhari, Bhubaneswar. Call- 9861642492.** D-738

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266



FOR RENT

Ground Floor single room attached toilet for office space at VSS Nagar. 7873657633. D-781




Full body massage by experience therapist with homely atmosphere. 9114559860. D-780

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-730

Wellness relax body massage & joint pain treatment by trend therapist. 7327020180. D-76917

Newly open health benefits SPA by expert therapist. Contact- 8280961126. D-76915

AFFIDAVIT

By virtue of an affidavit before Notary Public, Kendrapara, CF No.- 73AA476937 dtd- 31.05.2025, I have been recognized, indentified & known as Minati Behura, D/o- Lambodar Behura, At- Nimapur Sasan, P.O.- Nimapur (Pattamundai), Dist.- Kendrapara instead of Minati Das for all purposes. D-788

I, Karttik Dasamahapatra S/o Late Gangadhar Daitapati Resident of Matimanadap Sahi, Nabatakhana gali, P.S.- Puri Town, P.O./ Dist.- Puri, Odisha, PIN- 752001, declare by this affidavit No.- 04, dtd- 27.02.2025 that now onwards I shall be known as **KARTIK KUMAR DASMOHAPATRA** for all future purposes. D-786

By virtue of an affidavit sworn before Executive Magistrate, BBSR, dated- 02.06.2025, I Buli Choudhuri, Address: Vill- Jilunda, P.O.- Badapur, P.S.- Jarada, Dist.- Ganjam, Odisha, PIN- 761005, declare that I have changed my daughter's name from Yesmini Choudhuri to Jasmin Choudhuri. Henceforth, she shall be known as Jasmin Choudhuri for all purposes. D-783

I, Snigdha Rani Mohanty, W/o- Ashis Mohanty, resident of HIG- 30, Phase- 2, Gopabandhu Nagar, P.O./P.S.- Chhend, Rourkela, Dist.- Sundergarh, PIN- 769015, Odisha declare by this affidavit No.- 72AA 002332, dtd. 27.05.2025 that now onwards I shall be known as Snigdha Mohanty for all future purposes. D-791

I hereby declare that I will be named and identified as Manjulata Behera instead of Manjubala Behera, Village: Majhiakhanda, P.O.- Bhaliadihi, P.S.- Saranku, Dist.- Nayagarh, PIN- 752092, Odisha. D-789

By virtue of an affidavit (No.-476), dated- 27.05.2025 sworn before Executive Magistrate, Rayagada, I, Lokesh Halwa, Address- 9th Lane, Ramkrushna Nagar, Rayagada, Odisha, PIN-765001, Aged 18 years declare that I have changed my name from Lokesha Halwa to Lokesh Halwa & D.O.B- 19.07.2007 to 19.07.2006. Henceforth, I shall be known as Lokesh Halwa for all purposes. D-785

I, Biswajit Sahoo, S/o- Subash Chandra Sahu, resident of Vill/P.O.- Habaspur, P.S.-Junagarh, Dist.- Kalahandi, (Odisha), PIN-766023 declare by this affidavit No.-350, dt. 14.05.2025 that now onwards I shall be known as BISWAJIT SAHU for all future purposes. D-794

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, BBSR, dated- 28.06.2025, I, Alok Das, Address- Alok Das Gangada Bandhamunda, Deriki, Naugaon, Jagatsinghpur declare that I have changed the name of my daughter's Aradhya Das to Subhashree Das. Henceforth, she shall be known as Subhashree Das for all purposes.
Alok Das D-782

By virtue of an affidavit sworn before the Notary, Balangir, No.-226, date 02.06.2025, I, Ahaladina Rana, W/o- Shibaram Rana, R/o. Village- Sihini, P.O.- Bahabal, P.S.- Belpada, Dist.- Balangir declare that I have changed my name from Ahaladina Rana to Allahadini Rana. Henceforth, I shall be known as Allahadini Rana for all purposes. D-793

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

LEGAL NOTICE

NOTICE UNDER ORDER 5 RULE-20 OF C.P.C. READ WITH SECTION 372 OF INDIAN SUCCESSION ACT
IN THE COURT OF THE CIVIL JUDGE (SR.D.), DHENKANAL
Intestate case No.-4/2024
Minati Lenka & another
....Petitioners.
Versus
L.I.C. of India, Dhenkanal Branch
... Opp. Party

WHEREAS the Petitioners 1) Minati Lenka, W/o Lalit Kumar Lenka, 2) Lalit Kumar Lenka, S/o Late Kishore Lenka, both are of Village- Mahadia, P.O.- Belapada, P.S.-Motanga, Dist.- Dhenkanal have filed the above case for grant of succession certificate for getting the death claim amount of Rs. 1,00,000/- along with interest against the L.I.C. policy bearing No.- 588632477, dt-4.09.2009 opened in the name of deceased Sudeshna Manjari Lenka from the L.I.C. of India, Dhenkanal Branch. Sudeshna Manjari Lenka has been expired on 04.07.2010.

As such it is hereby noticed that if any body else having any interest or objection for grant of such certificate, he/she/they may contest the case in support of his/her/their claim and to appear before the court in person or through his/her/their pleader on this the 20th day of June, 2025 at about 10.30A.M. failing which the case will be heard and determined in his/her/their absence.

Given under my hand and seal of this Court, this 19th day of April 2025.
Sd./- Civil Judge (Sr.D.), Dhenkanal.
D-787

ମନେ ପଡ଼ନ୍ତି

ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସାରଦା ସାହୁ**
ସ୍ୱାମୀ: ସ୍ୱର୍ଗତ ବାଇଧର ସାହୁ
ହାତିଆଣୁନୀ ଲେନ୍, ଭୁବନେଶ୍ୱର
ଆବିର୍ଭାବ-୨୩।୦୭।୧୯୪୪
ତିରୋଧାନ- ୦୩।୦୬।୨୦୧୮
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୭୬୦୬୦

ଫ୍ୟାଶନ

# ପୋଟ୍‌ଲୀ କ୍ଲଚ୍ ବ୍ୟାଗ୍

ପାର୍ଟିକୁ ଯାଉଥିଲେ ଭଲ ଡ୍ରେସ୍ ସାଙ୍ଗକୁ ଡିଜାଇନ୍ ବ୍ୟାଗ୍‌ଟିଏ ଧରିଲେ ତାହା ଏକ ଭିନ୍ନ ଲୁକ୍ ଦେଇଥାଏ। ଏସବୁ ସ୍ଥାନରେ କିଭଳି ବ୍ୟାଗ୍ କ୍ୟାରି କରିବେ ଜାଣିରଖନ୍ତୁ।

**ସାଇନଷ୍ଟୋନ୍ କ୍ରିଷ୍ଟାଲ ବ୍ୟାଗ୍:** ଏହି ଡିଜାଇନ ବ୍ୟାଗ୍ ଏତେ ସୁନ୍ଦର ଯେ ଆପଣଙ୍କ ହାତରେ ରହିଥିଲେ ବି ସମସ୍ତଙ୍କ ନଜର ପଡ଼ିବ। ବିଭିନ୍ନ ଷ୍ଟୋନ୍ ଲାଗି ଥିବାରୁ ଏହା ଚକମକ୍ ହୋଇଥାଏ। ଏହାକୁ ଆପଣ ଚାହିଁଲେ କାନ୍ଧରେ ପକାଇପାରିବେ ଓ ହାତରେ ମଧ୍ୟ ଧରିପାରିବେ। ଯଦି ସିଲ୍‌ଭର ଟଚ୍‌ଥିବା କୌଣସି ଡ୍ରେସ୍ କିମ୍ବା ଶାଢ଼ି





ପିନ୍ଧିଥିବେ ତା'ହେଲେ ଏହା ପୂରା ସୁଟ୍ କରିବ। ୱେଷ୍ଟର୍ନ ଓ ଏଥେନିକ୍ ଉଭୟ ଡ୍ରେସ୍‌ରେ କ୍ୟାରୀ କରିପାରିବେ।

**ମାର୍ବଲ କ୍ଲଚ୍:** ଏହା ଏତେ ସୁନ୍ଦର ଯେ ଏହାକୁ ଉଭୟ ମହିଳା ଓ ଯୁବତୀ ବ୍ୟବହାର କରିପାରିବେ। ଏହା ବିଭିନ୍ନ ରଙ୍ଗର ରହିଛି। ଗାଉନ, ଡ୍ରେସ୍ ଓ ୱେଷ୍ଟର୍ନ ସହ ଭଲ ଲାଗିବ। ଏହାର ହ୍ୟାଣ୍ଡେଲ ପର୍ଲ ଲୁକ୍‌ରେ ବହୁ ସୁନ୍ଦର ଦେଖାଯାଏ।

**ପର୍ଲ ବକେଟ ପୋଟଲୀ:** ମୋତି ଲାଗିଥିବା ଏହି ବକେଟ୍ ପୋଟଲୀ ବ୍ୟାଗ୍ ମଧ୍ୟ ବହୁତ ସୁନ୍ଦର। ଏହାର ହ୍ୟାଣ୍ଡେଲ ଓ ଷ୍ଟ୍ରେପ୍‌ରେ ସୁନ୍ଦର ଡିଜାଇନରେ ମୋତି ଲାଗିଥାଏ। ତେଣୁ ଏହା ଏକ ଲକ୍ସୁରି ଲୁକ୍ ଦେବ।

**ବୋହୋ ଡେନିମ୍ କ୍ଲଚ୍:** ଏମ୍ବ୍ରୋଡୋରିର ପ୍ୟାଚ୍ ୱାର୍କ ଥିବା ଏହି ବ୍ୟାଗ୍ ବହୁତ ସୁନ୍ଦର। ଏହାକୁ ଫ୍ୟୁଜନ ଆଉଟ୍‌ଫିଟ୍ ସହ ବ୍ୟବହାର କଲେ ଅଧିକ ଭଲ ଲାଗିବ।

**ମେଟାଲିକ୍ ଓ ଏମ୍ବ୍ରୋଡୋରି ବକ୍ସ କ୍ଲଚ୍:** କୌଣସି ବିବାହ କିମ୍ବା ଅନ୍ୟ ପାର୍ଟିରେ ଏହାକୁ କ୍ୟାରୀ କରିପାରିବେ। ଏଥିରେ ବିଭିନ୍ନ ରଙ୍ଗର ମେଟାଲ ବ୍ୟବହାର କରାଯାଏ ଓ ଏମ୍ବ୍ରୋଡୋରି ଡିଜାଇନ ଖୁବ ଆକର୍ଷଣୀୟ। ଏହା ହୁକ୍ ଓ ଲୁପ୍ କ୍ଲୋଜର ହୋଇଥାଏ। ଏଥିରେ ହ୍ୟାଣ୍ଡେଲ କିମ୍ବା ଚେନ୍ ଲାଗିଥାଏ।

# ଉଚ୍ଚ ରକ୍ତଚାପ ଥିଲେ...

ସୁସ୍ଥ ଲାଇଫ୍‌ଷ୍ଟାଇଲ ସହ ଖାଦ୍ୟପେୟରେ ନିୟନ୍ତ୍ରଣ ରଖିପାରିଲେ ଉଚ୍ଚ ରକ୍ତଚାପକୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇପାରେ। ଜାଣିରଖନ୍ତୁ ଏଭଳି କିଛି ଖାଦ୍ୟ ସମ୍ପର୍କରେ।







**ବିଟ୍–** ଏହା ଏଭଳି ଏକ ସୁପର ଫୁଡ୍ ଯାହା ବିପି କମ୍ କରିବାରେ ସହାୟକ ହୋଇଥାଏ। ଏଥିରେ ନାଇଟ୍ରେଟ୍‌ର ମାତ୍ରା ଅଧିକ ରହିଥାଏ, ଯାହା ଶରୀରକୁ ଯିବା ପରେ ନାଇଟ୍ରିକ୍ ଅକ୍ସାଇଡ୍‌ରେ ରୂପାନ୍ତରିତ ହୋଇଯାଏ। ଶରୀରକୁ ଡିଟାକ୍ସ କରିବା ସହ ରକ୍ତକୁ ସଫା କରିବାରେ ସାହାଯ୍ୟ କରେ। ଏହାକୁ ଜୁସ୍ କିମ୍ବା ସିଝାଇ ଖାଇପାରିବେ।

**କଦଳୀ–** କଦଳୀ ଏକ ସ୍ୱାଦିଷ୍ଟ ତଥା ସ୍ୱାସ୍ଥ୍ୟବର୍ଦ୍ଧକ ଖାଦ୍ୟ। ଏହା ଶରୀରରେ ସୋଡିୟମର ପ୍ରଭାବକୁ ବାଲାନ୍ସ କରେ, ଫଳରେ ରକ୍ତଚାପ ନିୟନ୍ତ୍ରିତ ରହେ।

**ରସୁଣ–** ଆୟୁର୍ବେଦରେ ଏହାକୁ ଏକ ମେଡିସିନ କୁହାଯାଏ। ପ୍ରତିଦିନ ଖାଲିପେଟରେ ଏହାକୁ ଖାଇଲେ ଉଚ୍ଚ ରକ୍ତଚାପ ନିୟନ୍ତ୍ରିତ ହୋଇଥାଏ।

**ଓଟ୍‌ସ–** ପ୍ରଚୁର ଫାଇବର ଥିବା ଓଟ୍‌ସ ଉଚ୍ଚ ରକ୍ତଚାପ ରୋଗୀଙ୍କ ନିମନ୍ତେ ଏକ ଭଲ ଖାଦ୍ୟ। ଏହାକୁ ଖାଇଲେ ଶରୀରରେ ଅଧିକ ଫ୍ୟାଟ୍ ହୁଏନି ଓ ସହଜରେ ହଜମ ହୋଇଥାଏ।

**ଟମାଟୋ, ପାଳଙ୍ଗ–** ଟମାଟୋରେ ଆଣ୍ଟି ଅକ୍ସିଡାଣ୍ଟ ରହିଛି। ପାଳଙ୍ଗରେ ପୋଟାସିୟମ, ମ୍ୟାଗ୍ନେସିୟମ ଓ ଫୋଲେଟ୍ ପ୍ରଚୁର ମାତ୍ରାରେ ରହିଛି। ତେଣୁ ଏହି ଖାଦ୍ୟ ଉଚ୍ଚ ରକ୍ତଚାପ ରୋଗୀଙ୍କ ନିମନ୍ତେ ବହୁତ ଭଲ। ଏସବୁ ବ୍ୟତୀତ ଡାର୍କ ଚକୋଲେଟ୍, ଦହି, ତରଭୁଜ ଓ ଅଳସୀ ମଧ୍ୟ ଏମାନଙ୍କ ପାଇଁ ବହୁତ ଭଲ ଖାଦ୍ୟ ହୋଇଥାଏ। ତେଣୁ ନିୟମିତଭାବେ ଏସବୁ ଖାଦ୍ୟକୁ ସାମିଲକରିବା ଦରକାର।

# କେମିତି ବିତୁଛି ସମୟ..

ଖରାଛୁଟି ପାଇଁ ଏବେ ପୂରା ସମୟ ଘରେ ରହୁଛନ୍ତି ପିଲା। ଏଥିପାଇଁ ବଦଳିଯାଇଛି ମା'ମାନଙ୍କ ରୁଟିନ୍ ଲାଇଫ୍। ସବୁ କାମ ଠିକ୍ ସମୟରେ କିପରି ହୋଇପାରିବ ସେହି ଚେଷ୍ଟାରେ ଅଛନ୍ତି, ଆଉ ସେହି ଅନୁସାରେ ଟାଇମ୍ ମ୍ୟାନେଜମେଣ୍ଟ ବି କରୁଛନ୍ତି...





ସ୍କୁଲ ଛୁଟି ଥିବାରୁ ଏବେ ମା'ମାନଙ୍କ ଦାୟିତ୍ୱ ଢେର୍ ଅଧିକ ହୋଇଯାଇଛି। ପିଲାଙ୍କ ରୁଟିନ୍ ଲାଇଫ୍ ତ ବଦଳିଯାଇଛି, ତାଙ୍କ ସହିତ ଟାଇମ୍ ମ୍ୟାନେଜମେଣ୍ଟ କରୁଛନ୍ତି ମହିଳା। ଛୁଟିରେ ଯେମିତି ପିଲାଙ୍କ ପାଠପଢ଼ା ପୁରା ବନ୍ଦ ନ ହେବ ସେଥିପ୍ରତି ଦୃଷ୍ଟିଦେବା ସହିତ ସେମାନଙ୍କ କ୍ରିଏଟିଭିଟି ବଢାଇବାର ଚିନ୍ତା ବି ରହିଛି। ଏହା ଭିତରେ ସ୍କୁଲ ଖୋଲିବା ପୂର୍ବରୁ ସବୁ ପ୍ରସ୍ତୁତି ବି କରିବାକୁ ପଡୁଛି। ତେଣୁ ମହିଳାଙ୍କ ପାଇଁ ଏସବୁ ମ୍ୟାନେଜ କରିବା ଗୁରୁତ୍ୱପୂର୍ଣ୍ଣ ହୋଇଛି। ଛୁଟି ସମୟକୁ ପିଲାମାନେ କିଭଳି ଉପଯୋଗ କରିବେ ସେଥିପ୍ରତି ସବୁବେଳେ ଦୃଷ୍ଟି ରଖିଥାନ୍ତି ମା'ମାନେ। ତେଣୁ ପିଲାଙ୍କୁ ବାରମ୍ବାର ସଚେତନ କରିବା ସହ ସେମାନଙ୍କ କାମକୁ ପରିବର୍ତ୍ତିତ କରିବା ପାଇଁ ବି ଚେଷ୍ଟା କରନ୍ତି। ଅର୍ଥାତ୍ ଛୁଟି ହୋଇଥିଲେ ବି ଘରେ ସବୁଦିନ ଠିକ୍ ସମୟରେ ନିତ୍ୟକର୍ମ କରିବା, ହଲିଡେ ହୋମ୍‌ୱାର୍କ କରିବା, ଖେଳିବା ଇତ୍ୟାଦି କରିବାକୁ ହେବ। ଏସବୁ କାମ କେଉଁ ସମୟରେ କରିବେ ସେମାନଙ୍କୁ ଜଣାଇବାକୁ ହୁଏ ମା'ମାନଙ୍କୁ। ସ୍କୁଲ ଛୁଟି ପାଇଁ ପିଲାମାନେ ପ୍ରଥମେ ନିଜ ଶୋଇବା ଟାଇମ୍ ବଦଳାଇ ଦିଅନ୍ତି। ସକାଳୁ ଶୀଘ୍ର ଉଠନ୍ତି ନାହିଁ। ହେଲେ ଅଧିକ ବିଳମ୍ବ ହେଲେ ନିତ୍ୟକର୍ମର ସମୟ ଏପଟସେପଟ ହୋଇଯିବ, ସେଥିପାଇଁ ସେମାନେ ସଚେତନ ରହିବା ସହ ପିଲାଙ୍କୁ ଉଠାନ୍ତି। ଆଉ ତା'ପରେ ଅନ୍ୟ କ'ଣ ସବୁ କାମ କରି ଛୁଟିରେ କ୍ୱାଲିଟି ଟାଇମ୍ ବିତାଇପାରିବେ ସେଥିପ୍ରତି ନଜର ରଖୁଛନ୍ତି। ଏସବୁ ଭିତରେ ଗୃହିଣୀ ଓ କର୍ମଜୀବୀ ମହିଳା କିଭଳି ସମୟ କଟାଉଛନ୍ତି ସେନେଇ କେତେଜଣ ଯାହା କୁହନ୍ତି...

## ଏମାନେ କ'ଣ କରନ୍ତି

**କାମ ବଢ଼ିଛି:** ପିଲାଙ୍କର ଛୁଟି ବୋଲି ଏବେ ମତେ ଅଧିକ ସମୟ କାମ କରିବାକୁ ପଡୁଛି। କାହିଁକିନା ବଡ଼ ପୁଅ ସମର କୋର୍ସରେ ଜଏନ୍ କରିଛି। ତେଣୁ ତାକୁ ଶୀଘ୍ର ୫ଟାରୁ ଉଠାଇବାକୁ ପଡୁଛି। ସେ ପ୍ରସ୍ତୁତ ହୋଇଯିବା ପରେ ସାନପୁଅ ୭ଟାରେ ଟ୍ୟୁଶନ ଯିବ। ତେଣୁ ତାକୁ ଉଠାଇ ପ୍ରସ୍ତୁତ କରିବା ପରେ ଘର କାମ କରୁଛି। ସବୁଦିନିଆ ନିତ୍ୟକର୍ମ ସାରିବା ବେଳକୁ ପିଲାମାନେ ଘରକୁ ଫେରିବେ, ସେମାନଙ୍କ ପାଇଁ ଜଳଖିଆ, ପୁଣି ରୋଷେଇ କରୁଛି। ତା' ଭିତରେ ପିଲାମାନେ ଉଠି ଖେଳୁଛନ୍ତି କ'ଣ କରୁଛନ୍ତି ସେଥିପ୍ରତି ନଜର କରିବାକୁ ପଡୁଛି। ଘରର ଅନ୍ୟ ସବୁ କାମ ବି କରୁଛି। କିଏ କ'ଣ ଖାଇବ, କେତେବେଳେ ପଢ଼ିବ ଆଉ କେତେବେଳେ ଖେଳିବାକୁ ଯିବ ସେସବୁ ଜଗିବାକୁ ପଡୁଛି। ତେଣୁ ଏବେ ମୋ କାମ ବହୁତ ବଢ଼ିଯାଇଛି।

*– ସୀମାରାଣୀ ସାହୁ, ଗୃହିଣୀ, ଟୋଲଙ୍ଗପାଟିଆ, ଯାଜପୁର*

**ସବୁ ପିଲାଙ୍କ ପାଇଁ:** ପିଲାଙ୍କ ସୁବିଧା ପାଇଁ ତ ସବୁ କାମ କରୁଛି। କେତେବେଳେ ଅନ୍‌ଲାଇନ କ୍ଲାସ୍ ହେବ, କେତେବେଳେ ଟ୍ୟୁଶନ ଯିବ ଆଉ ପିଲାଙ୍କର ହୋମ୍‌ୱାର୍କ କରିବା, ଟିଭି ଦେଖିବା, ଖେଳିବା ସବୁ କଥା ପ୍ରତି ନଜର ରଖୁଛି। ନ ହେଲେ ସେମାନେ ମନଇଚ୍ଛା କାମକରି ସବୁ ଟାଇମ୍ ଏପଟସେପଟ କରିଦେବେ। ଦିନ ସାରା ସେମାନଙ୍କ ପଛରେ ମୋର ସବୁଠୁ ବେଶି ସମୟ ଯାଉଛି। ତା' ଛଡ଼ା ଏବେ ଛୁଟି ଆଉ ଅଳ୍ପଦିନ ଅଛି। ଏବେଠୁ ସ୍କୁଲ ଖୋଲିବା ପାଇଁ ସବୁ ପ୍ରସ୍ତୁତି କରୁଛି। ସ୍କୁଲ ବ୍ୟାଗ୍, ୟୁନିଫର୍ମ, ଜୋତା ଆଦି ସବୁ କିଣାକିଣି କେମିତି ହେବ ସେଥିପ୍ରତି ଚେଷ୍ଟା କରୁଛି। ଏବେଠୁ ସବୁ କରି ରଖିବା ପରେ ସମସ୍ତେ ମିଶି ଗାଁକୁ ଯିବୁ। ଆସିବା ବେଳକୁ ସ୍କୁଲ ଖୋଲିଥିବ, ତେଣୁ ସବୁ ସଜାଡ଼ି ଦେଉଛି।

*– ଈଶ୍ୱରାତ୍ମା ପ୍ରିୟଦର୍ଶିନୀ ସାହୁ, ଗୃହିଣୀ, ତାଳଚେର, ଅନୁଗୋଳ*

**କାମ ବାଣ୍ଟି ଦେଇଛି:** ପିଲାମାନେ ଛୁଟିରେ ବେଶି ସମୟ ଘରେ ରହି ବୋର୍ ନ ହେବା ପାଇଁ ସେମାନଙ୍କୁ ବିଭିନ୍ନ ପ୍ରକାର କାମ ଦେଇଛି। ପୁଅକୁ ସବୁଦିନ ବାଡ଼ିରୁ ଫୁଲ ତୋଳିବା ଦାୟିତ୍ୱ ଦେଇଛି। ତା' ଛଡ଼ା ଘର ସଜାଡ଼ିବା, ଲୁଗାପଟା ସଜାଡ଼ି ରଖିବା ଭଳି ବିଭିନ୍ନ କାମ ବି ସେମାନଙ୍କ ଦ୍ୱାରା କରାଇ ଦେଉଛି। ହେଲେ ସବୁ କାମରେ ମତେ ଜଗିବାକୁ ପଡୁଛି ଆଉ ଠିକ୍ ଭାବରେ କଲେ କି ନାହିଁ ଦେଖୁଛି। ଏହାଦ୍ୱାରା ମୋର କାମ ଟିକେ ହାଲ୍‌କା ହେବା ସହ ସେମାନେ ବି କାମ ଶିଖିପାରୁଛନ୍ତି, ଯାହା ସେମାନଙ୍କ ଭବିଷ୍ୟତରେ କାମରେ ଆସିବ।

*– ଅର୍ଚ୍ଚନା ମିଶ୍ର, ଗୃହିଣୀ, ଲେବର କଲୋନି, ଖାରବେଳନଗର, ଭୁବନେଶ୍ୱର*

**ଛୁଟିରେ ମଜା:** ମୁଁ ଅଫିସ ଯିବା ପରେ ଛୁଟିରେ ମୋ ପିଲା ଘରେ ଅଧିକାଂଶ ସମୟ ଏକା ରହୁଥିଲା। ସେଥିପାଇଁ ତା' ପିଉସୀ ଓ ଭାଇକୁ ଆମ ଘରକୁ ଡକାଇ ଦେଇଛି। ଏବେ ମତେ ଆଉ ବେଶି କିଛି କରିବାକୁ ପଡୁନାହିଁ। ଛୁଆମାନେ ଖୁସିରେ ସେମାନଙ୍କ ସୁବିଧାରେ ସବୁ କାମ କରୁଛନ୍ତି। ଆଉ ମୁଁ ଯିବା ପରେ ତା' ପିଉସୀ ସେମାନଙ୍କ ଖିଆପିଆ ଓ ଅନ୍ୟ ସବୁ ଖବର ବୁଝୁଛନ୍ତି। ତେଣୁ ମୋର ଏବେ ପୂରା ଆରାମ। ଆଉ ଛୁଟିରେ ପାଠପଢ଼ା ଯେମିତି ପୂରା ବନ୍ଦ ନ ହେବ ସେଥିପାଇଁ ଘରକୁ ଜଣେ ଟ୍ୟୁଶନ କରିବାକୁ ଆସୁଛନ୍ତି। ସପ୍ତାହକୁ ଥରେ ଆମେ ମିଶିକି ବାହାରକୁ ବୁଲିବାକୁ ଯାଇ ଖିଆପିଆ କରି ଆସୁଛୁ। ତେଣୁ ଛୁଟିରେ ବେଶ୍ ମଜାରେ ସମସ୍ତେ ସମୟ କଟାଉଛନ୍ତି।

*– ରୀତାଞ୍ଜଳି ପୃଷ୍ଟି, କର୍ମଜୀବୀ, ଗୋଡ଼ିପାଟଣା, ଶଙ୍ଖଚିଲା, ଯାଜପୁର*

**ରଜରେ ଗାଁକୁ ଯିବି:** ଛୁଟିରେ ବହୁତ କିଛି କାମ ସାରିବାକୁ ପଡୁଛି। ଦୁଇ ଝିଅଙ୍କୁ ଟିୟୁସନ୍‌ରେ ଛାଡିବା ଓ ସେମାନେ ହୋମୱାର୍କ କରିଲେ କି ନାହିଁ ଦେଖୁଛି। ଗଣିତର ବିଭିନ୍ନ ବିଷୟ ରିଭିଜନ କରିବା ପାଇଁ ଦୁଇଜଣଙ୍କୁ ବୈଦିକ ଗଣିତର ଶିକ୍ଷା ଦେବାକୁ ଜଣେ ସାର୍‌ଙ୍କୁ ଘରକୁ ଦୁଇମାସ ପାଇଁ ଡାକିଛି। ସିଏ ପଢାଇ ସାରି ଯିବା ପରେ ମୁଁ ସେମାନଙ୍କୁ ପୁଣିଥରେ ସେସବୁ ଗଣିତ ବୁଝିଛନ୍ତି କି ନାହିଁ ଦେଖୁଛି। ଏଥିପାଇଁ ଅଫିସରୁ ଫେରିବା ପରେ ସବୁଦିନ ତାଙ୍କ ପାଠପଢା ବିଷୟରେ ତାଙ୍କ ପାଖରେ କିଛି ସମୟ ବସି ପଚାରୁଛି। ଘରର ଅନ୍ୟ ସବୁ କାମ ଭିତରେ ଏସବୁ କାମ ମତେ ଟିକେ ଅଧିକ ହେଉଛି। ହେଲେ ରଜବେଳକୁ ୧୦ଦିନ ପାଇଁ ସବୁ କ୍ଲାସ୍ ବନ୍ଦକରି ଆମେ ଗାଁକୁ ବୁଲିବାକୁ ଯିବୁ। ସେତିକିବେଳେ ସବୁ ବୁଲାବୁଲି ଆଉ ମଜା କରିବୁ।

*– ସୁଚିତ୍ରା ମହାନ୍ତି, ଗୃହିଣୀ, ପିଏନଜି କ୍ଲିନିକ୍, କଟକ*



ଅର୍ଚ୍ଚନା ମିଶ୍ର



ଈଶ୍ୱରାତ୍ମା ପ୍ରିୟଦର୍ଶିନୀ



ରୀତାଞ୍ଜଳି ପୃଷ୍ଟି



ସୀମା ରାଣୀ ସାହୁ



ସୁଚିତ୍ରା ମହାନ୍ତି







ସୌନ୍ଦର୍ଯ୍ୟ

# ହେୟାର କେୟାର



ଆଜିକାଲି ଅଧିକାଂଶ ମହିଳାଙ୍କ କେଶ ଉପୁଡ଼ିବା ସମସ୍ୟା ଦେଖାଦେଉଛି। ତେବେ ଘରୋଇ ଉପାୟରେ ମଧ୍ୟ ଏହି ସମସ୍ୟାର ସମାଧାନ କରାଯାଇପାରିବ...

- କେଶ ଝଡ଼ିବା ସମସ୍ୟା ଦୂରକରିବା ପାଇଁ ପିଆଜ ରସ ବହୁ ଭଲ କାମ ଦେଇଥାଏ। ପିଆଜ ରସରେ ସଲ୍‌ଫର ଅଛି ଯାହା କେଶ ବୃଦ୍ଧିକରିବା ସହ ନୂଆ କେଶ ଉଠିବାରେ ମଧ୍ୟ ସହାୟକ ହୋଇଥାଏ। ତେଣୁ ପିଆଜକୁ ବାଟି ତା'ର ରସ ବାହାରକରି କେଶ ମୂଳରେ ଓ ଚନ୍ଦା ହୋଇଥିବା ସ୍ଥାନରେ ଲଗାଇ ଅଧଘଣ୍ଟା ଛାଡ଼ି ଦିଅନ୍ତୁ। ଶୁଖିଯିବା ପରେ କେଶ ଧୋଇଦିଅନ୍ତୁ। ସପ୍ତାହକୁ ୨ଥର ଏପରି କରନ୍ତୁ, କିଛିଦିନ ପରେ କେଶ ଝଡ଼ିବା ସମସ୍ୟା କମ୍ ହେବା ସହ ନୂଆ କେଶ ଉଠିବ।
- ଅଁଳା ଖାଇଲେ କେଶର ବିଭିନ୍ନ ସମସ୍ୟା ଦୂର ହୋଇଥାଏ। ତେବେ କେଶ ମଜଭୁତ କରିବାକୁ ଚାହୁଁଥିଲେ ଅଁଳାକୁ ଗୁଣ୍ଡକରି ନଡ଼ିଆତେଲରେ ମିଶାଇ କିଛି ସମୟ ଗରମ କରନ୍ତୁ। ଏହାକୁ ଥଣ୍ଡାକରି କେଶମୂଳରେ ଲଗାନ୍ତୁ। ସପ୍ତାହକୁ ୨ଥର ଏପରି କଲେ ଧୀରେ ଧୀରେ କେଶ ଅଧିକ ମଜଭୁତ ହେବା ସହ କଳା ଓ ଘନ ହେବ।



- କେଶ ନିମନ୍ତେ ଆଉ ଏକ ଭଲ ପୋଷଣ ହେଉଛି ଆଲୋଭେରା। କେଶ ଝଡ଼ିବା ସମସ୍ୟାକୁ ଏହା ବହୁ ପରିମାଣରେ କମ୍ କରିଥାଏ। ତେଣୁ ଏଲୋବେରା ଜୁସ୍ ବାହାର କରି ସଙ୍ଗେ ସଙ୍ଗେ ଏହାକୁ କେଶମୂଳରେ ଲଗାନ୍ତୁ। ୧ ଘଣ୍ଟା ପରେ କେଶ ଧୋଇଦିଅନ୍ତୁ। ସପ୍ତାହକୁ ୩ଥର ଏପରି କରନ୍ତୁ, ଦେଖିବେ କିଛିଦିନ ପରେ କେଶ ସମସ୍ୟା ଦୂର ହୋଇଯିବ।
- କେଶରେ କେମିକାଲ ପ୍ରଡକ୍ଟ ବ୍ୟବହାର କମ୍ କରନ୍ତୁ ଓ ପ୍ରଦୂଷଣରୁ ରକ୍ଷା କରନ୍ତୁ। କେଶ ଝଡ଼ିବା ସମସ୍ୟା କମ୍ ହେବ।



ଖାଦ୍ୟରୁଚି

# ସୋୟା କୋପ୍ତା କରି



**ଆବଶ୍ୟକ ସାମଗ୍ରୀ:** ସୋୟାବିନ ୧ ବଡ଼ କପ୍, ବୁଟଡାଲି ୧ କପ୍, ସିଝା ଆଳୁ ୧ଟି, ରସୁଣ ୪ ରୁ ୫ କୋଲା, କଞ୍ଚାଲଙ୍କା ୩–୪ଟି, ପିଆଜ ୧ଟି ବଡ଼, ଜିରାଗୁଣ୍ଡ ୨ ଚାମଚ, ଧନିଆଗୁଣ୍ଡ ୧ ଚାମଚ, ଲଙ୍କାଗୁଣ୍ଡ ୧ ଚାମଚ, ଗରମ ମସଲା ୧ ଚାମଚ, ଗୁଜୁରାତି, ୨ଟି, ଲବଙ୍ଗ ୪ଟି, ଡାଲଚିନି ଖଣ୍ଡେ, ଅଦା ରସୁଣ ପେଷ୍ଟ ୨ ଚାମଚ, ଟମାଟୋ ଶସ୍ ୧ ଚାମଚ, ଧନିଆପତ୍ର ଅଳ୍ପ, ଆବଶ୍ୟକ ଅନୁସାରେ ଲୁଣ, ହଳଦୀ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସୋୟାବିନ୍‌କୁ ଗରମ ପାଣିରେ ୧୫ ମିନିଟ୍ ଭିଜାଇ ରଖନ୍ତୁ। ଏହାପରେ ସୋୟାବିନ୍‌କୁ ଭଲଭାବେ ଧୋଇ ଚିପୁଡ଼ି ଗ୍ରାଇଣ୍ଡରରେ ଦରଦର ପିସା ବାଟି ଦିଅନ୍ତୁ। ବୁଟଡାଲିକୁ ୫ ଘଣ୍ଟା ଭିଜାଇ ପାଣିରୁ ଛାଣି ସେଥିରେ ରସୁଣ, କଞ୍ଚାଲଙ୍କା ମିଶାଇ ବାଟି ଦିଅନ୍ତୁ। ଏବେ ଏଥିରେ ସୋୟାବିନ୍ ଓ ପିଆଜକୁ ଛୋଟ ଛୋଟ କାଟି ପକାନ୍ତୁ। ଧନିଆପତ୍ର, ଲୁଣ, ଜିରାଗୁଣ୍ଡ, ହଳଦୀଗୁଣ୍ଡ ଓ ଲଙ୍କାଗୁଣ୍ଡ ମିଶାଇ ଗୋଳାନ୍ତୁ। ଏବେ ଏହାକୁ ଛୋଟ ଛୋଟ ଗୋଲକରି ଗରମ ତେଲରେ ଛାଣିଦିଅନ୍ତୁ।

ଏବେ ଆଉ ଏକ କଡ଼େଇରେ ୧ ଚାମଚ ତେଲ ପକାଇ ସେଥିରେ ଗୋଟିଏ ଅଳେଇଚ, ଗୁଜୁରାତି, ଲବଙ୍ଗ ଓ ଡାଲଚିନି ପକାଇ ଅଳ୍ପ ଭାଜି ଦିଅନ୍ତୁ। ଏଥିରେ କଟାହୋଇଥିବା ଏକ ଟମାଟୋ, ଅଦାରସୁଣ ପେଷ୍ଟ ଓ ଲୁଣ, ହଳଦୀ ମିଶାନ୍ତୁ। ସେଥିରେ ଜିରାଗୁଣ୍ଡ, ଲଙ୍କାଗୁଣ୍ଡ ଓ ସିଝାଆଳୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏଥିରେ ଅଳ୍ପ ଟମାଟୋ ସସ୍ ପକାଇ ଭଲଭାବେ କଷାଇ ସେଥିରେ ପାଣି ଦେଇ ଫୁଟାନ୍ତୁ। କିଛି ସମୟ ଫୁଟିବା ପରେ ସେଥିରେ ଛଣା ହୋଇ ରହିଥିବା ସୋୟା କଟ୍‌ଲେଟ୍‌ଗୁଡିକୁ ପକାଇ ଅଳ୍ପ ସମୟ ଫୁଟାଇ ଓହ୍ଲାଇ ଦିଅନ୍ତୁ। ଏବେ ଏଥିରେ ଗରମ ମସଲା ଓ ଧନିଆପତ୍ର ପକାଇ ଓହ୍ଲାଇ ଦିଅନ୍ତୁ।

ଧରିତ୍ରୀ
DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୩/୨୦୨୫ Bhubaneswar, Tuesday, June 3/ 2025

# କିଙ୍ଗ୍ସ ବନାମ ଚ୍ୟାଲେଞ୍ଜର୍ସ



ନରେନ୍ଦ୍ର ମୋଦି ଷ୍ଟାଡିୟମରେ ସୋମବାର ଟ୍ରଫି ସହ ଦୁଇ ଦଳର ଅଧିନାୟକ ଶ୍ରେୟସ ଆୟର ଓ ରଜତ ପଟିଦାର।

## ଆଇପିଏଲ୍ ଫାଇନାଲ ଆଜି

### ୧୮ଶ ସଂସ୍କରଣରେ ହେବେ ନୂଆ ବିଜେତା

**ଅହମଦାବାଦ, ୨।୬ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୫ର ମେଗା ଫାଇନାଲ ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ। ପରସ୍ପରର ସମ୍ମୁଖୀନ ହେବେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗ୍ସ। ଆରସିବି କିମ୍ବା ପଞ୍ଜାବ ପୂର୍ବରୁ କେବେହେଲେ ଆଇପିଏଲ୍ ଟାଇଟଲ ହାସଲ କରି ନାହାନ୍ତି। ତେଣୁ ୧୮ଶ ସଂସ୍କରଣରେ ଆଇପିଏଲ୍‌କୁ ମିଳିବ ନୂଆ ବିଜେତା। ବିରାଟ କୋହଲିଙ୍କ ଜର୍ସି ନମ୍ବର ହେଉଛି ୧୮। ପାଖାପାଖି ଦୁଇ ଦଶନ୍ଧି ଧରି ଏହି ତାରକା ବ୍ୟାଟର ହାତରେ ଟ୍ରଫି ଧରିବାକୁ ଅପେକ୍ଷା କରି ରହିଛନ୍ତି। ବିରାଟ କ୍ୟାରିୟରର ୪ର୍ଥ ଆଇପିଏଲ୍ ଫାଇନାଲ ଖେଳିବାକୁ ଯାଉଛନ୍ତି। ନରେନ୍ଦ୍ର ମୋଦି ଷ୍ଟାଡିୟମରେ ହଜାର ହଜାର ଦର୍ଶକଙ୍କୁ ୧୮ ନମ୍ବର ଜର୍ସି ପିନ୍ଧିଥିବା ଦେଖିବାକୁ ମିଳିବ। ତେଣୁ ୧୮ଶ ସଂସ୍କରଣରେ ଟାଇଟଲ ଜିତି ବିଭିନ୍ନ ଦୃଷ୍ଟିକୋଣରୁ ଆଇପିଏଲ୍‌କୁ ସ୍ମରଣୀୟ କରିବା ଆଶାରେ ରହିଛି ଆରସିବି।

ପୂର୍ବରୁ ଆରସିବି ୨୦୦୯, ୨୦୧୧ ଓ ୨୦୧୬ରେ ଫାଇନାଲ ଖେଳିଥିଲେ ହେଁ ରନରଅପ୍‌ରେ ସନ୍ତୁଷ୍ଟ ରହିଥିଲା। ଅନ୍ୟପକ୍ଷରେ ପଞ୍ଜାବ ୨୦୧୪ରେ ରନରଅପ୍ ହୋଇଥିଲା। କୋହଲି ଅନ୍ତର୍ଜାତୀୟ ଟି୨୦ ଓ ଟେଷ୍ଟ କ୍ରିକେଟରୁ ଅବସର ନେଇ ଯାଇଥିବାରୁ ଆଉ ଅଧିକ ସମୟ ପଡ଼ିଆରେ ଦେଖିବାକୁ ମିଳିବେ ନାହିଁ। ତେଣୁ ତାଙ୍କ ଖେଳ ଦେଖିବା ପାଇଁ ଦର୍ଶକଙ୍କ ଭାବାବେଗ ବଢ଼ିବା ସ୍ୱାଭାବିକ। କ୍ୱାଲିଫାୟର-୧ରେ ଆରସିବି ୮ ଉଇକେଟରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଥିଲା। ତେଣୁ ଦଳଠାରୁ ସେପରି ଆଉଏକ ଶ୍ରେଷ୍ଠ ପ୍ରଦର୍ଶନ ଆଶାରେ ରହିବେ କୋହଲିଙ୍କ ପ୍ରଶଂସକ। ପ୍ରତି ବର୍ଷ ଭଳି କୋହଲି ଚଳିତ ବର୍ଷ ମଧ୍ୟ ପ୍ରଚୁର ରନ ସଂଗ୍ରହ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୬୧୪ ରନ ସ୍କୋର କରି ଫର୍ମରେ ଥିବାର ପରିଚୟ ଦେଇଛନ୍ତି। ଏହି ସୁପରଷ୍ଟାରଙ୍କ ବ୍ୟତୀତ ଫିଲ୍ ସଲ୍ଟ, ମୟଙ୍କ ଅଗ୍ରୱାଲ, ଅଧିନାୟକ ରଜତ ପଟିଦାର ଓ ଜୀତେଶ ଶର୍ମାଙ୍କୁ ନେଇ ଦଳର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଦୃଢ଼ ରହିଛି। ଆହତ ସମସ୍ୟା ଯୋଗୁ ଗତ ୨ଟି ମ୍ୟାଚରେ ଖେଳିପାରି ନ ଥିବା ଟିମ୍ ଡାଭିଡ ଯଦି ଫିଟ୍ ହୁଅନ୍ତି ତେବେ ଡେଥ୍ ଓଭରରେ ସେ ଓ ରୋମାରିଓ ଶେଫର୍ଡ ଦଳକୁ ବହୁ ଫାଇଦାରେ ରଖି ପାରିବେ। ବ୍ୟାଟିଂରେ କୋହଲିଙ୍କ ଭଳି ବୋଲିଂରେ ଜୋଶ ହାଜେଲଉଡ୍ ୨୧ଟି ଉଇକେଟ ନେଇ ଆରସିବି ପାଇଁ ସମ୍ଭାବନା ସୃଷ୍ଟି କରିଛନ୍ତି। ଏହି ଅଷ୍ଟ୍ରେଲୀୟ ଖେଳାଳିଙ୍କଠାରୁ ଆରସିବି ଆଉ ଏକ ଶ୍ରେଷ୍ଠ ପ୍ରଦର୍ଶନ ଆଶା କରିବ।

ଅନ୍ୟପକ୍ଷରେ କ୍ୱାଲିଫାୟର-୧ରେ ହାରିବା ପରେ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ପଞ୍ଜାବ କ୍ୱାଲିଫାୟର-୨ରେ ୫ ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ଦକ୍ଷତା ଦେଖାଇଛି। ଦୀର୍ଘ ୧୧ ବର୍ଷ ପରେ ପଞ୍ଜାବ ଫାଇନାଲରେ ପ୍ରବେଶ କରିଛି। ଅଧିନାୟକ ଆୟର ଓ କୋଚ୍ ରିକି ପଣ୍ଟିଂଙ୍କ କମ୍ବିନେଶନ ବେଶ୍ ଜମିଛି। ଆୟର ଗତବର୍ଷ ନିଜ ନେତୃତ୍ୱରେ କୋଲକାତା ନାଇଟ ରାଇଡର୍ସକୁ ଚାମ୍ପିୟନ କରାଇଥିଲେ। ସେ ମଧ୍ୟ ଚମତ୍କାର ଫର୍ମରେ ଥାଇ ୬୦୩ ରନ ସଂଗ୍ରହ କରି ସାରିଛନ୍ତି। ଆଇପିଏଲ୍‌ର ୧୮ ବର୍ଷ ଇତିହାସରେ ସେ ଏକମାତ୍ର ଅଧିନାୟକ ଭାବେ ୩ଟି ଭିନ୍ନଭିନ୍ନ ଦଳକୁ ଫାଇନାଲରେ ପହଞ୍ଚାଇଛନ୍ତି। ତୃତୀୟ ଦଳଟି ହେଉଛି ଦିଲ୍ଲୀ କ୍ୟାପିଟାଲ୍ସ। କିଛି ମାସତଳେ ପଞ୍ଜାବ ଦଳରେ ସାମିଲ ହୋଇଥିବା ଆୟର ନିଜ ନୂଆ ଫ୍ରାଞ୍ଚାଇଜ୍ ଦଳକୁ ଟ୍ରଫି ଜିତାଇବାକୁ ଭୋକିଲା ଅଛନ୍ତି। ଆୟରଙ୍କ ସହ ପ୍ରଭସିମରନ ସିଂ, ଜୋଶ ଇଂଲିଶ୍, ପ୍ରିୟାଂଶ ଆର୍ଯ୍ୟ ଓ ଶଶାଙ୍କ ସିଂଙ୍କୁ ନେଇ ପଞ୍ଜାବ ଦଳର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଆକ୍ରମଣାତ୍ମକ। ମର୍କୁସ ଜାନସେନଙ୍କ ଅନୁପସ୍ଥିତିରେ ଦଳର ବୋଲିଂ ବିଭାଗ ସାମାନ୍ୟ ଦୁର୍ବଳ ମନେହେଉଥିଲେ ହେଁ ମୁମ୍ବାଇକୁ ହରାଇବାପରେ ଦଳର ମନୋବଳ ବହୁ ଉପରେ ରହିଛି। ସ୍ପିନର ୟୁଜବେନ୍ଦ୍ର ଚହଲ ଏବେ ମଧ୍ୟ ହାତରେ ଆଘାତଜନିତ ସମସ୍ୟାରେ ଥିଲେ ହେଁ ନିଜ ପୂର୍ବ ଫ୍ରାଞ୍ଚାଇଜ୍ ଆରସିବି ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ ଲକ୍ଷ୍ୟରେ ରହିବେ।

ଫାଇନାଲରେ ବର୍ଷା ହେବାର କୌଣସି ପୂର୍ବାନୁମାନ ନାହିଁ। ଯଦି ହୁଏ ତେବେ ଅତିରିକ୍ତ ୧୨୦ ମିନିଟରେ ଖେଳ ଶେଷ କରାଯିବାକୁ ଉଦ୍ୟମ କରାଯିବ। ଏହା ନ ହୋଇପାରିଲେ ରିଜର୍ଭ ଡେ'ରେ ଖେଳ ହେବ।



ଆଇପିଏଲ୍ ଫାଇନାଲ ପୂର୍ବରୁ ସୋମବାର ବିରାଟ କୋହଲିଙ୍କ ଅଭ୍ୟାସ।

## ହେଡ୍ ଟୁ ହେଡ୍

ପୂର୍ବରୁ ପଞ୍ଜାବ ଥରେ ମାତ୍ର ୨୦୧୪ରେ ଫାଇନାଲକୁ ଉନ୍ନୀତ ହୋଇଥିଲା। ଅନ୍ୟପକ୍ଷରେ ଆରସିବି ୩ଥର (୨୦୦୯, ୨୦୧୧ ଓ ୨୦୧୬) ଫାଇନାଲରେ ପ୍ରବେଶ କରିଥିଲା। ଏହାଛଡ଼ା ବେଙ୍ଗାଲୁରୁ ୨୦୧୫, ୨୦୨୦, ୨୦୨୧, ୨୦୨୨ ଓ ୨୦୨୪ରେ ପ୍ଲେ-ଅଫ୍ ଖେଳିଥିଲା। ହେଲେ ଦଳ ଥରେ ହେଲେ ଟ୍ରଫି ଜିତିପାରି ନ ଥିଲା। ଉଭୟ ଦଳ ପରସ୍ପର ଭିତରେ ସମାନ ୧୮ଟି ଲେଖାଏଁ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଫାଇନାଲ ପ୍ରବେଶ ପୂର୍ବରୁ ଖେଳିଥିବା ଶେଷ ୫ଟି ମ୍ୟାଚ ମଧ୍ୟରେ ପଞ୍ଜାବ ୪ଟିରେ ବିଜୟ ଲାଭ କରିଥିବା ବେଳେ ଥରେ ପରାଜିତ ହୋଇଛି। ଅନ୍ୟପକ୍ଷରେ ଆରସିବି ୩ଟି ବିଜୟ, ଗୋଟିଏ ପରାଜୟ ବ୍ୟତୀତ ଗୋଟିଏ



ଜୋଶ୍ ଇଂଲିଶ

ମ୍ୟାଚ ବିନା ଫଳାଫଳରେ ଶେଷ ହୋଇଛି। ପାଣିପାଗର ପୂର୍ବାନୁମାନ ଅନୁସାରେ ମଙ୍ଗଳବାର ତାପମାତ୍ରା ୩୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବ। ଆଦ୍ରତା ୫୪% ରହିବ। ବର୍ଷାର ସମ୍ଭାବନା ୧୦% ରହିଛି।

**ସମ୍ଭାବ୍ୟ ଏକାଦଶ-**

**ପଞ୍ଜାବ:** ପ୍ରିୟାଂଶ ଆର୍ଯ୍ୟ, ଜୋସ୍ ଇଂଲିଶ (ଉଇକେଟକିପର), ଶ୍ରେୟଶ ଆୟର (ଅଧିନାୟକ), ନେହାଲ ୱାଧେରା, ଶଶାଙ୍କ ସିଂ, ମାର୍କସ ଷ୍ଟୋଇନିସ, ଅଜମାତୁଲ୍ଲା ଓମାରଜାଇ, ଭାଇସକ ବିଜୟ କୁମାର, କାଇଲ ଜେମିସନ, ୟେଜୁବେନ୍ଦ୍ର ଚହଲ ଓ ଅର୍ଶଦୀପ ସିଂ।

**ଆର୍‌ସିବି:** ବିରାଟ କୋହଲି, ଫିଲ୍ ସଲ୍ଟ (ଉଇକେଟକିପର), ରଜତ ପଟିଦାର (ଅଧିନାୟକ), ଲିଆମ ଲିଭିଂଷ୍ଟୋନ, ଜିତେଶ ଶର୍ମା, ରୋମାରିଓ ଶେଫର୍ଡ, କ୍ରୁନାଲ ପାଣ୍ଡ୍ୟା, ଭୁବନେଶ୍ୱର କୁମାର, ୟଶ ଦୟାଲ, ଜୋଶ ହାଜେଲଉଡ୍ ଓ ସୁୟଶ ଶର୍ମା।

# ଆର୍‌ସିବିକୁ ଫାଇନାଲ ନେବାରେ ୯ ହିରୋ

**ଅହମଦାବାଦ,୨।୬:** ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ମ୍ୟାଚ୍ ଜିତିବା ପାଇଁ ମୁଖ୍ୟତଃ ଟପ ଅର୍ଡର ବ୍ୟାଟରଙ୍କ ଉପରେ ନିର୍ଭର କରୁଥିଲା। କିନ୍ତୁ ଚଳିତ ସିଜନରେ ଆର୍‌ସିବି ଦଳରେ ବର୍ତ୍ତମାନ ସେଭଳି ପରିସ୍ଥିତି ନାହିଁ। ଚଳିତ ଆଇପିଏଲ୍‌ର ୧୫ ମ୍ୟାଚ୍‌ରେ ଦଳକୁ ୯ ଜଣ ନୂଆ ନୂଆ ହିରୋ ଜିତାଇଛନ୍ତି। କେବଳ ୨୦୧୭ରେ ଚାମ୍ପିୟନ ହୋଇଥିବା ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ନିକଟରେ ଏହାଠାରୁ ଅଧିକ ଖେଳାଳିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ମିଳିଥିଲା।

### କ୍ରୁନାଲ ପାଣ୍ଡ୍ୟା

କ୍ରୁନାଲ ୧୪ ମ୍ୟାଚ୍‌ରେ ୮.୬୧ ଇକୋନମୀ ହାର ସହିତ ୧୫ ଉଇକେଟ ଓ ୧୨୯.୬୨ ଷ୍ଟ୍ରାଇକ୍‌ରେଟରେ ୧୦୫ ରନ କରିଛନ୍ତି। ଆର୍‌ସିବି ସହ ଯୋଡ଼ି ହେବା ପୂର୍ବରୁ କ୍ରୁନାଲଙ୍କ ୨୦୧୮ ଓ ୨୦୧୯ ସଂସ୍କରଣରେ ୧୨ ଲେଖାଏ ଉଇକେଟ ନେଇଥିଲେ। କିନ୍ତୁ ଚଳିତ ସିଜନରେ ବେଙ୍ଗାଲୁରୁ ବାହାରେ ଆର୍‌ସିବି ଜିତିଥିବା ୭ ମ୍ୟାଚ୍‌ରେ କ୍ରୁନାଲ ୧୧ ଉଇକେଟ ନେଇଛନ୍ତି। ସେ ମୁମ୍ବାଇ ବିପକ୍ଷ ମ୍ୟାଚ୍‌ରେ ମିଚେଲ ସାଣ୍ଟନରଙ୍କ ସମେତ ଶେଷ ଓଭରରେ ୩ ଉଇକେଟ ନେବା ସହ ଦଳକୁ ବିଜୟୀ କରାଇଥିଲେ। ଅନ୍ତିମ ଥର ୨୦୧୬ରେ ଆଇପିଏଲରେ ଅର୍ଦ୍ଧଶତକ ହାସଲ କରିଥିବା କ୍ରୁନାଲ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ଜିତାଇଥିଲେ।

### ରଜତ ପଟିଦାର

ଅଧିନାୟକ ଭାବେ ସିଜନ ଆରମ୍ଭରୁ ଦାୟିତ୍ୱ ସମ୍ଭାଳିଥିବା ପଟିଦାର ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ମ୍ୟାଚ୍‌ରେ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତାଙ୍କ ଯୋଗୁ ଆର୍‌ସିବି ୨୦୦୮ ପରେ ପ୍ରଥମ ଥର ପାଇଁ ଚେପକରେ ବିଜୟ ହାସଲ କରିଥିଲା। ଏହାପରେ ୱାଙ୍ଖେଡେରେ ସେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ମଧ୍ୟ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ସେ ଏହି ମ୍ୟାଚ୍‌ରେ ୩୨ ବଲରେ ୨୦୦ ଷ୍ଟ୍ରାଇକ୍ ରେଟ୍‌ରେ ୬୪ ରନ କରିଥିଲେ, ଯାହାକି ଚଳିତ ସିଜନରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ।

### ବିରାଟ କୋହଲି

କୋହଲି ଏପର୍ଯ୍ୟନ୍ତ ୧୪ ମ୍ୟାଚ୍‌ରେ ୮ ଅର୍ଦ୍ଧଶତକ ସହ ୧୪୬.୫୩ ଷ୍ଟ୍ରାଇକ୍‌ରେଟ୍‌ରେ ୬୧୪ ରନ କରିଛନ୍ତି। ସେ ଅର୍ଦ୍ଧଶତକ ହାସଲ କରିଥିବା ପ୍ରତ୍ୟେକ ମ୍ୟାଚ୍‌ରେ ଦଳ ବିଜୟୀ ହୋଇଛି, ଯାହାକି ଏକ ରେକର୍ଡ। ପାୱରପ୍ଲେରେ ଆଟାକିଂ ବ୍ୟାଟିଂ କରୁଥିବା କୋହଲି ମଧ୍ୟ ଓଭରରେ ଆଙ୍କର ଭୂମିକା ନିର୍ବାହ କରିଛନ୍ତି। ସେ ଚଳିତ ସିଜନରେ ଟାର୍ଗେଟର ପିଛା କରୁଥିବା ବେଳେ ୮୮.୫୦ ଆଭରେଜରେ ରନ ସଂଗ୍ରହ କରିଛନ୍ତି।

### ଟିମ ଡେଭିଡ

ଟିମ ଡେଭିଡ ୧୨ ମ୍ୟାଚରେ ୧୮୫.୧୪ ଷ୍ଟ୍ରାଇକ୍‌ରେଟ୍‌ରେ ୧୮୭ ରନ କରିଛନ୍ତି। ଡେଭିଡ୍‌ଙ୍କ ଲାଗି ଆର୍‌ସିବିର ଯୋଜନା ଖୁବ ସରଳ। ସର୍ବନିମ୍ନ ସମୟ, ସର୍ବାଧିକ ପ୍ରଭାବ। ଚଳିତ ସିଜନରେ ତାଙ୍କର ଏକମାତ୍ର ଅର୍ଦ୍ଧଶତକ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ବିପକ୍ଷରେ ଆସିଥିଲା। ସେ ୨୬ ବଲରେ ଅପରାଜିତ ୫୦ ରନର ପାଳି ଖେଳି ସଙ୍କଟରେ ପଡ଼ିଥିବା ଆର୍‌ସିବିକୁ ଉଦ୍ଧାର କରିଥିଲେ। ଯଦିଓ ଏହା ଦଳକୁ ପରାଜୟରୁ ବଞ୍ଚାଇ ପାରିନଥିଲା। କିନ୍ତୁ ଏହା ଦଳର ବ୍ୟାଟିଂ ଲାଇନ୍‌ରେ ଥିବା ଗଭୀରତାକୁ ପ୍ରଦର୍ଶିତ କରିଥିଲା। ଚଳିତ ସିଜନରେ ଡେଥ୍ ଓଭରରେ ସର୍ବାଧିକ ସଂଖ୍ୟକ ଛକା ମାରିବାରେ ଡେଭିଡ କେବଳ ପଞ୍ଜାବ ଅଧିନାୟକ ଶ୍ରେୟସ ଆୟରଙ୍କ ପଛରେ ରହିଛନ୍ତି।

### ଜୋଶ ହାଜେଲଉଡ

ଚଳିତ ସିଜନରେ ଆର୍‌ସିବି ପାଇଁ ଜୋଶ ହାଜେଲଉଡ୍ ମୁଖ୍ୟ ଅସ୍ତ୍ର ସାବ୍ୟସ୍ତ ହୋଇଛନ୍ତି। ସେ ୧୧ ମ୍ୟାଚ୍‌ରେ ଦଳ ଲାଗି ସର୍ବାଧିକ ୨୧ ଉଇକେଟ ନେଇଛନ୍ତି। ସେ ଇଞ୍ଜୁରି କାରଣରୁ ଲିଗ୍ ପର୍ଯ୍ୟାୟରେ ଶେଷ ଦୁଇଟି ମ୍ୟାଚ୍ ଖେଳିପାରିନଥିଲେ। ହେଲେ ସେ ପଞ୍ଜାବ ବିପକ୍ଷ କ୍ୱାଲିଫାୟର-୧ ମ୍ୟାଚ୍‌ରେ ପାୱରପ୍ଲେ ମଧ୍ୟରେ ପ୍ରତିପକ୍ଷ ଦଳର ଟପ୍ ଅର୍ଡରକୁ ଧ୍ୱଂସ କରିଦେଇଥିଲେ। ରାଜସ୍ଥାନ ରୟାଲ୍ସ ବିପକ୍ଷରେ ତାଙ୍କୁ ୧୨ ବଲରେ ୧୭ ରନ ଦରକାର ଥିବା ବେଳେ ବୋଲିଂ ଦିଆଯାଇଥିଲା। ସେ ମାତ୍ର ୧ ରନ ଦେଇ ଦୁଇ ଗୁରୁତ୍ୱପୂର୍ଣ୍ଣ ଉଇକେଟ ନେଇଥିଲେ।



ଜୋଶ ହାଜେଲଉଡ୍

### ଫିଲ ସଲ୍ଟ

ପୂରା ସିଜନରେ ସଲ୍ଟ ପାୱରପ୍ଲେରେ ଦଳ ପାଇଁ ଦ୍ରୁତ ଗତିରେ ରନ ସ୍କୋର କରିଛନ୍ତି। ସେ ଦ୍ରୁତ ଗତିରେ ସ୍କୋର କରିବାରୁ କୋହଲି ବିନା ଚାପରେ ଖେଳିପାରୁଛନ୍ତି। କୋହଲି ଓ ସଲ୍ଟ ଚଳିତ ସିଜନର ସବୁଠୁ ସଫଳ ଓପନିଂ ଯୋଡ଼ି ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ତାଲିକାରେ ଗୁଜରାଟ ଟାଇଟନ୍ସର ବି ସାଇ ସୁଦର୍ଶନ ଓ ଶୁବମନ ଗିଲଙ୍କ ଯୋଡ଼ି ଶୀର୍ଷରେ ରହିଛି। ପାୱରପ୍ଲେରେ ସର୍ବାଧିକ ସଂଖ୍ୟକ ଛକା ମାରିବାରେ ପଞ୍ଜାବର ପ୍ରିୟାଂଶ ଆର୍ଯ୍ୟ ଓ ସଲ୍ଟ ମିଳିତ ଶୀର୍ଷରେ ରହିଛନ୍ତି। ଦୁହେଁ ୧୪ ଲେଖାଏ ଛକା ପାୱରପ୍ଲେରେ ମାରିଛନ୍ତି। ସେ ୪ ଅର୍ଦ୍ଧଶତକ ଓ ୧୭୫.୯୦ ଷ୍ଟ୍ରାଇକ୍‌ରେଟ୍‌ରେ ୩୮୭ ରନ କରିଛନ୍ତି।

### ଜିତେଶ ଶର୍ମା

ଆର୍‌ସିବିକୁ ସବୁଠୁ ଅଧିକ ଦରକାର ଥିଲା ଭଳି ପରିସ୍ଥିତିରେ ଜୀତେଶ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଇନିଂସ ଖେଳିଥିଲେ। ସେ ଲକ୍ଷ୍ନୌ ସୁପର ଜାଏଣ୍ଟ ବିପକ୍ଷ ମ୍ୟାଚ୍‌ରେ ନଂ-୬ ପୋଜିଶନରେ ବ୍ୟାଟିଂ କରି ୩୩ ବଲରେ ଅପରାଜିତ ୮୫ ରନ କରିଥିଲେ। ତାଙ୍କର ଏହି ଇନିଂସ ଯୋଗୁ ଆର୍‌ସିବି ୨୨୮ ରନର ବିଶାଳ ଟାର୍ଗେଟ ପିଛା କରି ବିଜୟ ହାସଲ କରିଥିଲା। ଏଥିପୂର୍ବରୁ ସେ ମୁମ୍ବାଇ ବିପକ୍ଷରେ ୧୯ ବଲରେ ଅପରାଜିତ ୪୦ ରନ କରିଥିଲେ। ପଟିଦାର ଇଞ୍ଜୁରି କାରଣରୁ ଉପଲବ୍ଧ ନଥିବା ବେଳେ ଜୀତେଶ ଦଳର ନେତୃତ୍ୱ ଦାୟିତ୍ୱ ସମ୍ଭାଳିଥିଲେ।

### ସୂୟଶ ଶର୍ମା

ହାର୍ନିଆ ସମସ୍ୟା ସତ୍ତ୍ୱେ ଦୁଇ ବର୍ଷ ଖେଳିବା ପରେ ସୂୟଶ ଚଳିତ ସିଜନ ଆରମ୍ଭରୁ ଖେଳିନଥିଲେ। କାରଣ ସେ ଲଣ୍ଡନରେ ଆର୍‌ସିବି ଦ୍ୱାରା କରାଯାଇଥିବା ସର୍ଜରୀରୁ ରିକଭର କରିନଥିଲେ। ସେ ଫିଟ୍ ହେବା ପରେ ୧୩ ମ୍ୟାଚ୍‌ରେ ୮ ଉଇକେଟ ନେଇଛନ୍ତି। ସିଏସ୍‌କେ ବିପକ୍ଷ ମ୍ୟାଚର ଭାଗ୍ୟକୁ ସେ ୧୮ତମ ଓଭରରେ ବଦଳାଇ ଦେଇଥିଲେ। ପଞ୍ଜାବ ବିପକ୍ଷ କ୍ୱାଲିଫାୟର-୧ ମ୍ୟାଚ୍‌ରେ ସେ ୧୭ ରନ ଦେଇ ୩ ଉଇକେଟ ନେଇଥିଲେ।

### ରୋମାରିଓ ଶେଫର୍ଡ

ପ୍ରାରମ୍ଭିକ ଭାବେ ଲିଆମ ଲିଭିଂଷ୍ଟୋନଙ୍କ ଉପସ୍ଥିତି ଯୋଗୁ ରୋମାରିଓ ଶେଫର୍ଡଙ୍କୁ ଅଣଦେଖା କରାଯାଇଥିଲା। ସିଏସ୍‌କେ ବିପକ୍ଷ ମ୍ୟାଚ୍‌ରେ ତାଙ୍କୁ ସୁଯୋଗ ଦିଆଯାଇଥିଲା। ଏହି ମ୍ୟାଚ୍‌ର ଅନ୍ତିମ ଦୁଇ ଓଭରରେ ସେ ୧୦ ବାଉଣ୍ଡ୍ରୀ ଲଗାଇବା ସହ ଆଇପିଏଲ୍ ଇତିହାସର ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଥିଲେ। ତାଙ୍କ ଇନିଂସ ଆର୍‌ସିବିକୁ ପ୍ଲେଅଫ୍ ନିକଟତର କରାଇଥିଲେ।

## ଆଇପିଏଲ୍ ଫାଇନାଲ ଫଳାଫଳ

| ସିଜନ | ଚାମ୍ପିୟନ | ରନରଅପ୍ | ବିଜୟ ବ୍ୟବଧାନ |
|---|---|---|---|
| ୨୦୦୮ | ରାଜସ୍ଥାନ ରୟାଲ୍ସ | ଚେନ୍ନାଇ ସୁପର କିଙ୍ଗ୍ସ | ୩ ଉଇକେଟରେ ବିଜୟୀ |
| ୨୦୦୯ | ଡେକାନ ଚାର୍ଜର୍ସ | ରୟାଲ ଚ୍ୟାଲେଞ୍ଜର୍ସ | ୬ ଉଇକେଟରେ ବିଜୟୀ |
| ୨୦୧୦ | ଚେନ୍ନାଇ ସୁପର କିଙ୍ଗ୍ସ | ମୁମ୍ବାଇ ଇଣ୍ଡିଆନ୍ସ | ୨୨ ରନରେ ବିଜୟୀ |
| ୨୦୧୧ | ଚେନ୍ନାଇ ସୁପର କିଙ୍ଗ୍ସ | ରୟାଲ ଚ୍ୟାଲେଞ୍ଜର୍ସ | ୫୮ ରନରେ ବିଜୟୀ |
| ୨୦୧୨ | କୋଲକାତା ନାଇଟ ରାଇଡର୍ସ | ଚେନ୍ନାଇ ସୁପର କିଙ୍ଗ୍ସ | ୫ ଉଇକେଟରେ ବିଜୟୀ |
| ୨୦୧୩ | ମୁମ୍ବାଇ ଇଣ୍ଡିଆନ୍ସ | ଚେନ୍ନାଇ ସୁପର କିଙ୍ଗ୍ସ | ୨୩ ରନରେ ବିଜୟୀ |
| ୨୦୧୪ | କୋଲକାତା ନାଇଟ ରାଇଡର୍ସ | କିଙ୍ଗ୍ସ ଇଲେଭେନ ପଞ୍ଜାବ | ୩ ଉଇକେଟରେ ବିଜୟୀ |
| ୨୦୧୫ | ମୁମ୍ବାଇ ଇଣ୍ଡିଆନ୍ସ | ଚେନ୍ନାଇ ସୁପର କିଙ୍ଗ୍ସ | ୪୧ ରନରେ ବିଜୟୀ |
| ୨୦୧୬ | ସନ୍‌ରାଇଜର୍ସ ହାଇଦ୍ରାବାଦ | ରୟାଲ ଚ୍ୟାଲେଞ୍ଜର୍ସ | ୮ ରନରେ ବିଜୟୀ |
| ୨୦୧୭ | ମୁମ୍ବାଇ ଇଣ୍ଡିଆନ୍ସ | ରାଇଜିଂ ପୁଣେ ସୁପରଜାଏଣ୍ଟ | ୧ ରନରେ ବିଜୟୀ |
| ୨୦୧୮ | ଚେନ୍ନାଇ ସୁପର କିଙ୍ଗ୍ସ | ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ ଉଇକେଟରେ ବିଜୟୀ |
| ୨୦୧୯ | ମୁମ୍ବାଇ ଇଣ୍ଡିଆନ୍ସ | ଚେନ୍ନାଇ ସୁପର କିଙ୍ଗ୍ସ | ୧ ରନରେ ବିଜୟୀ |
| ୨୦୨୦ | ମୁମ୍ବାଇ ଇଣ୍ଡିଆନ୍ସ | ଦିଲ୍ଲୀ କ୍ୟାପିଟାଲ୍ସ | ୫ ଉଇକେଟରେ ବିଜୟୀ |
| ୨୦୨୧ | ଚେନ୍ନାଇ ସୁପର କିଙ୍ଗ୍ସ | କୋଲକାତା ନାଇଟ ରାଇଡର୍ସ | ୨୭ ରନରେ ବିଜୟୀ |
| ୨୦୨୨ | ଗୁଜରାଟ ଟାଇଟନ୍ସ | ରାଜସ୍ଥାନ ରୟାଲ୍ସ | ୭ ଉଇକେଟରେ ବିଜୟୀ |
| ୨୦୨୩ | ଚେନ୍ନାଇ ସୁପର କିଙ୍ଗ୍ସ | ଗୁଜରାଟ ଟାଇଟନ୍ସ | ୫ ଉଇକେଟରେ ବିଜୟୀ |
| ୨୦୨୪ | କୋଲକାତା ନାଇଟ ରାଇଡର୍ସ | ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ ଉଇକେଟରେ ବିଜୟୀ |

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ